# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୧/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, June 21/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅମିତ୍‌ଙ୍କୁ ସୁଯୋଗ**

ବର୍ମିଂହାମ୍‌ଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସୋମବାର ଘୋଷିତ ଭାରତୀୟ ହକି ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ସ୍ଥାନ ପାଇଛନ୍ତି।

୧୪

୧୦

**ସାବାସ୍ ମିଠୁ**

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ସାବାସ୍ ମିଠୁ'ର ଟ୍ରେଲରକୁ ପ୍ରଶଂସା କଲେ ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର।





କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ସୋମବାର ଭାରତ ବନ୍ଦ ସମୟରେ ଦିଲ୍ଲୀ-ଗୁରଗାଓଁଠାରେ ଟ୍ରାଫିକ୍ ଜାମ୍ ହେବାରୁ ରାସ୍ତାରେ ଫସିରହିଥିବା କାର।

# 'ଅଗ୍ନିପଥ' ବିରୋଧ ଥମୁନି

## ଭାରତ ବନ୍ଦ ଯୋଗୁ ଯାତାୟାତ ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୨୦।୬**

ସେନାରେ ଠିକା ନିଯୁକ୍ତି ଯୋଜନା 'ଅଗ୍ନିପଥ'କୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏଥିଯୋଗୁ ବିଭିନ୍ନ ଅଞ୍ଚଳରେ ସଡ଼କ ଓ ରେଳ ପରିବହନ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଏହାର ପ୍ରଭାବ ଉତ୍ତର ଭାରତରେ ଅଧିକ ଦେଖିବାକୁ ମିଳିଥିଲା। ବନ୍ଦ ବେଳେ ଆଇନଶୃଙ୍ଖଳା ସ୍ଥିତି ନ ଉପୁଜିବା ପାଇଁ ବ୍ୟାପକ ସୁରକ୍ଷା ବଳ ମୁତୟନ ସମେତ ପୋଲିସ ଓ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଥିଲା। ବନ୍ଦକୁ ଦୃଷ୍ଟିରେ ରଖି ରେଳୱେ ୫୨୯ଟି ଟ୍ରେନ୍‌କୁ ବାତିଲ କରିଦେଇଥିଲା। ସେଥିରେ ୧୮୧ଟି ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ ଥିବାବେଳେ ୩୪୮ଟି ଲୋକାଲ ଟ୍ରେନ୍ ରହିଛି।

ସୋସିଆଲ ମିଡିଆରେ ଏହି ବନ୍ଦ ଡାକରା ଦିଆଯାଇଥିଲା। କୌଣସି ସଂଗଠନ ଆନୁଷ୍ଠାନିକ ଭାବେ ଏହା ଘୋଷଣା କରି ନ ଥିଲେ। ବନ୍ଦ ଏବଂ କଂଗ୍ରେସର ସତ୍ୟାଗ୍ରହ ପାଇଁ ଦିଲ୍ଲୀ ପୋଲିସ ରାସ୍ତାରେ ବାରିକେଡ୍ କରିବା ଯୋଗୁ ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ଜାମ୍ ଦେଖାଦେଇଥିଲା। ଅଗ୍ନିପଥ ଯୋଜନାକୁ ବିରୋଧ ଏବଂ ଦଳର ନେତା ରାହୁଲ ଗାନ୍ଧୀଙ୍କୁ କ୍ରମାଗତ ଇଡି ଜେରା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଜନ୍ତରମନ୍ତରରେ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ, ବରିଷ୍ଠ ନେତା ସଚିନ ପାଇଲଟ, ସଲମାନ୍ ଖୁର୍ସିଦ, ମଲ୍ଲିକାର୍ଜୁନ ଖାର୍ଗେ, କେ.ସି. ବେଣୁଗୋପାଳ ପ୍ରମୁଖ ସାମିଲ ହୋଇଥିଲେ। କନ୍ନଟପ୍ଲେସ୍ ନିକଟ ଶିବାଜୀ ବ୍ରିଜ୍ ରେଳଷ୍ଟେଶନରେ ଯୁବକଂଗ୍ରେସ କର୍ମୀମାନେ ରେଳରୋକ କରିଥିଲେ। ସୁରକ୍ଷା ବଳ ୧୬ ଜଣଙ୍କୁ ଅଟକ ରଖିବା ସହ ରେଳ ଧାରଣାରୁ ବିକ୍ଷୋଭକାରୀଙ୍କୁ ହଟାଇଦେଇଥିଲା। ନୋଏଡ଼ା, ଗୁରୁଗ୍ରାମ ସମେତ ରାଜଧାନୀ ଭିତରେ ଟ୍ରାଫିକ ଜାମ୍ ଯୋଗୁ ଲୋକେ ଦୀର୍ଘସମୟ ରାସ୍ତାରେ ଅଟକି ରହିଥିଲେ। ତେବେ ବଜାର ଉପରେ ବନ୍ଦ୍‌ର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା।

ବନ୍ଦ ବେଳେ ସମ୍ଭାବ୍ୟ ହିଂସାକୁ ଦୃଷ୍ଟିରେ ରଖି ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, କେରଳ, ଆସାମ ଓ ରାଜସ୍ଥାନରେ ସୁରକ୍ଷା ବଢ଼ାଯିବା ସହ କେତେକ ଜିଲାରେ ନିଷେଧାଦେଶ ଲଗାଯାଇଥିଲା। ହରିୟାଣାର ଅମ୍ବାଲା, ରେୱାରି, ସୋନିପତ୍, ପଞ୍ଜାବର ଲୁଧିଆନା, ଜଳନ୍ଧର ଏବଂ ଅମୃତସର ରେଳଷ୍ଟେଶନରେ ବହୁସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲେ। ଏହି ଦୁଇ ରାଜ୍ୟ ସମେତ ଜମ୍ମୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତରପ୍ରଦେଶରେ ବନ୍ଦ ବେଳେ ଆଇନଶୃଙ୍ଖଳା ରକ୍ଷା ଲାଗି ୧୫୧ କମ୍ପାନୀ ରାଜ୍ୟ ଓ କେନ୍ଦ୍ରୀୟ ଅର୍ଦ୍ଧସାମରିକ ଯବାନଙ୍କୁ ମୁତୟନ କରାଯାଇଥିଲା। ତେବେ ସେଠାରେ ବନ୍ଦ୍‌ର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ଝାଡ଼ଖଣ୍ଡରେ ୫,୦୦୦ରୁ ଅଧିକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ସମସ୍ତ ସ୍କୁଲ୍‌କୁ ବନ୍ଦ କରିଦିଆଯାଇଥିଲା। ସେଠାରେ କୌଣସି ଅପ୍ରୀତିକର ଘଟଣା ଘଟିଥିବାର ଖବର ମିଳିନାହିଁ। ରାଜଧାନୀ ରାଞ୍ଚି ସମେତ ଜାମସେଦପୁର, ପାଲାମୁ ଆଦି ସହରରେ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲିଥିଲା। କୋଡେର୍ମାରେ ସୁରକ୍ଷା ବଳ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ବିହାରର ୧୭ ଜିଲାରେ ଇଣ୍ଟରନେଟ ସେବା ବନ୍ଦ ରହିଥିବାବେଳେ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ହୋଇଥିଲେ।






## ପରିବାରର ୯ ଜଣଙ୍କ ଆତ୍ମହତ୍ୟା

**ମୁମ୍ବାଇ,୨୦।୬**

ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ସୋମବାର ଗୋଟିଏ ପରିବାରର ୯ ସଦସ୍ୟଙ୍କ ମୃତଦେହ ସେମାନଙ୍କ ଘରୁ ଜବତ ହୋଇଛି। ସେମାନେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ୩ ଜଣଙ୍କ ମୃତଦେହ ଗୋଟିଏ ଘରୁ ମିଳିଥିବାବେଳେ ଆଉ ୬ ଜଣଙ୍କ ମରଶରୀର ଘରର ଅନ୍ୟସ୍ଥାନରୁ ଠାବ କରାଯାଇଥିଲା। ମୃତକଙ୍କ ମଧ୍ୟରେ ଦୁଇ ଭାଇ ପୋପଟ୍ ଭାନମୋର ଓ ଡା. ମାନିକ୍ ଭାନମୋର, ସେମାନଙ୍କ ମା', ସ୍ତ୍ରୀ ଏବଂ ୪ ସନ୍ତାନ ରହିଛନ୍ତି। ପୋପଟ ଜଣେ ଶିକ୍ଷକ ହୋଇଥିବାବେଳେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ହିଂସା ନିନ୍ଦନୀୟ, ପ୍ରତିବାଦ ସ୍ୱାଗତଯୋଗ୍ୟ**

# ଆଜି ଏସ୍‌ଆଇଟିର ପ୍ରଥମ ବୈଠକ

**ଭୁବନେଶ୍ୱର(ବ୍ୟୁରୋ)/ ଆଠଗଡ଼(ସ୍ୱ.ପ୍ର.),୨୦।୬**

ଆଠଗଡ଼ ବନଖଣ୍ଡରେ ମାଟିତଳୁ ହାତୀ କଙ୍କାଳ ଜବତ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଗତ ୧୬ ତାରିଖରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ତେବେ ଏସ୍‌ଆଇଟିର ପ୍ରଥମ ବୈଠକ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟ ଅରଣ୍ୟ ଭବନଠାରେ ଅନୁଷ୍ଠିତ ହେବ। ସିସିଏଫ୍ ମନୋଜ ନାୟାରଙ୍କ ତତ୍ତ୍ୱାବଧାନରେ ଗଠିତ ଏସ୍‌ଆଇଟିରେ ଦୁଇଜଣ ବନ ଅଧିକାରୀ ଏବଂ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି ର୍‌ୟାଙ୍କର ଅଧିକାରୀ ସାମିଲ ଅଛନ୍ତି। ମାସକ ଭିତରେ ଏସ୍‌ଆଇଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିବାରୁ ବୈଠକରେ ତଦନ୍ତର ବିଭିନ୍ନ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କ୍ରାଇମବ୍ରାଞ୍ଚ ଏହି ଘଟଣାର ପର୍ଦ୍ଦାଫାଶ କରିଥିବାରୁ ତଦନ୍ତ ଦାୟିତ୍ୱରେ ଥିବା ଏସ୍‌ଟିଏଫ୍ ଡିଏସ୍‌ପି ଦିଲ୍ଲୀପ କୁମାର ସାହୁଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ପ୍ରଥମେ ୨ଟି ଦନ୍ତାହାତୀ କଙ୍କାଳ ମିଳିବା ଘଟଣାର ଖୋଳତାଡ଼ ଚାଲିଥିବାବେଳେ ୧୪ ତାରିଖ ରାତିରେ ଆଉଏକ ଦନ୍ତାହାତୀର କଙ୍କାଳ ମିଳିଥିଲା। ଏସ୍‌ଆଇଟି ଏହି ତୃତୀୟ ଘଟଣାକୁ ତଦନ୍ତ ପରିସରଭୁକ୍ତ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇପାରେ। ସେହିଭଳି ହାତୀ ମୃତ୍ୟୁ ଘଟଣାକୁ ନେଇ ଆଠଗଡ଼ ବନ ଖଣ୍ଡ ସହ ରାଜ୍ୟ ବନ ବିଭାଗ ବିବାଦ ମୁଣ୍ଡାଇଛି। ବହୁ ବିଳମ୍ବରେ ପଦକ୍ଷେପ ଆରମ୍ଭ ☞ ପୃଷ୍ଠା-୪

**୩ ହାତୀ କଙ୍କାଳ ଉଦ୍ଧାର ଘଟଣା**

- ଆଉଜଣେ ଫରେଷ୍ଟର ନିଲମ୍ବିତ
- ନିଲମ୍ବନ ସଂଖ୍ୟା ୬ରେ ପହଞ୍ଚିଲା, ୭ ଗିରଫ
- ପରୀକ୍ଷା ପାଇଁ ଓୟୁଏଟିରେ ପହଞ୍ଚିଲା ନମୁନା

# ଆର୍‌ଟିଆଇ ପରିସରଭୁକ୍ତ ହେବ ଭିଜିଲାନ୍ସ

## ୪ ସପ୍ତାହରେ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**କଟକ ଅଫିସ୍,୨୦।୬**



ରାଜ୍ୟ ଭିଜିଲାନ୍ସ ବିଭାଗ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ପରିସରଭୁକ୍ତ ହେବ ବୋଲି ହାଇକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଣିକି ଭିଜିଲାନ୍ସ ବିଭାଗର ତଥ୍ୟ ପାଇବା ପାଇଁ ଯେକେହି ଆର୍‌ଟିଆଇ ଅନୁଯାୟୀ ଆବେଦନ କରିପାରିବେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୧୬ ଅଗଷ୍ଟ ୧୧ରେ ଭିଜିଲାନ୍ସକୁ ଆର୍‌ଟିଆଇରୁ ବାଦ୍ ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ବିରୋଧ କରି ଏକାଧିକ ବ୍ୟକ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଗୋପନୀୟ ଓ ସମ୍ବେଦନଶୀଳ ପ୍ରସଙ୍ଗ ଛାଡ଼ି ଅନ୍ୟ ସବୁ ତଥ୍ୟକୁ ପବ୍ଲିକ୍ ଡୋମେନ୍‌ରେ ରଖିବାକୁ ଭିଜିଲାନ୍ସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଦୁର୍ନୀତି ଏବଂ ମାନବାଧିକାର ଉଲ୍ଲଂଘନ ସୂଚନା ଗୋପନୀୟ ନୁହେଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏ ସମ୍ପର୍କିତ ସଂଶୋଧିତ ବିଜ୍ଞପ୍ତି ୪ ସପ୍ତାହ ମଧ୍ୟରେ ପ୍ରକାଶ କରିବାକୁ ଖଣ୍ଡପୀଠ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ସୁବାସ ମହାପାତ୍ର, ସୁଧାଂଶୁ କୁମାର ନନ୍ଦ, ପ୍ରଦୀପ କୁମାର ପ୍ରଧାନ ପୃଥକ୍ ଭାବେ ହାଇକୋର୍ଟରେ ଆବେଦନ କରିଥିଲେ। ଖଣ୍ଡପୀଠ ସବୁ ମାମଲାର ଏକକାଳୀନ ଶୁଣାଣିକରି ସୋମବାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ବିପକ୍ଷ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଯଦି ସମସ୍ତ ତଥ୍ୟ ସର୍ବସାଧାରଣଙ୍କୁ ପ୍ରଦାନ କରାଯିବ, ତେବେ ତଦନ୍ତ ବ୍ୟାହତ ହେବ। ହେଲେ ଖଣ୍ଡପୀଠ ତାହାକୁ ଗ୍ରହଣ ନ କରି କହିଛନ୍ତି ଯେ, ମାନବ ଅଧିକାର ଉଲ୍ଲଂଘନ ଏବଂ ଦୁର୍ନୀତି ସମ୍ପର୍କିତ ତଥ୍ୟକୁ ସରକାର ଜନସାଧାରଣଙ୍କଠାରୁ ଲୁଚାଇ ରଖିପାରିବେ ନାହିଁ।

# ଇଟାଲୀରେ ନବୀନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଟାଲୀରେ ଥିବା ଭାରତୀୟ ରାଷ୍ଟ୍ରଦୂତ ନୀନା ମାଲହୋତ୍ରାଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଦିନିଆ ବିଦେଶ ଗସ୍ତରେ ଅଛନ୍ତି। ସୋମବାର ଭୋର୍‌ରୁ ବିମାନ ଯୋଗେ ବିଦେଶ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଇଟାଲୀରେ ପହଞ୍ଚିଛନ୍ତି। ଇଟାଲୀରେ ଥିବା ଭାରତୀୟ ରାଷ୍ଟ୍ରଦୂତ ନୀନା ମାଲହୋତ୍ରା ନବୀନଙ୍କୁ ସେଠାରେ ସ୍ୱାଗତ କରିଛନ୍ତି। ବିଦେଶ ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଅନେକ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ସମୟରେ ନୀନା ମାଲହୋତ୍ରା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୟୁରୋପରେ ୫ ଦିନିଆ ରହଣି ସମୟରେ ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ଖାଦ୍ୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ହାସଲ କରିଥିବା ସଫଳତା ବାବଦରେ ମୁଖ୍ୟମନ୍ତ୍ରୀ ଜାତିସଂଘର ସ୍ୱତନ୍ତ୍ର ☞ ପୃଷ୍ଠା-୪

# ସାରା ଓଡ଼ିଶାରେ ମୌସୁମୀ ସକ୍ରିୟ

## ଜିଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର ସବୁ ଅଞ୍ଚଳକୁ ପ୍ରବେଶ କରିଛି। ଏନେଇ ସୋମବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ଯୋଗୁ ଆଗାମୀ ୫ ଦିନ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ, ୨୧ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରି, ୨୩ରେ ସୋନପୁର, ସମ୍ବଲପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଅନୁଗୋଳ, ଦେବଗଡ଼, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ, ୨୪ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ, ୨୫ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ☞ ପୃଷ୍ଠା-୪

# ଲୁଣି ପାଣି କବଳରେ ମହାନଦୀ ବେସିନ

**ଯାଜପୁର ଅଫିସ,୨୦।୬**

- ୪୯ ବ୍ଲକରେ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ ନିର୍ଦ୍ଦେଶ
- ବିରୂପା-ଗେଙ୍ଗୁଟୀ ଦ୍ୱୀପାଞ୍ଚଳରେ ଭୂତଳ ପାଇପ୍ ଲାଇନ ପ୍ରସ୍ତାବ

ମହାନଦୀ ବେସିନ(ଅବବାହିକା) ଅନ୍ତର୍ଭୁକ୍ତ କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଏବଂ ପୁରୀ ଜିଲାର ୪୯ ବ୍ଲକର ବାସିନ୍ଦା ଲୁଣି ପାଣିରେ ପେଷି ହେଉଛନ୍ତି। ଏହି ସବୁ ବ୍ଲକ ଅଞ୍ଚଳରେ ବୈଜ୍ଞାନିକ ପଦ୍ଧତିରେ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ମହାନଦୀ ୱାଟର ଡିସ୍‌ପୁଟ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରାଜ୍ୟ ଜଳ ସମ୍ପଦ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ସେହିପରି ଯାଜପୁର ଜିଲା ବରୀ ବ୍ଲକର ବ୍ରାହ୍ମଣୀ, ବିରୂପା ଓ ଗେଙ୍ଗୁଟି ଦ୍ୱୀପାଞ୍ଚଳ ଲବଣାକ୍ତ ହୋଇପଡ଼ିଛି। ଏଠାରେ ମାଟି ଅଳ୍ପ ଖୋଳିଲେ ଲୁଣି ପାଣି ବାହାରୁଛି। ଏହି ପାଣି ପିଇ ହେଉନି କିମ୍ବା ଚାଷ କାର୍ଯ୍ୟରେ ବ୍ୟବହାର ହୋଇ ପାରୁନାହିଁ। ଫଳରେ ରତ୍ନଗିରି, ମନ୍ଦାରୀ, ଅମଠପୁର ଓ ସେରପୁର ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ଉହଳବିକଳ ହେଉଛନ୍ତି। ଏଠାକାର ଲୁଣି ପାଣି ସମସ୍ୟାର ସମାଧାନ ପାଇଁ ହେବାକୁ ଥିବା ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ତେଣୁ ଅଣ୍ଡର ଗ୍ରାଉଣ୍ଡ ପାଇପ୍ ଲାଇନ୍ (ୟୁଜିପିଏଲ୍) ସିଷ୍ଟମ୍ ଜରିଆରେ ଜଳଯୋଗାଣ କରିବାକୁ ପ୍ରସ୍ତାବ ହୋଇଛି। ପ୍ରସ୍ତାବ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଲବଣାକ୍ତ ଅଞ୍ଚଳରେ ପାଣି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶାପ୍ରକଟ କରିଛନ୍ତି।



ମହାନଦୀ ବେସିନ ଅନ୍ତର୍ଗତ ଜିଲାରେ ପାନୀୟ ଓ ଜଳସେଚନ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦୀର୍ଘବର୍ଷ ହେଲା ଦାବି କରି ଆସୁଛନ୍ତି। ଏହିକ୍ରମରେ ଗତ ମାର୍ଚ୍ଚ ୪ରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅସୀମ କୁମାର ମହାପାତ୍ର ସବିଶେଷ ତଥ୍ୟ ଦାଖଲ କରିବାକୁ ଆରଡବ୍ଲ୍ୟୁଏସ୍‌ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାପୂର୍ବରୁ ଜାନୁୟାରୀରେ ମଧ୍ୟ ଅନୁରୂପ ଅନୁରୋଧ ହୋଇଥିଲା। ହେଲେ ଏହାର ୬ ମାସ ଅତିକ୍ରମ କରିବା ପରେ ବି କିଛି ପଦକ୍ଷେପ ନିଆଯାଇ ନ ଥିଲା। ସମ୍ପୃକ୍ତ ଅଞ୍ଚଳବାସୀ ପୁଣି ସମସ୍ୟାର ସମାଧାନ ଦାବି କରିବାରୁ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ସୋମବାର ମେକାନିକାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଆସନ୍ତା ୩୦ ତାରିଖ ସୁଦ୍ଧା ଆବଶ୍ୟକ ତଥ୍ୟ ମଗାଯାଇଛି। ଉପରୋକ୍ତ ୪୯ ବ୍ଲକ ମଧ୍ୟରେ କଟକ ଜିଲାର ଆଠଗଡ଼, ବାରଙ୍ଗ, କଟକ ସଦର, ଡମପଡ଼ା, କଣ୍ଟାପଡ଼ା, ମାହାଙ୍ଗା, ନିଆଳି, ନିଶ୍ଚିନ୍ତକୋଇଲି, ସାଲେପୁର ଓ ଟାଙ୍ଗୀ ଚୌଦାର, ଢେଙ୍କାନାଳ ଜିଲାର ଗଁଦିଆ, ଜଗତ୍‌ସିଂହପୁର ଜିଲାର ବାଲିକୁଦା, ବିରିଡି, ଏରସମା, ଜଗତ୍‌ସିଂହପୁର, କୁଜଙ୍ଗ, ନୂଆଗାଁ, ରଘୁନାଥପୁର ଓ ତିର୍ତ୍ତୋଲ, ଯାଜପୁର ଜିଲାର ବଡ଼ଚଣା ଓ ବରୀ, କେନ୍ଦ୍ରାପଡ଼ା ଜିଲାର ଡେରାବିଶ, ଗରଡ଼ପୁର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ମାର୍ଶାଘାଇ, ପଟାମୁଣ୍ଡାଇ ଓ ରାଜନଗର, ଖୋର୍ଦ୍ଧା ଜିଲାର ବାଲିଅନ୍ତା, ବାଲିପାଟଣା, ବେଗୁନିଆ, ଭୁବନେଶ୍ୱର, ବୋଲଗୋଡ, ଜଟଣୀ, ଖୋର୍ଦ୍ଧା ଓ ଟାଙ୍ଗୀ, ନୟାଗଡ଼ ଜିଲାର ନୟାଗଡ଼ ଓ ରଣପୁର, ପୁରୀ ଜିଲାର ଅସ୍ତରଙ୍ଗ, ବ୍ରହ୍ମଗିରି, ଡେଲାଙ୍ଗ, ଗୋପ, କାକଟପୁର, କଣାସ, କୃଷ୍ଣପ୍ରସାଦ, ନିମାପଡ଼ା, ପିପିଲି, ପୁରୀ ଓ ସତ୍ୟବାଦୀ ରହିଛି। ଅନ୍ୟପକ୍ଷରେ ଯାଜପୁର ଜିଲାର ବଡ଼ଚଣା ଓ ବରୀ ବ୍ଲକର ☞ ପୃଷ୍ଠା-୪

**ମୂସେୱାଲା ହତ୍ୟା ମାମଲାରେ ୨ ଶୁଟର ଗିରଫ**

ପଞ୍ଜାବୀ ଗାୟକ ତଥା କଂଗ୍ରେସ ନେତା ସିଦ୍ଧୁ ମୂସେୱାଲା ହତ୍ୟା ମାମଲାରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ସୋମବାର ୨ ଜଣ ଶୁଟରଙ୍କୁ ଗିରଫ କରିଛି। ହତ୍ୟାରେ ସହଯୋଗ କରିଥିବା ତୃତୀୟ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ଦୁଇ ଶୁଟରଙ୍କ ମଧ୍ୟରୁ ହତ୍ୟା ଷଡ଼ଯନ୍ତ୍ରର ମୁଖ୍ୟ ପ୍ରିୟବ୍ରତ ଓରଫ ଫୌଜି (୨୬)ଙ୍କର ଗୋଲ୍ଡି ବ୍ରାରଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଗିରଫ ଅନ୍ୟ ଶୁଟର ହେଲେ କାଶିଶ ଓରଫ କୁଲଦୀପ (୨୪)। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର କାନାଡ଼ା ଗ୍ୟାଙ୍ଗଷ୍ଟର ସତୀନ୍ଦର ସିଂ ଓରଫ ଗୋଲ୍ଡିଙ୍କୁ ଅନ୍ୟ ଏକ ମାମଲାରେ ରବିବାର ଗିରଫ କରାଯାଇଥିଲା।



## ସଂକ୍ଷେପରେ

### ୨୪ରେ ଏସ୍‌କେଏମ୍‌ର ଦେଶବ୍ୟାପୀ ଆନ୍ଦୋଳନ ଡାକରା

**ନୂଆଦିଲ୍ଲୀ,୨୦।୬:** କେନ୍ଦ୍ର ସରକାରଙ୍କ ଅଗ୍ନିପଥ ନିଯୁକ୍ତି ଯୋଜନା ବିରୋଧରେ କୃଷକମାନଙ୍କ ମିଳିତ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ୨୪ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ସୋମବାର କୃଷକ ନେତା ରାକେଶ ଟିକାଏତ୍ ଏହି ସୂଚନା ଦେଇଛନ୍ତି। କର୍ନଲଠାରେ ଏସ୍‌କେଏମ୍ ସମନ୍ୱୟ କମିଟିରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଯୁବଗୋଷ୍ଠୀ, ସିଭିଲ୍ ସୋସାଇଟି ଓ ରାଜନୈତିକ ଦଳ ଶୁକ୍ରବାରର ଆନ୍ଦୋଳନକୁ ସମର୍ଥନ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଛି। ସେହିଦିନ ଦେଶର ସମସ୍ତ ଜିଲା ଓ ତହସିଲରେ ଆନ୍ଦୋଳନ କରାଯିବ ବୋଲି ଟିକାଏତ୍ କହିଛନ୍ତି।

### ନିଷ୍ପତ୍ତି ଠିକ୍ ଲାଗୁ ନ ଥିଲେ ବି ଦେଶ ପାଇଁ ସହାୟକ ହୋଇଥାଏ: ମୋଦି

**ନୂଆଦିଲ୍ଲୀ,୨୦।୬:** ସେନାରେ ଠିକା ନିଯୁକ୍ତି ଯୋଜନାକୁ ନେଇ ଦେଶବ୍ୟାପୀ ଅନ୍ଦୋଳନ ଜାରି ରହିଛି। ବିରୋଧୀ ଦଳଗୁଡ଼ିକ ୪ ବର୍ଷୀୟା ଚୁକ୍ତିଭିତ୍ତିକ ନିଯୁକ୍ତିକୁ ସମାଲୋଚନା କରିଛନ୍ତି। ଏବେ ଅନେକ ନିଷ୍ପତ୍ତି ଅନୁଚିତ ଜଣାପଡୁଛି। ସମୟ ଆସିଲେ ଏହା ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ସୋମବାର ବେଙ୍ଗାଲୁରୁରେ ଏକ ସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ଅଗ୍ନିପଥ ଯୋଜନାକୁ ବିରୋଧ କରିଆସୁଛନ୍ତି। ବିମୁଦ୍ରୀକରଣ, କୃଷି ଆଇନ ପରେ ଭାଜପା ନେତୃତ୍ୱାଧୀନ ସରକାରଙ୍କର ଏହା ଆଉ ଏକ ବଡ଼ ଭୁଲ୍ ବୋଲି ସେମାନେ କହିବା ସହ ତୁରନ୍ତ ଅଗ୍ନିପଥ ଯୋଜନା ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି। ତେବେ ନିଯୁକ୍ତି ଯୋଜନା ପ୍ରତ୍ୟାହାର ହେବ ନାହିଁ ନିଷ୍ପତ୍ତିରେ କେନ୍ଦ୍ର ସରକାର ଅଟଳ ରହିଛନ୍ତି।

### ଭବିଷ୍ୟତ ଅଗ୍ନିବୀରଙ୍କୁ ନିଯୁକ୍ତି ଦେବେ ମହିନ୍ଦ୍ରା, ଗୋଏଙ୍କା

**ନୂଆଦିଲ୍ଲୀ,୨୦।୬:** ସେନାରେ ଠିକା ନିଯୁକ୍ତି ଯୋଜନା ଅଗ୍ନିପଥକୁ ଦେଶବ୍ୟାପୀ ବିରୋଧ କରାଯାଉଥିବାବେଳେ ଭବିଷ୍ୟତର ଅଗ୍ନିବୀରମାନଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଇଛନ୍ତି ମହିନ୍ଦ୍ରା ଗ୍ରୁପ୍ ଅଧକ୍ଷ ଆନନ୍ଦ ମହିନ୍ଦ୍ରା ଏବଂ ଆର୍‌ପିଜି ଏଣ୍ଟରପ୍ରାଇଜେସ୍ ଅଧକ୍ଷ ହର୍ଷ ଗୋଏଙ୍କା। ଅଗ୍ନିପଥ ଯୋଜନା ବିରୋଧରେ ହିଂସାକୁ ମହିନ୍ଦ୍ରା ନାପସନ୍ଦ କରିଛନ୍ତି। ତାଲିମପ୍ରାପ୍ତ, ଦକ୍ଷ ଓ ଯୁବ ଅଗ୍ନିବୀରମାନଙ୍କୁ ତାଙ୍କ କମ୍ପାନୀରେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ ବୋଲି ମହିନ୍ଦ୍ରା ଲେଖିଛନ୍ତି। ହର୍ଷ ଗୋଏଙ୍କା ମଧ ଅନୁରୂପ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ କର୍ପୋରେଟଗୁଡ଼ିକ ଅଗ୍ନିବୀରଙ୍କୁ ନିଯୁକ୍ତି ସୁଯୋଗ ଦେବା ଲାଗି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

### ରାମ ମନ୍ଦିର ପାଇଁ ଦାନ କରାଯାଇଥିବା ୨୨ କୋଟିର ଚେକ୍ ବାଉନ୍ସ

**ଲକ୍ଷ୍ନୌ,୨୦।୬:** ଅଯୋଧାରେ ନିର୍ମାଣ ହେଉଥିବା ଭବ୍ୟ ରାମ ମନ୍ଦିର ପାଇଁ ଦେଶ ବିଦେଶରୁ ବହୁ ଭକ୍ତ ଅର୍ଥ ଦାନ ସ୍ୱରୂପ ପ୍ରଦାନ କରୁଛନ୍ତି। ତେବେ ମନ୍ଦିର ପାଇଁ ଦାନ କରାଯାଇଥିବା ୨୨ କୋଟି ଟଙ୍କାର ଚେକ୍ ବାଉନ୍ସ ହୋଇଯାଇଥିବା ଖବର ସାମ୍ନାକୁ ଆସିଛି। ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଏବଂ ବିଶ୍ୱ ହିନ୍ଦୁ ପରିଷଦ ମନ୍ଦିର ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ମନ୍ଦିର ନିର୍ମାଣ ପାଇଁ ୫୪୫୭.୯୪ କୋଟି ଟଙ୍କା ଆଦାୟ ହୋଇଥିବା ଜଣାପଡିଛି।

# ଯୁଦ୍ଧମୁହାଁ କଙ୍ଗୋ-ରୱାଣ୍ଡା

■ ୨ ଆଫ୍ରିକୀୟ ଦେଶ ମଧରେ ବଢ଼ୁଛି ଉତ୍ତେଜନା

■ ଯୁଦ୍ଧ ପାଇଁ ପ୍ରସ୍ତୁତ କହିଲା କିନ୍‌ଶାସା

**କିନ୍‌ଶାସା/କିଗାଲି,୨୦।୬**



ପ୍ରାୟ ୪ ମାସ ଧରି ଚାଲିଥିବା ୟୁକ୍ରେନ୍-ରୁଷିଆ ଲଢ଼େଇର କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ଏବେ ଦୁଇ ଆଫ୍ରିକୀୟ ଦେଶ ଯୁଦ୍ଧମୁହାଁ ହୋଇଛନ୍ତି। ଶୁକ୍ରବାର ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ(ଡିଆର୍‌ସି)ର ଜଣେ ସୈନିକ ପୂର୍ବ ଆଫ୍ରିକୀୟ ଦେଶ ରୱାଣ୍ଡାର ପୋଲିସ ଗୁଳିରେ ନିହତ ହେବା ଏବଂ ରୱାଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀ ଗୋଷ୍ଠୀ ପୂର୍ବ କଙ୍ଗୋର ଏକ ପ୍ରମୁଖ ସହର ବୁନାଗାନାକୁ ଦଖଲ କରିବାକୁ ନେଇ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଛି। ଫଳରେ ୨୫ ବର୍ଷ ତଳେ ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରଥମ କଙ୍ଗୋ ଯୁଦ୍ଧର ପୁନରାବୃତ୍ତି ଆଶଙ୍କା ଉପୁଜିଛି। ଦୁଇ ଦେଶ ପରସ୍ପର ସୀମାରେ ରକେଟ୍ ମାଡ଼ କରୁଥିବାର ଅଭିଯୋଗ ଆଣୁଛନ୍ତି। ଯଦି ରୱାଣ୍ଡା ଚାହୁଁଛି ତେବେ ଯୁଦ୍ଧ ହେବ ବୋଲି କଙ୍ଗୋ ସାମରିକ ଅଧିକାରୀ ସିଲ୍‌ଭେନ୍ ଏକେଞ୍ଜି କହିଛନ୍ତି। ଆମେ ରୱାଣ୍ଡାକୁ ଭୟ କରୁନାହିଁ। ଲଢ଼ିବାକୁ ମଧ ଡର ନାହିଁ। ସୀମାରୁ ଇଞ୍ଚେ କାହାରିକୁ ଦିଆଯିବ ନାହିଁ ବୋଲି ଏକେଞ୍ଜି ରୱାଣ୍ଡାକୁ ଚେତାବନୀ ଦେଇଛନ୍ତି।

ପୂର୍ବ ଆଫ୍ରିକୀୟ ଦେଶ କେନିୟା ରାଷ୍ଟ୍ରପତି ଉହୁରୁ କେନୟଟା ନବଗଠିତ ଇଷ୍ଟ ଆଫ୍ରିକାନ୍ ରିଜିଓନାଲ ଫୋର୍ସ୍‌ଙ୍କୁ ପୂର୍ବ କଙ୍ଗୋରେ ସକ୍ରିୟ ରଖିବା ନିମନ୍ତେ ଦେଇଥିବା ପ୍ରସ୍ତାବକୁ ଡିଆର୍‌ସି ସ୍ୱାଗତ କରିଛି। ଏହା ଏମ୍-୨୩ ଗୋଷ୍ଠୀ ସହ ଲଢ଼େଇ କରିବ। ତେବେ ଏଥିରେ ରୱାଣ୍ଡାର କୌଣସି ପ୍ରକାର ଭାଗୀଦାରିକୁ ଗ୍ରହଣ କରାଯିବ ନାହିଁ ବୋଲି କଙ୍ଗୋ କହିଛି। କିଗାଲି (ରୱାଣ୍ଡା ରାଜଧାନୀ) ବିଦ୍ରୋହୀଙ୍କୁ ସମର୍ଥନ କରି କଙ୍ଗୋରେ ବିଶୃଙ୍ଖଳା ସୃଷ୍ଟି କରୁଥିବା କିନ୍‌ଶାସା (କଙ୍ଗୋ ରାଜଧାନୀ) ଅଭିଯୋଗ କରିଆସୁଛି। ତେବେ ରୱାଣ୍ଡା ବାରମ୍ବାର ଏହାକୁ ଖଣ୍ଡନ କରୁଛି। ଏମ୍-୨୩କୁ ରୱାଣ୍ଡାର ସମର୍ଥନ ରହିଥିବା ଜାତିସଂଘ ମଧ କହିଛି। ଡିଆର୍‌ସିର ଜଣେ ସୈନ୍ୟ ନିହତ ହେବା ପରେ ରୱାଣ୍ଡା ସହ କଙ୍ଗୋ ଏହା ସୀମାକୁ ବନ୍ଦ କରିଦେଇଛି। ରୱାଣ୍ଡା ଏବଂ ଉଗାଣ୍ଡା କଙ୍ଗୋରେ ଉତ୍ତେଜନା ଓ ଶାନ୍ତି ଭଙ୍ଗକାରୀ କାର୍ଯ୍ୟ କରିବାରୁ ବିରତ ରହିବା ଦାବିରେ ଗୋମାରେ ଆନ୍ଦୋଳନ ହୋଇଛି। ଏ ଦିଗରେ ଅନ୍ତର୍ଜାତୀୟ ସମୁଦାୟ ପଦକ୍ଷେପ ନେବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି।

## ବିବାଦ କ'ଣ

ସାମରିକ ଦକ୍ଷତା ଦୃଷ୍ଟିରୁ ଆଫ୍ରିକା ମହାଦେଶର ସବୁଠାରୁ ଶକ୍ତିଶାଳୀ ଦେଶ ଭାବେ ଜଣା ରୱାଣ୍ଡା ଏବଂ କଙ୍ଗୋ ମଧ୍ୟରେ ବିବାଦ ବହୁ ପୁରୁଣା। କଙ୍ଗୋର ପୂର୍ବାଞ୍ଚଳରେ ରୱାଣ୍ଡା ଲଗାତାର ଉତ୍ତେଜନା ସୃଷ୍ଟି ହେବା ଭଳି କାର୍ଯ୍ୟ କରୁଥିବା କିନ୍‌ଶାସା ଅଭିଯୋଗ କରିଆସୁଛି। ରୱାଣ୍ଡା ସମର୍ଥିତ ବିଦ୍ରୋହୀ ଏମ୍-୨୩ ଗୋଷ୍ଠୀ କଙ୍ଗୋ ପାଇଁ ମୁଣ୍ଡବିନ୍ଧାର ବଡ଼ କାରଣ ପାଲଟିଛି। ଚଳିତ ସପ୍ତାହରେ ଏମ୍-୨୩ କଙ୍ଗୋର ବୁଆନ୍‌ଗନା ସହର ଦଖଲ କରିବା ଫଳରେ ହଜାର ହଜାର ଲୋକ ପଡ଼ୋଶୀ ଉଗାଣ୍ଡା ସମେତ ଅନ୍ୟ ସ୍ଥାନକୁ ପଳାୟନ କରିଛନ୍ତି। ଏଥିଯୋଗୁ ନୂଆ ବିବାଦ ଆରମ୍ଭ ହୋଇଛି। କଙ୍ଗୋ ଏଥିପାଇଁ ରୱାଣ୍ଡାକୁ ଦାୟୀ କରିଛି। ରୱାଣ୍ଡା ରାଷ୍ଟ୍ରପତି ପଲ୍ କାଗାମି ଟୁଟ୍‌ସି ସମ୍ପ୍ରଦାୟର ହୋଇଥିବାବେଳେ ଏମ୍-୨୩କୁ ଅଧିକ ସମର୍ଥନ ମିଳୁଥିବା କଙ୍ଗୋ ବାରମ୍ବାର ଅଭିଯୋଗ କରିଆସୁଛି। ସେହିଭଳି କଙ୍ଗୋ ମଧ ରୱାଣ୍ଡାର ସୀମାବର୍ତ୍ତୀ ଅଞ୍ଚଳରେ ବୋମା, ମୋର୍ଟାର ମାଡ଼ କରି ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଉଥିବା କିଗାଲି ପକ୍ଷରୁ କୁହାଯାଉଛି। ୧୯୯୪ ରୱାଣ୍ଡା ନରସଂହାର ପରେ କଙ୍ଗୋ ହୁଟୁମାନଙ୍କୁ ଶରଣ ଦେଇଥିବା କିଆଗ୍‌ଲିର ଅଭିଯୋଗ ରହିଛି। ୯୦ ଦଶକରେ ରୱାଣ୍ଡା କଙ୍ଗୋ ସୀମାରେ ଅନୁପ୍ରବେଶ କରି ବହୁ ସଂଖ୍ୟାରେ ହୁଟୁ ସମ୍ପ୍ରଦାୟ ଏବଂ ସାଧାରଣ ଲୋକଙ୍କୁ ହତ୍ୟା କରିଥିଲା। ୨୦୧୨ ନଭେମ୍ବରରେ ଏମ୍-୨୩ ଗ୍ରୁପ୍ କଙ୍ଗୋର ବୃହତ୍ତମ ସହର ତଥା ରୱାଣ୍ଡା ସୀମାନ୍ତରେ ଥିବା ଗୋମାକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ତେବେ ଏକ ଶାନ୍ତି ଚୁକ୍ତି ପରେ ଗୋମାରୁ ଏମ୍-୨୩ ହଟିଥିଲା। ଏହି ଚୁକ୍ତି ବଳରେ ଅନେକ ଏମ୍-୨୩ ଲଢୁଆଙ୍କୁ କଙ୍ଗୋ ସେନାରେ ଭର୍ତ୍ତି କରାଯାଇଥିଲା। ତେବେ ଚଳିତ ବର୍ଷ ପୁଣି ଏମ୍-୨୩ କଙ୍ଗୋ ସେନାକୁ ଟାର୍ଗେଟ କରି ଆକ୍ରମଣ କରୁଛି। କଙ୍ଗୋ ସରକାର ପୂର୍ବ ଶାନ୍ତିଚୁକ୍ତିକୁ ଲାଗୁ କରିବାରେ ବିଫଳ ହୋଇଥିବା ଏମ୍-୨୩ ଅଭିଯୋଗ କରିଛି। ପରସ୍ପରର ବିଦ୍ରୋହୀ ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର ପ୍ରଦାନ ସହ ଦେଶରେ ବିଶୃଙ୍ଖଳା ସୃଷ୍ଟି ପାଇଁ ବ୍ୟବହାର କରାଯାଇଥିବା ଉଭୟ ରାଷ୍ଟ୍ର ଅଭିଯୋଗ କରିଆସୁଛନ୍ତି।

## ଶାନ୍ତି ପାଇଁ ଇଏସି ବୈଠକ



ରୱାଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ



କଙ୍ଗୋ ରାଷ୍ଟ୍ରପତି ଫେଲିକ୍ସ ଶିସେକେଦି

ରୱାଣ୍ଡା ଏବଂ କଙ୍ଗୋ ମଧ୍ୟରେ ଉତ୍ତେଜନା ବୃଦ୍ଧିକୁ ଦୃଷ୍ଟିରେ ରଖି ଇଷ୍ଟ ଆଫ୍ରିକାନ୍ କମ୍ୟୁନିଟି (ଇଏସି)ର ୭ ଦେଶ ବୁରୁଣ୍ଡି, କଙ୍ଗୋ, କେନିୟା, ରୱାଣ୍ଡା, ଉଗାଣ୍ଡା, ସାଉଥ୍ ସୁଦାନ ଏବଂ ତାଞ୍ଜାନିଆ ଚଳିତ ବର୍ଷ ଏକ ଆଞ୍ଚଳିକ ଫୋର୍ସ ଗଠନ କରିଛନ୍ତି। କଙ୍ଗୋ ସହ ଯୁଦ୍ଧ ହେଲେ ଏହି ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବ। କେନିୟା ରାଷ୍ଟ୍ରପତି ଉହୁରୁ କେନ୍‌ୟାଟ୍ଟା ଏବେ ଏହି ବ୍ଲକ୍‌ର ଅଧକ୍ଷ ଅଛନ୍ତି। କେନ୍‌ୟାଟ୍ଟା ରୱାଣ୍ଡା ଏବଂ କଙ୍ଗୋ ମଧ୍ୟରେ ଶାନ୍ତି ବଜାୟ ପାଇଁ ରିଜିଓନାଲ ଫୋର୍ସ୍‌କୁ ପୂର୍ବ କଙ୍ଗୋରେ ମୁତୟନ ନିଷ୍ପତ୍ତି ନେଇଛନ୍ତି। ଏଥିସହ କଙ୍ଗୋର କିଭୁ ଏବଂ ଇଟାରୀ ଅଞ୍ଚଳକୁ ଅସ୍ତ୍ରଶସ୍ତ୍ର ମୁକ୍ତ ଜୋନ୍ ଘୋଷଣା ପାଇଁ ଆହ୍ୱାନ ଦେଇଛନ୍ତି। ରବିବାର କେନିୟା ରାଜଧାନୀ ନାଇରୋବିରେ ଅନୁଷ୍ଠିତ ଇଏସି ବୈଠକରେ ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ହ୍ରାସ ନିମନ୍ତେ ଆଲୋଚନା ହୋଇଛି। ବୈଠକରେ ପ୍ରଥମ ଥର ପାଇଁ ରୱାଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ ଏବଂ କଙ୍ଗୋ ପ୍ରତିପକ୍ଷ ଫେଲିକ୍ସ ଶିସେକେଦି ଗୋଟିଏ ମଞ୍ଚରେ ଉପସ୍ଥିତ ରହିବା ସହ ପରସ୍ପର ଉପରେ ଦୋଷାରୋପ କରିଛନ୍ତି।

## ଏମ୍-୨୩ ବିଦ୍ରୋହୀ ଗୋଷ୍ଠୀ

କଙ୍ଗୋ ସରକାରଙ୍କ ବିରୋଧରେ ଟୁଟ୍‌ସି ସମ୍ପ୍ରଦାୟଙ୍କୁ ନେଇ ଏମ୍-୨୩ ବିଦ୍ରୋହୀ ଗୋଷ୍ଠୀ ୨୦୧୨ ଏପ୍ରିଲରେ ଗଠନ ହୋଇଥିଲା। ଏଥିରେ ପ୍ରାୟ ୩ ଶହ ସୈନ୍ୟ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ନ୍ୟାଶନାଲ କଂଗ୍ରେସ ଫର୍ ଦ ଡିଫେନ୍ସ ଅଫ୍ ଦ ପିପୁଲ (ସିଏନ୍‌ଡିପି)ର ପୂର୍ବତନ ସଦସ୍ୟ ସାମିଲ ହୋଇଥିଲେ। ସରକାର ଦେଶର ସୈନ୍ୟବାହିନୀକୁ ସଶକ୍ତ କରୁ ନ ଥିବା ଏବଂ ୨୦୦୯ ମାର୍ଚ୍ଚ ୨୩ରେ ହୋଇଥିବା ଏକ ଶାନ୍ତି ଚୁକ୍ତିକୁ ଲାଗୁ କରାଯାଉ ନ ଥିବା ଏହି ବିଦ୍ରୋହୀ ଗୋଷ୍ଠୀର ଅଭିଯୋଗ ରହିଥିଲା। ଏଥିସହ ଏମ୍-୨୩ ହୁଟୁ ସମ୍ପ୍ରଦାୟର ଘୋର ବିରୋଧୀ ଭାବେ ଜଣା। ୧୯୯୪ ରୱାଣ୍ଡା ନରସଂହାରରେ ପ୍ରାୟ ୮ ଲକ୍ଷ ଟୁଟ୍‌ସି ସମ୍ପ୍ରଦାୟର ଲୋକଙ୍କ ଜୀବନ ଯାଇଥିଲା। ଟୁଟ୍‌ସି ଏବଂ ହୁଟୁ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଯୋଗୁ ଏହି ହିଂସାକାଣ୍ଡ ଘଟିଥିଲା।

## ବହୁମତ ହରାଇଲେ ମାକ୍ରଁ

**ପ୍ୟାରିସ୍,୨୦।୬**



ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହେବାର ୨ ମାସ ପୂରି ନ ଥିବାବେଳେ ଇମାନୁଏଲ୍ ମାକ୍ରଁଙ୍କୁ ବଡ଼ ଝଟକା ଲାଗିଛି। ରବିବାର ଅନୁଷ୍ଠିତ ସଂସଦୀୟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ମାକ୍ରଁ ବହୁମତ ହାସଲ କରିବାରେ ବିଫଳ ହୋଇଛନ୍ତି। ସରକାର ଚଳାଇବା ପାଇଁ ନ୍ୟାଶନାଲ ଆସେମ୍ବ୍ଲିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ମାକ୍ରଁ ନିମ୍ନସଦନରୁ ନିୟନ୍ତ୍ରଣ ହରାଇଛନ୍ତି। ମାକ୍ରଁଙ୍କ 'ଟୁଗେଦର' ମେଣ୍ଟ ନ୍ୟାଶନାଲ ଆସେମ୍ବ୍ଲିର ୫୭୭ ଆସନରୁ ୨୪୫ ସିଟ୍ ପାଇଛି, ଯାହା କି ମ୍ୟାଜିକ୍ ନମ୍ବର ୨୮୯ରୁ କମ୍। ବାମପନ୍ଥୀ ଏବଂ ଦକ୍ଷିଣପନ୍ଥୀଙ୍କ ମେଣ୍ଟକୁ ବଡ଼ ଧରଣର ସଫଳତା ମିଳିଥିବାରୁ ମାକ୍ରଁ ବହୁମତ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିନ୍-ଲୁସ୍ ମେଲେନ୍‌ଚୋନଙ୍କ ନେତୃତ୍ୱରେ ବାମପନ୍ଥୀ ମେଣ୍ଟ 'ନ୍ୟୁପ୍‌ସ' ୧୩୧ ଆସନ ଜିତି ଥିବାବେଳେ ମରିନ୍ ଲି ପେନ୍‌ଙ୍କ ନେତୃତ୍ୱାଧୀନ ଦକ୍ଷିଣପନ୍ଥୀ ଦଳ ନ୍ୟାଶନାଲ ରାଲି ଐତିହାସିକ ଭାବେ ୮୯ ଆସନରେ ବିଜୟୀ ହୋଇଛି। ନିର୍ବାଚନରେ ମାତ୍ର ୪୬.୨୩% ଭୋଟର ମତଦାନ କରିଥିବାବେଳେ ୫୩.୭୭% ଭୋଟ ଦେବାରୁ ବିରତ ରହିଥିଲେ।

ମାକ୍ରଁଙ୍କ ସରକାର ସଂଖ୍ୟାଗରିଷ୍ଠତା ହରାଇଥିବାରୁ ଏବେ ଅନ୍ୟ ଦଳ ସହ ମେଣ୍ଟ କରିବା ଜରୁରୀ ହୋଇପଡ଼ିଛି। ୬୪ ଆସନ ଜିତିଥିବା ରିପବ୍ଲିକାନ୍‌ସ (ଏଲ୍‌ଆର୍) ସହ ମେଣ୍ଟ କରିବା ବିକଳ୍ପ ରହିଛି। ତେବେ ମେଣ୍ଟ ପାଇଁ ଏହି ଦଳ ଆଗ୍ରହୀ ନ ଥିବାରୁ ତାହା ମଧ କଷ୍ଟକର। ରାଷ୍ଟ୍ରପତି ନିର୍ବାଚନବେଳେ ମାକ୍ରଁ ଟିକସ ହ୍ରାସ, କର୍ମଚାରୀଙ୍କ ଅବସର ସୀମା ୬୨ରୁ ୬୫କୁ ବୃଦ୍ଧି, ମୁଦ୍ରାସ୍ଫୀତି କମାଇବା, ପେନ୍‌ସନ ବୟସ ୬୦କୁ ହ୍ରାସ ଆଦି ସହ ଅନେକ ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିମ୍ନସଦନରେ ସଂଖ୍ୟା ଗରିଷ୍ଠତା ହରାଇଥିବାରୁ ଏହା ତାଙ୍କ ପକ୍ଷେ ସହଜ ହେବନାହିଁ। କୌଣସି ନିଷ୍ପତ୍ତିକୁ ସେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ସ୍ୱାଧୀନ ଭାବେ ନେଇପାରିବେ ନାହିଁ। କାରଣ ଏଥିପାଇଁ ତାଙ୍କୁ ନ୍ୟାଶନାଲ ଆସେମ୍ବ୍ଲିରେ ସମର୍ଥନ ଆବଶ୍ୟକ ପଡ଼ିବ। ତେବେ ବହୁମତ ହାସଲ ପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଏଲିଜାବେଥ୍ ବର୍ନ କହିଛନ୍ତି। ଅନ୍ୟପକ୍ଷରେ ମେଲେନ୍‌ଚୋନ୍‌ଙ୍କ ମେଣ୍ଟ ଏହି ସଫଳତା ପାଇଁ ଉତ୍ସବ ମନାଇଛନ୍ତି। ମରିନ୍ ଲି ପେନ୍‌ଙ୍କ ଦଳ ନ୍ୟାଶନାଲ ରାଲି ଗତ ଥର ମାତ୍ର ୮ ଆସନ ପାଇଥିବାବେଳେ ଏବେ ୮୯ ଆସନ ଜିତି ରେକର୍ଡ କରିଛି। ଦେଖିବାକୁ ଗଲେ ନ୍ୟାଶନାଲ ରାଲି ଏକାକୀ ଏତେ ଆସନ ଜିତି ଦ୍ୱିତୀୟ ସର୍ବବୃହତ୍ ଦଳ ଭାବେ ଉଭା ହୋଇଛି। ଗତ ଏପ୍ରିଲରେ ଅନୁଷ୍ଠିତ ଫ୍ରାନ୍ସ ରାଷ୍ଟ୍ରପତି ନିର୍ବାଚନରେ ମାକ୍ରଁ ଓ ଲି ପେନ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏଥିରେ ମାକ୍ରଁ ବାଜି ଜିତି ଯାଇଥିଲେ।



ଅଗ୍ନିପଥ ନିଯୁକ୍ତି ଯୋଜନା ବିରୋଧରେ ଭାରତ ବନ୍ଦ ବେଳେ ନୂଆଦିଲ୍ଲୀର ଶିବାଜୀ ବ୍ରିଜ୍ ରେଳଷ୍ଟେଶନରେ ଯୁବ କଂଗ୍ରେସ କର୍ମୀଙ୍କ ରେଳରୋକୋ।

## ଅଟକିଲା କେବୁଲ କାର୍

**ନୂଆଦିଲ୍ଲୀ,୨୦।୬**

### ୩ ଘଣ୍ଟା ପରେ ୧୧ ଯାତ୍ରୀ ଉଦ୍ଧାର



ବୈଷୟିକ ତ୍ରୁଟି ଯୋଗୁ ହିମାଚଳପ୍ରଦେଶର ପରୱାନୁରେ ସୋମବାର ଅପରାହ୍ନରେ ଏକ କେବୁଲ କାର୍ ରୋପ୍‌ୱେରେ ବନ୍ଦ ହୋଇଯାଇଥିଲା। ଫଳରେ ୧୧ ଜଣ ଯାତ୍ରୀ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଝୁଲି ରହିଥିଲେ। ସମସ୍ତ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଘଟଣାସ୍ଥଳରେ ପହଞ୍ଚିବା ସହ କ'ଣ ପାଇଁ ରୋପ୍‌ୱେରେ ତ୍ରୁଟି ଦେଖାଦେଲା, ତାହାର ରିପୋର୍ଟ ମଗାଯିବ ବୋଲି କହିଛନ୍ତି। ରେସ୍କ୍ୟୁ ଟ୍ରଲି ସହାୟତାରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିବା ସୋଲାନ ଜିଲା ପୋଲିସ ମୁଖ୍ୟ ବୀରେନ୍ଦ୍ର ଶର୍ମା କହିଛନ୍ତି। ଏଥିପାଇଁ ଟିମ୍ବର ଟ୍ରେଲ୍‌ର ଏକ ବୈଷୟିକ ଟିମ୍‌କୁ ନିୟୋଜିତ କରାଯାଇଥିଲା। ପୋଲିସ ଟିମ୍ ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ମଧ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଟିମ୍ବର ଟ୍ରେଲ୍ ଘରୋଇ ରିସର୍ଟର କେବୁଲ କାର୍ ବେଶ୍ ଲୋକପ୍ରିୟ।

## ଜୁଲାଇରୁ 'ଅଗ୍ନିବୀର' ପଞ୍ଜୀକରଣ

**ନୂଆଦିଲ୍ଲୀ,୨୦।୬(ପି.ଟି.)**

### ସେନା ପକ୍ଷରୁ ବିଜ୍ଞପ୍ତି ଜାରି

ଅଗ୍ନିପଥ ନିଯୁକ୍ତି ଯୋଜନାକୁ ବିରୋଧରେ ଆନ୍ଦୋଳନ ଚାଲିଥିବାବେଳେ ସୋମବାର ସେନା ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏଥିପାଇଁ ଜୁଲାଇରୁ ଆବେଦନକାରୀଙ୍କ ଅନ୍‌ଲାଇନ ପଞ୍ଜୀକରଣ ହେବ। ଆର୍ମି ରିକ୍ରୁଟ୍‌ମେଣ୍ଟ ଅଫିସର (ଏଆର୍‌ଓ) ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବେ। ପ୍ରାର୍ଥୀମାନେ ସାଧାରଣ ଡ୍ୟୁଟି, ଅଗ୍ନିବୀର ଟେକ୍ନିକାଲ, ଅଗ୍ନିବୀର ଟେକ୍ନିକାଲ (ଆଭିଏଶନ/ଆମ୍ୟୁନିଶନ ଏକ୍‌ଜାମିନର), ଅଗ୍ନିବୀର କ୍ଲର୍କ/ଷ୍ଟୋରକିପର ଟେକ୍ନିକାଲ, ଅଗ୍ନିବୀର ଟ୍ରେଡ୍ସମ୍ୟାନ ଦଶମ ପାସ୍ ଏବଂ ଅଗ୍ନିବୀର ଟ୍ରେଡ୍ସମ୍ୟାନ ଅଷ୍ଟମ ପାସ୍ ପଦବୀ ପାଇଁ ଆବେଦନ କରିପାରିବେ। ସମସ୍ତଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ବାଧ୍ୟତାମୂଳକ। ପଞ୍ଜୀକରଣ ଓ ନିଯୁକ୍ତି ପ୍ରକ୍ରିୟା ପାଇଁ ଭାରତୀୟ ସେନା ୱେବସାଇଟ୍ joinindianarmy.nic.in ବ୍ୟବହାର କରିବାକୁ କୁହାଯାଇଛି।

ସରକାରୀ ଗୋପନୀୟ ଆଇନ, ୧୯୨୩ ଅନୁଯାୟୀ ଅଗ୍ନିବୀରମାନେ ୪ ବର୍ଷର ସେବାକାଳ ମଧ୍ୟରେ ପାଇଥିବା ତଥ୍ୟ କୌଣସି ଅନଧିକୃତ ବ୍ୟକ୍ତିଙ୍କୁ ଦେଇପାରିବେ ନାହିଁ। ପଞ୍ଜୀକୃତ ହେବା ପରେ ସେମାନଙ୍କୁ ଶାରୀରିକ/ଲିଖିତ/କ୍ଷେତ୍ର ପରୀକ୍ଷା ଦେବାକୁ ହେବ। ସେମାନଙ୍କ ପ୍ରଦର୍ଶନ ଆଧାରରେ ନିୟମିତ କ୍ୟାଡରରେ ପଞ୍ଜୀକରଣ ଲାଗି ବିବେଚନା କରାଯିବ। ପ୍ରତି ବ୍ୟାଚ୍‌ରୁ ୨୫ ପ୍ରତିଶତରୁ ଅଧିକଙ୍କୁ ରେଗୁଲାର କ୍ୟାଡର କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ସାଧାରଣ ଡ୍ୟୁଟି ପାଇଁ ଶିକ୍ଷାଗତ ଯୋଗ୍ୟତା ମୋଟ ୪୫% ନମ୍ବର ସହ ଦଶମ ପାସ୍ ଓ ପ୍ରତ୍ୟେକ ବିଷୟରେ ଅନ୍ୟୂନ ୩୩% ରଖିଥିବା ବାଧ୍ୟତାମୂଳକ। ସେହିପରି ବିମାନ ଚଳାଚଳ ବିଭାଗରେ ଅଗ୍ନିବୀର ଟେକ୍ନିକାଲ ପଦବୀ ପାଇଁ ଫିଜିକ୍ସ, କେମିଷ୍ଟ୍ରି, ଗଣିତ ଓ ଇଂଲିଶରେ ୫୦% ମାର୍କ ସହ ଦ୍ୱାଦଶ ଶ୍ରେଣୀ ପାସ୍ ଏବଂ ପ୍ରତି ବିଷୟରେ ଅନ୍ୟୂନ ୪୦% ଥିବା ଆବଶ୍ୟକ। କିରାଣି କିମ୍ବା ଷ୍ଟୋରକିପର (ଟେକ୍ନିକାଲ) ପାଇଁ ୬୦% ମାର୍କ ସହ ଦ୍ୱାଦଶ ଶ୍ରେଣୀ ପାସ୍ ଓ ପ୍ରତିବିଷୟରେ ୫୦% ରହିଥିବା ବାଧ୍ୟତାମୂଳକ। ବିଜ୍ଞପ୍ତି ଅନୁଯାୟୀ ସର୍ଭିସମ୍ୟାନ ଏବଂ ଏକ୍ସସର୍ଭିସମ୍ୟାନ୍‌ଙ୍କ ପୁଅ, ଯୁଦ୍ଧ ବିଧବାଙ୍କ ପୁଅ, ପୂର୍ବତନ ସେନା କର୍ମଚାରୀଙ୍କ ବିଧବାଙ୍କ ପୁଅଙ୍କୁ ସାଧାରଣ ପ୍ରବେଶିକା ପରୀକ୍ଷାରେ ୨୦% ବୋନସ୍ ନମ୍ବର ମିଳିବ। ସେହିପରି ଏନ୍‌ସିସି 'ଏ' ଏବଂ 'ବି' ସାର୍ଟିଫିକେଟଧାରୀଙ୍କୁ କିଛି ବୋନସ୍ ମାର୍କ ମିଳିବ। ନିଯୁକ୍ତି ଅବଧି ପୂରଣ ପୂର୍ବରୁ ଅଗ୍ନିବୀର ଚାକିରି ଛାଡ଼ିବାକୁ ଚାହିଁଲେ, ଅନୁମତି ଦିଆଯିବ ନାହିଁ। ଅତି ଅସାଧାରଣ ଘଟଣାରେ ଉପଯୁକ୍ତ କର୍ତ୍ତୃପକ୍ଷ ଯଦି ମଞ୍ଜୁରୀ ଦିଅନ୍ତି, ତେବେ ଏଥିପାଇଁ ଅନୁମତି ଦିଆଯାଇପାରିବ।

## ୧୬ ବର୍ଷରେ ବିବାହ କରିପାରିବେ ମୁସଲମାନ ଝିଅ

**ଚଣ୍ଡୀଗଡ଼,୨୦।୬**

### ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ରାୟ

ମୁସ୍‌ଲିମ ଶରିଆ ଆଇନ ଅନୁସାରେ ମୁସଲମାନ ଝିଅ ୧୬ ବର୍ଷରେ ବିବାହ କରିବା ବୈଧ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସୋମବାର ଏକ ମାମଲାର ଶୁଣାଣି କରି ରାୟ ଦେଇଛନ୍ତି। ଏଥିସହ ବିବାହ କରିଥିବା ଜଣେ ୧୬ ବର୍ଷୀୟା ବାଳିକା ଏବଂ ୨୧ ବର୍ଷୀୟ ଯୁବକଙ୍କୁ ସୁରକ୍ଷା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜସ୍‌ଜିତ୍ ସିଂ ବେଦିଙ୍କ ଏକକ ଖଣ୍ଡପୀଠ ପଠାନ୍‌କୋଟର ଏକ ମୁସଲମାନ ଦମ୍ପତିଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ପରିବାର ଇଚ୍ଛା ବିରୋଧରେ ବିବାହ କରିଥିବା ଏହି ଯୋଡ଼ିଙ୍କୁ ସମ୍ବିଧାନ ପ୍ରଦତ୍ତ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଇସ୍‌ଲାମିକ ଶରିଆ ଆଇନ ଅନୁସାରେ ମୁସ୍‌ଲିମ୍ ପର୍ସନାଲ ଲ' ଦ୍ୱାରା ମୁସଲମାନ ଯୁବତୀଙ୍କ ବିବାହ ପରିଚାଳିତ ହୋଇଥାଏ। ଦିନେଶ ଫାର୍ଦୁଞ୍ଜି ମୁଲ୍ଲାଙ୍କ ପୁସ୍ତକ 'ପ୍ରିନ୍ସିପଲ୍ସ ଅଫ୍ ମହମ୍ମେଦାନ୍ ଲ'ର ଅନୁଚ୍ଛେଦ ୧୯୫ ଅନୁସାରେ ୧୬ ବର୍ଷରୁ ଊର୍ଦ୍ଧ୍ୱ ମୁସଲମାନ ଝିଅ ୨୧ ବର୍ଷରୁ ଊର୍ଦ୍ଧ୍ୱ ପୁଅଙ୍କୁ ବିବାହ କରିପାରିବେ, ଯାହା କି ମୁସ୍‌ଲିମ୍ ପର୍ସନାଲ ଲ' ରେ ଧାର୍ଯ୍ୟ ହୋଇଥିବା ହାଇକୋର୍ଟ କହିଛନ୍ତି। ମାମଲା ଅନୁଯାୟୀ, ମୁସଲମାନ ରୀତିନୀତିରେ ଗତ ୮ ତାରିଖରେ ୧୬ ବର୍ଷୀୟା ବାଳିକା ଏବଂ ୨୧ ବର୍ଷୀୟ ଯୁବକ ବିବାହ କରିଥିଲେ। ତେବେ ପରିବାର ଲୋକ ଏହି ବିବାହକୁ ବିରୋଧ କରିଥିଲେ। ସେମାନଙ୍କ ବିନା ଅନୁମତିରେ ବାହାଘର ହୋଇଥିବାରୁ ଏହି ଦମ୍ପତିଙ୍କୁ ବାରମ୍ବାର ଧମକ ଦିଆଯାଉଥିଲା। ଫଳରେ ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୪୪,୩୩,୫୮୯ | ୬୩,୪୧,୧୩୧ | ୫୧,୯୭,୯୯,୯୧୨ |
| ଭାରତ | ୪,୩୩,୧୧,୦୪୯ | ୫,୨୪,୮୭୩ | ୪,୨୭,୦୭,୯୦୦ |
| ଓଡ଼ିଶା | ୧୨,୮୮,୮୯୭ | ୯୧୨୬(+୫୩) | ୧୨,୭୯,୪୭୯ |

ସୋମବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଅଗଷ୍ଟ ୧ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

## ଆସନ୍ତା ୨୭ରୁ ଆବେଦନ

■ ଅଗଷ୍ଟ ୨୫ରେ ମେରିଟ୍ ଲିଷ୍ଟ

■ ସେପ୍ଟେମ୍ବର ୬ ଓ ୭ରେ ପ୍ରଥମ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ଅଗଷ୍ଟ ୧ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି) ଆରମ୍ଭ ହେବ। ଏନେଇ ସୋମବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହି ପରୀକ୍ଷା ପାଇଁ ଚଳିତ ମାସ ୨୭ ତାରିଖରୁ ଆବେଦନ ପ୍ରକ୍ରିୟା ଚାଲିବ। ସାମ୍ସ ଜରିଆରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। 'ସାମ୍ସ'ର ୱେବସାଇଟ୍ www.samsodisha.gov.inରେ କମନ୍ ଆପ୍ଲିକେଶନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଜୁଲାଇ ୧୨ ତାରିଖ ଆବେଦନର ଶେଷ ତାରିଖ ରହିଛି। ଜୁଲାଇ ୧୩ ଓ ୧୪ରେ କମନ ଆପ୍ଲିକେଶନ ଫର୍ମରେ ଆବଶ୍ୟକ ସଂଶୋଧନ କରିହେବ। କିନ୍ତୁ ଏହି ସମୟ ମଧ୍ୟରେ ନୂଆ ଆବେଦନ କରିହେବ ନାହିଁ। ଜୁଲାଇ ୨୦ ଅପରାହ୍ନ ୨ଟା ପରଠୁ ଛାତ୍ରୀଛାତ୍ରମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୧ରୁ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇ ୧୩ ତାରିଖ ମଧ୍ୟରେ ସରିବ। ତେବେ ଅଗଷ୍ଟ ୭, ୯ ଓ ୧୧ରେ କୌଣସି ପରୀକ୍ଷା ହେବ ନାହିଁ। ଅଗଷ୍ଟ ୨୫ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଯୋଗ୍ୟ ପ୍ରାର୍ଥୀମାନେ ଅଗଷ୍ଟ ୨୫ରୁ ୩୦ ପର୍ଯ୍ୟନ୍ତ ଚଏସ୍ ଫିଲିଂ କରିବେ। ସେପ୍ଟେମ୍ବର ୫ରେ ସିଟ୍ ଆଲଟମେଣ୍ଟ କରାଯିବ ଏବଂ ୬ ଓ ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ସେପ୍ଟେମ୍ବର ୧୩ ଅପରାହ୍ନ ୧୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟମେଣ୍ଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ୧୪ ଓ ୧୫ ତାରିଖ ଦୁଇଦିନ ଚାଲିବ। ଖାଲି ସିଟ୍ ନେଇ ୨୦ ତାରିଖରେ ସାମ୍ସ ୱେବସାଇଟ୍‌ରେ ସୂଚନା ପ୍ରକାଶ ପାଇବ। ୨୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଏ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଦୁଇଟି ହେଲ୍ପଲାଇନ ନମ୍ବର – ୧୫୫୩୩୫/୧୮୦୦-୩୪୫-୬୭୭୦ ଜାରି କରାଯାଇଛି। ଏନେଇ www.samsodisha.gov.in ରେ ମଧ୍ୟ ଲଗ୍ ଇନ୍ କରି ଅଧିକ ସୂଚନା ପାଇପାରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଖରିଫ୍‌ର ୮, ରବିର ୯ ଫସଲ ବୀମାଭୁକ୍ତ ହେବ

■ଜୁଲାଇ ୩୧ ସୁଦ୍ଧା ଖରିଫ୍ ବୀମା ପାଇଁ ପଞ୍ଜୀକରଣ ଶେଷ

■କୃଷକଙ୍କୁ ଶୀଘ୍ର ବୀମାରାଶି ଦେବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

| ଖରିଫର ୮ ଫସଲ | ରବିର ୯ ଫସଲ |
|---|---|
| ଧାନ | ଧାନ |
| ଚିନାବାଦାମ | ଚିନାବାଦାମ |
| ମକା | ବିରି |
| ହରଡ | ମୁଗ |
| ମାଣ୍ଡିଆ | ସୋରିଷ |
| ତୁଳା | ସୂର୍ଯ୍ୟମୁଖୀ |
| ଅଦା | ଆଖୁ |
| ହଳଦୀ | ଆଳୁ |
| | ପିଆଜ |

ଚଳିତ ବର୍ଷ ଖରିଫ୍ ଋତୁରେ ୮ ଓ ରବି ଋତୁରେ ୯ ଟି ଫସଲକୁ ବୀମାଭୁକ୍ତ କରାଯିବ। ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫସଲବୀମା ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଖରିଫ୍ ଋତୁରେ ଧାନ, ଚିନାବାଦାମ, ମକା, ହରଡ଼, ମାଣ୍ଡିଆ, ତୁଳା, ଅଦା ଓ ହଳଦୀକୁ ବୀମାଭୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ରବି ଋତୁରେ ଧାନ, ଚିନାବାଦାମ, ବିରି, ମୁଗ, ସୋରିଷ, ସୂର୍ଯ୍ୟମୁଖୀ, ଆଖୁ, ଆଳୁ ଏବଂ ପିଆଜ ଆଦି ୯ଟି ଫସଲ ବୀମାଭୁକ୍ତ ହେବ। ସାଧାରଣତଃ ଧାନ ଫସଲ ପାଇଁ ଗୋଟିଏ ପଞ୍ଚାୟତ ବା ସହରାଞ୍ଚଳ ଏବଂ ଅଣ-ଧାନ ଫସଲ ଲାଗି ଏକ ବ୍ଲକକୁ ବୀମା ୟୁନିଟ୍ ଭାବେ ବିଚାର କରାଯିବ। ଚଳିତ ବର୍ଷ ଜୁଲାଇ ୩୧କୁ ଖରିଫ୍ ଫସଲ ବୀମା ପଞ୍ଜୀକରଣର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ଦିନ ସୁଦ୍ଧା ଚାଷୀମାନେ ନିଜ ନିଜ ଫସଲବୀମା ଋଣ ନେଉଥିବା ବ୍ୟାଙ୍କ ଜରିଆରେ ପଞ୍ଜୀକରଣ କରିପାରିବେ । ଯେଉଁମାନେ ଚାଷୀଋଣ ନେଉନାହାନ୍ତି ସେମାନେ ମଧ୍ୟ ନିକଟସ୍ଥ ଜନସେବା କେନ୍ଦ୍ର, ନିଜର ସେଭିଙ୍ଗ୍ସ ଆକାଉଣ୍ଟ ଥିବା ବ୍ୟାଙ୍କ ବା ସମ୍ପୃକ୍ତ ଜିଲା ପାଇଁ ନିର୍ଦ୍ଧାରିତ ଫସଲବୀମା କମ୍ପାନୀ ଏଜେଣ୍ଟଙ୍କ ମାଧ୍ୟମରେ ଫସଲ ବୀମା କରାଇପାରିବେ।

ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୀବ କୁମାର ଚଢ଼ା ଚଳିତ ବର୍ଷ ପାଇଁ ଫସଲ ବୀମା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ବୀମା ସର୍ତ୍ତ ଅନୁସାରେ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ସମସ୍ତ ଚାଷୀଙ୍କୁ ତୁରନ୍ତ ବୀମାରାଶି ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, କୃଷକଙ୍କ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଗ୍ରହଣୀୟ ନୁହେଁ। ସେମାନଙ୍କ ବ୍ୟାଙ୍କ ଖାତାକୁ ବୀମାରାଶି ପଠାଇବାରେ କୌଣସି ପ୍ରକାର ଅବହେଳାକୁ ସରକାର ଗୁରୁତର ସହ ବିଚାର କରିବେ। ଚାଷ ହୋଇଥିବା କ୍ଷେତର ପରିମାଣ ଏବଂ ଅମଳ ହାର ନିର୍ଦ୍ଧାରଣ ନିମନ୍ତେ ଆଧୁନିକ ସାଟେଲାଇଟ୍ ଗବେଷଣା କୌଶଳଗୁଡ଼ିକର ପ୍ରୟୋଗ ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ସମନ୍ୱିତ ବୈଷୟିକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିବା ଲାଗି ସେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଶା ମହାକାଶ ଗବେଷଣା ଉପଯୋଗ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ବର୍ଷଠାରୁ ସାଟେଲାଇଟ୍ କୌଶଳଭିତ୍ତିରେ ରାଜ୍ୟର ସବୁ ଅଞ୍ଚଳରେ ଶସ୍ୟୱାରି ଚାଷ ହୋଇଥିବା ଜମିର ପରିମାଣ ଏବଂ ଅମଳ ହାର ଆକଳନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ବୀମା ପ୍ରିମିୟମ୍‌ର ଶତକଡ଼ା ୯୮ ଭାଗ ରାଜ୍ୟ ଓ କେନ୍ଦ୍ର ସରକାର ଦିଅନ୍ତି। ସମ୍ପୃକ୍ତ ଚାଷୀ ୨% ପ୍ରିମିୟମ ଭରଣା କରିଥାଆନ୍ତି। ୨୦୨୧ ଖରିଫ୍ ଋତୁରେ ପ୍ରାୟ ୧୨.୩୦ ଲକ୍ଷ ଚାଷୀଙ୍କର ୧୦.୫୦ ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ହୋଇଥିଲା। ଏହି ବୈଠକରେ ଅର୍ଥ ବିଭାଗ ସଚିବ ବିଶାଳ କୁମାର ଦେବ, ସମବାୟ ସଚିବ ସଞ୍ଜୀବ କୁମାର ଚଢ଼ା, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱ ନେଲେ ସଞ୍ଜୟ ସିଂ

## 'ପୁରୀ ରଥଯାତ୍ରା ସୁଚାରୁରୂପେ ଅନୁଷ୍ଠିତ ହେବା ଉପରେ ଗୁରୁତ୍ୱ ଦିଅ'

ଭୁବନେଶ୍ୱର,୨୦।୬(ବ୍ୟୁରୋ)


ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସଞ୍ଜୟ ସିଂଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ଦାୟିତ୍ୱ ଗ୍ରହଣ ପରେ ସିଂ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଯେପରି ସୁଚାରୁ ରୂପେ ଅନୁଷ୍ଠିତ ହେବ ଏବଂ ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଆଧାମିକ ଟେଲିଭିଜନ ଚାନେଲ୍‌ଗୁଡ଼ିକ ଦ୍ୱାରା ରଥଯାତ୍ରାର ସିଧାପ୍ରସାରଣ ପୂର୍ବକ ସାରା ଦେଶର ଭକ୍ତଙ୍କୁ ରଥଯାତ୍ରା ସମ୍ପର୍କରେ ଅବଗତ କରାଇବେ ସେ ବାବଦରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ନିର୍ଦ୍ଦେଶକ ତ୍ରିପାଠୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି। ତେବେ ସୂଚନାଯୋଗ୍ୟ ଯେ, ସଞ୍ଜୟ କୁମାର ସିଂ ବିଏମ୍‌ସି(ଭୁବନେଶ୍ୱର ମହାନଗର ନିଗମ) କମିଶନର ଭାବେ କାର୍ଯ୍ୟ କରୁଥିବା ବେଳେ ନିକଟରେ ତାଙ୍କୁ ବଦଳି କରାଯାଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଟ୍ରକ ଡାଲାରୁ ହାତ ଗୋଡ଼ ବନ୍ଧା ଯୁବକ ଉଦ୍ଧାର

■ ମୋବାଇଲ୍, ଟଙ୍କା ଲୁଟ୍ ଅଭିଯୋଗରେ ଚଣ୍ଡିଖୋଲ ଅଭିମୁଖେ ନିଆଯାଉଥିଲା

■ ସ୍ଥାନୀୟ ଲୋକେ କାବୁକରି ପୋଲିସରେ ସୂଚନା ଦେଇଥିଲେ

■ ଅଭିଯୁକ୍ତ ଚାଳକ ଗିରଫ

ପାରାଦୀପ, ୨୦।୬(ସ୍ୱ.ପ୍ର.)

ପାରାଦୀପ-ଚଣ୍ଡିଖୋଲ ୫୩ନଂ.ଜାତୀୟ ରାଜପଥରେ ପୁଣି ଟ୍ରକ ଚାଳକଙ୍କ ବର୍ବରତା ଦେଖିବାକୁ ମିଳିଛି। ମୋବାଇଲ୍ ଓ ଟଙ୍କା ଚୋରି ଅଭିଯୋଗରେ ଜଣେ ଯୁବକଙ୍କ ହାତ ଗୋଡ଼ ବାନ୍ଧି ଟ୍ରକ ଡାଲାରେ ପକାଇ ଚାଳକ ନେଉଥିବାବେଳେ ଲୋକଙ୍କ ହାବୁଡରେ ପଡ଼ିଛନ୍ତି। ପାରାଦୀପ ଲକ୍ ଥାନା ପୋଲିସ ଓ ମାର୍ଶାଘାଇ ପୋଲିସ ଏଥିରେ ହସ୍ତକ୍ଷେପ କରିବା ପରେ ସମ୍ପୃକ୍ତ ଯୁବକ ମୁକୁଳିଛନ୍ତି। ଏହି ଘଟଣାରେ ଲକ୍ ଥାନା ପୋଲିସ ପକ୍ଷରୁ ମାମଲା (ନଂ.୧୭୫/୨୨) ରୁଜୁ କରାଯାଇ ଅଭିଯୁକ୍ତ ଟ୍ରକ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ସଦାନନ୍ଦ ରାଉତ। ତାଙ୍କ ଘର ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଭୁବନ ଗ୍ରାମରେ। ସେ (ଓଡି-୦୫ ଏନ୍ ୭୫୬୮) ଟ୍ରକରେ ଚାଳକ ଥିଲେ। ଲକ୍ ଥାନା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଉକ୍ତ ଟ୍ରକ ଏହି ଥାନା ଅନ୍ତର୍ଗତ କାର୍ବନ ଛକରେ ପାର୍କିଂ କରାଯାଇଥିଲା। ରବିବାର ମିଥୁନ ବାରିକ(୩୪) ଟ୍ରକ କ୍ୟାବିନ ଭିତରେ ପଶି ୧୧ ହଜାର ଟଙ୍କା ଚୋରି କରିନେଇଥିଲେ। ଏଥିସହ ପାଖରେ ଥିବା ଆଉ ଏକ ଟ୍ରକରୁ ମୋବାଇଲ ଚୋରି କରିଥିଲେ। ଏହା ଦେଖି ଚାଳକ ସଦାନନ୍ଦ ଓ ଖଲାସି କାଳିଆ ବାରିକ କୌଶଳ କ୍ରମେ ମିଥୁନଙ୍କୁ କାବୁ କରି ଟଙ୍କା ଓ ମୋବାଇଲ ଉଦ୍ଧାର କରିଥିଲେ। ଏହାପରେ ମିଥୁନଙ୍କ ହାତଗୋଡ ବାନ୍ଧି ଟ୍ରକ ଡାଲାରେ ପକାଇ ସେମାନେ ଚଣ୍ଡିଖୋଲ ଅଭିମୁଖେ ଯାଇଥିଲେ। ତାଙ୍କର ଏପରି ଅବସ୍ଥା ଦେଖି କିଛି ଲୋକ ମାର୍ଶାଘାଇ ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ଉକ୍ତ ଗାଡ଼ିକୁ ପିଛାକରି କେନ୍ଦ୍ରାପଡା ଜିଲାର ହଜାରି ପାଖରେ ଟ୍ରକ ଅଟକାଇ ଥିଲା। ଏହି ସମୟରେ ଖଲାସି ଫେରାର ହୋଇଯାଇଥିବାବେଳେ ମିଥୁନଙ୍କୁ ପୋଲିସ ଉଦ୍ଧାର କରିଥିଲା। ଲକ୍ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିବାରୁ ମାମଲାକୁ ଲକ୍ ଥାନାକୁ ସ୍ଥାନାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ଗତ ମେ'୨୦ରେ ମୋବାଇଲ ଲୁଟ୍ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଟ୍ରକ୍ ସମ୍ମୁଖରେ ବାନ୍ଧି ଗାଡ଼ି କିଛି ବାଟ ଚଲାଯାଇଥିଲା। ଏହି ଘଟଣା ମଧ୍ୟ ଉକ୍ତ ରାଜପଥରେ ଘଟିଥିଲା। ଏହି ଘଟଣାରେ ମାନବାଧିକାର ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ସେତେବେଳେ ଲକ୍ ଥାନା ଏବଂ ଓଡିଶା ମାନବିକ ଅଧିକାର କମିଶନ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

# ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବର୍ଷା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ପାରିବାରିକ ବିବାଦ ମାମଲାରେ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ତାଙ୍କ ସ୍ୱାମୀ ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ସେ ସୋମବାର ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ବର୍ଷାଙ୍କୁ ଟାର୍ଗେଟ କରି ଅନୁଭବ 'ଅକୁହା ସତ' ନାମରେ ୩ଟି ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ କରିଥିଲେ। ଏଥିରେ ବର୍ଷାଙ୍କ ମାନହାନି ହୋଇଥିବା ସେ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଅଭିଯୋଗର ଶୁଣାଣି କରି ହାଇକୋର୍ଟ ଗତ ମେ ୨୭ରେ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସାମାଜିକ ଗଣମାଧ୍ୟମରେ ବର୍ଷା ଓ ଅନୁଭବ ବ୍ୟକ୍ତିଗତ ଜୀବନ ଓ ଚରିତ୍ରକୁ ନେଇ ପରସ୍ପର ବିରୋଧୀ ମନ୍ତବ୍ୟ ଦେବେନାହିଁ ଏବଂ ସର୍ବସାଧାରଣରେ ଆକ୍ଷେପ କରିପାରିବେ ନାହିଁ। ହେଲେ ଏହି ନିର୍ଦ୍ଦେଶକୁ ଅନୁଭବ ମାନୁ ନାହାନ୍ତି। ପୂର୍ବଭଳି ତାଙ୍କୁ ଟାର୍ଗେଟ କରୁଛନ୍ତି। ବର୍ଷାଙ୍କ ସମ୍ପର୍କରେ ଟିପ୍ପଣୀ ଥିବା ଭିଡିଓ ଅନୁଭବ ଅପ୍‌ଲୋଡ କରୁଛନ୍ତି। ତେଣୁ ଅଦାଲତ ଅବମାନନା କରିବା ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଉ ବୋଲି ବର୍ଷା ଅଭିଯୋଗରେ ନିବେଦନ କରିଛନ୍ତି।




# ଦ୍ୱିତୀୟ ଡୋଜ୍ କୋଭିଡ୍ ଟିକା ନେଇନାହାନ୍ତି ୨୯ ଲକ୍ଷ ଲୋକ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୯ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ କରୋନା ବା କୋଭିଡ୍ ଟିକା ନେଇନାହାନ୍ତି। ସେହିଭଳି ୪୦ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ପ୍ରିକଶନ ଡୋଜ୍ ଟିକା ନେଇ ନ ଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସୋମବାର ଟିକାକରଣ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟରେ ୯୦ ପ୍ରତିଶତ ଆଗଧାଡ଼ିର ଯୋଦ୍ଧା ପ୍ରିକଶନ ଡୋଜ୍ ଟିକା ନେଇସାରିଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ୯୬ ପ୍ରତିଶତ, ୧୨ରୁ ୧୪ ବର୍ଷ ବୟସ୍କ ବର୍ଗର ୯୧ ପ୍ରତିଶତ ଓ ୧୫ରୁ ୧୭ ବର୍ଷ ବୟସ୍କ ବର୍ଗର ୮୦ ପ୍ରତିଶତ ପ୍ରଥମ ଡୋଜ ଟିକା ନେଇସାରିଛନ୍ତି। ବର୍ତ୍ତମାନ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟରେ ଘର ଘର ଦସ୍ତକ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ କିଏ ପ୍ରଥମ ଡୋଜ, ଦ୍ୱିତୀୟ ଡୋଜ ଓ ପ୍ରିକଶନ ଡୋଜ ନେଇଛନ୍ତି, ଆଉ କିଏ ଟିକା ନେଇନାହାନ୍ତି ତାହାକୁ ଚିହ୍ନଟ କରାଯାଇ ମୋବାଇଲ ଭ୍ୟାନ ଜରିଆରେ ଟିକା ଦିଆଯାଉଛି। ଜୁନ ୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୬ ହଜାର ୩୩୪ ଡୋଜ ଟିକା ଦିଆସରିଛି। ଏଥିସହ ଏବେ ରାଜ୍ୟର ୨,୨୭୭ଟି ଟିକାକରଣ କେନ୍ଦ୍ରରେ ଟିକାଦାନ ଚାଲିଛି। ଅପରପକ୍ଷେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ଏବେ ପୁଣି ସଂକ୍ରମଣ ଧୀରେ ଧୀରେ ବଢୁଛି। କିନ୍ତୁ ଉଦ୍‌ବେଗଜନକ ସ୍ଥିତି ନାହିଁ। ନିୟନ୍ତ୍ରଣ କରିବାକୁ ପୁରୁଣା ଷ୍ଟ୍ରାଟେଜି ଆପଣେଇଛୁ। ଟିକାକରଣ ସହ ସର୍ଭେଲାନ୍ସକୁ ଜୋରଦାର କରାଯାଇଛି। ୨୧ ତାରିଖ ମଙ୍ଗଳବାରଠାରୁ ଇଣ୍ଟିଗ୍ରେଟେଡ ସର୍ଭେଲାନ୍ସ ଆରମ୍ଭ ହେବ। ଘର ଘର ବୁଲି ରୋଗୀଙ୍କୁ ଚିହ୍ନଟ କରାଯିବ। ସେମାନଙ୍କୁ ଆଇସୋଲେଶନ କରାଯାଇ ଚିକିତ୍ସା କରାଯିବ।



**ଆଜିର ମନ୍ତବ୍ୟ**

"ଜାତୀୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସାଇବର ସୁରକ୍ଷା ମଜଭୁତ ହେବା ଜରୁରୀ। ନରେନ୍ଦ୍ର ମୋଦିଙ୍କ ସରକାର ଏହାକୁ ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକୁ ସୁନ୍ଦର ଘରଣୀ**
**ବଣକୁ ସୁନ୍ଦର ହରିଣୀ ।**

ଉତ୍ତମ ଘରଣୀ ଥିଲେ ଘରର ସମ୍ପଦ ଓ ସୌଭାଗ୍ୟ ବୃଦ୍ଧି ପାଏ। ଉତ୍ତମ ଘରଣୀ ଘରକୁ ସୁବ୍ୟବସ୍ଥିତ ଢଙ୍ଗରେ ଚଳେଇ ନେଇପାରିଥାଏ। ସେହିପରି ହରିଣୀ ଦେଖିବାକୁ ଯେମିତି ସୁନ୍ଦର, ତାର ଧାଁ ଦଉଡ଼ ସେମିତି ମନୋମୁଗ୍ଧକର। ହରିଣର ଉପସ୍ଥିତି ବଣର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ,**
**କଣା କହୁଛି ମେଘ ଦୁଲୁକୁଛି।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବାର ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଶିଶୁ ହେପାଜତ ମାମଲାରେ ହେବିୟସ୍ କର୍ପସ ହୋଇପାରିବ ନାହିଁ: ହାଇକୋର୍ଟ

କଟକ,୨୦।୬

ସ୍ୱାମୀଙ୍କ ଠାରୁ ଶିଶୁକୁ ହେପାଜତକୁ ନେବା ଦାବିରେ ସ୍ତ୍ରୀ କରିଥିବା ଆବେଦନ ଉପରେ ହେବିୟସ୍ କର୍ପସ ଇସ୍ୟୁ କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆବେଦନକାରିଣୀ କୌଶଲ୍ୟା ଦାସଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ୍ ସଂଗ୍ରାମ କୁମାର ସାହୁ ଏବଂ ଏମ୍.ଏମ୍. ରମଣଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଏନେଇ ଖଣ୍ଡପୀଠ ତେଜସ୍ୱିନୀ ଗୌଡ଼ ଏବଂ ଜଗଦୀଶ ପ୍ରସାଦ ତିୱାରୀଙ୍କ ମଧ୍ୟରେ ହୋଇଥିବା ଅନୁରୂପ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଉଦାହରଣ ଦେଇଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଦର୍ଶାଇଥିଲେ ଯେ, ହେବିୟସ୍ କର୍ପସ ପ୍ରୋସିଡିଂ ଶିଶୁର ଆଇନଗତ ହେପାଜତ ପ୍ରସଙ୍ଗକୁ ଯଥାର୍ଥ ଭାବେ ଦର୍ଶାଉନାହିଁ। ଶିଶୁର ହେପାଜତ ଆଇନଗତ ହୋଇ ନ ଥିଲେ, ମାମଲାରେ ହାଇକୋର୍ଟ ରିଟ୍‌କୁ ଗ୍ରହଣ କରିଥାନ୍ତି। ଶିଶୁର କଲ୍ୟାଣ ଓ ବିକାଶ ହେଉଛି ପ୍ରାଥମିକ। ସେଥିପାଇଁ ମହିଳାଙ୍କ ଏଭଳି ଆବେଦନକୁ ହାଇକୋର୍ଟ ଗ୍ରହଣ କରିନାହାନ୍ତି। ମାମଲାରେ ସବିଶେଷ ତଦନ୍ତ ଆବଶ୍ୟକ ଥିବା ଅଦାଲତ କହିଛନ୍ତି। ହେପାଜତ ମାମଲାରେ ଉଭୟ ସ୍ତ୍ରୀ-ସ୍ୱାମୀ ସିଭିଲ୍ କୋର୍ଟରେ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଆର୍ଥିକ ସ୍ଥିତିକୁ ବଞ୍ଚାଇଛି ଖଣି ରାଜସ୍ୱ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

- ୫୦.୭୦% ରେକର୍ଡ ଅଭିବୃଦ୍ଧି
- ୩ ବର୍ଷ ପାଇଁ ବଜେଟ ନିଅଣ୍ଟ ୨.୩%ରେ ସୀମିତ ରହିବ

କୋଭିଡ୍-୧୯ ମହାମାରୀ ପରେ ରାଜ୍ୟର ଆର୍ଥିକ ସ୍ଥିତି ଧୀରେ ଧୀରେ ସୁଧୁରୁଛି। ଟିକସ ଓ ଅଣଟିକସ କ୍ଷେତ୍ରରେ ରାଜସ୍ୱ ଆଦାୟ ବଢୁଛି। ଚଳିତ ଆର୍ଥିକ ବର୍ଷର ମେ' ମଧ୍ୟରେ ରାଜକୋଷକୁ ଖଣିକ୍ଷେତ୍ରରୁ ରାଜସ୍ୱ ଅଭିବୃଦ୍ଧି ୫୦.୭୦ ପ୍ରତିଶତ ହୋଇଛି। ୨୦୨୧ ମେ' ସୁଦ୍ଧା ଖଣିକ୍ଷେତ୍ରରୁ ରାଜସ୍ୱ ଆଦାୟ ୫୭୬୮.୭୭ କୋଟି ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷର ସେହି ସମୟ ପର୍ଯ୍ୟନ୍ତ ୮୧୯୭.୧୮ କୋଟି ହୋଇଛି। ସେହିପରି ଏହି ସମୟ ମଧ୍ୟରେ ଅଣ ଲୁହାପଥର ଓ ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରିଗୁଡ଼ିକରୁ ରାଜସ୍ୱ ଆଦାୟ ୪୨.୦୮ ପ୍ରତିଶତ ବଢ଼ିଛି। କେବଳ ମେ'ରେ ଖଣିକ୍ଷେତ୍ରରୁ ୪୪୩୮.୭୯ କୋଟି ଟଙ୍କା ଆଦାୟ ହୋଇଛି। ୨୦୨୦-୨୧ରେ ଖଣି ରାଜସ୍ୱ ୭୪୬.୭୦ କୋଟି ହୋଇଥିବା ବେଳେ ୨୦୨୧-୨୨ରେ ୫୭୬୮.୭୭ କୋଟିରେ ପହଞ୍ଚିଥିଲା। ବଜାରରେ ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥର ମୂଲ୍ୟ ବୃଦ୍ଧି ଯୋଗୁ ରାଜସ୍ୱ ବୃଦ୍ଧି ପାଇଛି ବୋଲି ଇସ୍ପାତ ଓ ଖଣି ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ଏହି ସମୟ ମଧ୍ୟରେ ରାଜ୍ୟ ସରକାର ୯୨୫୨.୬୭ କୋଟି ଟଙ୍କା ଆଦାୟ କରିଛନ୍ତି। ଉଭୟ ଟିକସ ଓ ଅଣ ଟିକସ ରାଜସ୍ୱ ବାବଦରେ ଓଡ଼ିଶା ୩୮.୭୬ ପ୍ରତିଶତ ରେକର୍ଡ ଅଭିବୃଦ୍ଧି କରିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟ ଏ ବାବଦରେ ୧୧୪୯୫.୭୪ କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ମେ' ମାସ ମଧ୍ୟରେ ୧୫୯୫୦.୯୪ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ୨୦୨୧-୨୨ ମେ' ସୁଦ୍ଧା ୫୩୫୯.୪୬ କୋଟି ଟଙ୍କା ନିଜସ୍ୱ ଟିକସ ଆଦାୟ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୬୬୯୮.୨୭ କୋଟି ଟଙ୍କା ଆଦାୟ କରାଯାଇଛି।

ତେବେ ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ଥିବାରୁ ଆଗାମୀ ୩ ବର୍ଷ ପାଇଁ ବଜେଟ ନିଅଣ୍ଟ ଫିସିକାଲ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ବଜେଟ ମ୍ୟାନେଜ୍‌ମେଣ୍ଟ (ଏଫ୍‌ଆରବିଏମ୍) ଆଇନ-୨୦୦୫ ନିର୍ଦ୍ଧାରିତ ସୀମା ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୨.୩% ମଧ୍ୟରେ ରହିବ ବୋଲି ସରକାର ଆଶା ରଖିଛନ୍ତି, ଯଦ୍ୱାରା ସରକାର ବିଭିନ୍ନ ଉନ୍ନୟନମୂଳକ କ୍ଷେତ୍ର ପାଇଁ ଖୋଲା ବଜାରରୁ ଋଣ କରିପାରିବେ।

# ପୁରୀ ଇନ୍‌ଚାର୍ଜ ଜିଲା ସବ୍‌ରେଜିଷ୍ଟ୍ରାର ନିଲମ୍ବିତ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

- ଏବେ ଆଇଜିଆର, କଟକଙ୍କ କାର୍ଯ୍ୟାଳୟରେ ରହିବେ
- ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିଲା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଶା ରାଜସ୍ୱ ସେବା ବର୍ଗର ସନ୍ତୋଷ କୁମାର ପତିଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେ ପୁରୀଠାରେ ଇନ୍‌ଚାର୍ଜ ଜିଲା ସବ୍‌ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହି ନିଲମ୍ବନ ଅବଧିରେ ଆଇଜିଆର୍, କଟକଙ୍କ କାର୍ଯ୍ୟାଳୟରେ ପତିଙ୍କ ହେଡ୍‌କ୍ୱାଟର ଫିକ୍ସ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ପତିଙ୍କ ନାମରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିଲା।


## classifieds

**Everyday**
0674-2580101, 2549302





**SALE**

Prime commercial property 5000SQ Yards with 40000sqfeet building excellent sea view in Visakhapatnam City [AP]. Direct buyers contact: 9440189823. D-786

Shop for sale Janpath Tower 1st Floor, Room No.-33, sqft.12/10, BBSR.7978469405(M). D-785

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-. 8114929186.** D-73920

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770





**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254





2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618

Shoproom (10'x10') 2 Nos. opposite Biju Patnaik College, main road, Jayadev Vihar, Bhubaneswar. Contact: 9938511622. D-788

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open SPA offer @799/-, positively health benefits, Kalpana. 7846814019. D-73619

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

Organic wheatgrass powder helps Diabetes, cancer, piles, acidity, obesity, arthritis, anaemia, Weakness-8658546824. D-776

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open full body massage ladies and gents. 8327740003, 8093860513. D-73921

**AFFIDAVIT**

By virtue of the affidavit Executive Magistrate, Talcher, I Prasanna Kumar Behera, S/o- Bhaskar Behera, Jagannathpur, P.S.- Colliery, Dist- Angul declare that Subhadra Behera, W/o- Prasanna Kumar Behera and Subhadra Shasmal and Subhadra Sasamal, W/o- Prasanna Kumar Behera is one and same person in our locality.

Sd./- Prasanna Kumar Behera. D-787


# ଜୁଲାଇ ୩ରେ ପିଜିଟି ନିଯୁକ୍ତି ପରୀକ୍ଷା

କଟକ ଅଫିସ,୨୦।୬

**୬ କେନ୍ଦ୍ରରେ ପରୀକ୍ଷା ଦେବେ ୩୧୩୬ ପରୀକ୍ଷାର୍ଥୀ**

ବିଜ୍ଞାନ ପାଠ୍ୟକ୍ରମର ପୋଷ୍ଟ ଗ୍ରାଜୁଏଟ ଟିଚର (ପିଜିଟି) ନିଯୁକ୍ତି ପରୀକ୍ଷା ଆସନ୍ତା ଜୁଲାଇ ୩ରେ ଅନୁଷ୍ଠିତ ହେବ। ଏନେଇ ସୋମବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେବଳ କଟକ ଜୋନ୍‌ର ୬ଟି କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ୩ ପର୍ଯ୍ୟାୟରେ ଉକ୍ତ କେନ୍ଦ୍ରଗୁଡ଼ିକରେ ମୋଟ ୩,୧୩୬ ଜଣ ଆଶାୟୀ ପରୀକ୍ଷା ଦେବେ। ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୯ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବାଧ୍ୟତାମୂଳକ ବିଷୟର ପରୀକ୍ଷା ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଇଚ୍ଛାଧୀନ ବିଷୟର ପରୀକ୍ଷା ହେବ। ତୃତୀୟ ପର୍ଯ୍ୟାୟରେ ଅପରାହ୍ନ ୨ଟା ୩୦ରୁ ୪ଟା ୩୦ ପର୍ଯ୍ୟନ୍ତ କେବଳ ଓଡ଼ିଆ ବିଷୟରେ ପରୀକ୍ଷା କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କଟକ ସହରରେ ପରୀକ୍ଷାର୍ଥୀଙ୍କ ଲାଗି ୬ ସ୍ଥାନରେ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ରହିଛି। ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୪୮୦, ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ନର୍ଥ ବ୍ଲକରେ ୪୩୨ ଏବଂ ସାଉଥ୍ ବ୍ଲକରେ ୪୩୨, ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏବିଆଇଟି) ପରୀକ୍ଷାକେନ୍ଦ୍ରରେ ୪୮୦, କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୪୪୯, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୩୮୩ ଏବଂ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ (ବୋସ) ପରୀକ୍ଷା କେନ୍ଦ୍ରରେ ୪୮୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

## ପ୍ରଥମ ପୃଷ୍ଠାରୁ...

### ପରିବାରର ୯...

ମାନିକ୍ ଭେଟେରିନାରୀ ଡାକ୍ତର ଥିଲେ। ଋଣଭାର ଯୋଗୁ ମାନସିକ ଭାରସାମ୍ୟ ହରାଇ ସେମାନେ ବିଷ ପିଇଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଇଟାଲୀରେ ନବୀନ...

କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ମୁତାବକ, ଏହି ଅବସରରେ ନବୀନ ୟୁରୋପରେ ଅବସ୍ଥାନ କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା କରିବେ। ଏହାସହ ରୋମ୍‌ରେ ଭାଟିକାନ ସିଟିର ଖ୍ରୀଷ୍ଟିଆନ ଧର୍ମଗୁରୁ ପୋପ ଫ୍ରାନସିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବେ। ଏଥିସହିତ ୨୬ରେ ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟମେଣ୍ଟ ମିଟ୍‌ରେ ଯୋଗଦେବା ଲାଗି ଦୁବାଇ ଗସ୍ତ କରିବେ। ୨୯ରେ ଦୁବାଇରେ ମିଡିଲ ଇଷ୍ଟ ପୁଞ୍ଜି ନିବେଶକାରୀଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶ ନେଇ ଆଲୋଚନା କରିବେ।

### ଆଜି ଏସ୍‌ଆଇଟିର...

ହୋଇଥିଲେ ମଧ୍ୟ ବଡ଼ ଅଫିସରଙ୍କୁ ଖସାଇବାକୁ ଷଡ଼ଯନ୍ତ୍ର ଚାଲିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ତେଣୁ ବୈଠକରେ ଏପରି ବଡ଼ ପଦକ୍ଷେପ ନେଇ କିଛି ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ୩ ହାତୀ କଙ୍କାଳ ଉଦ୍ଧାର ଘଟଣାରେ ୬ଜଣଙ୍କୁ ନିଲମ୍ବନ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇଛି। ଫରେଷ୍ଟ ଗାର୍ଡ ପ୍ରଭାତ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ସୋମବାର ସୂଚନା ଦିଆଯାଇଛି। ଏଥିସହ ବନ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ମିଳିଥିବା ସମସ୍ତ ହାତୀ କଙ୍କାଳର ନମୁନା ପରୀକ୍ଷା ପାଇଁ ଓୟୁଏଟିକୁ ଅଣାଯାଇଛି। ନମୁନାରେ ହାଡ଼, ମାଂସ, ବୋନ୍ ମ୍ୟାରୋ ରହିଛି। ନମୁନା ପରୀକ୍ଷାରେ ମୁଖ୍ୟତଃ ତିନୋଟି ଦିଗକୁ ଗୁରୁତ୍ୱ ଦିଆଯିବ। ରୋଗ କିଛି ହୋଇଥିଲା କି ନାହିଁ, ବିଷକ୍ରିୟା ହୋଇଥିଲା କି ନାହିଁ ଏବଂ କେବେ ହାତୀର ମୃତ୍ୟୁ ଘଟିଥିଲା। ସମସ୍ତ ପରୀକ୍ଷା ପରେ ଏସବୁ ଜଣାପଡ଼ିବ ବୋଲି ଓୟୁଏଟି ଅଧୀନରେ ଥିବା ସେଣ୍ଟର ଫର ୱାଇଲ୍ଡଲାଇଫ୍ ହେଲ୍‌ଥ ଇନ୍‌ଚାର୍ଜ ଡା. ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

ସେପଟେ ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ୩ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମଚନ୍ଦ୍ର ଗ୍ରାମର ସୂର୍ଯ୍ୟମଣି ନାୟକ(୪୨), ନୂଆଭୂଇଁ ଗ୍ରାମର ଗଙ୍ଗାଧର ନାୟକ(୬୨) ଓ ଅନନ୍ତ ପ୍ରସାଦ ଗ୍ରାମର ଦିବାକର ସାହୁ। ବନ ବିଭାଗ ଏମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ଅଭିଯୁକ୍ତଙ୍କଠାରୁ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହୃତ ଏକ ହାତ ତିଆରି ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ଏକାଧିକ ଅଭିଯୁକ୍ତ ଏବେବି ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭାଗ ତରଫରୁ ପୋଲିସର ସହାୟତା ନିଆଯାଇଛି ବୋଲି ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମାସକ ଭିତରେ ୩ ହାତୀ କଙ୍କାଳ ଉଦ୍ଧାର ହେବା ଓ ଗୋଟିଏ ଗୁଳିବିଦ୍ଧ ହାତୀ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିବା ପରେ ଆଠଗଡ଼ ବନଖଣ୍ଡର ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଥିଲା। କେନ୍ଦ୍ର ସରକାର ଏହା ଜାଣିବା ପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଲୁଣି ପାଣି କବଳରେ...

କାଣୀ ଡ୍ରେନେଜ ପ୍ରକଳ୍ପ ଏବଂ ବିରୂପା-ଗେଙ୍ଗୁଟି ଦ୍ୱୀପାଞ୍ଚଳରେ ଜଳଯୋଗାଣ ସହ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ ଦୀର୍ଘଦିନ ହେଲା ପ୍ରସ୍ତାବରେ ସୀମିତ ରହିଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ବନ୍ଧା ଗ୍ରାମରେ ବିରୂପା-ଗେଙ୍ଗୁଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ହେଲେ ୮ ବର୍ଷ ବିତିଯାଇଥିଲେ ବି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏଥିପାଇଁ ୨୯ ଏକର ଜମିର ଆବଶ୍ୟକତା ରହିଛି। ହେଲେ ଜମି ମାଲିକମାନେ ଏହାର ବିରୋଧ କରୁଥିବାରୁ ଜମି ଅଧିଗ୍ରହଣ ସମ୍ଭବ ହୋଇ ପାରିନାହିଁ। ଏହିକ୍ରମରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଗତ ମେ ୨୦ରେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ବିକଳ୍ପ ବ୍ୟବସ୍ଥା ଭାବେ ଅଣ୍ଡର ଗ୍ରାଉଣ୍ଡ ପାଇପ୍ ଲାଇନ୍ ସିଷ୍ଟମ୍ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା କରାଗଲେ ଜମି ମାଲିକମାନେ କୌଣସି ପ୍ରକାର କ୍ଷତିଗ୍ରସ୍ତ ହେବେ ନାହିଁ ଏବଂ ଜମି ଅଧିଗ୍ରହଣ ଠାରୁ କମ୍ ବ୍ୟୟରେ କାମ ହୋଇପାରିବ ବୋଲି ତାଙ୍କ ଅନୁରୋଧ ପତ୍ରରେ ଦର୍ଶାଇଥିଲେ। ଏହାପରେ ଗତ ୧୭ ତାରିଖରେ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକ ଆଲୋକ କୁମାର କର ଲବଣାକ୍ତ ଅଞ୍ଚଳରେ ଜଳଯୋଗାଣ କରିବା ପାଇଁ ୟୁଜିପିଏଲ୍ ପ୍ରସ୍ତାବ ଉପରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସାରା ଓଡ଼ିଶାରେ...

କୋରାପୁଟ ଓ ମାଲକାନଗିରି, ୨୩ରେ ସୋନପୁର, ସମ୍ବଲପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଅନୁଗୋଳ, ଦେବଗଡ଼, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ, ୨୪ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ, ୨୫ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୋନପୁର, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ମୌସୁମୀ ଆଗମନ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବୌଦ୍ଧରେ ୧୦୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପ ୭୫.୭, ସୋନପୁର ୬୫, ଭୁବନେଶ୍ୱର ୧୦.୯, ବାରିପଦା ୧୯.୮, ହୀରାକୁଦ ୧୨, ଭବାନୀପାଟଣା ୨୪.୬, ଦାରିଙ୍ଗବାଡି ୧୩, ନୟାଗଡ଼ ୧୮, ନବରଙ୍ଗପୁର ୨୯, ଯାଜପୁର ୧୮, ଢେଙ୍କାନାଳ ୨୮, ପାରଳାଖେମୁଣ୍ଡି ୩୮.୮, ଛତ୍ରପୁର ୧୧.୬, ତାଳଚେର ୧୧, ବଲାଙ୍ଗୀର ୧୦.୨, ବରଗଡ଼ ୯.୮ ଏବଂ ଖୋର୍ଦ୍ଧାରେ ୧୮ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଉତ୍ତେଜନାକୁ ନିୟନ୍ତ୍ରଣକରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟର ଚକ୍ଷୁଶୂଳ ହେବେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ବ୍ୟବସାୟ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ**



ପଡ଼ୋଶୀଙ୍କ ସହଯୋଗରେ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ନିଜର ସ୍ୱାର୍ଥ ହାସଲକରିବା ପାଇଁ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥିଲେ ମଧ୍ୟ ସନ୍ତାନହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ**



ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତକରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। କୌଣସି କର୍ମାରମ୍ଭ ପାଇଁ ପରିବାରରୁ ସହଯୋଗ ପାଇ ଖୁସି ରହିବେ। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**



ପରିସ୍ଥିତି ପ୍ରତି ସଚେତନ ରହି କାମ କରିବା ଦ୍ୱାରା ପ୍ରତ୍ୟେକ ସମସ୍ୟାକୁ ଟାଳିଦେବେ। କୁଟୁମ୍ବଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ କିଛି କହି ପାରିବେ ନାହିଁ। ସନ୍ଧ୍ୟାରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ**



ସମସ୍ୟା ଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ସୃଷ୍ଟି କରିବ। କିନ୍ତୁ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବା ସାଙ୍ଗକୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବ। ବ୍ୟବସାୟରେ ପରିବାରବର୍ଗଙ୍କ ସହାୟତା ପାଇ ଖୁସି ହେବେ।

**କନ୍ୟା**



ନିଜ ପରିସରରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ସାମାଜିକ ସ୍ତରରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**



କାହାକୁ କିଛି ନ କହିଲେ ମଧ୍ୟ ମନ ଭଲ ରହିବ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଦୂରତା ରଖି କାମ କରିବା ଭଲ ହେବ। ଫେରିଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବେ, ଫଳତଃ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେବ।

**ବିଛା**



କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସି କରାଇବାରେ ସାହାଯ୍ୟ କରିବ। ଆପଣ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନକରି ସଫଳ ହେବେ।

**ଧନୁ**



କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, କିନ୍ତୁ କାମ ଅଟକିବ ନାହିଁ। ଶିକ୍ଷା ଓ ପରୀକ୍ଷାରେ ପିଲାମାନଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ।

**ମକର**



କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଘରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କୁମ୍ଭ**



ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷାକରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ କ୍ରନିକ୍ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**



ସଂଯମ ଅଭାବରୁ କର୍ମକ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ପିଲାଙ୍କ ସମସ୍ୟା ସମାଧାନ ପାଇଁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତା ଚଳାଇନେବେ ।

# ଯୋଗ ହରିନେବ ରୋଗ

**ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ ସମ୍ପୂର୍ଣ୍ଣ ଶାରୀରିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ଆଧ୍ୟାତ୍ମିକ ସୁସ୍ଥତା ହିଁ ସ୍ୱାସ୍ଥ୍ୟ। ଯୋଗାଭ୍ୟାସ ଦ୍ୱାରା ଏହି ସମସ୍ତ ପ୍ରକାର ସୁସ୍ଥତା ପ୍ରାପ୍ତ ହୁଏ। ତେବେ ଚଳିତ ବର୍ଷ ଯୋଗ ଦିବସ ଲାଗି ଥିମ୍ ରହିଛି 'ମାନବ ଜାତି ପାଇଁ ଯୋଗ'।**



ଅନ୍ତର୍ଜାତୀୟ ଯୋଗ ଦିବସଟିକୁ ପ୍ରତିବର୍ଷ ଜୁନ୍ ୨୧ରେ ପାଳନ ନିମନ୍ତେ ଜାତିସଂଘ ୨୦୧୪ ଡିସେମ୍ବର ୧୧ରେ ସ୍ଥିର କରିଥିଲା। ଯୋଗ ହେଉଛି ବିଶ୍ୱକୁ ପ୍ରାଚୀନ ଭାରତର ଏକ ଅମୂଲ୍ୟ ଅବଦାନ। ଏହା ପାଖାପାଖି ୫୦୦୦ ବର୍ଷ ତଳେ ଭାରତରେ ବିକଶିତ ହୋଇଥିଲା। ଯୋଗର ଅର୍ଥ ଯୋଗକରିବା ବା ସଂଯୁକ୍ତ କରିବା। ସାରା ବିଶ୍ୱରେ ସର୍ବପ୍ରଥମ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା ୨୦୧୫ ଜୁନ୍ ୨୧ ତାରିଖରେ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ମାନବ ଜାତି ପାଇଁ ଯୋଗ' (Yoga for Humanity)।

**ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ସୁସ୍ଥତା ପାଇଁ ଯୋଗ :** ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ ସମ୍ପୂର୍ଣ୍ଣ ଶାରୀରିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ଆଧ୍ୟାତ୍ମିକ ସୁସ୍ଥତା ହିଁ ସ୍ୱାସ୍ଥ୍ୟ। ଯୋଗାଭ୍ୟାସ ଦ୍ୱାରା ଏହି ସମସ୍ତ ପ୍ରକାର ସୁସ୍ଥତା ପ୍ରାପ୍ତ ହୁଏ। ଆମର ସାଧାରଣତଃ ଧାରଣା ଯେ ଯୋଗ କେତୋଟି ଆସନରେ ହିଁ ସୀମିତ। ସେଥିପାଇଁ ଆମେ ଭାବି ନେଇଥାଉ ଯେ ଯୋଗ କେବଳ ଶରୀର ସ୍ତରରେ ଅନୁକୂଳ ପ୍ରଭାବ ପକାଇଥାଏ। ମାତ୍ର ଏହି ପ୍ରକାର ଭାବନା ଭ୍ରମାତ୍ମକ। ଯୋଗର ପ୍ରଭାବ ବେଶ୍ ବ୍ୟାପକ। ଏହା ଶରୀର, ମନ, ପ୍ରାଣ ବା ଶ୍ୱାସକ୍ରିୟା ମଧ୍ୟରେ ଏକ ସେତୁ ଭଳି କ୍ରିୟା କରିଥାଏ। ଶରୀର, ମନ ଓ ଶ୍ୱାସପ୍ରଶ୍ୱାସ କ୍ରିୟାରେ ସମନ୍ୱୟ ଓ ସଙ୍ଗତି ହୋଇଗଲେ ଜୀବନ ଶାନ୍ତି, ସନ୍ତୋଷ ଓ ପୂର୍ଣ୍ଣତା ଆସିଥାଏ।

ତେବେ ଯୋଗ ଆମ ଶରୀରକୁ ତଥା ଆମ ସ୍ୱାସ୍ଥ୍ୟକୁ କେଉଁପରି ଭାବରେ ପ୍ରଭାବିତ କରେ? ସଂକ୍ଷେପରେ କହିଲେ ଯୋଗ ଦ୍ୱାରା ରୋଗ ନିବାରିତ ହୁଏ ଓ ରୋଗ ଉପଶମ ତଥା ଆରୋଗ୍ୟ ହୋଇଥାଏ ମଧ୍ୟ। ସ୍ୱାସ୍ଥ୍ୟର ସଂଜ୍ଞା ପରିପ୍ରେକ୍ଷୀରେ ବିଚାର କଲେ ଆମେ ଶାରୀରିକ, ମନସ୍ତାତ୍ତ୍ୱିକ, ଆବେଗିକ ଓ ସାମାଜିକ ସ୍ତରରେ ସୁସ୍ଥତା ଓ ସନ୍ତୁଳନ ଉପଭୋଗ କରିବା ଆବଶ୍ୟକ। ସବୁବେଳେ ଆନନ୍ଦ ଅନୁଭବ କରିବା ସହ ସମସ୍ତଙ୍କ ପ୍ରତି ପ୍ରେମ ଭାବ ପୋଷଣ କରିବା ବାଞ୍ଛନୀୟ। ଯୋଗ ଆମକୁ ଏହି ପ୍ରତିଶ୍ରୁତି ଦେଇଥାଏ।

ନିୟମିତ ଯୋଗ ଦ୍ୱାରା ଅସ୍ୱାଭାବିକ ମାନସିକ ଚାପ ଲାଘବ ହୋଇଯାଏ। ଏଥିଲାଗି ଆସନ, ପ୍ରାଣାୟାମ ଓ ଧ୍ୟାନ ବେଶ୍ ଫଳପ୍ରଦ। ଯୋଗ ଓ ଧ୍ୟାନ କଲେ ବୃଦ୍ଧି ପାଇଥାଏ ଅନ୍ତର୍ଦୃଷ୍ଟିର ସାମର୍ଥ୍ୟ। ନିୟମିତ ଯୋଗ କରିବା ଫଳରେ ଓଜନ ହ୍ରାସ ପାଏ। ସୁଷମ ତଥା ସାତ୍ତ୍ୱିକ ଖାଦ୍ୟା ପ୍ରତି ରୁଚି ଜନ୍ମେ। ନିଶା ସେବନ ନିମନ୍ତେ ମନ ହୁଏ ନାହିଁ। ପୁଣି ଯୋଗ ଦ୍ୱାରା ମାଂସପେଶୀଗୁଡିକ ବଳିଷ୍ଠ ହେବା ସଙ୍ଗେ ସଙ୍ଗେ ସନ୍ତୁଳିତ ହୋଇଯାଏ ଶ୍ୱାସକ୍ରିୟା। ତାହାଛଡ଼ା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅତୁଟ ରହିପାରେ ସ୍ୱାସ୍ଥ୍ୟ। ଯୋଗ କରିବା ଦ୍ୱାରା ଶରୀର ସକ୍ରିୟ ଓ ସତେଜ ରହିବା ଫଳରେ ଦୂର ହୋଇଯାଏ କ୍ଳାନ୍ତି। ଶରୀର ଶକ୍ତ, ଦୃଢ଼ ଓ ନମନୀୟ ହୋଇପଡେ। ମାଂସପେଶୀଗୁଡ଼ିକର ସଂକୋଚନ ପ୍ରସାରଣ ହୋଇଯାଏ ସାବଲୀଳ। ଗଣ୍ଠିଗୁଡ଼ିକର କାଠିନ୍ୟ ଦୂରହୋଇ ବୃଦ୍ଧିପାଏ ସେଗୁଡ଼ିକର ଚଳନ କ୍ଷମତା। ଶରୀରର ଅଙ୍ଗଭଙ୍ଗୀରେ ପରିଲକ୍ଷିତ ହୁଏ ଉନ୍ନତି। ଠିଆ ହେବା, ବସିବା, ଚାଲିବା ଓ ଶୋଇବା ସମୟରେ ଅଙ୍ଗଭଙ୍ଗୀ ବେଶ୍ ଅନୁକୂଳ ହେବା ଦ୍ୱାରା ତ୍ରୁଟିଯୁକ୍ତ ଅଙ୍ଗଭଙ୍ଗୀ ଯୋଗୁ ମେରୁଦଣ୍ଡ ଓ ଗଣ୍ଠିରେ ଯନ୍ତ୍ରଣା ଜାତ ହେବାର ସମ୍ଭାବନାକୁ ଦୂରୀଭୂତ କରିଦିଏ ନିୟମିତ ଯୋଗାଭ୍ୟାସ।

**ଗବେଷଣା ଆଧାରିତ ପ୍ରମାଣ :** ଭାରତ ସମେତ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, ହଲାଣ୍ଡ, ଇଟାଲି ଇତ୍ୟାଦି ରାଷ୍ଟ୍ରର ବୈଜ୍ଞାନିକ ତଥା ଚିକିତ୍ସା ବିଜ୍ଞାନୀମାନେ ଯୋଗର ଅନୁକୂଳ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ ଜାରି ରଖିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ଗବେଷଣା ନିବନ୍ଧଗୁଡିକରୁ ପ୍ରମାଣ ମିଳୁଛି ଯେ, ରୋଗ ନିବାରଣ, ରୋଗ ଆରୋଗ୍ୟ, ସୁସ୍ଥତା ପ୍ରାପ୍ତି ଏବଂ ଜୀବନର ଗୁଣାତ୍ମକମାନ ଉନ୍ନତ କରାଇବାରେ ଯୋଗର ପ୍ରଭାବ ସୁଦୂରପ୍ରସାରୀ। ବିଶେଷକରି ଦୀର୍ଘକାଳୀକ ରୋଗଗୁଡିକ ଉପରେ ଯୋଗର ପ୍ରଭାବ ଅତି ଫଳପ୍ରଦ। ତେଣୁ ତାହା ହୃଦ୍‌ରକ୍ତନଳୀ ରୋଗ ହେଉ କି ଉଚ୍ଚ ରକ୍ତଚାପ, କିମ୍ବା ପୃଥୁଳତା, ଫୁସ୍‌ଫୁସ୍ ରୋଗ, ବୃକକ୍ ରୋଗ, ଡାଇବେଟିସ୍, ଗଣ୍ଠି ରୋଗ, ମେରୁଦଣ୍ଡ ରୋଗ, ଆଜମା, ମାନସିକ ରୋଗ, ଅନ୍ତନଳୀ ରୋଗ, ଆଖିରୋଗ, କ୍ୟାନସର ଇତ୍ୟାଦି ହେଉ, ବିବିଧ ବ୍ୟାଧିରେ ଯୋଗ ଚିକିତ୍ସାରୁ ସୁଫଳ ମିଳିପାରିବ। କିନ୍ତୁ ପାରମ୍ପରିକ ଚିକିତ୍ସାରେ ବିଶେଷଜ୍ଞ ଚିକିତ୍ସକଙ୍କ ତତ୍ତ୍ୱାବଧାନ ତଥା ପରାମର୍ଶ ଲୋଡା ପଡୁଥିବା ପରି ଯୋଗ ମାଧ୍ୟମ ଚିକିତ୍ସା ପାଇଁ ଲୋଡା ଯୋଗ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନ ତଥା ପରାମର୍ଶ। ବରଂ ରୋଗୀ ଚିକିତ୍ସାରେ ଚିକିତ୍ସା ବିଶେଷଜ୍ଞ ଓ ଯୋଗ ବିଶେଷଜ୍ଞଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟ ସ୍ଥାପିତ ହୋଇପାରିଲେ ଏହାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ। ଔଷଧ ଭଳି ଏକ ବାହ୍ୟ ମାଧ୍ୟମ ରୋଗ ଆରୋଗ୍ୟ ନିମନ୍ତେ ବିନିଯୋଗ ହୋଇଥାଏ। କିନ୍ତୁ ଯୋଗ ପଦ୍ଧତି ଅବଲମ୍ବନ କଲେ ରୋଗର ଚିକିତ୍ସା ପାଇଁ ଔଷଧ ଭଳି ବାହ୍ୟ ମାଧ୍ୟମ ଆବଶ୍ୟକ ପଡେ ନାହିଁ। ଆବଶ୍ୟକ ପଡେ କେବଳ ରୋଗୀର ବ୍ୟକ୍ତିଗତ ଆସ୍ଥା, ନିଷ୍ଠା ଓ ଆନ୍ତରିକତା। ସୁତରାଂ ଯୋଗ ଚିକିତ୍ସା ହେଉଛି ଔଷଧ ବିହୀନ ସୁ ଚିକିତ୍ସା ବା ଆତ୍ମ-ଚିକିତ୍ସା। ତେବେ ଏହା ଯୋଗ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବା ନିରାପଦ।

**ସବୁଠାରୁ ଶସ୍ତା:** ଯୋଗ ନିମନ୍ତେ ବିଶେଷ ଅର୍ଥ ବ୍ୟୟ କରିବା ପାଇଁ ପଡେନି। ଭଲ ବାୟୁ ଚଳାଚଳ କରୁଥିବା ପରିଷ୍କୃତ କୋଠରି, ଯୋଗ ନିମନ୍ତେ ବିଛେଇବା ଆସନ ଏବଂ ଯୋଗ ଶିକ୍ଷକ ବା ବିଶେଷଜ୍ଞଙ୍କ ବ୍ୟବସ୍ଥା ହୋଇଗଲେ ଯଥେଷ୍ଟ। ମାତ୍ର ଯୋଗାଧ୍ୟାୟୀଙ୍କ ପାଇଁ ଲୋଡ଼ା ସମୟାନୁବର୍ତ୍ତିତା, ନିୟମିତ ଅଭ୍ୟାସ, ବ୍ୟକ୍ତିଗତ ଆଗ୍ରହ ଏବଂ ଅଧ୍ୟବସାୟ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**

ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ,
ମୋ : ୯୪୩୭୭୬୬୧୧୭

# ଆଧ୍ୟାତ୍ମିକ ସାଧନା ଓ ଅଷ୍ଟାଙ୍ଗ ଯୋଗ

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ। ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ,ମହାପୁରୁଷ ଏବଂ ଜଣେ ଯେକୌଣସି ଧର୍ମାବଲମ୍ବୀ ହୁଅନ୍ତୁ, କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି। ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହ ମିଳିତ ହେବାକୁ ଏହା ବୁଝାଇଥାଏ। ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି। ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତ୍ତବୃତ୍ତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି। ଯୋଗସୂତ୍ରର ୪ଟି ବିଭାଗ ବା ପାଦ ରହିଛି- ସେଗୁଡ଼ିକ ହେଲା ସମାଧି ପାଦ, ସାଧନା ପାଦ, ବିଭୂତି ପାଦ ଓ କୈବଲ୍ୟ ପାଦ। ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି। ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି। ବିଭୂତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ। ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ। ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ମନୁଷ୍ୟ ଶରୀର ମଧ୍ୟରେ ତା'ର ମେରୁଦଣ୍ଡ ମଧ୍ୟରେ ମୂଳାଧାର ଚକ୍ରଠାରୁ ଆଜ୍ଞାଚକ୍ର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଷଟ୍ ଚକ୍ର ଅଛି। ସେହିପରି ନାଭି ଦେଶର ପଛପଟେ କୁଣ୍ଡଳିନୀ ଶକ୍ତି ସୁପ୍ତ ହୋଇ ରହିଥାଏ। କୁଣ୍ଡଳିନୀ ଏହି ଷଡ଼ଚକ୍ରକୁ ଭେଦକରି ଅବଶେଷରେ ସହସ୍ର ଦଳ ବିଶିଷ୍ଟ ପଦ୍ମଠାରେ ଉପନୀତ ହୋଇ ପରଂବ୍ରହ୍ମଙ୍କ ସହିତ ମିଳିତ ହୁଏ। ଅର୍ଥାତ୍ ପରଂବ୍ରହ୍ମଙ୍କଠାରେ ଲୀନହୋଇଯାଏ ଏହା ହିଁ ଯୋଗର ସିଦ୍ଧି। ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ 'ସତ୍ୟାନୁସରଣ'ରେ ପ୍ରକାଶ କଲେ - କୌଣସି କିଛିରେ ଯୁକ୍ତହେବା ବା ଏକମୁଖୀ ଆସକ୍ତିର ନାମ ହିଁ ଯୋଗ। ତୁମେ ଯଦି ଯୋଗୀ ହେବାକୁ ଚାହଁ, ତା'ହେଲେ ତୁମକୁ କୌଣସି ଆଦର୍ଶ, ସଦ୍‌ଗୁରୁ ବା ପ୍ରିୟପରମଙ୍କ ସହିତ ଭଲପାଇବା ବା ଆସକ୍ତି ମାଧ୍ୟମରେ ଏପରି ଭାବରେ ଯୁକ୍ତହେବାକୁ ହେବ ଯାହାଫଳରେ ତୁମେ ସର୍ବଦା ଓ ସର୍ବୋତଭାବେ ଏକ ଗଭୀର ତୃପ୍ତି ନେଇ ଚାଲିପାରିବ।

ମହର୍ଷି ପତଞ୍ଜଳିଙ୍କ ଯୋଗସୂତ୍ର ଅନୁଯାୟୀ ୫ଟି ଯମ ରହିଛି। ଏଗୁଡ଼ିକ ହେଉଛି - ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ। ପାଞ୍ଚ ଯମ ମଧ୍ୟରୁ ଅହିଂସାକୁ ସର୍ବୋତ୍ତମ ବୋଲି ସ୍ୱୀକାର କରାଯାଏ। ଅନ୍ୟ ୪ ଯମ ପାଳନ କରିବା ପାଇଁ ଅହିଂସା ଭାବକୁ ସୁଦୃଢ଼ କରିବାକୁ ହୁଏ। ଯେମିତି ଦେଖିଛନ୍ତି, ଅନୁମାନ କରିଛନ୍ତି ବା ଶୁଣିଛନ୍ତି ଠିକ୍ ସେମିତି ବର୍ଣ୍ଣନା କରିବାକୁ ସତ୍ୟ କୁହାଯାଏ। ତେବେ ଏହାର ଆଉ ଏକ ସର୍ତ୍ତ ବି ଅଛି। ଏହି ସତ୍ୟ ଦ୍ୱାରା ପ୍ରାଣୀମାନଙ୍କର କେବଳ କଲ୍ୟାଣ ହିଁ ହେବା ଆବଶ୍ୟକ। ଜନନେନ୍ଦ୍ରିୟ ଦ୍ୱାରା ସଂଯମ ରକ୍ଷାକୁ ବ୍ରହ୍ମଚର୍ଯ୍ୟ କୁହାଯାଏ। ଅନ୍ୟ ଯେକୌଣସି ଇନ୍ଦ୍ରିୟ ତୁଳନାରେ ଜନନେନ୍ଦ୍ରିୟ କାମ ଭାବନାକୁ ଅଧିକ ପ୍ରଲୁବ୍ଧ କରେ। ତେଣୁ ସବୁ ଇନ୍ଦ୍ରିୟକୁ ଶାନ୍ତ ରଖିବା ପାଇଁ ଜନନେନ୍ଦ୍ରିୟ ଉପରେ ସଂଯମ ରଖିବା ଆବଶ୍ୟକ। ନିଜ ଆବଶ୍ୟକତାଠାରୁ ଅଧିକ ଧନସମ୍ପତ୍ତି ଏବଂ ଭୋଗ ସାମଗ୍ରୀ ସଞ୍ଚୟ କରିବାକୁ ମଧ୍ୟ ପାପ ଭାବେ ଗ୍ରହଣ କରାଯାଇଛି। ମହର୍ଷି ପତଞ୍ଜଳି ଯୋଗସୂତ୍ରରେ ୫ଟି ନିୟମ ବର୍ଣ୍ଣନା କରିଛନ୍ତି। ସେଗୁଡ଼ିକ ହେଉଛି- ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ।

**-ଡା. ଉମେଶ ଚନ୍ଦ୍ର ପାତ୍ର,**
ମୋ : ୯୪୩୭୦୫୧୯୫୭

# ପତଞ୍ଜଳି ଯୋଗପୀଠରେ...



ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପତଞ୍ଜଳି ଯୋଗପୀଠ ହରିଦ୍ୱାର ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ପତଞ୍ଜଳି ସ୍ୱେଚ୍ଛାସେବୀଙ୍କ ସହଯୋଗ ସହିତ ସାରା ଦେଶରେ ପାଖାପାଖି ୫୦୦ ବ୍ଲକ୍ ଓ ୭୫ ଜିଲାରେ ୭୫ ଐତିହାସିକ ତଥା ସାଂସ୍କୃତିକ ଦୃଷ୍ଟିରୁ ବିଶିଷ୍ଟ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ କରାଯାଉଛି। ଜୁନ୍ ୨୧(ମଙ୍ଗଳବାର) ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ସହିତ ଦୈନିକ ଆସ୍ଥା ଚ୍ୟାନେଲରେ ପ୍ରାତଃ ୫ଟାରୁ ୭ଟା ୩୦ମିନିଟ୍ ପର୍ଯ୍ୟନ୍ତ ପ୍ରସାରିତ ହେଉଥିବା ଲାଇଭ୍ ଯୋଗ ଅଧିବେଶନ ମାଧ୍ୟମରେ ଯୋଗ କରିବାର ସଂକଳ୍ପ ନେବା ଲାଗି ଯୋଗପୀଠ ପକ୍ଷରୁ କୁହାଯାଇଛି।

Azadi Ka Amrit Mahotsav | Skill India कौशल भारत-कुशल भारत
GOVERNMENT OF INDIA
Ministry of Skill Development & Entrepreneurship



"ଆମର ପ୍ରୟାସ ହେଉଛି ଯେ ଆମର ଯୁବକ ମାନେ ସେମାନଙ୍କ ଆବଶ୍ୟକତା ଅନୁସାରେ ସକ୍ଷମ ହୁଅନ୍ତୁ ଏବଂ ଶୀଘ୍ର ପରିବର୍ତ୍ତନ ହେଉଥିବା ରୋଜଗାରର ଢାଂଚାକୁ ଗ୍ରହଣ କରନ୍ତୁ। ସ୍କିଲିଂ, ରିସ୍କିଲିଂ ଏବଂ ଅପସ୍କିଲିଂ ହେଉଛି ବର୍ତ୍ତମାନ ସମୟର ସବୁଠୁ ବଡ ଆବଶ୍ୟକତା।"
- ନରେନ୍ଦ୍ର ମୋଦୀ

କୌଶଳ ଭାରତ
ସଶକ୍ତ ଭାରତ

ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିସ୍‌ସିପ୍ ମେଳାରେ ଭାଗ ନିଅନ୍ତୁ ଏବଂ ଆପ୍ରେଣ୍ଟିସ୍‌ସିପ୍ ପ୍ରଶିକ୍ଷଣ ସହ ନିଜର ଭବିଷ୍ୟତ ଗଢନ୍ତୁ।

ପ୍ରଧାନମନ୍ତ୍ରୀ
ଜାତୀୟ ଆପ୍ରେଣ୍ଟିସସିପ୍ ମେଳା
ତାରିଖ: 21.06.2022 | ସମୟ ସକାଳ 9 ଟା ରୁ ସଂଧ୍ୟା 5ଟା | ସ୍ଥାନ: ଓଡିଶା
ପଞ୍ଜୀକରଣ ଲିଙ୍କ: https://dgt.gov.in/appmela2022/district.php?name=Odisha

ଅନ୍ ଦ ସ୍ପଟ୍ ଇଣ୍ଟରଭ୍ୟୁ, ମୂଲ୍ୟାଙ୍କନ ଏବଂ ଆପ୍ରେଣ୍ଟିସ୍‌ସିପ୍ ଟ୍ରେନିଂ ଅଫର (ଡେଜିଗନେଟେଡ୍ ଏବଂ ଅପ୍ସନାଲ ଟ୍ରେଡ)

ଯୋଗ୍ୟତା: ପଞ୍ଚମ ରୁ ଦ୍ୱାଦଶ ପାସ, ସ୍କିଲ ଟ୍ରେନିଂ ସାର୍ଟିଫିକେଟଧାରୀ, ଆଇଟିଆଇ ଡିପ୍ଲୋମାଧାରୀ ଏବଂ ଗ୍ରାଜୁଏଟ୍

**ଉଦ୍ୟୋଗ ଗୁଡିକ ପାଇଁ ଲାଭ**
- ନିର୍ଦ୍ଧାରିତ ଷ୍ଟାଇପେଣ୍ଡରେ ଭାରତ ସରକାରଙ୍କ 25% ଯୋଗଦାନ
- ଦକ୍ଷ ମାନବ ସମ୍ବଳ, ଉତ୍ପାଦନ ବଢିବା ସହ ଅଧିକ ଲାଭ ମିଳିବ
- ମ୍ୟାନୁଫ୍ୟାକଚରିଂ, ସର୍ଭିସ୍ ଏବଂ ଟ୍ରେଡ୍ ଭଳି ବିଭିନ୍ନ କ୍ଷେତ୍ରରେ ଆପ୍ରେଣ୍ଟିସ୍‌ସିପ୍ ପ୍ରଶିକ୍ଷଣ ଦିଆଯାଇପାରିବ
- ପ୍ରାର୍ଥୀମାନଙ୍କୁ ଚାକିରି କୌଶଳରେ ପ୍ରଶିକ୍ଷଣ ଦିଆଯିବ, ଯେଉଁମାନଙ୍କୁ ପରେ ସ୍ଥାୟୀ କର୍ମଚାରୀ ଭାବରେ ନିଯୁକ୍ତି ଦିଆଯିବ

**ଆପ୍ରେଣ୍ଟିସ୍ ମାନଙ୍କ ପାଇଁ ଲାଭ**
- 36ରୁ ଉର୍ଦ୍ଧ୍ୱ କ୍ଷେତ୍ରରେ 100 ରୁ ଅଧିକ କମ୍ପାନୀ ଭାଗ ନେଉଛନ୍ତି: ପାୱାର, ରିଟେଲ, ଟେଲିକମ୍, ଆଇଟି, ଇଲେକ୍ଟ୍ରୋନିକ୍ସ ଅଟୋମୋଟିଭ୍ ଏବଂ ଆହୁରି ଅନେକ କ୍ଷେତ୍ର
- ଓଡିଶାର 10ଟି ଜିଲ୍ଲାରେ ଆୟୋଜନ କରା ଯାଉଛି
- 500 ରୁ ଅଧିକ ଟ୍ରେଡରେ ଆପ୍ରେଣ୍ଟିସ୍‌ସିପ୍‌ର ସୁଯୋଗ (ଫିଟର ଇଲେକ୍ଟ୍ରିସିଆନ, ୱେଲଡର, ଇଲେକ୍ଟ୍ରୋନିକ୍ସ ମେକାନିକ୍, ସିଓପିଏ, ହାଉସକିପର ବିୟୁଟିସିଆନ, ହେୟାରଡ୍ରେସର, ଜେନେରାଲ୍ ପେଣ୍ଟର, ଷ୍ଟେନୋଗ୍ରାଫର ଇତ୍ୟାଦି)

**ଆବଶ୍ୟକ ଦସ୍ତାବିଜ୍**
- ବାୟୋଡାଟା
- ଦସ୍ତାବିଜ୍ ଯୋଗ୍ୟତା ପ୍ରମାଣପତ୍ର, ମାର୍କସିଟ୍ (ପଞ୍ଚମ ରୁ ଦ୍ୱାଦଶ), ସ୍କିଲ୍ ଟ୍ରେନିଂ ସାର୍ଟିଫିକେଟ୍, ଆଇଟିଆଇ ଡିପ୍ଲୋମା, ଅଣ୍ଡର ଗ୍ରାଜୁଏଟ୍ ଏବଂ ଗ୍ରାଜୁଏଟ୍ (ବିଏ, ବି.କମ, ବି.ଏସସି ଇତ୍ୟାଦି)

davp 63101/13/0008/2223

ଏବେ ହିଁ ପଞ୍ଜିକରଣ କରନ୍ତୁ
ଅଧିକ ବିବରଣୀ ଜାଣିବା ଏବଂ ପଞ୍ଜିକରଣ କରିବା ପାଇଁ QR କୋଡ ସ୍କାନ୍ କରନ୍ତୁ।
ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିସସିପ୍ ମେଳାରେ ଅଂଶଗ୍ରହଣ କରିବା ପାଇଁ ନିକଟସ୍ଥ ଆଇଟିଆଇ ସେଣ୍ଟରକୁ ଯାଆନ୍ତୁ।
@MSDESkillIndia
@SkillIndiaOfficial

DSPL - 80

ଅଷ୍ଟମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଅଷ୍ଟମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

"ଯୋଗ" ଭାରତୀୟ ପରମ୍ପରାର ଏକ ଅନନ୍ୟ ସଂପଦ, ଯାହା ଆଜି ସମଗ୍ର ବିଶ୍ୱରେ ଆଦୃତ । ଯୋଗ ମାଧ୍ୟମରେ ଶରୀର ଓ ମନର ସମନ୍ୱୟ ରକ୍ଷା ସହିତ ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟି ଅନେକ ପ୍ରକାର ରୋଗର ପ୍ରାଦୁର୍ଭାବରୁ ମୁକ୍ତି ମିଳିଥାଏ । ଏହା ସହିତ ମାନସିକ ଚାପ, ଅବସାଦ, ଦୁଶ୍ଚିନ୍ତା ଇତ୍ୟାଦିରୁ ମୁକ୍ତି ମିଳିବା ସଙ୍ଗେ ସଙ୍ଗେ ମାନସିକ ସ୍ଥିତିରେ ମଧ୍ୟ ଉନ୍ନତି ଆସିଥାଏ । ଏକ ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସର ଉପଯୋଗିତା ଯଥେଷ୍ଟ ଅଧିକ ।

ଆସନ୍ତୁ, ସମସ୍ତେ ନିୟମିତ ଯୋଗାଭ୍ୟାସ କରି ଏକ ସୁସ୍ଥ, ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ଅଷ୍ଟମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା



ସମସ୍ତ ଓଡ଼ିଶାବାସୀଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସ - ୨୦୨୨ର ଶୁଭେଚ୍ଛା ଓ ଅଭିନନ୍ଦନ ।

"ଯୋଗ" ଏକ ସହଜ, ସରଳ ଏବଂ ସାମଗ୍ରିକ ପ୍ରକ୍ରିୟା ଯାହାକୁ ଆମେ ସମସ୍ତେ ଘରେ ଘରେ ଅଭ୍ୟାସ କରିପାରିବା । ଏହାଦ୍ୱାରା ବ୍ୟକ୍ତି ଏବଂ ବିଶ୍ୱ ମଧ୍ୟରେ ଏକତ୍ୱ ସ୍ଥାପିତ ହେବା ସହିତ ଶାରୀରିକ, ମାନସିକ ଏବଂ ସାମାଜିକ କ୍ଷେତ୍ରରେ ସମନ୍ୱୟ ସ୍ଥାପିତ ହୋଇଥାଏ । ଏହାର ନିୟମିତ ଅଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟିବା ସହିତ ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ । ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହା ସହାୟକ ହୋଇଥାଏ ।

ଆଜିର ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତେ ନିୟମିତ ଯୋଗ ଅଭ୍ୟାସ କରିବାକୁ ଅନୁରୋଧ ।

(ନବ କିଶୋର ଦାସ )

OIPR-10056/13/0003/2223

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡ଼ନ୍ତି। କିନ୍ତୁ ସତ୍‌ପଥରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

# ହିଂସା ନିନ୍ଦନୀୟ, ପ୍ରତିବାଦ ସ୍ୱାଗତଯୋଗ୍ୟ

ଭାରତର ପ୍ରତିରକ୍ଷା କ୍ଷେତ୍ରରେ ନିଯୁକ୍ତି ସଂକ୍ରାନ୍ତୀୟ କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନା ଏବେ ବିଷମ ସ୍ଥିତି ସୃଷ୍ଟି କରିଛି। ସେନାରେ ୪ ବର୍ଷିଆ ଅସ୍ଥାୟୀ ନିଯୁକ୍ତିକୁ ବିରୋଧ କରାଯାଇ ଦେଶର ବିଭିନ୍ନ ଭାଗରେ ପ୍ରତିବାଦ କରାଯାଉଛି। ଯୁବବର୍ଗ ଟ୍ରେନ୍‌ରେ ନିଆଁ ଲଗାଇ ଦେଇଥିବା ବେଳେ ଗାଡ଼ିମୋଟର ଭଙ୍ଗାରୁଜା କରି କେନ୍ଦ୍ର ସରକାରଙ୍କ ବିରୋଧରେ ଧ୍ୱନିମାନ ଦେଉଛନ୍ତି। ୧୯ ଜୁନ୍‌ରେ କେନ୍ଦ୍ର ସରକାର ସ୍ପଷ୍ଟ କରିଥିଲେ, କୌଣସି ପ୍ରକାରେ ଏହି ଯୋଜନାକୁ ପ୍ରତ୍ୟାହାର କରାଯିବ ନାହିଁ। ଏହା ପରେ କେତେକ ସଙ୍ଗଠନ ପକ୍ଷରୁ ୨୦ ଜୁନ୍‌ରେ ଭାରତ ବନ୍ଦ କରାଯାଇଥିବା ଖବର ମିଳିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ ଭାଜପାର ବରିଷ୍ଠ ନେତା କୈଳାଶ ବିଜୟଭର୍ଗୀୟା ଦେଇଥିବା ମନ୍ତବ୍ୟ ଏବେ ଆଉ ଏକ ଅପ୍ରୀତିକର ବିବାଦ ସୃଷ୍ଟି କରିଛି। ସେ ମଧ୍ୟପ୍ରଦେଶର ଇନ୍ଦୋରଠାରେ ୧୯ ଜୁନ୍‌ରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ଯଦି ସେ ଦଳରେ ସିକ୍ୟୁରିଟି ବା ଚୌକିଦାର ରଖିବାକୁ ଚାହିବେ ତାହା ହେଲେ ଅଗ୍ନିବୀରମାନଙ୍କୁ ଅଗ୍ରାଧିକାର ଦେବେ। ସ୍ଥିତି ଅଣାୟତ୍ତ ଥିବା ବେଳେ ବିଜୟଭର୍ଗୀୟାଙ୍କ ମନ୍ତବ୍ୟ ଦେଶର ଯୁବବର୍ଗଙ୍କୁ ଅସମ୍ମାନିତ କଲାଭଳି ମନେହେଉଛି। ଅନ୍ୟପକ୍ଷରେ ତାଙ୍କ ମନ୍ତବ୍ୟକୁ 'ଟୁଲ୍‌କିଟ୍ ଗ୍ୟାଙ୍ଗ୍' ବିକୃତ କରିଛନ୍ତି ବୋଲି ସେ ସଫେଇ ଦେଇଛନ୍ତି। ଯେଉଁମାନେ ଅଗ୍ନିବୀର ହେବେ ସେମାନେ ପ୍ରଶିକ୍ଷିତ ଓ କର୍ତ୍ତବ୍ୟ ପ୍ରତି ବଦ୍ଧପରିକର ହୋଇଥିବାରୁ ସେମାନଙ୍କୁ ଯେକୌଣସି କ୍ଷେତ୍ରରେ ନିୟୋଜିତ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବିଜୟଭର୍ଗୀୟାଙ୍କ ପ୍ରଥମ ବୟାନ ଓ ପରବର୍ତ୍ତୀ ସମୟର ସଫେଇରୁ ହୃଦ୍‌ବୋଧ ହେଉଛି ଯେ, ଭାଜପା ନେତୃବୃନ୍ଦ ଅନେକ କଥା କହିବାକୁ ଆଗଭର ହୋଇ ବାହାରି ପଡୁଛନ୍ତି। ଭାବୁଛନ୍ତି ଅତ୍ୟଧିକ ମାତ୍ରାର ବୀରତ୍ୱ ଦେଖାଇଲେ ତାଙ୍କର ଅସ୍ତିତ୍ୱ ଦଳରେ ଦୃଢ଼ୀଭୂତ ହେବ। ପରବର୍ତ୍ତୀ ସମୟରେ ଯେତେବେଳେ ସେହି ମନ୍ତବ୍ୟ ଦଳକୁ ଅସୁବିଧାରେ ପକାଉଛି ସେଥିରୁ ଖସିବା ସକାଶେ ଟୁଲ୍‌କିଟ୍ ଭଳି ଅନେକ ମନଗଢ଼ା ଶବ୍ଦ ବ୍ୟବହାର କରି ମନ୍ତବ୍ୟ ବଦଳାଇ ଦିଆଯାଉଛି। ବିଜୟଭର୍ଗୀୟାଙ୍କ ମୂଳ କଥା ଥିଲା ଅଗ୍ନିବୀରମାନଙ୍କୁ ଦେଶବ୍ୟାପୀ ଥିବା ଭାଜପା କାର୍ଯ୍ୟାଳୟରେ ଚୌକିଦାର ଭାବେ କାର୍ଯ୍ୟ କରିବାର ସୁଯୋଗ ଦିଆଯିବ।

**ଅଗ୍ନିପଥ ବିରୋଧୀମାନେ ତାହା ହୁଏତ ନ କରିପାରନ୍ତି। କିନ୍ତୁ ଦେଶର ବିଭିନ୍ନ ସ୍ଥାନରେ ଏକସଙ୍ଗେ ହୋଇଥିବା ପ୍ରତିବାଦରେ ହିଂସାକୁ ଖଣ୍ଡନ କରିବା ସହିତ ଏହା ମଧ୍ୟ କୁହାଯିବା ଦରକାର ଯେ ଏହି ଯୁବକମାନେ ଦର୍ଶାଇଦେଇଛନ୍ତି, କେନ୍ଦ୍ର ସରକାରଙ୍କ ଧମକକୁ ଦେଶବାସୀ ଆଉ ଡରିବାକୁ ପ୍ରସ୍ତୁତ ନୁହନ୍ତି।**

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ 'ଚୌକିଦାର' ଶବ୍ଦକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ଭାଜପାର ନେତା ଓ କର୍ମୀମାନେ ସାମାଜିକ ଗଣମାଧ୍ୟମ ଯଥା ଟୁଇଟର ଓ ଫେସ୍‌ବୁକ୍‌ରେ ନିଜ ନାମ ପୂର୍ବରୁ 'ଚୌକିଦାର' ଶବ୍ଦ ଯୋଡ଼ିଥିଲେ। ଏହା ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଯେତେବେଳେ ଚୌକିଦାର ବୋଲି ନିଜ ଟୁଇଟରରେ ଲେଖିଥିଲେ। ଦୁଆର ଜଗିବା ଦୂରର କଥା, ଲୋକଙ୍କ ଆଶୀର୍ବାଦ ଯୋଗୁ ପୁନର୍ବାର ଚୌକି ମିଳିଲା।

ଏବେ ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଚେତାବନୀ ଦେଇଛନ୍ତି, ପୋଲିସ ଯେଉଁମାନଙ୍କୁ ବିକ୍ଷୋଭକାରୀ ଭାବେ ଚିହ୍ନଟ କରିବ ସେମାନଙ୍କୁ ସେନାରେ ନିଯୁକ୍ତି ଦିଆଯିବ ନାହିଁ। କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ମୋଦି ସରକାର କହିଥିଲେ ବର୍ଷକୁ ଦୁଇ କୋଟି ନିଯୁକ୍ତି ଦେବେ। ତାହା ନ ହୋଇଲା। ବରଂ 'ଅଗ୍ନିପଥ' ଭଳି ଅସ୍ଥାୟୀ ନିଯୁକ୍ତି ଯୋଜନା କରାଯିବା ଦ୍ୱାରା ଦେଶରେ ହିଂସା ସୃଷ୍ଟି ହୋଇଛି। ଏଭଳି ହିଂସାତ୍ମକ ଓ ବ୍ୟାପକ ପ୍ରତିକ୍ରିୟାରୁ ଗୋଟିଏ କଥା ସ୍ପଷ୍ଟ ବୁଝାପଡୁଛି। ତାହା ହେଲା ବେକାରି ସମସ୍ୟା ଦେଶରେ ଉତ୍କଟ ସ୍ତରରେ ପହଞ୍ଚିଗଲାଣି। ସରକାରଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥାରେ ଚାକିରି ପାଇବାର ସୁଯୋଗ ମିଳୁ ନ ଥିବା ହେତୁ ଯୁବପିଢ଼ି ଏବେ ହତାଶ ହୋଇପଡ଼ିଛି। କୁହାଯାଇପାରେ, ସରକାରୀ ନିଯୁକ୍ତି ପାଇଁ ବିକଳ ହେଉଥିବା ଯୁବକ କାର୍ଯ୍ୟକ୍ଷମ ନୁହେଁ ବୋଲି ବିକଳ୍ପ ପାଉନାହିଁ। ଏହାଠାରୁ ବଡ଼ ଅସତ୍ୟ କିଛି ନାହିଁ। ଦକ୍ଷତା ଥିବା ସତ୍ତ୍ୱେ ଘରୋଇ ସଂସ୍ଥାରେ ନିଯୁକ୍ତିର ମଧ୍ୟ ସୁଯୋଗ ନାହିଁ। ଅଧିକାଂଶ ବ୍ୟବସାୟ ବୁଡ଼ିଯାଇଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ପତନ ୨୦୧୬ ବିମୁଦ୍ରୀକରଣଠାରୁ ଆରମ୍ଭ ହୋଇଛି। ସେହି କ୍ଷେତ୍ରରେ ସର୍ବାଧିକ ନିଯୁକ୍ତିର ସୁଯୋଗ ମିଳୁଥିଲା। ବିରାଟକାୟ ଶିଳ୍ପସଂସ୍ଥାଗୁଡ଼ିକ ଅଟୋମେଶନ ଓ ରୋବୋଟିକ୍ସ ଭଳି କୌଶଳ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି।

ଶେଷରେ ଅଗ୍ନିପଥ ଯୋଜନା ବିରୋଧରେ ହେଉଥିବା ପ୍ରତିବାଦରୁ ଏକ ସକାରାତ୍ମକ ଦିଗ ମଧ୍ୟ ଦେଖାଯାଉଛି। ସରକାରୀ ସମର୍ଥକମାନେ କୃଷକଙ୍କ ଆନ୍ଦୋଳନକୁ ଦେଶବିରୋଧୀ, ଖଲିସ୍ଥାନ ସମର୍ଥିତ ଏବଂ ଅଣହିନ୍ଦୁ ବୋଲି ଆଖ୍ୟା ଦେବା ସତ୍ତ୍ୱେ ନରେନ୍ଦ୍ର ମୋଦିଙ୍କ ତଥାକଥିତ ଅତ୍ୟନ୍ତ ଶକ୍ତିଶାଳୀ ସରକାର ମାଇଲା ମୂଷା ଭଳି ୩ଟି କୃଷି ଆଇନକୁ ପ୍ରତ୍ୟାହାର କରିନେଲେ। ଅର୍ଥାତ୍ ଏକ ସୁଦୃଢ଼ ଓ ସୁସ୍ଥ ଗଣତନ୍ତ୍ରରେ ଥରେ ଭୋଟ ପାଇ କ୍ଷମତାସୀନ ସରକାର ୫ ବର୍ଷପର୍ଯ୍ୟନ୍ତ 'ଯାହା ଚାହିଁବେ-ତାହା କରିବେ' ପରିସ୍ଥିତି ରହିବା ଉଚିତ ନୁହେଁ। ସମସ୍ତେ ଭାବିଥିଲେ କେବଳ ହରିୟାଣା ଓ ପଞ୍ଜାବରେ କୃଷକମାନେ ଅତି ସଙ୍ଗଠିତ ବୋଲି ସରକାରଙ୍କୁ ନୈଆଁ ମାରି ମୁହଁ ପୋଛି ଦେଇଥିଲେ। ଅଗ୍ନିପଥ ବିରୋଧୀମାନେ ତାହା ହୁଏତ ନ କରିପାରନ୍ତି। କିନ୍ତୁ ଦେଶର ବିଭିନ୍ନ ସ୍ଥାନରେ ଏକସଙ୍ଗେ ହୋଇଥିବା ପ୍ରତିବାଦରେ ହିଂସାକୁ ଖଣ୍ଡନ କରିବା ସହିତ ଏହା ମଧ୍ୟ କୁହାଯିବା ଦରକାର ଯେ ଏହି ଯୁବକମାନେ ଦର୍ଶାଇଦେଇଛନ୍ତି, କେନ୍ଦ୍ର ସରକାରଙ୍କ ଧମକକୁ ଦେଶବାସୀ ଆଉ ଡରିବାକୁ ପ୍ରସ୍ତୁତ ନୁହନ୍ତି। ହିଂସା ନିନ୍ଦନୀୟ, ପ୍ରତିବାଦ ସ୍ୱାଗତଯୋଗ୍ୟ।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 3 | | 9 | 7 | |
| | | | 6 | | 2 | | 4 | |
| 3 | | | | | | | | |
| | 5 | | 4 | | | 1 | | |
| | | | | 9 | | | 2 | |
| | | 6 | | | | 8 | | |
| 1 | | | | 4 | 5 | | | |
| | | | | | 3 | 6 | | |
| 8 | | | 1 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 7 | 9 | 8 | 3 | 1 | 5 |
| 9 | 3 | 5 | 4 | 1 | 2 | 8 | 6 | 7 |
| 1 | 7 | 8 | 6 | 5 | 3 | 9 | 4 | 2 |
| 2 | 1 | 6 | 9 | 4 | 5 | 7 | 3 | 8 |
| 3 | 5 | 4 | 2 | 8 | 7 | 1 | 9 | 6 |
| 8 | 9 | 7 | 3 | 6 | 1 | 2 | 5 | 4 |
| 7 | 6 | 1 | 8 | 3 | 4 | 5 | 2 | 9 |
| 4 | 2 | 3 | 5 | 7 | 9 | 6 | 8 | 1 |
| 5 | 8 | 9 | 1 | 2 | 6 | 4 | 7 | 3 |

ଗତକାଲିର ଉତ୍ତର

# ବିଜ୍ଞାନ, ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ



ଡ. ମନୋରଞ୍ଜନ ପ୍ରଧାନ

ଖୁବ୍‌କମ୍‌ଦିନ ତଳେ ଜଣେ ବିଶିଷ୍ଟ ଓଡ଼ିଆ ବୈଜ୍ଞାନିକଙ୍କ ସହ ଏକ ଆଭାସି ଆଲୋଚନା ଚକ୍ରରେ ଯୋଗଦେବାର ସୁଯୋଗ ପାଇଥିଲି। ବୈଜ୍ଞାନିକ ଜଣକ ଦୀର୍ଘ ପଚାଶ ବର୍ଷ ହେଲା ଯୁକ୍ତରାଷ୍ଟ୍ର ଆମେରିକାରେ ରହି ବିଜ୍ଞାନ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ ଗବେଷଣା କରି ଅନେକ ଜିନିଷ ମାନବ କଲ୍ୟାଣ ପାଇଁ ଭେଟି ଦେଇଛନ୍ତି। ସେଦିନ ଆଲୋଚନାର ଶୀର୍ଷକ ଥିଲା ଆଜିର ବୈଶ୍ୱିକ ପରିପ୍ରେକ୍ଷୀରେ ଶିକ୍ଷାର ଆବଶ୍ୟକତା। ସେ ଭାରତ ଓ ପାଶ୍ଚାତ୍ୟର ଅନେକ ଦେଶରେ ପ୍ରଚଳିତ ବିଭିନ୍ନ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ଭାବରେ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେଲା। ଜଣେ ପ୍ରଫେସର ପଚାରିଲେ ଭାରତୀୟ ଶିକ୍ଷା ଓ ବିଦେଶର ଶିକ୍ଷା ବ୍ୟବସ୍ଥା ଭିତରେ ବିଶେଷ ଫରକ କ'ଣ ? ବୈଜ୍ଞାନିକ ଜଣକ ନିଜ ଅନୁଭୂତି, ଗବେଷଣା ଓ ଦୀର୍ଘ ବର୍ଷର ବିଭିନ୍ନ ସ୍ଥାନ ଭ୍ରମଣର ଏକ ବିସ୍ତୃତ ତଥ୍ୟ ଉପସ୍ଥାପନ କରିବାକୁ ଯାଇ ଯାହା କହିଲେ ତାହା ସଂକ୍ଷେପରେ ବର୍ଣ୍ଣନା କରୁଛି, ଯାହା ଆମ ପାଇଁ ଉପଯୋଗୀ।

ସେ କହିଲେ ଆମ ଶିକ୍ଷା ବ୍ୟବସ୍ଥା ମୂଲ୍ୟବୋଧଭିତ୍ତିକ, ମାନବିକତା ଆଧାରିତ ଓ ଆଧ୍ୟାତ୍ମିକ ଚେତନା କୈନ୍ଦ୍ରିକ ହୋଇଥାଏ। କିନ୍ତୁ ବିଦେଶର ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଭୌତିକ ବିକାଶର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ। ସେଠାରେ ପ୍ରତିଯୋଗିତା, ଶିଳ୍ପ ତଥା ଔଦ୍ୟୋଗିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ସେମାନେ ବଡ଼ ବଡ଼ ଡିଗ୍ରୀଧାରୀଙ୍କ ଅପେକ୍ଷା ପ୍ରାମାଣିକ ତଥା ପ୍ରାୟୋଗିକ ବା ବାସ୍ତବ ଜ୍ଞାନ କୌଶଳରେ ପାରଙ୍ଗମ ବ୍ୟକ୍ତି ଓ ବ୍ୟକ୍ତିତ୍ୱକୁ ଗୁରୁତ୍ୱ ଦିଅନ୍ତି। ସେମାନଙ୍କ ଆଗରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ମୌଳିକ ଚିନ୍ତନ ଓ ପ୍ରୟୋଗାତ୍ମକ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମ ଦେଶରେ ଶିକ୍ଷକମାନେ ପୁସ୍ତକ ଲିଖିତ ବିଷୟବସ୍ତୁକୁ ବେଶି ଗୁରୁତ୍ୱ ଦିଅନ୍ତି। ସେ କହିଥିଲେ ଯେ, ବିଦେଶରେ ଶିକ୍ଷକମାନେ ପ୍ରଥମେ ଗବେଷକ, ତା'ପରେ ଶିକ୍ଷକ। ସେମାନେ ପିଲାଙ୍କ ଉପରେ ତଥ୍ୟ ବୋଝ ଲଦି ନ ଦେଇ, ବିଦ୍ୟାର୍ଥୀର ଦକ୍ଷତା ଓ ସାମର୍ଥ୍ୟ ଅନୁଯାୟୀ ଗବେଷଣାଗତ ସନ୍ଦର୍ଭ ଉପସ୍ଥାପନା କରନ୍ତି। ଫଳରେ ଛାତ୍ରୀଛାତ୍ରମାନେ ତଥ୍ୟର ପରୀକ୍ଷାର୍ଥୀ ନ ହୋଇ ଜୀବନ ତଥା ସମାଜ ଉପଯୋଗୀ କିଛି ଆବିଷ୍କାର ବା ଉଦ୍ଭାବନ ପଛରେ ଲାଗିପଡ଼ନ୍ତି। ସେମାନଙ୍କ ମଧ୍ୟରୁ ସିଂହଭାଗ ଛାତ୍ରୀଛାତ୍ରୀ ଚାକିରି ପଛରେ ନ ଗୋଡ଼ାଇ ନିଜେ କିଛି କରିବାର ମାନସିକତା ବିକାଶ କରନ୍ତି। ତେଣୁ ସେମାନେ ଚାକିରିଆ ହୋଇ ଭୃତ୍ୟ ଜୀବନ ପରିବର୍ତ୍ତେ ଉଦ୍‌ଯୋଗୀ ଓ ଉଦ୍ୟୋଗୀ ହେବା ପାଇଁ ଉଚିତ ମନେକରନ୍ତି। ସେଥିପାଇଁ ସେ ଦେଶଗୁଡ଼ିକ ନୂତନ ଗବେଷଣା କ୍ଷେତ୍ରରେ ଆଗୁଆ ଓ ଆର୍ଥିକ ସ୍ଥିତିରୁ ସଫଳ ଓ ସବଳ। କିନ୍ତୁ ଶାଶ୍ୱତ ଚିନ୍ତନ ଓ ମାନବବାଦୀ ଚିନ୍ତା ଏବଂ ଚେତନାରେ ଆମେ ଶୀର୍ଷରେ। ସେମାନେ ନିଜେ କିଛି କରିବା ପାଇଁ ଅନ୍ୟର ସ୍ୱାର୍ଥ କଥାକୁ ବିଶେଷ ଗୁରୁତ୍ୱ ନ ଦେଇ ଏକ ପ୍ରତିଯୋଗିତାମୂଳକ ପ୍ରବଣତାରେ ବହୁକିଛି କରିବାକୁ ଅଗ୍ରସର ହୋଇଥାନ୍ତି। କିନ୍ତୁ ଆମେ ଛୋଟିଆ କାମଟିଏ କଲାବେଳେ ମଧ୍ୟ ସମସ୍ତଙ୍କ ହିତ କଥା ଚିନ୍ତା କରିଥାଉ। ଆମେ 'ସକଳ ଘଟେ ନାରାୟଣ ଓ ଶିବ ଜ୍ଞାନେ ଜୀବ ସେବା' ଆଦର୍ଶର ଅନୁପ୍ରାଣିତ ଓ ଅନୁପାଳକ। ପ୍ରତିଯୋଗିତା ନାମରେ ଅନ୍ୟର କ୍ଷତି କରି ନିଜେ ବଡ ଲୋକ ହେବାର ମାନସିକତା ଆମ ଚିନ୍ତା, ଚେତନା ଓ ସଂସ୍କୃତିର ପରିପନ୍ଥୀ। ତେବେ ଆମକୁ ଆମର ଆଧ୍ୟାତ୍ମିକ ବିଚାର, ପ୍ରାଚୀନ ଦର୍ଶନ ସହ ପାଶ୍ଚାତ୍ୟ ବିଜ୍ଞାନର ସହାୟତା ନେବା ଆଜିର ସମୟରେ ଅପରିହାର୍ଯ୍ୟ ମନେହୁଏ।



ଆମ ଦେଶରେ ବାସ୍ତବ ଶିକ୍ଷାର ସମସ୍ତ ବୈଶିଷ୍ଟ୍ୟ ଉପଲବ୍ଧ ଥିବା ବେଳେ ଆଉ ଗୋଟିଏ ବୈଶିଷ୍ଟ୍ୟକୁ ତୁରନ୍ତ ଯୋଡିବାକୁ ସେ ନିବେଦନ କରିଥିଲେ। ତାଙ୍କ ମତରେ ପ୍ରକୃତ ଶିକ୍ଷା ଚାରୋଟି ଦିଗ ଉପରେ ପର୍ଯ୍ୟବସିତ। ଯଥା- ଜ୍ଞାନ, ବିଜ୍ଞାନ, ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ। ଆମ ପାଖରେ ଜ୍ଞାନ, ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନର ଅଭାବ ନାହିଁ। କେବଳ ଅଭାବ ରହିଛି ବିଜ୍ଞାନର। ଏହାର ଅର୍ଥ ନୁହେଁ ଯେ ଆମେ ବିଜ୍ଞାନ କ୍ଷେତ୍ରରେ କିଛି କରିନାହୁଁ। ପ୍ରାଚୀନ ଋଷି ମୁନିମାନଙ୍କର ବିଜ୍ଞାନର ବିଭିନ୍ନ ଦିଗରେ ବିଶ୍ୱବାସୀଙ୍କୁ ଯଥେଷ୍ଟ ଅବଦାନ ରହିଛି। ଆୟୁର୍ବେଦ ଚିକିତ୍ସା ଉତ୍କୃଷ୍ଟ ଚିକିତ୍ସାର ଜ୍ୱଳନ୍ତ ପ୍ରମାଣ। ଏ ଦେଶ ବିଶ୍ୱକୁ ଶୂନ(୦) ଭେଟିଦେଇଛି। ଚରକ, ଶୁଶ୍ରୁତ, ଆର୍ଯ୍ୟଭଟ୍ଟ, ବରାହମିହିର, ଭାସ୍କରାଚାର୍ଯ୍ୟ, ବ୍ରହ୍ମଗୁପ୍ତ, ପତଞ୍ଜଳି, ପାଣିନୀ, ନାଗାର୍ଜୁନ, ଗୌତମ, ପିଙ୍ଗଳ, ଶଙ୍କରଦେବ, ମୈତ୍ରେୟୀ, ଗାର୍ଗୀ ଭଳି ବିଜ୍ଞାନୀମାନଙ୍କ ଅବଦାନ ବିଜ୍ଞାନ ଓ ମାନବ ସେବାରେ ଉଲ୍ଲେଖନୀୟ। ଅର୍ଥଶାସ୍ତ୍ର, ସମାଜ ଶାସ୍ତ୍ର, ଦର୍ଶନ କ୍ଷେତ୍ରରେ ଆମ ଦେଶର ଯୋଗଦାନକୁ ବିଶ୍ୱ ପ୍ରଶଂସା କରୁଛି। ଭଗବତ ଗୀତା ଭଳି ଅମୂଲ୍ୟ ଗ୍ରନ୍ଥ ଯାହା ସବୁ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦିଏ ତାହା ବିଶ୍ୱବାସୀଙ୍କୁ ଭାରତର ବରଦାନ। ବେଦ, ଉପନିଷଦ୍, ଅଷ୍ଟାଦଶ ପୁରାଣ ଆଦି ଶାସ୍ତ୍ର ବିଶ୍ୱ କଲ୍ୟାଣ ପାଇଁ ସଞ୍ଜୀବନୀ। କିନ୍ତୁ କିଛି ବର୍ଷ ହେଲା ଆମେ ନିଜ ଅସ୍ମିତାକୁ ଭୁଲିଯାଇ ଶିକ୍ଷାକୁ ଚାକିରି ଓ ରୋଜଗାରର ଏକ ମାଧ୍ୟମ କରିଦେଇଛୁ।

ପୁରୁଣା ଦିନକୁ ଫେରି ଦେଖନ୍ତୁ। ଗୁରୁକୁଳରେ ତଥ୍ୟରଟି ଗୁରୁମାନେ ଶିକ୍ଷା ଦେଉ ନ ଥିଲେ। ସେମାନେ ସେହି ଶିକ୍ଷା ଓ ଦୀକ୍ଷା ଦେଉଥିଲେ ଯେଉଁ କ୍ଷେତ୍ରରେ ତାଙ୍କର ବାସ୍ତବ ଜ୍ଞାନ ଓ ଅନୁଭବ ଥିଲା। ସେମାନେ ଦକ୍ଷତା ଓ ସାମର୍ଥ୍ୟ ଆଧାରରେ ଶିଷ୍ୟମାନଙ୍କୁ ଗଢୁଥିଲେ। ସେମାନଙ୍କ ଶିକ୍ଷା ଓ ଉପଦେଶ ବିଜ୍ଞାନସମ୍ମତ, ସମାଜ ଉପଯୋଗୀ ଓ ମନସ୍ତାତ୍ତ୍ୱିକ ଥିଲା। ଆଜି ଆମେ କେଉଁଠି ନା କେଉଁଠି ତଥ୍ୟ ଜ୍ଞାନ ବା କିଛି ବିଷୟବସ୍ତୁ ଘଷିମାଜି ମନେରଖି ନିଜକୁ ମହାଜ୍ଞାନୀ ବୋଲେଇବାରେ ବ୍ୟସ୍ତ। ଏଭଳି ମାନସିକତା ଓ ଶିକ୍ଷାଦାନ ବ୍ୟବସ୍ଥାର ପରିବର୍ତ୍ତନ ଦରକାର।

ନୂତନ ଶିକ୍ଷାନୀତି ୨୦୨୦ ଯେଉଁ ପୁରୋଦୃଷ୍ଟି ଓ ଲକ୍ଷ୍ୟ ରଖିଛି ତା' ଅନୁସାରେ କାମ କଲେ ଆମେ ଅଧିକ ଲାଭ ପାଇପାରିବା। ସେଥିପାଇଁ ଆମକୁ ସବୁ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଯୁକ୍ତ ଶିକ୍ଷା ବ୍ୟବସ୍ଥା ଆପଣେଇବା ସହ ଗବେଷଣା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ହେବ। ତୁଳନାତ୍ମକ ଭାବରେ ଆମ ଦେଶର ଶିଶୁମାନେ ବୁଦ୍ଧିଆ ଓ ପରିଶ୍ରମୀ। ସେମାନଙ୍କୁ ଜ୍ଞାନ, ବିଜ୍ଞାନ, ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ ସମ୍ବଳିତ ଶିକ୍ଷା ଦେଇପାରିଲେ, ଆମ ଦେଶ ସବୁ କ୍ଷେତ୍ରରେ ଆଗୁଆ ହୋଇପାରିବ। ଜ୍ଞାନ ପିଲାଙ୍କୁ ଚିନ୍ତାଶୀଳ, ବିଚାରବନ୍ତ କରିବ। ବିଜ୍ଞାନ ପିଲାଙ୍କୁ ପ୍ରାମାଣିକ, ବାସ୍ତବଧର୍ମୀ ଓ ତାର୍କିକ କରିପାରିବ। ଫଳରେ ସେମାନେ କାହାର କାନକୁହା କଥାକୁ ହଠାତ ବିଶ୍ୱାସ କରି ଆବେଗର ବଶବର୍ତ୍ତୀ ହେବେ ନାହିଁ। ସବୁ ପରିସ୍ଥିତିରେ ଜ୍ଞାନର ଦୃଷ୍ଟି ଓ ବିଜ୍ଞାନର ଯନ୍ତ୍ରାଂଶରେ ପରଖିପାରି ସତ୍ୟାସତ୍ୟ ଜାଣିପାରିବ। ସେମାନଙ୍କୁ କେହି ଅନ୍ଧ ଭକ୍ତ କରିପାରିବେ ନାହିଁ। ହଁ, ଜ୍ଞାନ ଓ ବିଜ୍ଞାନ ସହ ଆମ ଭବିଷ୍ୟତ ତଥା ଛାତ୍ରୀଛାତ୍ରମାନଙ୍କୁ ପ୍ରଜ୍ଞାନ ଓ ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କରେ ବିଶେଷ ଶିକ୍ଷାଦାନ ଦିଆଯିବା ଉଚିତ। ପ୍ରଜ୍ଞାନ କହିଲେ ଜ୍ଞାନ, ବିଜ୍ଞାନ ସହ ସଂସ୍କୃତି ସମ୍ବନ୍ଧରେ ଅବଗତ କରେଇବା। ଏହା ନ ହେଲେ ମଣିଷ ପ୍ରତିଯୋଗିତାର ଅନ୍ଧଗଳିରେ ଫସିଯିବ। ବିଦେଶୀମାନଙ୍କଠାରୁ ଆଗକୁ ଯାଇ ଆମକୁ ବିଶ୍ୱ ନେତୃତ୍ୱ ନେବାକୁ ହେଲେ ଆଧୁନିକ ଜ୍ଞାନ ଓ ବିଜ୍ଞାନ ସହ ଆମ ସାଂସ୍କୃତିକ ପୃଷ୍ଠଭୂମି ଓ ଆଧ୍ୟାତ୍ମିକ ଚେତନାକୁ ଶିକ୍ଷା ବ୍ୟବସ୍ଥାରେ ଉପଯୋଗ କରି ଛାତ୍ରୀଛାତ୍ରମାନଙ୍କୁ ପ୍ରକୃତ ଶିକ୍ଷା ପ୍ରଦାନ ପାଇଁ ନୀଳ ନକ୍ସା ତିଆରି କରିବାକୁ ହେବ। ଆଲୋଚନାଟି କେତେ ବାସ୍ତବଧର୍ମୀ ଓ ସମୟୋପଯୋଗୀ ଥିଲା। ଆମେ ସମସ୍ତେ ଯଦି ଏ କ୍ଷେତ୍ରରେ କିଛି କରିବା ପାଇଁ ମନୋନିବେଶ କରନ୍ତେ ଜଗତ ମଙ୍ଗଳ ପାଇଁ ଏକ ବିଶେଷ ଯୋଗଦାନ ହୋଇପାରନ୍ତା।

**ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ**

# ରକ୍ତଚାପ ଫାଶରେ ଯୁବଗୋଷ୍ଠୀ



ଇପ୍ସିତା ମହାନ୍ତି

ଯୁବକମାନଙ୍କର ଦେଶ ରୂପେ ଭାରତ ପରିଚିତ, ଯାହାର ମୋଟ ଜନସଂଖ୍ୟାର ୬୫% ହେଉଛନ୍ତି ଯୁବକ। ଏମାନଙ୍କର ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ। ଏଥିପାଇଁ ଭାରତକୁ ଯୁବଶକ୍ତିର ଭଣ୍ଡାର କୁହାଯାଉଛି। କିନ୍ତୁ ଦୁଃଖର ବିଷୟ, ଭାରତର ସଂଖ୍ୟାଧିକ ଯୁବକ ଆଜି ଉଚ୍ଚ ରକ୍ତଚାପଜନିତ ରୋଗରେ ପୀଡିତ। ପୂର୍ବରୁ ଉଚ୍ଚ ରକ୍ତଚାପ ବୟସ୍କଙ୍କ ରୋଗ ରୂପେ ବିବେଚିତ ହେଉଥିଲା। ଏହା ବୃଦ୍ଧ, ପୁରୁଷ ଓ ସହରୀ ଲୋକଙ୍କ ରୋଗ ରୂପେ ପରିଗଣିତ ହେଉଥିଲା। ସେହି ସମୟ ଚାଲି ଯାଇଛି। ବିଭିନ୍ନ ସର୍ବେକ୍ଷଣ ଓ ଅନୁସନ୍ଧାନରୁ ଏହା ଭୁଲ୍ ବୋଲି ପ୍ରମାଣିତ ହୋଇଛି। ଆଜି ବହୁଳମାତ୍ରାରେ ଯୁବଗୋଷ୍ଠୀ, ମହିଳା ଓ ଗ୍ରାମାଞ୍ଚଳ ଅଧିବାସୀ ଉଚ୍ଚ ରକ୍ତଚାପର ଶିକାର ହେଉଛନ୍ତି।

ଆମ ଦେଶର ସର୍ବବୃହତ୍ ଚିକିତ୍ସାଳୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଉଚ୍ଚ ରକ୍ତଚାପଜନିତ ରୋଗ ଭାରତୀୟ ଯୁବବର୍ଗଙ୍କୁ ଖୁବ ଦ୍ରୁତ ଗତିରେ ଶିକାର କରିଚାଲିଛି। ବିପଜ୍ଜନକ କଥା ହେଉଛି, ଏ ସମ୍ପର୍କରେ ସେମାନଙ୍କର କୌଣସି ଧାରଣା ହିଁ ନାହିଁ। ଏମ୍ସର ଅଧ୍ୟୟନକୁ ଦେଖି କୁହାଯାଇପାରେ ଯେ; ଆବଶ୍ୟକତାଠାରୁ ଅତ୍ୟଧିକ ଚାପ ଓ ଦୈନନ୍ଦିନ ବିଶୃଙ୍ଖଳିତ ଜୀବନଶୈଳୀ ଆପଣେଇବା କାରଣରୁ ଭାରତକୁ ରୋଗଗ୍ରସ୍ତ ଯୁବକଙ୍କ ଦେଶର ଅପଖ୍ୟାତି ମୁଣ୍ଡେଇବାକୁ ପଡୁଛି। ବ୍ରିଟିଶ୍ ମେଡିକାଲ ଜର୍ନାଲରେ ପ୍ରକାଶିତ ଏମ୍ସର ଗବେଷଣାତ୍ମକ ତଥ୍ୟ ଅନୁସାରେ ଗତ ୨୦ ବର୍ଷରେ ଦିଲ୍ଲୀର ପ୍ରତି ୫ରୁ ୩ଜଣ ଯୁବକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ଯଦିଓ ଏହି ପରିସଂଖ୍ୟାନଟି ଦିଲ୍ଲୀର, କିନ୍ତୁ ଭାତହାଣ୍ଡିରୁ ଗୋଟାଏ ଚାଉଳକୁ ଚିପି ଭାତର ଅବସ୍ଥା ଜାଣିଲା ଭଳି ଦିଲ୍ଲୀର ଏହି ପରିସଂଖ୍ୟାନକୁ ବ୍ୟବହାର କରି ଦେଶର ଅନ୍ୟ ସହରର ଯୁବକଙ୍କ ଶାରୀରିକ ସ୍ଥିତି ଜାଣିହେବ। ଏହି ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳର ପ୍ରତି ୪ଜଣରୁ ଜଣେ ଯୁବକ ଉଚ୍ଚ ରକ୍ତଚାପର ଶିକାର ହେଉଥିବା ଜଣାଯାଏ। ଗ୍ରାମାଞ୍ଚଳରେ ଏହି ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି। ଏମ୍ସ ନିଜ ପୁରୁଣା ରୋଗୀଙ୍କୁ ନେଇ ନୁହେଁ, ବରଂ ଦିଲ୍ଲୀ ଓ ଏନ୍.ସି.ଆର୍. ଅଞ୍ଚଳର ସୁସ୍ଥ ଯୁବକଙ୍କୁ ନେଇ ଏହି ଅଧ୍ୟୟନ କରିଥିବା କହିଛି। ଏଥିସହ ହରିୟାଣାର ବଲ୍ଲଭଗଡ଼ ଜିଲା ଅନ୍ତର୍ଗତ ଗ୍ରାମାଞ୍ଚଳର ଲୋକଙ୍କୁ ମଧ୍ୟ ଏହି ଅଧ୍ୟୟନରେ ସାମିଲ କରିଥିଲା।

ବିଗତ ୨୦ବର୍ଷରେ ସହରାଞ୍ଚଳରେ ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା ୨୩%ରୁ ବୃଦ୍ଧି ପାଇ ୪୩%ରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୧୧%ରୁ ବୃଦ୍ଧି ପାଇ ୨୯% ରେ ପହଞ୍ଚିଛି। ଏହି ୨୦ବର୍ଷରେ ୩୫ରୁ ୪୪ବର୍ଷ ବୟସର ଯୁବକଙ୍କ ଠାରେ ଏହା ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଣସଂକ୍ରାମକ ରୋଗଗୁଡ଼ିକ ମଧ୍ୟରୁ ଉଚ୍ଚ ରକ୍ତଚାପକୁ ପ୍ରଥମ ସ୍ଥାନରେ ସ୍ଥାନିତ କରିଛି। ଯାହା ହୃଦ୍‌ଘାତ ସୃଷ୍ଟିରେ, ମସ୍ତିଷ୍କକୁ ଅଚଳ କରିବାରେ ଓ ବୃକକର କ୍ଷତି ଘଟାଇବାର ପ୍ରମୁଖ କାରଣ ସାଜିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ ଅନୁଯାୟୀ, ୫୧% ପକ୍ଷାଘାତ ଓ ୪୫% ହୃତ୍‌ପିଣ୍ଡ ଆକସ୍ମିକ ଅକ୍ଷମତା (ହାର୍ଟଆଟାକ୍)ର କାରଣ ଏହି ଉଚ୍ଚ ରକ୍ତଚାପ। ତଥ୍ୟ ଅନୁସାରେ, ଭାରତର ସହରାଞ୍ଚଳର ମାତ୍ର ୨୦% ଓ ଗ୍ରାମାଞ୍ଚଳର ମାତ୍ର ୩୦% ଲୋକଙ୍କ ରକ୍ତଚାପ ନିୟନ୍ତ୍ରଣାଧୀନ। ତଥ୍ୟ କହୁଛି, ଭାରତରେ ପ୍ରତିବର୍ଷ ୩ କୋଟି ଲୋକ ହୃଦ୍‌ରୋଗରେ ଗମ୍ଭୀର ଭାବେ ପୀଡ଼ିତ ହୋଇଥା'ନ୍ତି। ଏମାନଙ୍କ ମଧ୍ୟରୁ ସହରାଞ୍ଚଳର ୧ କୋଟି ୪୦ ଲକ୍ଷ ଓ ଗ୍ରାମାଞ୍ଚଳର ୧ କୋଟି ୬୦ ଲକ୍ଷ ଲୋକ ରହିଛନ୍ତି। ଏଥିରୁ ବାର୍ଷିକ ୨୪ଲକ୍ଷ ଲୋକ ଜୀବନ ହରାଉଛନ୍ତି।



ବିଭିନ୍ନ କାରଣରୁ ଉଚ୍ଚ ରକ୍ତଚାପ ମାଡ଼ିବସେ। ଅହେତୁକ ପ୍ରତିଦ୍ୱନ୍ଦ୍ୱିତାର ଚାପ, ଜୀବନଶୈଳୀରେ ପରିବର୍ତ୍ତନ, ବାହାର ଖାଦ୍ୟପେୟ ଗ୍ରହଣ କରିବା, କାର୍ଯ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ କାର୍ଯ୍ୟଭାର ପଡ଼ିବା ଓ ସ୍ୱଳ୍ପ ବୟସରେ ହୃଦୟଜନିତ ରୋଗରେ ଆକ୍ରାନ୍ତ ହେବା ସହ ଉଚ୍ଚ ରକ୍ତଚାପ ଜନିତ ରୋଗର ସିଧା ସମ୍ପର୍କ ରହିଛି। କେହି ନିଜ କାର୍ଯ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ କାର୍ଯ୍ୟ କରୁଥିଲେ, କାହା ଉପରେ ଅଧିକ କାର୍ଯ୍ୟଭାର ପଡୁଥିଲେ, କେହି ନିଜ ଲକ୍ଷ୍ୟ ପୂରଣ ପାଇଁ ଚାପଗ୍ରସ୍ତ ହେଲେ ସେ ହୃଦୟଜନିତ ଗମ୍ଭୀର ରୋଗର ଶିକାର ହୁଅନ୍ତି, ଯାହା ସମୟକ୍ରମେ ଉଚ୍ଚ ରକ୍ତଚାପ ସୃଷ୍ଟି କରେ। କାର୍ଯ୍ୟଭାର ଚାପରେ ଧୂମପାନ ଭଳି ମନ୍ଦଭ୍ୟାସରୁ କ୍ଷାନ୍ତ ରହିବା ଜରୁରୀ। କାରଣ ଧୂମପାନ ଯୋଗୁଁ ରକ୍ତଚାପ ଦ୍ରୁତ ଗତିରେ ବୃଦ୍ଧି ପାଏ। ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ସପ୍ତାହରେ ଅତି କମରେ ୫ଦିନ ଅଧଘଣ୍ଟା ଲେଖାଏଁ ପାଦରେ ଚାଲିବା ଅଭ୍ୟାସ କରିବା ଭଲ। ଯୋଗାଭ୍ୟାସ, ପହଁରିବା ଅବା ସାଇକେଲ ଚାଳନା ଭଳି ଅଭ୍ୟାସ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖିହେବ। କିନ୍ତୁ ଉଚ୍ଚ ରକ୍ତଚାପ ଆକ୍ରାନ୍ତଙ୍କ ପାଇଁ କେଉଁ ସବୁ ଆସନ ନିଷିଦ୍ଧ ତାହାକୁ ପ୍ରଥମେ ଜାଣିନେବା ଉଚିତ। ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ବ୍ୟକ୍ତିମାନେ ଲୁଣ କମ ଖାଇବା ବିଧେୟ। ଯଦି ପାରୁଛନ୍ତି, ଅଲଣା ଖାଦ୍ୟ ଖାଇବା ହିତକର। ତେଣିକି ବ୍ୟଞ୍ଜନ ସୁସ୍ୱାଦୁ ଲାଗୁ ଅବା ନ ଲାଗୁ। ସକାଳ ଜଳଖିଆରେ ବାସି ରୁଟି ସହ ନିଜ ଖାଦ୍ୟରେ ସର୍ବଦା ତଟକା ପନିପରିବା ଓ ତାଜା ଫଳକୁ ସ୍ଥାନିତ କରିବା। ସକାଳୁ ଖାଲି ପେଟରେ ଆବଶ୍ୟକ ମୁତାବକ ପାଣି ପିଇବା। ଉଚ୍ଚ ରକ୍ତଚାପରୁ ମୁକ୍ତି ପାଇଁ ଥରେ ଔଷଧ ଖାଇବା ଆରମ୍ଭ କରିଦେଲେ ଏଥିରୁ ମୁକ୍ତି ପାଇବା ସହଜସାଧ୍ୟ ହେବ ନାହିଁ। ଏସବୁ ନିୟମ ପାଳନ ଦ୍ୱାରା ଉଚ୍ଚ ରକ୍ତଚାପ ଫାଶରୁ ଆକ୍ରାନ୍ତଙ୍କୁ ଅନେକାଂଶରେ ଲାଭ ମିଳିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

୭୦ ବର୍ଷ ବୟସର ଜଣେ ଚାଷୀ ଏବେ ସଭିଙ୍କ ପାଇଁ ପ୍ରେରଣା। ଗୁଜରାଟର ନବସାରିର ସରିଖୁର୍ଦ ଗାଁର କିରଣ ନାୟକ କୃଷିରେ ନିଜ ଦକ୍ଷତା ପ୍ରତିପାଦନ କରିବା ସହ ଜିଆଖତ ଉତ୍ପାଦନରେ ସଫଳତା ପାଇଛନ୍ତି। ପରିଣତ ବୟସରେ ଦିନକୁ ୧୨ ଘଣ୍ଟା କାମ କରି ବର୍ଷକୁ ୭,୦୦୦ ବ୍ୟାଗ୍ ଅର୍ଥାତ୍ ୩,୫୦୦ କୁଇଣ୍ଟାଲ୍ ଜିଆଖତ ବିକ୍ରି କରୁଛନ୍ତି। ପ୍ରତି ବ୍ୟାଗ୍‌ରେ ୫୦ କେ.ଜି. ଖତ ରହୁଛି। କିରଣଙ୍କ ଏହି କାର୍ଯ୍ୟରେ ତାଙ୍କ ପୁଅ ସହଯୋଗ କରୁଛନ୍ତି। ୧୫ ବର୍ଷ ବୟସରୁ ସେ କୃଷି ସହ ଜଡ଼ିତ ଅଛନ୍ତି। ୨୦୦୮ରେ ନବସାରି କୃଷି ବିଶ୍ୱବିଦ୍ୟାଳୟରୁ ଜିଆଖତ ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ପ୍ରଥମେ ସେ ୧୦ କେ.ଜି. ଜିଆରୁ ଜୈବିକ ଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଦୁଇବର୍ଷ ପରେ ସେ ବର୍ଷକୁ ୨୦୦ରୁ ୩୦୦ ବ୍ୟାଗ୍ ଖତ ବିକ୍ରି କରିବାକୁ ସକ୍ଷମ ହୋଇଥିଲେ ଓ ରେକର୍ଡ ପରିମାଣର ଜିଆଖତ ପ୍ରସ୍ତୁତ କରି ଏ କ୍ଷେତ୍ରରେ ରାଜ୍ୟ କୃଷି ବିଭାଗ ତରଫରୁ ପୁରସ୍କୃତ ହୋଇଛନ୍ତି। ଏବେ ସେ ଜଣେ ପ୍ରଶିକ୍ଷକ ଭାବେ ୫୦୦୦ କୃଷକଙ୍କୁ ଜିଆଖତ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୭

- କ୍ଷମତାର ଅପବ୍ୟବହାର କରି ଜମି ଆବଣ୍ଟନ କରିଥିବା ଅଭିଯୋଗରେ ପାକ୍ ବହିଷ୍କୃତ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ।
- ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ଗ୍ରାମାଞ୍ଚଳ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରଦେବ ପ୍ରସାଦ ବର୍ମାଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।
- ହିନ୍ଦୀ ଚଳଚ୍ଚିତ୍ର ଜଗତର ସ୍ୱନାମଧନ୍ୟ ନିର୍ଦ୍ଦେଶକ ବାସୁ ଭଟ୍ଟାଚାର୍ଯ୍ୟଙ୍କ ୬୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଷ୍ଟେନୋଗ୍ରାଫର୍ ନିଯୁକ୍ତି ଅନିବାର୍ଯ୍ୟ

ମହାଶୟ,

ସରକାରୀ ଦପ୍ତରରେ ନିର୍ଦ୍ଦିଷ୍ଟ ପଦବୀଯୁକ୍ତ ଅଧିକାରୀଙ୍କ କାର୍ଯ୍ୟଭାରକୁ ଲାଘବ କରିବା ପାଇଁ ସହାୟକ ପଦବୀ ଭାବେ ଷ୍ଟେନୋଗ୍ରାଫର୍ ଥିଲେ। କାରଣ ଅନେକ କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଭିତରେ ବିଭିନ୍ନ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବାକୁ ଅଧିକାରୀମାନଙ୍କ ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ ଥାଏ। ଏଣୁ ସମୟ ସାପେକ୍ଷ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଦପ୍ତରର କାର୍ଯ୍ୟ ସମ୍ପାଦନରେ ଅଧିକାରୀଙ୍କ ସହାୟତା ଲାଗି ଜଣେ ଜଣେ ଷ୍ଟେନୋଗ୍ରାଫର୍ ନିଯୁକ୍ତ ହେଉଥିଲେ। ଏହାଦ୍ୱାରା ଦାୟିତ୍ୱ ତ୍ୱରିତ ହୋଇ ପାରୁଥିଲା। କୌଣସି ପ୍ରସଙ୍ଗ ଉପରେ ଚିଠା, ନଥି ଅବା ବିବରଣୀ ପ୍ରସ୍ତୁତ କରିବାରେ ଏହି ଷ୍ଟେନୋଗ୍ରାଫର୍ କିମ୍ବା ବ୍ୟକ୍ତିଗତ ସହାୟକମାନେ ବେଶ୍ କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। କେତୋଟି ଗାର ଓ ବିନ୍ଦୁ ଭଳି ସାଙ୍କେତିକ ଶବ୍ଦଲିପିରେ ଲେଖିଆଣି ସ୍ୱଳ୍ପ ସମୟ ମଧ୍ୟରେ ଟାଇପ କରି ସରକାରୀ ନଥି ପ୍ରସ୍ତୁତ କରୁଥିଲେ। ଷ୍ଟେନୋଗ୍ରାଫର୍ ଅଥବା ବ୍ୟକ୍ତିଗତ ସହାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ଏବେ ଯୁଗ ବଦଳିଛି। କାର୍ଯ୍ୟଧାରାରେ ଜ୍ଞାନକୌଶଳର ପରିବର୍ତ୍ତନ ହୋଇଛି। ଆଜିର କମ୍ପ୍ୟୁଟର ଦପ୍ତର କାର୍ଯ୍ୟରେ କିଛିଟା ଦକ୍ଷତା ବୃଦ୍ଧି କରିଥିବା ସତ୍ତ୍ୱେ ବି ଷ୍ଟେନୋଗ୍ରାଫର୍‌ଙ୍କ ଭୂମିକାର ପ୍ରାସଙ୍ଗିକତା ମର୍ମେ ମର୍ମେ ଅନୁଭବ କରିହେଉଛି। ତେବେ ସମ୍ପ୍ରତି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହି ଷ୍ଟେନୋଗ୍ରାଫର୍ କ୍ୟାଡରଯୁକ୍ତ ପଦବୀଗୁଡ଼ିକୁ ଉଚ୍ଛେଦ କରି ଦିଆଯିବ ବୋଲି ଶୁଣିବାକୁ ମିଳୁଛି। ଏହାଦ୍ୱାରା ଷ୍ଟେନୋଗ୍ରାଫି ଯୋଗ୍ୟତାଧାରୀ ବ୍ୟକ୍ତିବିଶେଷ ଯେ କେବଳ କ୍ଷତିଗ୍ରସ୍ତ ହେବେ ତାହା ନୁହେଁ, ବରଂ ଷ୍ଟେନୋ ସହାୟତା ନେଉଥିବା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ହ୍ରାସ ହେବା ସହିତ ସରକାରୀ କାର୍ଯ୍ୟ ବିଳମ୍ବିତ ଓ ବାଧା ପ୍ରାପ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଏଣୁ ସରକାରୀ ଦପ୍ତରରେ ଷ୍ଟେନୋଗ୍ରାଫର୍ ନିଯୁକ୍ତି ଅନିବାର୍ଯ୍ୟ ବୋଲି ସରକାରଙ୍କ ସମେତ କର୍ତ୍ତୃପକ୍ଷ ହୃଦୟଙ୍ଗମ କରିବା ଉଚିତ।

**-ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଶେ ବୋଲି ପ୍ରିୟେ ଚାରୁଶୀଳେ !
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜି ପୁଣି ଇଡିରେ ହାଜର ହେବେ ରାହୁଲ**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚତୁର୍ଥ ଦିନ ପାଇଁ ଜେରା କରିଛି। ୪ ଦିନରେ ତାଙ୍କୁ ପ୍ରାୟ ୪୦ ଘଣ୍ଟା ଜେରା କରାଗଲାଣି। ମଙ୍ଗଳବାର ପୁଣି ହାଜର ହେବା ଲାଗି ଇଡି ରାହୁଲଙ୍କୁ ସମନ ଜାରି କରିଛି। ଗତ ସପ୍ତାହରେ ରାହୁଲଙ୍କୁ କ୍ରମାଗତ ୩ ଦିନ ଜେରା କରାଯାଇଥିଲା। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ରାହୁଲଙ୍କ ଅନୁରୋଧ କ୍ରମେ ତାଙ୍କୁ ଜେରାରୁ ୪ ଦିନ ପାଇଁ ବିରତି ଦିଆଯାଇଥିଲା। ସୋମବାର ପୁଣିଥରେ ଜେରା ଆରମ୍ଭ ହୋଇଛି।

# ବିରୋଧୀଙ୍କୁ ମିଳୁନାହାନ୍ତି ରାଷ୍ଟ୍ରପତି ପ୍ରାର୍ଥୀ

## ପାୱାର, ଫାରୁକ୍‌ଙ୍କ ପରେ ମନାକଲେ ଗୋପାଳକୃଷ୍ଣ

ନୂଆଦିଲ୍ଲୀ,୨୦।୬

ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ଲାଗି ଅଣ୍ଟା ଭିଡୁଥିବାବେଳେ ସେମାନଙ୍କୁ ଉପଯୁକ୍ତ ପ୍ରାର୍ଥୀ ମିଳୁନାହାନ୍ତି। ପୂର୍ବରୁ ପ୍ରାର୍ଥୀ ହେବା ପ୍ରସ୍ତାବକୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା ଏଡ଼ାଇଯାଇଥିବାବେଳେ ସୋମବାର ଗୋପାଳକୃଷ୍ଣ ଗାନ୍ଧୀ ମଧ୍ୟ ଏଥିପାଇଁ ମନା କରିଦେଇଛନ୍ତି। ବିରୋଧୀ ଦଳଗୁଡ଼ିକର ମିଳିତ ରାଷ୍ଟ୍ରପତି ପ୍ରାର୍ଥୀ ଜାତୀୟ ସହମତି ସୃଷ୍ଟି କରିବା ଆବଶ୍ୟକ। ମୋଠାରୁ ଅନ୍ୟମାନେ ଏଦିଗରେ ଭଲ କରିପାରିବେ



ଗୋପାଳକୃଷ୍ଣ ଗାନ୍ଧୀ

ବୋଲି ଗୋପାଳକୃଷ୍ଣ କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ ଜୁନ୍ ୧୫ରୁ ଆରମ୍ଭ ହୋଇଥିବାବେଳେ ଏହା ୨୯ ତାରିଖରେ ଶେଷ ହେବ।

ପାୱାର ପ୍ରାର୍ଥୀ ହେବାକୁ ମନା କରିବା ପରେ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଗତ ୧୫ ତାରିଖ ବିରୋଧୀ ଦଳ ବୈଠକରେ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଏବଂ ଗୋପାଳକୃଷ୍ଣ ଗାନ୍ଧୀଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଜମ୍ମୁ-କଶ୍ମୀର ରାଜନୀତିରେ ତାଙ୍କ ସମ୍ପୃକ୍ତି ଜରୁରୀ ହୋଇଥିବାରୁ ଫାରୁକ୍ ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରାର୍ଥୀ ହେବାକୁ ମନା କରିଥିଲେ। ଏନ୍‌ଡିଏ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଏହା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପୁନର୍ବାର ପ୍ରାର୍ଥୀ କରିପାରେ କିମ୍ବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ପ୍ରାର୍ଥୀ କରିପାରେ। ଏହା ବ୍ୟତୀତ କେରଳ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍‌ଙ୍କ ନାଁ ମଧ୍ୟ ଚର୍ଚ୍ଚା ହେଉଛି।

## ନୂପୁର ଶର୍ମାଙ୍କ ମନ୍ତବ୍ୟ ବିରୋଧରେ ପଶ୍ଚିମବଙ୍ଗ ବିଧାନସଭାରେ ପ୍ରସ୍ତାବ ଗୃହୀତ

ନୂଆଦିଲ୍ଲୀ,୨୦।୬

ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଭାଜପା ନେତ୍ରୀ ନୂପୁର ଶର୍ମାଙ୍କ ଅପମାନଜନକ ମନ୍ତବ୍ୟକୁ ନିନ୍ଦା କରାଯାଇ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ରାଜ୍ୟ ସରକାର ପ୍ରସ୍ତାବ ଗୃହୀତ କରାଇବା ବେଳେ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ୪ ଦିନ ପୂର୍ବରୁ ରାଜ୍ୟ ବିଧାନସଭାରୁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ମୁଖ୍ୟ ହୁଇପ୍ ମନୋଜ ଟିଗାଙ୍କ ସମେତ ୭ ଭାଜପା ବିଧାୟକଙ୍କୁ ନିଲମ୍ବନ କରାଯାଇଥିଲା। ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୃହରେ ଉଦ୍‌ବୋଧନ ଦେଉଥିବାବେଳେ ଶୁଭେନ୍ଦୁଙ୍କ ନେତୃତ୍ୱରେ ଭାଜପା ନେତାମାନେ ଏହାର ପ୍ରତିବାଦ କରିଥିଲେ। ଭାଜପା ଦେଶରେ ଘୃଣା ଓ ଉତ୍ତେଜନାର ରାଜନୀତି କରୁଛି ବୋଲି ମମତା କହିଥିଲେ।

କୋଲକାତା ପୋଲିସ ନୂପୁରଙ୍କୁ ସୋମବାର ହାଜର ହେବା ଲାଗି ନୋଟିସ ଦେଇଥିବାବେଳେ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ୪ ସପ୍ତାହ ସମୟ ମାଗିଛନ୍ତି।

# ପୁଣି ଇଡି କାର୍ଯ୍ୟାଳୟ ଘେରାଉ କଲା ଯୁବ କଂଗ୍ରେସ

## ରାହୁଲଙ୍କୁ ଇଡିର ଜେରା ପ୍ରସଙ୍ଗ

### ବିଭିନ୍ନ ସ୍ଥାନରେ ବ୍ଲକ, ନଗର କଂଗ୍ରେସ କମିଟିର ବିକ୍ଷୋଭ



ଇଡି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସୋମବାର ପୁଣିଥରେ ଇଡି ଜେରାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ବିରୋଧ କରି ଦେଶବ୍ୟାପୀ ବିକ୍ଷୋଭ, ଆନ୍ଦୋଳନ ଜାରି ରହିଛି। ସେହିକ୍ରମରେ ସୋମବାର ରାଜ୍ୟର ବିଭିନ୍ନ ବ୍ଲକ ଏବଂ ନଗର କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି ମଙ୍ଗଳବାର ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ସୂଚନା ଦେଇଥିଲେ। ଅନ୍ୟପଟେ ଯୁବ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାକୁ ବିରୋଧ କରି କାର୍ଯ୍ୟକ୍ରମ ଜାରି ରହିଛି। ସିଆରପି ଛକଠାରୁ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକାଠି ହୋଇ ଶୋଭାଯାତ୍ରାରେ ନୟାପଲ୍ଲୀ ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ ଉଦ୍ୟମ କରିଛନ୍ତି। ଏହି ଶୋଭାଯାତ୍ରାରେ ବାହାରିଥିବା ଯୁବ କଂଗ୍ରେସ କର୍ମୀମାନେ 'ମୁଁ ବି ରାହୁଲ ଗାନ୍ଧୀ' ବୋଲି ନିଜ ଡ୍ରେସ୍‌ରେ ଲେଖିଥିବା ଦେଖିବାକୁ ମିଳିଛି।

ଏହି ଅବସରରେ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି, ଭାରତୀୟ ସମ୍ବିଧାନ ଓ ବିଧି ବ୍ୟବସ୍ଥାକୁ କେନ୍ଦ୍ର ସରକାର ପାଦରେ ଦଳି ମକଚି ଚାଲିଛନ୍ତି। ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱେଚ୍ଛାଚାରୀ, ପ୍ରତିହିଂସାପରାୟଣ ଓ ଅସହିଷ୍ଣୁ ଶାସନ ଚଳାଇ ଦେଶବାସୀଙ୍କୁ ଏକ ଭୟଙ୍କର ବିପଦ ଆଡକୁ ଟାଣିନେଉଛନ୍ତି। ଦେଶର ଗୋଟିଏପରେ ଗୋଟିଏ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥାକୁ ନିଜ ଅଧୀନକୁ ନେଇ ମୋଦି ସରକାର ଏହାର ଦୁରୁପଯୋଗ କରୁଛନ୍ତି। ମୋଦି ସରକାର ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି କଂଗ୍ରେସକୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନଙ୍କୁ ଏଥିରେ ସେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି. ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମ ସମୟରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀମାନଙ୍କ ଧସ୍ତା ଧସ୍ତି ହୋଇଛି।





କେନ୍ଦ୍ରର 'ଅଗ୍ନିପଥ' ଯୋଜନାକୁ ବିରୋଧ ଏବଂ ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦଳର ନେତା ରାହୁଲ ଗାନ୍ଧୀଙ୍କୁ କ୍ରମାଗତ ଇଡି ଜେରା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ଜନ୍ତରମନ୍ତରରେ ସତ୍ୟାଗ୍ରହ କରାଯାଉଛି। ଏଥିରେ ଓଡ଼ିଶା ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

**OFFICE OF THE SUPERINTENDING ENGINEER RURAL WORKS DIVISION No-I, KEONJHAR**

**2nd corrigendum to Bid identification No. Road Online 01 of 2022-23**

**No.O-503:** The availability of tender Online for bidding/last date and time of seeking clarification/ date, time and place of opening of tender Bid Identification No. Road Online 01 of 2022-23 of Superintending Engineer, Rural Works Division No-I, Keonjhar may be read as below.

| Procurement Officer | Bid Identification No. | Availability of Tender Online for bidding as per Tender Notice | | Availability of Tender Online for bidding as per Corrigendum | | Last Date & Time of seeking tender clarification | Date & Time & Place of Opening of tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, R.W.Divn. No.I, Keonjhar | Road Online 01/2022-23 | 26.05.2022 at 11.00 AM | 02.06.2022 upto 5.00 PM | 18.06.2022 at 11.00 AM | 24.06.2022 upto 5.00 PM | 23.06.2022 at 4.00 PM | 27.06.2022 at 11.00 AM Office of the Superintending Engineer, R.W. Divn. No-I, Keonjhar |

All other terms and conditions remain unchanged.

**Superintending Engineer, R.W.Divn. No-I, Keonjhar**
**OIPR-25110/11/0002/2223**

# ମୋକିମଙ୍କ ପିଟିଶନ ଖାରଜ କଲେ ହାଇକୋର୍ଟ

## ବାରବାଟୀ-କଟକ ବିଧାନସଭା ନିର୍ବାଚନ ମାମଲା

- ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ
- ୨୯ରେ ଦେବାଶିଷଙ୍କ ଆବେଦନ ଉପରେ ଶୁଣାଣି

କଟକ ଅଫିସ,୨୦।୬

ବାରବାଟୀ-କଟକ ବିଧାନସଭା ନିର୍ବାଚନ ମାମଲାର ଶୁଣାଣି କରି ବିଧାୟକ ମହମ୍ମଦ ମୋକିମଙ୍କ ପିଟିଶନକୁ ହାଇକୋର୍ଟ ସୋମବାର ଖାରଜ କରିଛନ୍ତି। ଏଥିସହ ବିଧାୟକ ମହମ୍ମଦ ମୋକିମଙ୍କୁ ୫ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାର୍ଥିପତ୍ର ଦାଖଲ ବେଳେ ଦାଖଲ ହୋଇଥିବା ସତ୍ୟପାଠରେ ବରିଷ୍ଠ କଂଗ୍ରେସ ନେତା ମୋକିମ ତାଙ୍କର ଆପରାଧିକ ରେକର୍ଡ ଓ ସମ୍ପତ୍ତି ବିଷୟରେ ଭୁଲ ତଥ୍ୟ ଦେଇଛନ୍ତି, ଯାହା ଲୋକପ୍ରତିନିଧି ଅଧିନିୟମ ୧୯୫୧ ଧାରା ୩୩କୁ ଉଲ୍ଲଂଘନ କରୁଛି ବୋଲି ପରାଜିତ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଅଭିଯୋଗ କରିଥିଲେ। ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ସେ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ଦେବାଶିଷଙ୍କ ନିର୍ବାଚନ ମାମଲାକୁ ବିନା ଶୁଣାଣିରେ ଖାରଜ କରିବାକୁ ମୋକିମ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ତାହାକୁ ହାଇକୋର୍ଟ ଖାରଜ କରିବା ସହ ଆସନ୍ତା ୨୯ ତାରିଖରେ ଦେବାଶିଷଙ୍କ ଦ୍ୱାରା ଆଗତ ନିର୍ବାଚନ ମାମଲାର ଶୁଣାଣି ହେବ ବୋଲି କହିଛନ୍ତି।

**ରୂରକେଲା ସ୍ମାର୍ଟ ସିଟି** 

**ROURKELA SMART CITY LIMITED, ROURKELA**
Udit Nagar, Rourkela-769012, Email: rourkelascl@gmail.com

**BID ID:- RSCL/1400** **DATE: 20.06.2022**

**NOTICE INVITING TENDER NATIONAL COMPETITIVE BIDDING**

**No. C-599:-** The Chief Executive Officer, RSCL invites bids from eligible contractors for the following project:

| SL No. | Name of the Project | Estimated Cost of the Project Rs. (in Lakhs) |
|---|---|---|
| 1 | Supply, Installation, Commissioning of Computers and other Peripherals for E-Sushrut Project | 42.00 |
| 2 | Ecological Rejuvenation of DAV Pond through "Nature Based Solution" | 99.50 |

Tender Fees is Rs.11,800/- each to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 21.06.2022 to 07.07.2022 (up to 17:00 Hrs. IST). Pre- Bid Meeting will be held on 27.06.2022 at 12.30 P.M. in the Conference Hall of RSCL. For queries, intending bidder may contact General Manager (E&T) vide Phone no. 9437638780 and Email Id:rourkelascl@gmail.com.

**Sd./- Chief Executive Officer, Rourkela Smart City Limited**
OIPR-13080/11/0006/2223

# ଭାଜପାକୁ ୫, ଶାସକ ମେଣ୍ଟକୁ ୪ ଆସନ

## ମହାରାଷ୍ଟ୍ର ଏମ୍‌ଏଲ୍‌ସି ନିର୍ବାଚନ

ମୁମ୍ବାଇ,୨୦।୬

ମହାରାଷ୍ଟ୍ର ବିଧାନ ପରିଷଦ ପାଇଁ ସୋମବାର ଅନୁଷ୍ଠିତ ନିର୍ବାଚନରେ ଶାସକ ମେଣ୍ଟର ୪ ପ୍ରାର୍ଥୀ ଏବଂ ଭାଜପାର ୫ ଜଣ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ସଦସ୍ୟ କ୍ରସ୍ ଭୋଟିଂ କରିଥିବା ଅଭିଯୋଗ ହୋଇଛି। ଗୋଟିଏ ଆସନର ଫଳାଫଳ ଘୋଷିତ ହୋଇନାହିଁ। ଉକ୍ତ ଆସନ ଲାଗି ଦୁଇଜଣ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାଜ୍ୟ ସଭା ନିର୍ବାଚନରେ ଭାଜପା ଓ ଶାସକ ମେଣ୍ଟକୁ ୩ଟି ଲେଖାଏ ଆସନ ମିଳିଥିଲା ଏବଂ ଶିବସେନା ପ୍ରାର୍ଥୀ ହାରିଯାଇଥିଲେ। ତେଣୁ ଏମ୍‌ଏଲ୍‌ସି ନିର୍ବାଚନରେ ଦଶମ ଆସନ ଶାସକ ମେଣ୍ଟ ପାଇଁ ସମ୍ମାନର ପ୍ରସଙ୍ଗ ହୋଇଛି। ବିଧାନ ପରିଷଦ ନିର୍ବାଚନରେ ଶିବସେନାରୁ ସଚିନ ଅହିର, ଅମଶ୍ୟା ପଦନି, ଏନ୍‌ସିପିରୁ ଏକନାଥ ଖାଡ୍‌ସେ ଏବଂ ରାମରାଜେ ନିମ୍ବଲକର ଜିତିଛନ୍ତି। ସେହିପରି ଭାଜପାରୁ ଶ୍ରୀକାନ୍ତ ଭାରତୀ,ପ୍ରବୀଣ ଡାରେକର, ଉମା ଖାପ୍ରେ ଏବଂ ରାମ ଶିନ୍ଦେ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରକାନ୍ତ ହାଣ୍ଡୋର ଏବଂ ଭାଇ ଜଗତପଙ୍କ ଫଳାଫଳ ଘୋଷଣା ହୋଇନାହିଁ। ୩ କଂଗ୍ରେସ ବିଧାୟକ କ୍ରସ ଭୋଟିଂ କରିଥିବା ଜଣାପଡ଼ିଛି।

**ବିଜ୍ଞାପନ**

**ତହସିଲ କାର୍ଯ୍ୟାଳୟ, କୋରାପୁଟ, ଜିଲ୍ଲା - କୋରାପୁଟ**

No.F-93:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋରାପୁଟ ତହସିଲ କାର୍ଯ୍ୟାଳୟ ଅଧୀନସ୍ଥ ଥିବା ଲଘୁଖଣିଜ ଦ୍ରବ୍ୟ (ପଥର ଓ ମୁରୁମ) ଉତ୍ସଗୁଡ଼ିକ 5 ବର୍ଷିକ ଲିଜ୍ ସୂତ୍ରେ ଦେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଲିଜ୍ ତଥା ଆବେଦନ ସମ୍ବନ୍ଧୀୟ ସବିଶେଷ ତଥ୍ୟ କୋରାପୁଟ ଜିଲ୍ଲା website: www.koraput.nic.inରେ ଉପଲବ୍ଧ ଅଟେ କିମ୍ବା ଯେକୌଣସି କାର୍ଯ୍ୟଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଏଥି ନିମନ୍ତେ ଯୋଗାଯୋଗ କରିପାରିବେ ।

**ସ୍ୱା./- ତହସିଲଦାର, କୋରାପୁଟ**
OIPR-24176/11/0001/2223

# 'ଅଗ୍ନିପଥ' ବିରୋଧରେ ସିପିଆଇର ବିକ୍ଷୋଭ





ଅଗ୍ନିପଥ ଯୋଜନାକୁ ବିରୋଧ କରି ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର,୨୦।୬(ବ୍ୟୁରୋ)

କେନ୍ଦ୍ର ଭାଜପା ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ବିରୋଧ କରିବା ସହ ଏହାର ପ୍ରତ୍ୟାହାର ଦାବିରେ ସୋମବାର ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ, ରାସ୍ତାରୋକୋ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି।

ପୂର୍ବାହ୍ନରେ ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଉଭୟ ସଙ୍ଗଠନର କର୍ମୀମାନେ ହାତରେ ଦଳୀୟ ପତାକା ଓ ଅଗ୍ନିପଥ ଯୋଜନା ବିରୋଧରେ ଲେଖାଥିବା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାକାରୀମାନେ ଅଶୋକ ନଗର ଅଞ୍ଚଳ ପରିକ୍ରମା କରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ବିକ୍ଷୋଭକାରୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ, ମୋଦି ସରକାର ବର୍ଷକୁ ୨ କୋଟି ବେକାର ଯୁବତୀଯୁବକଙ୍କୁ ଚାକିରି ଦେବେ ବୋଲି କହି କ୍ଷମତାକୁ ଆସିଥିଲେ। ତାଙ୍କ ୮ ବର୍ଷର ଶାସନରେ ୧୬ କୋଟି ଚାକିରି ଦେବା ପରିବର୍ତ୍ତେ ୨୦୨୪ ନିର୍ବାଚନ ପୂର୍ବରୁ ସୈନ୍ୟ ବାହିନୀରେ ୪ ବର୍ଷିଆ ଠିକା ନିଯୁକ୍ତି ଯୋଜନା ବାହାର କରିଛନ୍ତି। ଏହା ଯୁବ ବିରୋଧୀ ଏବଂ ଦେଶର ସୁରକ୍ଷା ପ୍ରତି ଖେଳୱାଡ଼। ସରକାରୀ ଅର୍ଥରେ ଏହା ଆରଏସ୍‌ଏସ୍ କର୍ମୀଙ୍କୁ ସାମରିକ ତାଲିମ ଦେବା ପାଇଁ ଉଦ୍ଦିଷ୍ଟ। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି।

ଏହାପରେ ବିକ୍ଷୋଭକାରୀମାନେ ରାଜମହଲ ଛକଠାରେ ପହଞ୍ଚି ସେଠାରେ ରାସ୍ତା ରୋକୋ କରିବା ଫଳରେ ଯାନବାହନଗୁଡ଼ିକ ଅଟକି ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ଲୋକନାଥ ଭୋଇ, ସୁଷମା ଭୋଇ, ଅଶୋକ ବାରିକ, ଆକାଶ ସାହୁ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ପାର୍ବତୀ ଲାଗୁରି ଓ ଶଙ୍କର ବାରିକ ପ୍ରମୁଖ ଏହି ବିକ୍ଷୋଭ, ଶୋଭାଯାତ୍ରା ଓ ରାସ୍ତାରୋକୋ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

**No. 8013** **Dated: 18.06.2022**

**Bid Identification No. MC/RMC/45/2022**

No. C-590: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/45/2022 for 02 Nos. different Electrical work with value of Rs.6.16 lakh to Rs.9.98 lakh.

17. Bid documents will be available in website **www.tendersorissa.gov.in** from 18.06.2022.
18. Bids must be submitted on "Online" on or before 04.07.2022 by 17.00 hours.
19. Bids shall be opened at 11.00 hours on 05.07.2022 in the office of the undersigned in the presence of the bidders or their authorized agents.
20. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0053/2223

idco Your power to grow — ODISHA NEW OPPORTUNITIES — No.CAD-863

**File No.- File No.HO/Civil/T&E-E-4318/01/2022/15249** **Dt.18.06.2022**

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**

**Bid Identification No. Civil/EST-E-18/2022-23**

**REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

Name of the Work : **"Selection and Engagement of agency for supply of new & retrofitting of existing sports lighting fixtures with LED lighting system incl. its Design, Supply, Installation, Testing and Commissioning at Hockey main ground, Football practive ground & Athletic-cum-Football ground located at Kalinga Stadium, Bhubaneswar."**

- Value of Work: **Not disclosed as per tender condition**
- Period of completion: **03 (Three) Calendar Months**
- Availability of tender online for Bidding:
- Start Date: **dt.22.06.2022 at 5.00 PM.**
- End Date: **04.07.2022 at 5.00 PM.**
- Opening date: **04.07.2022 at 5.30 PM.**

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Chief General Manager (Civil), IDCO, Bhubaneswar**
OIPR-14003/11/0062/2223

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 5477/PSC** **Dt.20.06.2022**
**PF-1E-11-2021/22 (DR-III)**

No. D-72: It is for information of all concerned that, 113 (One hundred thirteen) candidates bearing following PPSAN Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Political Science** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN Nos. of Candidates |
|---|---|---|
| 29.06.2022 | 10.30 A.M. | 00112491, 00129962, 00119419, 00071089, 00117412, 00040672, 00068448, 00124895, 00125474, 00022851, 00117577, 00118624, 00117136, 00123138 & 00121378 = **15 Candidates** |
| | 02.30 P.M. | 00133381, 00070856, 00045990, 00128492, 00047506, 00016594, 00072239, 00073105, 00133281, 00111212, 00124223, 00060969 & 00124768 = **13 Candidates** |
| 30.06.2022 | 10.30 A.M. | 00119664, 00133231, 00112183, 00126619, 00118185, 00115851, 00127387, 00116334, 00120656, 00119473, 00114380, 00074648, 00117044, 00081596 & 00116055 = **15 Candidates** |
| | 02.30 P.M. | 00119756, 00122278, 00031472, 00070206, 00060617, 00115871, 00125991, 00065397, 00058495, 00125525, 00115499, 00049031 & 00116061 = **13 Candidates** |
| 02.07.2022 | 10.30 A.M. | 00125746, 00124796, 00122993, 00114998, 00119456, 00123737, 00122907, 00132909, 00126469, 00115283, 00132158, 00100334, 00117063, 00133254 & 00120270 = **15 Candidates** |
| | 02.30 P.M. | 00123106, 00040474, 00122671, 00119646, 00114885, 00116709, 00122771, 00119289, 00122427, 00120833, 00053105, 00039197 & 00059667 = **13 Candidates** |
| 04.07.2022 | 10.30 A.M. | 00115154, 00054443, 00021244, 00069312, 00100226, 00044561, 00115952, 00116712, 00119266, 00121179, 00118722, 00119072, 00115056, 00121094 & 00118360 = **15 Candidates** |
| | 02.30 P.M. | 00051076, 00077770, 00057335, 00038747, 00116128, 00015741, 00132546, 00118362, 00120146, 00051721, 00125919, 00113832, 00123947 & 00034655 = **14 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:

1. Hard copy of online application form.
2. Three recent passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13 Sports Persons Certificate issued by the Director of Sports, Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0089/2223** **Sd./- Secretary**

## ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୦।୬: ଖୋର୍ଦ୍ଧା-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ସୋମବାର ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୌଦ୍ଧ ଜିଲା ସଞ୍ଜୁଛ ଅଞ୍ଚଳର ଆଶିଷ ମହାପାତ୍ର। ସୂଚନା ମୁତାବକ, ଆଶିଷ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ବାଇକ୍‌ରେ ଭୁବନେଶ୍ୱର ମୁଖ୍ୟାଳୟକୁ ଆସୁଥିଲେ। ଗଡ଼ଖୋର୍ଦ୍ଧା ଛକରେ ଆଶିଷ ରାସ୍ତା ପାର ହେଉଥିବା ବେଳେ ବିପରୀତ ପଟୁ ଆସୁଥିବା ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ପାର୍ଶ୍ୱକୁ ଛିଟିକି ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଚୋରି ବାଇକ୍ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୦।୬(ବ୍ୟୁରୋ): ବାଇକ୍ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ବରମୁଣ୍ଡା ଗାଁର ମିଲନ କୁମାର ସ୍ୱାଇଁ (୩୨) । ତାଙ୍କଠାରୁ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି । ଏଥିସହ ପୋଲିସ ମାମଲା (ନଂ ୩୧୬/୨୨) ରେ ରୁଜୁ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ବିଭିନ୍ନ ସ୍ଥାନରେ ଯାଞ୍ଚ, ଚେକିଂ କରି ଅଭିଯୁକ୍ତଙ୍କୁ ଧରିବା ସହ ବାଇକ୍ ଜବତ କରିଥିଲେ।

### ବେଣ୍ଣୁପୁର ସମବାୟ ସମିତିର ସଭାପତି ହେଲେ ଦିଗମ୍ବର

ବାଲିଅନ୍ତା,୨୦।୬(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଣୁପୁର ସେବା ସମବାୟ ସମିତିର ନୂତନ ସଭାପତି ରୂପେ ଦିଗମ୍ବର ମଙ୍ଗରାଜ ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ପୂର୍ବରୁ ୩ ଥର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସମିତିର ପରିଚାଳନା ପରିଷଦର ସମସ୍ତ ୧୪ଜଣ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ରୂପେ ଦିଗମ୍ବର ନାମାଙ୍କନ ପତ୍ର ଦାଖଲ କରିଥିଲେ।

### ସ୍ୱାଭାବିକ ହେଲା ଜହ୍ନିକୁଦାରୁ ସାତପଡ଼ା ଜଳଯାତ୍ରା



କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ାରେ ଦ୍ୱିତୀୟ ବାଲିଯାତ୍ରା ବେଳେ ତିତିପ ଏବଂ ଆଲୁପାଟଣା ଗାଁ ମଧରେ ହୋଇଥିବା ବିବାଦର ସମାଧାନ ରଥଯାତ୍ରା ପରେ କରାଯିବାକୁ ସୋମବାର ନିଷ୍ପତ୍ତି ହୋଇଛି। ଫଳରେ ଜହ୍ନିକୁଦା ଘାଟରେ ୩୫ ମୌଜା କମିଟି ପକ୍ଷରୁ ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି। ଫଳରେ ଜହ୍ନିକୁଦାରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଜଳଯାତ୍ରା ସ୍ୱାଭାବିକ ହୋଇଛି। ସୂଚନା ମୁତାବକ, ଦେଉଳପଡ଼ାରେ ଦ୍ୱିତୀୟ ବାଲିଯାତ୍ରା ବେଳେ କୌଣସି କାରଣରୁ ଉପରୋକ୍ତ ଦୁଇ ଗାଁ ମଧରେ ବିବାଦ ସୃଷ୍ଟି ହୋଇଥିଲା। ଗତ ଗୁରୁବାର ୩୫ ମୌଜା କମିଟି ସମ୍ପାଦକଙ୍କୁ ଆଲୁପାଟଣା ଗ୍ରାମର କେତେଜଣ ଯୁବକ ସାତପଡ଼ାରେ ମାଡ଼ ମାରିଥିଲେ। ନ୍ୟାୟ ଦାବିରେ ୩୫ ମୌଜା କମିଟି ପକ୍ଷରୁ ଗତ ୧୮ ତାରିଖରୁ ଚିଲିକାର ଜହ୍ନିକୁଦାରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଜଳଯାତ୍ରାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରଖାଯିବା ସହ ଜହ୍ନିକୁଦା ଘାଟରେ ଧାରଣା ଦିଆଯାଇଥିଲା। ସୋମବାର ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷର କେତେଜଣ ବ୍ୟକ୍ତି, ସ୍ଥାନୀୟ ବିଡିଓ, ତହସିଲଦାର, ଆଇଆଇସିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏହି ବିବାଦର ସମାଧାନ ରଥଯାତ୍ରା ପରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୩୫ ମୌଜା ପରିଚାଳନା କମିଟି ସହମତି ଜଣାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ମଙ୍ଗଳବାର ଠାରୁ ଡଙ୍ଗା, ଭେସେଲ ଚଳାଚଳ କରିବ।

# ଆଉ ୩ ଜୋନ୍‌ରେ ବିଭକ୍ତ ହେବ ବିଏମ୍‌ସି

ଭୁବନେଶ୍ୱର,୨୦।୬(ବ୍ୟୁରୋ)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ରାଜ୍ୟ ସରକାର ବଡ ଘୋଷଣା କରିଛନ୍ତି। ପୂର୍ବରୁ ବିଏମ୍‌ସିକୁ ୩ଟି ଜୋନରେ ବିଭକ୍ତ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଆଉ ୩ଟି ଜୋନ ସୃଷ୍ଟି ହେବାକୁ ଯାଉଛି। ଫଳରେ ରାଜଧାନୀ ଭୁବନେଶ୍ୱରକୁ ମୋଟ୍ ୬ଟି ଜୋନ୍‌ରେ ଭାଗ କରାଯାଇ ପରିଚାଳନା କରାଯିବ। ପ୍ରତି ଜୋନ୍‌ରେ ଅଧିକ ଅଧିକାରୀ ନିଯୁକ୍ତ ହେବା ସହ ସହରବାସୀଙ୍କୁ ହାତପାହାନ୍ତାରେ ବିଏମ୍‌ସି ପକ୍ଷରୁ ସମସ୍ତ ସେବା ମିଳିପାରିବ ବୋଲି ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ କମିଶନର ସଞ୍ଜୟ କୁମାର ସିଂହ ସୂଚନା ଦେଇଛନ୍ତି। ଅପରପକ୍ଷେ ସରକାରଙ୍କ ଏପରି ନିଷ୍ପତ୍ତିକୁ ମେୟର ସୁଲୋଚନା ଦାସ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୂଆ ଜୋନ ହେବାଦ୍ୱାରା ଅଧିକାରୀଙ୍କ ଉପରେ ଭାର କମିବା ସହ ସେମାନେ ଆହୁରି ଦକ୍ଷ ହୋଇପାରିବେ ବୋଲି ମେୟର କହିଛନ୍ତି।

ପୂର୍ବରୁ ଉତ୍ତର ଜୋନ୍ ଅଧୀନରେ ୨୧ଟି ୱାର୍ଡ଼, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୨୧ ଏବଂ ଦକ୍ଷିଣ ପୂର୍ବ ଜୋନ୍ ଅଧୀନରେ ୨୫ଟି ୱାର୍ଡ଼ ରହିଛି। ଏବେ ଆଉ ୩ ଜୋନ୍ ସୃଷ୍ଟି ହେଲେ ପ୍ରତି ଜୋନ୍ ପାଇଁ ୱାର୍ଡ ସଂଖ୍ୟା କମିଯିବା ଓ ଏହାଦ୍ୱାରା ବିଏମସିର ବିଭିନ୍ନ ଯୋଜନା ଅଧିକ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ତେବେ ୱାର୍ଡ଼ ସଂଖ୍ୟା ଓ ସୀମାକୁ ନେଇ ବିଏମ୍‌ସି ପକ୍ଷରୁ କୌଣସି ସୂଚନା ମିଳି ନ ଥିଲେ ମଧ୍ୟ ଏଥିରେ ମଧ୍ୟ କିଛି ଅଂଶରେ ପରିବର୍ତ୍ତନ ହୋଇପାରେ ବୋଲି ଅନୁମାନ କରାଯାଉଛି। ସେହିପରି ପ୍ରୋଭିଜନାଲ ପେନସନ୍ ଓ ପେନ୍‌ଶନ ପାଇବା ପାଇଁ ହନ୍ତସନ୍ତ ହେଉଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉ ସମସ୍ୟା ହେବନାହିଁ। ଏଥିସହ ବିଏମ୍‌ସି କମିଶନରଙ୍କୁ ଅବସରକାଳୀନ ଭତ୍ତା ମଞ୍ଜୁରି ପାଇଁ କ୍ଷମତା ମିଳିଛି। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ତାଲା ଭାଙ୍ଗି ଦୋକାନରୁ ମଦ, ୫ ଲକ୍ଷ ଟଙ୍କା ଚୋରି

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ନିକଟରେ ଥିବା ଏକ ମଦ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଜଣେ ଲୁଟେରା କଳାକନା ବୁଲାଇ ଫେରାର ହୋଇଯାଇଛି। ତାଲା ଭାଙ୍ଗି ମଦ ଦୋକାନରୁ ଦାମୀ ମଦ ସହ ନଗଦ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଛି ଦୁର୍ବୃତ୍ତ। ଲୁହା ରଡ ସାହାଯ୍ୟରେ ଲୁଟ ହୋଇଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଲୁଟେରା ହାପ ପ୍ୟାଣ୍ଟ, ମୁଣ୍ଡରେ ହେଲମେଟ ପିନ୍ଧି ଚୋରି କରିଥିବା ଜଣାପଡିଛି। ଏ ନେଇ ଦୋକାନ ମାଲିକ ହେମନ୍ତ କୁମାର ଜେନା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି

### ସିସିଟିଭିରେ ଚୋରିର ଦୃଶ୍ୟ

ପୋଲିସ ସିସିଟିଭି ଫୁଟେଜ ଆଧାରରେ ଲୁଟେରାଙ୍କୁ ଧରିବା ଲାଗି ତଦନ୍ତ ଆରମ୍ଭ କରିଛି। ତେବେ ଲୁଟେରା ଜଣଙ୍କ ବାଛି ବାଛି ୧୦ ହଜାର, ୨୦ ହଜାରରୁ ଅଧିକ ଦାମର ମଦ ନେଇ ଚମ୍ପଟ ମାରିଛି। ଏଥିସହ ଧରା ନ ପଡିବା ଲାଗି ହାର୍ଡଡିସ୍କ ମଧ୍ୟ ନେଇ ଫେରାର ହୋଇଯାଇଛି। ସୂଚନାନୁଯାୟୀ ସୋମବାର ସକାଳେ ଉକ୍ତ ଦୋକାନର ଜଣେ କର୍ମଚାରୀ ଝାଡୁ କରିବାକୁ ଆସିଥିବା ବେଳେ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ମାଲିକ ହେମନ୍ତଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ଘଟଣାସ୍ଥଳକୁ ଆସି ଦେଖିଥିଲେ।

# ପରିକ୍ରମା ପ୍ରକଳ୍ପ: ସୁପ୍ରିମ୍‌କୋର୍ଟ ପୁନଃ ବିଚାର କରନ୍ତୁ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୨୦।୬(ବ୍ୟୁରୋ): ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ସଂଗଠନ ପକ୍ଷରୁ ସୋମବାର ଭାରତୀୟ ବିଦ୍ୟା ଭବନଠାରେ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଖବରଦାତା ରାଜାରାମ ଶତପଥୀ, ଗବେଷକ ଅନିଲ ଧିର, ଆଇନଜୀବୀ ସଂଗ୍ରାମ ପଟ୍ଟନାୟକ, ପୂର୍ବତନ କୁଳପତି ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ମଞ୍ଚସ୍ଥ ହୋଇଥିଲେ। ଏହି ଆଲୋଚନାରେ ଅତିଥିମାନେ କହିଛନ୍ତି, ମେଘନାଦ ପ୍ରାଚୀର ନିକଟରେ ବଡ଼ ବଡ଼ ଗର୍ତ୍ତ ଖୋଳାଯାଇଛି। ଏହି ଗର୍ତ୍ତ ଖୋଳିବା ଦ୍ୱାରା ମନ୍ଦିର ସହ ପାଚେରି ମଧ୍ୟ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ମନ୍ଦିର ଚତୁଃପାର୍ଶ୍ୱର ବିକାଶ କେମିତି ହେବ ସେ ବିଷୟରେ ଠିକ୍ ଅନୁଧ୍ୟାନ ନ କରି ପ୍ରତ୍ନତାତ୍ତ୍ୱିକ ବିଭାଗ କିପରି ଏମିତି କାର୍ଯ୍ୟକୁ ଅନୁମତି ଦେଲା ସେ ନେଇ ଅନୁଷ୍ଠାନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଗର୍ତ୍ତ ଖୋଳାକୁ ତୁରନ୍ତ ବନ୍ଦ କରାଯାଇ ତାକୁ ପୋତାଯାଉ ବୋଲି ମଧ୍ୟ ଦାବି ହୋଇଛି। ସୁପ୍ରିମକୋର୍ଟରେ ମଧ୍ୟ ଏହାକୁ ନେଇ ପିଟିଶନ ଦାଏର ହୋଇଥିଲା। କିନ୍ତୁ ଏହି ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଏପରି କି ପିଟିଶନରମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ଫାଇନ ମଧ୍ୟ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏପରି ବିଚାର ନୈରାଶ୍ୟଜନକ ଥିଲା ବୋଲି କୁହାଯାଇଛି। କାମ ବନ୍ଦ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ତାହା ବନ୍ଦ କରା ନ ଯାଇ ଦ୍ରୁତଗତିରେ କାର୍ଯ୍ୟ ଚାଲୁରହିଛି। ସୁପ୍ରିମକୋର୍ଟ ଏହା ଉପରେ ପୁନଃ ସମୀକ୍ଷା କରନ୍ତୁ। କାରଣ ଏହା ରାଜ୍ୟବାସୀଙ୍କ ଆଶା ଓ ବିଶ୍ୱାସର କଥା ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

## ଭିଙ୍ଗାରପୁର ସେବା ସମିତିର ୪ ଜୋନ୍ ସଭ୍ୟ ନିର୍ବାଚିତ

ବାଲିଅନ୍ତା,୨୦।୬(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସେବା ସମବାୟ ସମିତିର ପରିଚାଳନା ପରିଷଦରେ ନୂତନ ସଭ୍ୟ ପାଇଁ ୪ଟି ଜୋନ୍‌ରେ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ୪ଟି ଜୋନ୍‌ରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୩ ନଂ. ଜୋନ୍‌ରେ ବ୍ରଜବନ୍ଧୁ ଜେନା, ୪ନଂ. ଜୋନ୍‌ରେ ଶଶାଙ୍କ ଶେଖର ଦାସ, ୬ନଂ. ଜୋନ୍‌ରେ ରମେଶ ଚନ୍ଦ୍ର ଜେନା ଏବଂ ୭ନଂ. ଜୋନ୍‌ରେ ମନୋଜ ନାୟକ ବିଜୟୀ ଘୋଷିତ ହୋଇଥିଲେ। ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ରୂପେ ଅଜୟ ସୁନ୍ଦରାୟ ଓ ସେକ୍ଟର ଅଫିସର ଭାବେ ଶଶୀ ଶେଖର ରଥ ଦାୟିତ୍ୱ ତୁଲାଇଥିଲେ। ଖୋର୍ଦ୍ଧା ଜିଲା ସମବାୟ ନିର୍ବାଚନ ଅଧିକାରୀ ଅଳକା ନନ୍ଦ ଜେନା ସମିତିକୁ ପରିଦର୍ଶନରେ ଆସି ନିର୍ବାଚନ କାର୍ଯ୍ୟ ତଦାରଖ କରିଥିଲେ।

## ବରଣମାଳା, ଶଙ୍ଖା, ସିନ୍ଦୂର ଧରି ଥାନାରେ ମହିଳା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ହାତରେ ଥିଲା ବରଣମାଳା, ଶଂଖା, ସିନ୍ଦୁର ଓ ଗୋଲାପ ଫୁଲ। ଏକା ଜିଦ୍ ମୁଁ ବାହା ହେବି ତ କେବଳ ମୋ ପ୍ରେମିକ ଟୁଙ୍ଗୁରଙ୍କୁ। ସୋମବାର ଭରତପୁର ଥାନା ଭିତରେ ମହିଳା ଜଣକ ବସି ରହିବା ସହ ପ୍ରେମିକଙ୍କୁ ବିବାହ କରିବାକୁ ଅଡି ବସିଥିଲେ। ଏହାକୁ ନେଇ ପୋଲିସ ଅଡୁଆରେ ପଡିଥିଲେ। ପରେ ପୋଲିସ ତାଙ୍କ ପ୍ରେମିକଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ହେଲେ ମହିଳା ଜଣକ ବିବାହିତ ଥିବାରୁ ପୁଅକୁ ବିବାହ କରାଇବାକୁ ମନା କରିଦେଇଥିଲେ। ତେବେ ଏହି ଘଟଣାକୁ ନେଇ ଥାନା ପରିସରରେ ବହୁ ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନାନୁସାରେ, ଭରତପୁର ଅଞ୍ଚଳରେ ରହିଥିବା ଉକ୍ତ ମହିଳା ଜଣକ ପୂର୍ବରୁ ବିବାହିତ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ କରିଥିବାବେଳେ ତାଙ୍କର ଦୁଇ ପୁତ୍ର ସନ୍ତାନ ଅଛନ୍ତି। ଗତ ପ୍ରାୟ ଅଢ଼େଇ ବର୍ଷ ପୂର୍ବେ ମହିଳା ଜଣକ ସିକିରି ଅଞ୍ଚଳର ଯୁବକ ଆଲୋକ ଭୋଳ ଓରଫ ଟୁଙ୍ଗୁରଙ୍କୁ ଭଲ ପାଇଥିଲେ। ଆଲୋକ ଜଣେ ଅଟୋ ଚାଳକ। ତାଙ୍କ ଅଟୋରେ ଯିବା ଆସିବା ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଆଲୋକ ମହିଳାଙ୍କ ଘରକୁ ମଧ୍ୟ ଯିବା ଆସିବା କରିବା ସହ ଦୁହେଁ ସାରା ଜୀବନସାଥୀ ହୋଇ ରହିବାକୁ ନିଷ୍ପତ୍ତି ନେଇଥିଲେ। ମହିଳା ଜଣକ କହିବା କଥା ଆଲୋକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। କିନ୍ତୁ ପରେ ତାଙ୍କ ପରିବାର ଲୋକ ଆଲୋକଙ୍କୁ ଅନ୍ୟତ୍ର ବିବାହ କରିବାକୁ ଠିକ୍ କରିବାରୁ ସେ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଭରତପୁର ପୋଲିସ ଆଲୋକଙ୍କୁ ଥାନାକୁ ଆଣି ଘଟଣାର ସତ୍ୟାସତ ଜାଣିବାକୁ ପଚରାଉଚରା କରୁଛି। ସେପଟେ ମହିଳା ଆଲୋକଙ୍କୁ ବିବାହ ନ କରିବା ପର୍ଯ୍ୟନ୍ତ ଥାନା ଆଗରୁ ହଟିବେ ନାହିଁ ବୋଲି କହି ଜିଦ୍ ଧରି ବସିଛନ୍ତି।

## ଲିଙ୍ଗରାଜ ମନ୍ଦିର ଭିତରେ ଫଟୋ ଉଠାଇଲେ ସଙ୍ଗୀତକାର

ପୁରୁଣା ଭୁବନେଶ୍ୱର,୨୦।୬(ଡି.ଏନ୍.ଏ.)

ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ଐତିହ୍ୟ ଏକାମ୍ର କ୍ଷେତ୍ର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅବହେଳା ଯୋଗୁ ମନ୍ଦିରର ପରମ୍ପରା ଭଙ୍ଗ ହେବା ସହ ବିଭିନ୍ନ ସମୟରେ ନୀତି ବନ୍ଦ ହେଉଥିବା ନଜିର ରହିଛି। ସୋମବାର ଜଣେ ସଙ୍ଗୀତକାର ପରିବାର ସହ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବାକୁ ଆସିଥିଲେ। ସେ ଆନନ୍ଦ ବଜାରଠାରେ ଉଠାଇଥିବା ଫଟୋ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଯାହାକୁ ନେଇ ସେବାୟତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିପରି ସେ ମୋବାଇଲ ଫୋନ ମନ୍ଦିର ଭିତରକୁ ନେଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଭବନଠାରେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

## ଅଜିତ ଦାସ, ଜୟିରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଦ୍ୱିତୀୟ ଓଲିଉଡ୍ ସିନେ ଆୱାର୍ଡସ୍ ସୋମବାର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଇପିଏସ୍ ଅରୁଣ ବୋଥ୍ରା, ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ, ଡ. ଜୟନ୍ତ କୁମାର ପଣ୍ଡା, କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ, ସିଏମ୍‌ଡି କଳିଙ୍ଗ ଟିଭି ହିମାଂଶୁ ଖଟୁଆ, ସଂସ୍କୃତି ବିଭାଗ ସଚିବ ରଞ୍ଜନ ଦାଶ, ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ମେଗା ବିଲ୍ଡରର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ବେହେରା ଓ ରମେଶ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଆ ସିନେମାରେ ନିଜର ଉତ୍ସର୍ଗୀକୃତ ଅବଦାନ ପାଇଁ ଦିବଂଗତ ବର୍ଷୀୟାନ ଅଭିନେତା ଅଜିତ ଦାସ ଓ ପରିଣତ ବୟସରେ କମେଡି ପାଇଁ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ବର୍ଷୀୟାନ ହାସ୍ୟ ଅଭିନେତା ଜୟିରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାସହିତ ଏକ ସ୍ୱତନ୍ତ୍ର ସମ୍ମାନରେ ଓଲିଉଡ୍ ନାୟକ ଜ୍ୟୋତିରଞ୍ଜନ ନାୟକଙ୍କୁ ବିଜୟ ମହାନ୍ତି ସମ୍ମାନ, ନାୟକ ଅମ୍ଲାନ ଦାସଙ୍କୁ ଅଜିତ ଦାସ ସମ୍ମାନ, ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସୁଜାତା ଆନନ୍ଦ ସମ୍ମାନ, ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବସନ୍ତ ନାୟକ ସମ୍ମାନ ଏବଂ ଦିବ୍ୟା ମହାନ୍ତିଙ୍କୁ ଗୀତା ଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା । ଅନନ୍ୟା ମିଶ୍ରଙ୍କୁ ବେଷ୍ଟ ଆକ୍ଟ୍ରେସ୍, ବେଷ୍ଟ ଡାଇରେକ୍ଟର ଭାବେ ସ୍ନେହାଶିଷ ଦାଶ, ଚରିତ୍ର ଚଳଚ୍ଚିତ୍ରକୁ ବେଷ୍ଟ ଜୁରି ମେମ୍ବରଙ୍କ ପକ୍ଷରୁ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବିଭାଗରେ ୨୦୨୧ ପାଇଁ ଶ୍ରେଷ୍ଠ ନାୟକ ଭାବେ ସିଦ୍ଧାନ୍ତ ମହାପାତ୍ର, ଶ୍ରେଷ୍ଠ ନାୟିକା ଭାବେ ଭୂମିକା ଓ 'ଚକ୍ଷୁବନ୍ଧନ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଆଦି ଅନେକ ବିଭାଗରେ ଚୟନ ହୋଇଥିବା ବ୍ୟକ୍ତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ଲିଲସ୍ ଆଣ୍ଡ୍ ଗ୍ଲିଲସ୍ ଅନୁଷ୍ଠାନର ସଂସ୍ଥାପକ ସ୍ମିତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବନ ବିଭାଗ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

ବାଲୁଗାଁ,୨୦।୬(ଡି.ଏନ୍.ଏ.)




ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଂଘର ତତ୍ତ୍ୱାବଧାନରେ ସୋମବାର ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତ ଆଞ୍ଚଳିକ କମିଟିର ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ୪ ଦଫା ଦାବି ନେଇ ବାଲୁଗାଁ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ପାରମ୍ପରିକ ଧନୁ ତୀର ଓ ଅସ୍ତ୍ରଶସ୍ତ୍ର ଧରି କାର୍ଯ୍ୟାଳୟ ଆଗରେ ନାରାବାଜି ଦେଇଥିଲେ।

ଅଭିଯୋଗ ମୁତାବକ, ଗତ କିଛିମାସ ହେବ ଦାମିଆ ବରବରା ଏବଂ ନୀଳାଦ୍ରି ପ୍ରସାଦ ପଞ୍ଚାୟତର ଆଦିବାସୀଙ୍କ ଉପରେ ସ୍ଥାନୀୟ ବନ ବିଭାଗର କେତେଜଣ କର୍ମଚାରୀ ଅତ୍ୟାଚାର କରୁଛନ୍ତି। ସେମାନଙ୍କ ଲଙ୍ଗଳ, କାତି, କୁରାଢ଼ି ଓ ମୋବାଇଲ ଫୋନ୍ ଛଡ଼ାଇନେବା ସହ ଫରେଷ୍ଟ ବିଟ୍ ହାଉସକୁ ଡକାଇ ଗିରଫ ଭୟ ଦେଖାଇ ଅର୍ଥ ଆଦାୟ କରୁଛନ୍ତି। ବଂଶାନୁକ୍ରମିକ ଭାବେ ଜଙ୍ଗଲ ଜମିରେ ଚାଷକରି ଜୀବିକା ନିର୍ବାହ କରିଆସୁଥିବା ଆଦିବାସୀଙ୍କୁ ଚାଷ କରିବା ପାଇଁ କର୍ମଚାରୀମାନେ ବାରଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଚାଷ ଉପକରଣ, ମୋବାଇଲ ଫୋନ୍ ଓ ଟଙ୍କା ଫେରସ୍ତ କରିବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗ୍ରାମସଭା ମାଧ୍ୟମରେ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ପୂର୍ବ ଆବେଦନ ଅନୁଯାୟୀ ଜଙ୍ଗଲ ଜମିପଟ୍ଟା ବଣ୍ଟନ, ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଆଦି ୪ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲୁଗାଁ ବନ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଅବଗତ କରାଯିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଘେରାଉ ହଟିଥିଲା। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏହି ଘେରାଉରେ ରାଜ୍ୟ କ୍ଷେତ ମଜଦୁର କିଷାନ କମିଟିର ସଭ୍ୟ ଶ୍ରୀକାନ୍ତ ମହାନ୍ତି, ନିରାକାର ନାୟକ ଯୋଗଦେଇଥିବା ବେଳେ ଆଞ୍ଚଳିକ କ୍ଷେତ ମଜଦୁର କିଷାନ କମିଟି ପକ୍ଷରୁ ଦେବରାଜ ଶବର, ଶିବରାମ ଶବର, ମହେଶ୍ୱର ଶବର, ସୁରେନ୍ଦ୍ର ଶବର, ବିକ୍ରମ ଶବର, ଗୁରୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଭାରତରୀୟ ସେନାରେ ୪ ବର୍ଷିଆ ଠିକା ନିଯୁକ୍ତି ଯୋଜନା 'ଅଗ୍ନିପଥ'କୁ ବିରୋଧ କରି ସୋମବାର ଭୀମ୍ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।



ଅଗ୍ନିପଥ ଯୋଜନାକୁ ନେଇ ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ଭୁବନେଶ୍ୱର ରେଳ ଷ୍ଟେଶନରେ ହାଇ ଆଲର୍ଟ ଜାରି କରାଯିବା ସହ ପ୍ରବେଶ ପଥରେ ଯାତ୍ରୀମାନଙ୍କୁ କଡାକଡି ଯାଞ୍ଚ କରି ଛଡ଼ାଯାଉଛି।




ପୂର୍ବ ନିଯୁକ୍ତିକ୍ରମେ ପୂର୍ଣ୍ଣ ପେନ୍‌ସନ୍ ପ୍ରଦାନ ଦାବିରେ ସରକାରୀ ବ୍ରଟ୍‌ଓଭର କର୍ମଚାରୀ ସେବା ନିବୃତ୍ତ ପରିଷଦ ପକ୍ଷରୁ ଭୁବନେଶ୍ୱର ୟୁନିଟ୍ ୪ ସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

**ସଡ଼କ ଦୁର୍ଘଟଣା, ୨ ଗୁରୁତର**

ସାଲେପୁର,(ଡି.ଏନ୍.ଏ.):କଟକ-ସାଲେପୁର ରାସ୍ତାର ମାଛୁଆଡି ଛକ ନିକଟରେ ଏକ ଆମ୍ବ ବୋଝେଇ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାଲିସାହି ପଞ୍ଚାୟତର ଜିଆର୍‌ଏସ୍ ତଥା ନଗସପୁର ଗ୍ରାମର ଅଜୟ ଦାସ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକର ଏକ ବେସରକାରୀ ମେଡିକାଲରେ ଭର୍ତ୍ତି କରିଛନ୍ତି। ଅଜୟ ମଧ୍ୟାହ୍ନରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି। ସେହିପରି ଧବଳେଶ୍ୱର ମନ୍ଦିର ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ପଡ଼ିଯାଇ ଗୁରୁତର ହୋଇଛନ୍ତି। ସାଲେପୁର ଦମକଳ ବାହିନୀ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

## ସଂକ୍ଷେପରେ

### ବନମାଳୀପୁର ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ତିଗିରିଆ,୨୦।୬(ଡି.ଏନ୍.ଏ.): ତିଗିରିଆ ଥାନା ଅନ୍ତର୍ଗତ ବନମାଳୀପୁରର ଶରତ ରାଉତଙ୍କ ଘର ଉପରକୁ ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ମହେନ୍ଦ୍ର ଜେନା (ସରୁଆ)ଙ୍କୁ ତିଗିରିଆ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏହି ଥାନା ଅନ୍ତର୍ଗତ ନୂଆସଡ଼କ ଛକ ନିକଟରୁ ତାଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଗତ ମେ'୩୧ ବିଳମ୍ବିତ ରାତିରେ ଶରତଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା। ଏଥିରେ ତାଙ୍କ ଘରର ଆଜବେଷ୍ଟସ୍ ଉଡ଼ି ଯିବା ସହ ପୁଅ ଶାଶ୍ୱତ ରାଉତ ଏବଂ ସନ୍ତୁଙ୍କ ଝିଅ ମୋନାଲିସା ପ୍ରଧାନ ଆହତ ହୋଇଥିଲେ। ଏନେଇ ଶରତ ଥାନାରେ ସରୁଆଙ୍କ ନାମରେ ଅଭିଯୋଗ କରିଥିଲେ। ସରୁଆଙ୍କ ନାମରେ ଥାନାରେ ପୂର୍ବରୁ ଏକାଧିକ ମାମଲା ଥିବା ଜଣାପଡ଼ିଛି। ପୂର୍ବରୁ ନୂଆପାଟଣାରେ ଏକ ଗୁଳିକାଣ୍ଡ ଘଟଣାରେ ସେ ଗିରଫ ହୋଇଥିଲେ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ: ଜଣେ ଗିରଫ

ତିଗିରିଆ,୨୦।୬(ଡି.ଏନ୍.ଏ.): ତିଗିରିଆ ଥାନା ଅନ୍ତର୍ଗତ ବିରିପୁଟ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ହଣାକଟା ହୋଇଛି। ଏନେଇ ତିଗିରିଆ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି କଟୁରିରେ ଆକ୍ରମଣ କରିଥିବା ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ପ୍ରତାପ ଦାଶ। ଦୀର୍ଘ ବର୍ଷ ଧରି ଜମିବାଡ଼ି ବିବାଦକୁ ନେଇ ଗ୍ରାମର ମାନସ ପଣ୍ଡା ଓ ପ୍ରତାପଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏନେଇ ୨ ପରିବାର ଅନେକ ଥର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ପ୍ରତାପ କୌଣସି କାରଣରୁ ଏକ କଟୁରିରେ ମାନସ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ ଆକ୍ରମଣ କରିଥିଲେ।

### ସାଧୁସୁନ୍ଦର ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ

ଚୌଦ୍ୱାର,୨୦।୬(ଡି.ଏନ୍.ଏ.): ଓଡ଼ିଆ ସମ୍ବାଦପତ୍ର 'କୁଜିବରପତ୍ର'ର ପ୍ରତିଷ୍ଠାତା ମହାତ୍ମା ସାଧୁସୁନ୍ଦର ଦାସଙ୍କୁ ଦେଶରେ ପରିଚିତ କରାଇବାର ଉଦ୍ଦେଶ୍ୟ ନେଇ ଉତ୍କଳ ସାମ୍ବାଦିକ ସଂଘ କଟକ ଜିଲା ଶାଖା ପକ୍ଷରୁ ସୋମବାର ସାଧୁସୁନ୍ଦର ସ୍ମୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାରସ୍ଥିତ ପୌର ଟାଉନହଲ ପରିସରରେ ସଂଘର ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଜିବରପତ୍ର ଦେଶର ପ୍ରଥମ ସମ୍ବାଦପତ୍ର ବୋଲି କହିଥିଲେ। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବସନ୍ତ କୁମାର ସାହାଣୀ, ସୁବାସ ପାଢ଼ୀ, ପ୍ରୀତିରଞ୍ଜନ ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ସୁରେନ୍ଦ୍ର ପଲେଇ, ଗଦାଧର ପଣ୍ଡା, ସୁକେଶ ବେହେରା ଓ କ୍ରିକେଟ୍ ଖେଳାଳି ବିପ୍ଳବ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ଦାସ ସ୍ୱାଗତ ଭାଷଣ ଓ ସଞ୍ଜୀବ୍ ତିୱାରୀ ଧନ୍ୟବାଦ ଦେଇଥିଲେ।

### ଦୁଗ୍ଧଜାତ ବ୍ୟବସାୟୀଙ୍କ ସମସ୍ୟା ଉପରେ ଆଲୋଚନା

ଫୁଲନଖରା,୨୦।୬(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଅଡ଼ାଳିଆ ଗ୍ରାମ ହନୁମାନ ମନ୍ଦିର ପରିସରରେ ସୋମବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟିକ ସଂଘ, ପାହାଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରସଗୋଲା ବ୍ୟବସାୟୀ ସଂଘ ଓ ଛେନା ବ୍ୟବସାୟୀଙ୍କ ମଧ୍ୟରେ ବନ୍ଧୁ ମିଳନ ହୋଇଥିଲା। ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟିକ ସଂଘର ସମ୍ପାଦକ ବିପ୍ଳବ ଯାଦବଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଯାଦବ ମହାସଂଘର ସଭାପତି ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ସମ୍ପାଦକ ପ୍ରଦୀପ ବେହେରା, ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟିକ ସଂଘ ସଭାପତି ଧ୍ରୁବଚରଣ ବେହେରା, ଆମ ପାହାଳ ରସଗୋଲା ସଂଗଠନର ସଭାପତି ଅକ୍ଷୟ ଲେଙ୍କା, ରାଜେନ୍ଦ୍ର ବେହେରା, ବାବୁଲି ବେହେରା, ରାଧାକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ବ୍ୟବସାୟୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜୁଲାଇ ୧୨ରେ ରସଗୋଲା ଦିବସକୁ ଜାତୀୟ ସ୍ତରରେ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା।

# କିନ୍ନରଙ୍କୁ ବାସଗୃହ ପାଇଁ ମିଳିବ ଜମି

## ବିଭିନ୍ନ ସମସ୍ୟା ନେଇ ମେୟରଙ୍କ ସହ ଆଲୋଚନା

କଟକ ଅଫିସ,୨୦।୬

କଟକ ମହାନଗର ନିଗମ(ସିଏମସି)ପକ୍ଷରୁ କିନ୍ନରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ବାସଗୃହ ପାଇଁ ଜମି ଯୋଗାଇ ଦିଆଯିବ। କଟକ ସହରରେ କେତେ ସଂଖ୍ୟକ କିନ୍ନର ରହିଛନ୍ତି ପ୍ରଥମେ ତାଙ୍କୁ ଚିହ୍ନଟ କରାଯିବ। ଏହାପରେ ତହସିଲଦାରଙ୍କ ସହ ଆଲୋଚନା କରାଯାଇ କେଉଁ ଅଞ୍ଚଳରେ ବାସଗୃହ ନିର୍ମାଣ ପାଇଁ ଜମି ଯୋଗାଇ ଦେବା ନେଇ ନିଷ୍ପତ୍ତି ଚୂଡାନ୍ତ ହେବ ବୋଲି ମେୟର କିନ୍ନରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଟକ ସହରରେ ପ୍ରାୟ ୫୦୦ କିନ୍ନର ବସବାସ କରୁଥିବାବେଳେ ତନ୍ମଧ୍ୟରୁ ୨୦୦ଜଣଙ୍କର ପରିଚୟ ପତ୍ର ରହିଛି। ଏବେ କେତେଜଣ କିନ୍ନରଙ୍କ ଦ୍ୱାରା ଗଠନ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ସିଏମ୍‌ସିର ବିଭିନ୍ନ କାର୍ଯ୍ୟରେ ନିୟୋଜନ କରାଯାଇଛି। ଆଗକୁ ଆହୁରି ଅଧିକ କିନ୍ନରକୁ ସ୍ୱାବଲମ୍ବୀ କରିବାକୁ ଯୋଜନା ରହିଥିବା ମେୟର ସୂଚନା ଦେଇଛନ୍ତି। ତେବେ ସୋମବାର କଟକ କିନ୍ନର ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ମେୟରଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରଥମେ ମତ୍ତଗଜ୍ଜୁରଠାରେ ଥିବା ସିଏମ୍‌ସି ମଳ ବିଶୋଧନାଗାରର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବିଶୋଧନାଗାର ପରିଚାଳନା ଦାୟିତ୍ୱରେ ଥିବା କିନ୍ନରମାନେ ସେମାନଙ୍କର ଦାବି ଉପସ୍ଥାପନ କରିଥିଲେ। ବିଶୋଧନାଗାରରେ ଥିବା ମୋଟର ପମ୍ପଗୁଡ଼ିକ ବାରମ୍ବାର ଖରାପ ହୋଇଯାଉଛି, କେତେଜଣ ଅସାମାଜିକ ବ୍ୟକ୍ତି ବିଶୋଧନାଗାର ନିକଟରେ ଥିବା ପାର୍କରେ ଆଡ୍ଡା ଜମାଇବା ଆଦି ସମସ୍ୟା ସମ୍ପର୍କରେ ମେୟରଙ୍କୁ ଅବଗତ କରାଇଥିଲେ। ଉକ୍ତ ପାର୍କରେ କଣ୍ଟାବାଡ ଲଗାଇବା, ଖରାପ ଥିବା ମୋଟରକୁ ମରାମତି କରିବା, କିନ୍ନରଙ୍କର ପ୍ରତି ତିନିମାସରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ବିଶୋଧନାଗାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାସଗୃହ ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଆଲୋଚନା ସମୟରେ ସିଏମ୍‌ସି ଡେପୁଟି କମିଶନର ସିବିତା ରାୟ, ନଗର ଯନ୍ତ୍ରୀ ସୁବାରାଓ ପାତ୍ର, କଟକ କିନ୍ନର ସଂଘର ସଭାପତି ତନୁଶ୍ରୀ ବେହେରା, ବହୁଚରାମାତା ଏସ୍‌ଏଚ୍‌ଜିର ସମ୍ପାଦିକା ଶୀତଳ କିନ୍ନର, ପ୍ରାଚୀ କିନ୍ନର, ଟୁକୁନା କିନ୍ନର, ବିଶାଖା କିନ୍ନର, ରିତା କିନ୍ନର ଓ ସୁମନ କିନ୍ନର ଉପସ୍ଥିତ ଥିଲେ।



ଧର୍ମକୁ ଆକ୍ଷେପ କରି ବିବାଦୀୟ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ଓ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜମିୟତ ଉଲାମା-ଏ-ଓଡ଼ିଶା ପକ୍ଷରୁ ସୋମବାର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ବାହାରିଥିବା ସଦସ୍ୟମାନେ।

# ୨୯ ଅଭିଯୋଗରୁ ୧୪ ତ୍ୱରିତ ସମାଧାନ



ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ

କଟକ ଅଫିସ,୨୦।୬

କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ଜିଲାର ଅଧିକାରୀମାନେ ପ୍ରଚେଷ୍ଟା ଜାରି ରଖିବାକୁ କହିଥିଲେ। ଏଥିସହ ପ୍ରଶାସନ ନିକଟରେ ଅଭିଯୋଗ ନେଇ ପହଞ୍ଚୁଥିବା ଜନସାଧାରଣଙ୍କୁ ବିଧିବ୍ୟବସ୍ଥା ମଧ୍ୟରେ ନ୍ୟାୟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆସିଥିବା ବିଭିନ୍ନ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ବୈଠକରେ ମୋଟ ୨୯ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିବାବେଳେ ବ୍ୟକ୍ତିଗତ ୨୭ଟି ଏବଂ ସାମୂହିକ ଅଭିଯୋଗ ୨ଟି ଥିଲା। ଅଭିଯୋଗ ସ୍ଥଳରେ ୧୪ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ହିମୋଫିଲିଆ ଚିକିତ୍ସା ନିମନ୍ତେ ସାଲେପୁର ଅଞ୍ଚଳର ସ୍ୱପ୍ନଜିତ ବେହେରାଙ୍କୁ ୫ହଜାର ଓ ଅଭିଜିତ ବେହେରାଙ୍କୁ ୧୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ରାଜସ୍ୱ, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ପେନସନ ଏବଂ ନିର୍ବାଚନ ସମ୍ବନ୍ଧିତ ଅଭିଯୋଗ ଥିଲା। ଏହି ବୈଠକରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗୋଳ କିଶୋର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଅତିରିକ୍ତ ପୋଲିସ ଆୟୁକ୍ତ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ କାଳୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଥାଲାସେମିଆରେ ଆକ୍ରାନ୍ତ ୨ ପିଲାଙ୍କୁ ସହାୟତା

ସାଲେପୁର,୨୦।୬ (ଡି.ଏନ୍.ଏ.)

ଉତ୍ତର ବଟେଶ୍ୱର ଗ୍ରାମର ଦୀନବନ୍ଧୁ ବେହେରାଙ୍କ ୨ପୁଅ ଥାଲାସେମିଆ ରୋଗରେ ଆକ୍ରାନ୍ତ। ଦୁହିଁଙ୍କ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବା ଖବରପାଇ ବିଧାୟକ ପ୍ରଶାନ୍ତ ବେହେରା ଓ ବାଲିସାହି ସରପଞ୍ଚ ପବିତ୍ର ସାମଲ ଆର୍ଥିକ ସହାୟତା ଦେଇଛନ୍ତି। ଦୀନବନ୍ଧୁଙ୍କ ଘରେ ବିଧାୟକଙ୍କ ପକ୍ଷରୁ ଗୁଲରେଜ୍ ଅଲ୍ଲୀ ଓ ସରପଞ୍ଚ ପହଞ୍ଚି ସହାୟତା ଦେଇଥିଲେ।

# ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

## ସାମାଜିକ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ

କଟକ ଅଫିସ, ୨୦।୬

ଧର୍ମକୁ ଆକ୍ଷେପ କରି ବିବାଦୀୟ ମନ୍ତବ୍ୟ ଦେଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନଗୁଡ଼ିକ ବିରୋଧରେ ଆଇନ ଅନୁଯାୟୀ ଦୃଢ ପଦକ୍ଷେପ ନେବାକୁ ଜମିୟତ ଉଲାମା-ଏ-ଓଡ଼ିଶା ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ସୋମବାର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଏଥିରେ ଉଲ୍ଲେଖ ହୋଇଛି ଯେ, ଇସ୍‌ଲାମ ଧର୍ମାବଲମ୍ବୀମାନେ ଆଲ୍‌ହାଙ୍କ ପରେ ପୈଗମ୍ବର ମହମ୍ମଦ୍‌ଙ୍କୁ ଧର୍ମର ସୃଷ୍ଟିକର୍ତ୍ତା ବୋଲି ଅବଲମ୍ବନ କରନ୍ତି। ଏଥିସହ ତାଙ୍କ ବାଣୀ ଓ ନିର୍ଦ୍ଦେଶାବଳୀକୁ ଅନୁସରଣ କରନ୍ତି। କିନ୍ତୁ ଦୁଃଖର ବିଷୟ, ଏକ ରାଜନୈତିକ ଦଳର ବକ୍ତା ବିବାଦୀୟ ମନ୍ତବ୍ୟ ଦେଇ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟପକ୍ଷରେ ଉକ୍ତ ମନ୍ତବ୍ୟକୁ ନେଇ ରାଜ୍ୟରେ କେତେଜଣ ବ୍ୟକ୍ତି ଓ ସଙ୍ଗଠନ ସାମାଜିକ ଗଣମାଧ୍ୟମ ହ୍ୱାଟ୍‌ସ ଆପ୍, ଫେସ୍‌ବୁକ୍ ଓ ଟୁଇଟରରେ ଧାର୍ମିକ ଭାବନା କ୍ଷୁଣ୍ଣ ହେଲା ଭଳି ମନ୍ତବ୍ୟ ଦେଉଛନ୍ତି। ଏଭଳି ମନ୍ତବ୍ୟ ଦେଉଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ମୌଲାନା ମହମ୍ମଦ ଅଲ୍ଲୀ, ମୁଫ୍‌ତି ଇସ୍‌ଲାମ, ମୁଫ୍‌ତି ଅବଦୁଲ ରେହମାନ ପ୍ରମୁଖ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏଡିଜିପି (ଆଇନ ଶୃଙ୍ଖଳା) ଆର୍.କେ.ଶର୍ମାଙ୍କୁ ସ୍ମାରକପତ୍ର ଦେଇଥିଲେ।

### ୬୩ ୟୁନିଟ୍ ରକ୍ତ ସଂଗ୍ରହ

ଖୁଣ୍ଟୁଣୀ,୨୦।୬(ଡି.ଏନ୍.ଏ.)

ରାଧାଶ୍ୟାମପୁରସ୍ଥିତ ଜେକେ ଲକ୍ଷ୍ମୀ ସିମେଣ୍ଟ କାରଖାନା ପରିସରରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କାରଖାନାର ପରିଚାଳକ ଗିରିଶ ତିୱାରୀ ଉଦ୍‌ଘାଟନ କରିଥିଲେ। ଜେକେ ଲକ୍ଷ୍ମୀ ଗ୍ରୁପର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ହରିଶଙ୍କର ସିଂହାଣିଆଙ୍କ ୮୯ତମ ଜନ୍ମବାର୍ଷିକ ଅବସରରେ କାରଖାନା ପକ୍ଷରୁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କଟକ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ଡା. ଅମ୍ଳାନ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬୩ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ କାରଖାନାର ଅଧିକାରୀ ସୁବାସ ଚନ୍ଦ୍ରା, ସୁଶୀଲ କୁମାର ରାଉତ, ସୁଜନ ସିଂହ, ଦିଲୀପ ମିଶ୍ର, ବିଜୟ ଦାସ, ମନୋଜ ଦାସ, ଭବାନୀ ପ୍ରସନ୍ନ ପତି ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ପଣ୍ଡା, ପରମାନନ୍ଦ ମୁଦୁଲି, ନୃସିଂହ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପେନ୍‌ସନରୁ ବଞ୍ଚିତ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ

ଫୁଲନଖରା,୨୦।୬(ଡି.ଏନ୍.ଏ.)

ରାଜ୍ୟର ୫୧ଟି ପୂର୍ଣ୍ଣଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟ(ଦିବ୍ୟାଙ୍ଗଙ୍କ ପାଇଁ)ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଥାଇ ମଧ୍ୟ ପେନ୍‌ସନରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶଯୋଗ୍ୟ, ଉକ୍ତ ବିଦ୍ୟାଳୟର କର୍ମଚାରୀଙ୍କ ପେନ୍‌ସନ ବାବଦରେ ଅର୍ଥ ବିଭାଗ କରିଥିବା ଚିଠି ନଂ. ୧୨/୨୦୧୭ ଓ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ବିଭାଗର ଚିଠି ନଂ.୨୬/୨୦୧୭ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ବିଭାଗୀୟ ଅଧିକାରୀଙ୍କ କୁଚକ୍ରାନ୍ତ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଘଟଣାଟି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଫୁଲନଖରାସ୍ଥିତ ୟୁଟିଆ ଶିକ୍ଷକ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଏକ ପ୍ରେସ୍ ବିବୃତି ମାଧ୍ୟମରେ ପ୍ରକାଶ କରିଛନ୍ତି। ୩୦ରୁ ୩୫ ବର୍ଷ ଧରି ଚାକିରି କରି ଅବସର ନେଇ ଶହଶହ ଶିକ୍ଷକ ଓ କର୍ମଚାରୀମାନେ ପେନସନରୁ ବଞ୍ଚିତ ହୋଇ ନାନା ଆର୍ଥିକ ଅନଟନର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀଙ୍କ ଆର୍ଥିକ ଅନଟନଜନିତ ମୃତ୍ୟୁ ହୋଇଗଲାଣି। ଶିକ୍ଷା ଆଇନ ୧୯୮୧ ମସିହାର ପେନ୍‌ସନ ନିୟମ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରାଯାଉଥିବାବେଳେ ସାମ୍ବିଧାନିକ ପ୍ରଦତ୍ତ ନାଗରିକମାନଙ୍କୁ ସମାନ ସୁବିଧା ପ୍ରଦାନ ଅଧିକାରରୁ ଉକ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ବଞ୍ଚିତ କରାଯାଉଛି। କେନ୍ଦ୍ର ତଥା ରାଜ୍ୟ ସରକାର ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ସେମାନଙ୍କୁ ଶିକ୍ଷା ଦେଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପ୍ରତି ଅବହେଳା କରିବା ଦୁର୍ଭାଗ୍ୟଜନକ। ତେଣୁ ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ଉପଯୁକ୍ତ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ପ୍ରଫେସର ଖଟୁଆ କହିଛନ୍ତି।

# ଶୁକ ପାଇକା ନଦୀର ପୁନରୁଦ୍ଧାର ପାଇଁ ୪୪ କୋଟି ବ୍ୟୟ

କଟକ ସଦର,୨୦।୬(ଡି.ଏନ୍.ଏ.)

କଟକ ସଦର- କିଶନ ନଗର- ରଘୁନାଥପୁର ତହସିଲ ମଧ୍ୟରେ ପ୍ରବାହିତ ଶୁକ ପାଇକା ନଦୀ। ଏହି ନଦୀର ପୁନରୁଦ୍ଧାର ପାଇଁ ୪୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୫-ଟି ସଚିବଙ୍କ ନିର୍ଦ୍ଦେଶକ୍ରମେ ଓ କଟକ ଜିଲାପାଳଙ୍କ ପରାମର୍ଶରେ କଟକ ଡ୍ରେନେଜ ଡିଭିଜନ ଦ୍ୱାରା ଏହି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। କଟକ ସଦର ବ୍ଲକ ଅନ୍ତର୍ଗତ ଆୟତ୍ତପୁରଠାରେ ଏକ ସ୍ଲୁଇସ ଗେଟ କରାଯାଇ ଏଥିରେ ମହାନଦୀ ଜଳପ୍ରବାହିତ କରାଯିବ। ଜଳ ସଙ୍କଟ ସମୟରେ ଏହି ଶୁକ ପାଇକ ନଦୀ ଦ୍ୱାରା ଆୟତ୍ତପୁର, ଦଣ୍ଡୁଆସିପଡ଼ା, ବ୍ରାହ୍ମଣବାଡ଼, ଦାମୋଦରପୁର, କମାପୁର, ଅଲାରପୁର୍, କମାପୂର, ଅରିଲୋ, ଯଶପଡ଼ା, ପାଇକସାହି, କୋସିଦା, କୋଟୁଆଁ, ବସ୍ତପଡା, ସୋମପୁର ଓ ମାଣପୁର ପ୍ରଭୃତି ଅଞ୍ଚଳର ଲୋକମାନେ ବେଶି ଉପକୃତ ହେବେ। ବର୍ତ୍ତମାନ ପଠାରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଭୂମି ଅଧିଗ୍ରହଣ ପାଇଁ କଟକ ସଦର ଓ କିଶନ ନଗର ତହସିଲଦାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାଛଡା ନଦୀ କିସମ ଜମିରେ ସ୍ଥାୟୀ ନିର୍ମାଣ ଓ ଖନନ କାମକୁ ମଧ୍ୟ ନିରୁତ୍ସାହିତ କରିବା ପାଇଁ କଟକ ଓ ଜଗତ୍‌ସିଂହପୁର ଜିଲାପାଳଙ୍କୁ କୁହାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ରିପୋର୍ଟକୁ କଟକ ଜିଲାପାଳଙ୍କୁ ପତ୍ର ସଂଖ୍ୟା୨୫୪୭/୬।୮।୨୦୨୦ରେ ଡ୍ରେନେଜ ଡିଭିଜନ କର୍ତ୍ତୃପକ୍ଷ ହସ୍ତାନ୍ତର କରିଛନ୍ତି। ଅର୍ଥମଞ୍ଜୁର ପାଇଁ ପ୍ରକଳ୍ପ ତାଲିକାକୁ ଜିଲା ଅଫିସରୁ ୫-ଟି ସଚିବଙ୍କ ପାଖକୁ ପଠାଇ ଦେଇଛନ୍ତି। ଟଙ୍କା ଆସିବା ମାତ୍ରେ ଟେଣ୍ଡର କରାଯିବ ବୋଲି ଡ୍ରେନେଜ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାର କହିଛନ୍ତି। ୧୯୫୧ ମସିହାରେ କିଶନ ନଗର ଅଞ୍ଚଳରେ ସାଉଥ ଓ ନର୍ଥ ଚାନେଲ ଖୋଳିବା ପାଇଁ ୨୭.୫କିମି ଲମ୍ବ ଶୁକ ପାଇକାକୁ ସବୁଦିନ ପାଇଁ ବନ୍ଦକରି ଦିଆଯାଇଥିଲା। ବର୍ତ୍ତମାନ ଉକ୍ତ ନଦୀର ଶତକଡା ୭୫ ଭାଗ ଜମିରେ ସ୍ଥାୟୀ ନିର୍ମାଣ ସହ ଜମିକୁ ସ୍ଥିତିବାନ କରିଦିଆଯାଇଛି। ଫଳରେ ସରକାରଙ୍କୁ ପୁଣି ଜମି ଲୋକଙ୍କଠାରୁ କିଣିବାକୁ ପଡ଼ିବ।



ଦଳିତମାନଙ୍କ ଜମି ବିବାଦର ବିଚାର ସରିଥିବା ମାମଲାକୁ ଚାପି ରଖିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସୋମବାର କଟକରେ ଦଳିତ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଷ୍ଟିୱାର୍ଟ ସ୍କୁଲରେ ମ୍ୟୁଜିକାଲ ଏକ୍ସଟ୍ରାଭାଗାଞ୍ଜା




ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ମ୍ୟୁଜିକାଲ୍ ଏକ୍ସଟ୍ରାଭାଗାଞ୍ଜା କାର୍ଯ୍ୟକ୍ରମ।

କଟକ ଅଫିସ,୨୦।୬

କଟକ ଷ୍ଟିୱାର୍ଟ ସ୍କୁଲ ଅଡିଟୋରିୟମରେ ମ୍ୟୁଜିକାଲ ଏକ୍ସଟ୍ରାଭାଗାଞ୍ଜା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଭାଗ ନେଇ ଚିତ୍ରାଙ୍କନ, ବାଦ୍ୟଯନ୍ତ୍ର, ଗୀତ ଓ ଟାଏକୋଣ୍ଡୋରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟୁଜିକ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଛୁଟି ସମୟରେ ତାଲିମ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ କଳାକୃତିକୁ ଦେଖି ବିଦ୍ୟାଳୟରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଅନ୍ୟମାନେ ମୁଗ୍ଧ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଡାୟୋସିସ୍‌ର ରେଭରେଣ୍ଟ ଅଜୟ ବେହେରା, ପଙ୍କଜ ସାହାଣୀ ଓ ସୌରଭ ସମ୍ପଦ ଦାଶ ଯୋଗଦେଇଥିଲେ। ଏଥିରେ ଟାଏକୋଣ୍ଡୋର ସୁଦୀପ୍ତା ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହଯୋଗ କରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ଏଫ୍. ସି. ନର୍ଥ, ସହ ପରିଚାଳିକା ଡି. ମାଟିନା, ଶିକ୍ଷୟିତ୍ରୀ ଅର୍ଚ୍ଚନା ଦାସ କାନୁନଗୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୩ରୁ କଂଗ୍ରେସର ରକ୍ତଦାନ ଶିବିର

କଟକ ଅଫିସ, ୨୦।୬:

ଆସନ୍ତା ୨୩, ୨୪ ଓ ୨୫ ତାରିଖରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ରକ୍ତଦାନ ଶିବିର 'ଅମୃତ ଧାରା' ଆୟୋଜନ ହେବ। କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଶେଲ୍‌ଟର ଛକସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଖବରଦାତା ସମ୍ମିଳନୀରେ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି।

# ଜଙ୍ଗଲରେ ଚୋରା କୋଇଲା କାରବାର: ୫ ଟନ୍ ଜବତ

ଖୁଣ୍ଟୁଣୀ,୨୦।୬(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୃଷ୍ଣଶ୍ୟାମପୁର ଦେଉଳିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବେଆଇନ ଭାବେ ଚୋରା କୋଇଲା କାରବାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀଶଙ୍କର ଖୁଣ୍ଟିଆ ସୋମବାର ଟିମ୍ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ଚୋରା କୋଇଲା ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ପ୍ରାୟ ୫ଟନ କୋଇଲା ଜବତ କରିଥିଲେ। ଚଢ଼ାଉ ବେଳେ ସେଠାରେ କୋଇଲା ମାଫିଆ ଖସି ଯାଇଥିବା ଖୁଣ୍ଟିଆ କହିଛନ୍ତି। ଏ ନେଇ ଥାନା ପକ୍ଷରୁ ନଂ.୧୩୧/୨୨ରେ ଏକ ମାମଲା ହୋଇଛି। ଏହି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ତାଳଚେର ଅଞ୍ଚଳରୁ ଆସୁଥିବା କୋଇଲା ରଖି ଏଥିରେ ପୋଡ଼ା କୋଇଲା ମିଶାଇବା ଓ ଏହି ଅପମିଶ୍ରଣ କୋଇଲାକୁ ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ। ଏହି କୋଇଲା ଓ ପୋଡ଼ା ଗୁଣ୍ଡକୁ ଖୁଣ୍ଟୁଣୀର ଜଣେ କୋଇଲା ବ୍ୟବସାୟୀ ରଖିଥିବାର ସ୍ଥାନୀୟ ଜଙ୍ଗଲ କମିଟିର ଲୋକେ ଆଇଆଇସି ଖୁଣ୍ଟିଆଙ୍କୁ ସୂଚନା ଦେଇଥିବା ଆଇଆଇସି କହିଛନ୍ତି।

# ସିଏମ୍‌ସି ପରିମଳ ଟେଣ୍ଡରର ଫାଇନାନ୍ସିଆଲ ବିଡ୍ ଖୋଲିଲା

## ୩ ଘରୋଇ ସଂସ୍ଥାକୁ ସହରର ସଫେଇ ଦାୟିତ୍ୱ

କଟକ ଅଫିସ,୨୦।୬

ଦୀର୍ଘ ସମୟର ଅପେକ୍ଷା ପରେ ସୋମବାର କଟକ ମହାନଗର ନିଗମ (ସିଏମ୍‌ସି) ପରିମଳ ଟେଣ୍ଡରର ଫାଇନାନ୍ସିଆଲ ବିଡ୍ ଖୋଲାଯାଇଛି। ଫଳରେ ଦୀର୍ଘ ୬ ବର୍ଷ ଧରି ବିନା ଟେଣ୍ଡରରେ ଚାଲିଥିବା ପରିମଳ କାମ ଏଥର ଟେଣ୍ଡର ଜରିଆରେ ହେବ। ସିଏମ୍‌ସିର ୫୯ଟି ୱାର୍ଡକୁ ୬ଟି ଜୋନ ବିଭକ୍ତ କରାଯାଇଛି। ୫ଟି ଜୋନରେ ୧୦ଟି ଲେଖାଏ ୱାର୍ଡ ଅର୍ନ୍ତଭୁକ୍ତ ଥିବାବେଳେ ଗୋଟିଏ ଜୋନରେ ୯ଟି ୱାର୍ଡ ରହିଛି। ଆସନ୍ତା ୫ ବର୍ଷ ପାଇଁ ୩ଟି ଘରୋଇ ସଂସ୍ଥାକୁ ଏହି ୱାର୍ଡ ଅନୁଯାୟୀ ସଫେଇ ପାଇଁ ଦାୟିତ୍ୱ ଦିଆଯାଇଛି। ତେବେ ଉକ୍ତ ୩ଟି ସଂସ୍ଥା ହେଉଛି ଜାଗୃତି, ପ୍ରତ୍ୟୁଷ ଓ ମଞ୍ଜୁ ସର୍ଭିସ। ସେମାନଙ୍କ ମଧ୍ୟରୁ ଜାଗୃତିକୁ ଜୋନ-୧ ଏବଂ ଜୋନ-୬, ମଞ୍ଜୁକୁ ଜୋନ-୩ ଓ ପ୍ରତ୍ୟୁଷକୁ ଜୋନ-୫ ଏବଂ ୨ରେ ସଫେଇ କାର୍ଯ୍ୟ କରିବେ। ସେହିଭଳି ୪ ନମ୍ବର ଜୋନରେ ଉଭୟ ପ୍ରତ୍ୟୁଷ ଏବଂ ମଞ୍ଜୁ ସଂସ୍ଥା ମିଳିତ ଭାବେ ପରିମଳ ଦାୟିତ୍ୱରେ ତୁଲାଇବେ। ଆସନ୍ତା କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହେବା ପରେ କାଉନସିଲରେ ଏହାକୁ ପାରିତ କରାଯିବ। ଏଥିସହ ନଗର ଉନ୍ନୟନ ବିଭାଗର ଅନୁମୋଦନ ପରେ ସମ୍ପୃକ୍ତ ସଂସ୍ଥାକୁ ସଫେଇ କାର୍ଯ୍ୟ ଆରମ୍ଭ କରିବେ। ଏଥିନିମନ୍ତେ ଏକ କମିଟି ଗଠନ ହୋଇଥିଲା। ସିଏମ୍‌ସି ଯୁଗ୍ମ କମିଶନର-୧ ଚେୟାରମ୍ୟାନ ଥିବାବେଳେ ଜାଇକାର ଓଏସ୍‌ଡି, ସିଡିଏମ୍‌ଓ, ଜିଲା ଶ୍ରମ ଅଧିକାରୀ, ସିଏମ୍‌ସି ବି ଅଧିକାରୀ, ନଗର ସ୍ୱାସ୍ଥ୍ୟ ଅଧିକାରୀ, ଏସ୍‌ପିସିବିର ଆର୍‌ଓ, ସିଏମ୍‌ସି ସିଟି ଇଞ୍ଜିନିୟର ଏବଂ ଜଣେ ସଂଯୋଜକଙ୍କୁ ନେଇ ଏହି କମିଟି ଗଠିତ ହୋଇଥିଲା। ୫ ବର୍ଷ ନିମନ୍ତେ ଉକ୍ତ ଟେଣ୍ଡର ଡକାଯାଇଥିବାବେଳେ ସଫେଇ ବାବଦରେ ୫୩୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।

## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୦।୬:** ଖୋର୍ଦ୍ଧା-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକରେ ସୋମବାର ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୌଦ୍ଧ ଜିଲା ସମ୍ପୁଝ ଅଞ୍ଚଳର ଆଶିଷ ମହାପାତ୍ର। ସୂଚନା ମୁତାବକ, ଆଶିଷ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ବାଇକ୍‌ରେ ଭୁବନେଶ୍ୱର ମୁଖ୍ୟାଳୟକୁ ଆସୁଥିଲେ। ଗଡ଼ଖୋର୍ଦ୍ଧା ଛକରେ ଆଶିଷ ରାସ୍ତା ପାର ହେଉଥିବା ବେଳେ ବିପରୀତ ପଟୁ ଆସୁଥିବା ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ପାର୍ଶ୍ୱକୁ ଛିଟିକି ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକକୁ ଜବତ କରିଛି। ଏଥିସହ ପୋଲିସ ବସ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ବାବା ମୋହନ ଗୋସ୍ୱାମୀଙ୍କ ଜନ୍ମବାର୍ଷିକ

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ଗ୍ରାମରେ ବାବା ମୋହନ ଗୋସ୍ୱାମୀଙ୍କ ୭୫ତମ ଜନ୍ମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରଳା, ଭବାନୀପୁର, ନୂଆପଡ଼ା, ଗୁରୁବାଇ, ଖାଟିସାହି ସମେତ ୮ ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ପଣ୍ଡିତ ସତ୍ୟବାନ ମୁଦ୍ରା, ମନ୍ଦିର ପୁରୋହିତ ପ୍ରମୋଦ ବଡୁ, ପୂଜାରୀ ଆଦିକନ୍ଦ ବଡୁ ପ୍ରମୁଖ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ଆତସବାଜି ସହ ପାଇକ ଆଖଡ଼ା ପ୍ରଦର୍ଶନ ଦେଖିବା ଲାଗି ସ୍ଥାନୀୟ ଲୋକଙ୍କ ଭିଡ଼ ରହିଥିଲା। ଗ୍ରାମ କମିଟି ସଭାପତି ରାଜକିଶୋର ପଲେଇ, ସମ୍ପାଦକ ଶିକ୍ଷାବିତ୍ ଗଣେଶ ତରେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଚୋରି ବାଇକ୍ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ବାଇକ୍ ଚୋରି ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ବରମୁଣ୍ଡା ଗାଁର ମିଳନ କୁମାର ସ୍ୱାଇଁ (୩୨)। ତାଙ୍କଠାରୁ ଗୋଟିଏ ବାଇକ୍ ଜବତ କରାଯାଇଛି। ଏଥିସହ ପୋଲିସ ମାମଲା (ନଂ ୩୧୬/୨୨) ରେ ରୁଜୁ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମନ୍ଦିର ଭିତରେ ଫଟୋ ଉଠାଇଲେ ସଙ୍ଗୀତକାର

**ପୁରୁଣା ଭୁବନେଶ୍ୱର,୨୦।୬(ଡି.ଏନ୍.ଏ.):** ସରକାର କୋଟି କୋଟି ଟଙ୍କା ବ୍ୟୟରେ ଐତିହ୍ୟ ଏକାମ୍ର କ୍ଷେତ୍ର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅବହେଳା ଯୋଗୁ ମନ୍ଦିରର ପରମ୍ପରା ଭଙ୍ଗ ହେବା ସହ ବିଭିନ୍ନ ସମୟରେ ନୀତି ବନ୍ଦ ହେଉଥିବା ନଜିର ରହିଛି। ସୋମବାର ଜଣେ ସଙ୍ଗୀତକାର ପରିବାର ସହ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବାକୁ ଆସିଥିଲେ। ଆନନ୍ଦ ବଜାରଠାରେ ଉଠାଇଥିବା ଫଟୋ ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସେବାୟତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେ କିପରି ମନ୍ଦିର ଭିତରକୁ ମୋବାଇଲ ନେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବନ ବିଭାଗ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

**ବାଲୁଗାଁ,୨୦।୬(ଡି.ଏନ୍.ଏ.)**



ବନ ବିଭାଗ କାର୍ଯ୍ୟାଳୟ ଆଗରେ ଆଦିବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଂଘର ତତ୍ତ୍ୱାବଧାନରେ ସୋମବାର ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତ ଆଞ୍ଚଳିକ କମିଟିର ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ୪ ଦଫା ଦାବି ନେଇ ବାଲୁଗାଁ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ପାରମ୍ପରିକ ଧନୁ ତୀର ଓ ଅସ୍ତ୍ରଶସ୍ତ୍ର ଧରି କାର୍ଯ୍ୟାଳୟ ଆଗରେ ନାରାବାଜି ଦେଇଥିଲେ।

ଅଭିଯୋଗ ମୁତାବକ, ଗତ କିଛିମାସ ହେବ ଦାମିଆ ବରବରା ଏବଂ ନୀଳାଦ୍ରି ପ୍ରସାଦ ପଞ୍ଚାୟତର ଆଦିବାସୀଙ୍କ ଉପରେ ସ୍ଥାନୀୟ ବନ ବିଭାଗର କେତେଜଣ କର୍ମଚାରୀ ଅତ୍ୟାଚାର କରୁଛନ୍ତି। ସେମାନଙ୍କ ଲଙ୍ଗଳ, କାତି, କୁରାଢ଼ି ଓ ମୋବାଇଲ ଫୋନ୍ ଛଡ଼ାଇନେବା ସହ ଫରେଷ୍ଟ ବିଟ୍ ହାଉସକୁ ଡକାଇ ଗିରଫର ଭୟ ଦେଖାଇ ଅର୍ଥ ଆଦାୟ କରୁଛନ୍ତି। ବଂଶାନୁକ୍ରମିକ ଭାବେ ଜଙ୍ଗଲ ଜମିରେ ଚାଷକରି ଜୀବିକା ନିର୍ବାହ କରିଆସୁଥିବା ଆଦିବାସୀଙ୍କୁ ଚାଷ କରିବା ପାଇଁ କର୍ମଚାରୀମାନେ ବାରଣ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଚାଷ ଉପକରଣ, ମୋବାଇଲ ଫୋନ୍ ଓ ଟଙ୍କା ଫେରସ୍ତ କରିବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗ୍ରାମସଭା ମାଧ୍ୟମରେ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ପୂର୍ବ ଆବେଦନ ଅନୁଯାୟୀ ଜଙ୍ଗଲ ଜମିପଟ୍ଟା ବଣ୍ଟନ, ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଆଦି ୪ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲୁଗାଁ ବନ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଅବଗତ କରାଯିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଘେରାଉ ହଟିଥିଲା। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏହି ଘେରାଉରେ ରାଜ୍ୟ କ୍ଷେତ ମଜଦୁର କିଷାନ କମିଟିର ସଭ୍ୟ ଶ୍ରୀକାନ୍ତ ମହାନ୍ତି, ନିରାକାର ନାୟକ ଯୋଗଦେଇଥିବା ବେଳେ ଆଞ୍ଚଳିକ କ୍ଷେତ ମଜଦୁର କିଷାନ କମିଟି ପକ୍ଷରୁ ଦେବରାଜ ଶବର, ଶିବରାମ ଶବର, ମହେଶ୍ୱର ଶବର, ସୁରେନ୍ଦ୍ର ଶବର, ବିକ୍ରମ ଶବର, ଗୁରୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବେଣାପଞ୍ଜରିରେ ବାଦୀ ପାଲା ଆରମ୍ଭ

**ଜଟଣୀ,୨୦।୬(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରି ଗ୍ରାମରେ ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବା ସତ୍ୟନାରାୟଣଙ୍କ ବାଦି ପାଲା ସୋମବାର ଠାରୁ ଆରମ୍ଭ ହୋଇଛି। ସାମାଜିକ କର୍ମୀ ତଥା ପାଣ୍ଡବ ଜେନା ଫାଉଣ୍ଡେସନ ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ସହଯୋଗର ହାତ ବଢ଼ାଇଛନ୍ତି। ସନ୍ଧ୍ୟାରେ ବେଣାପଞ୍ଜରୀ ଗ୍ରାମସ୍ଥିତ ମେଳଣ ପଡିଆ ପାଲାମଣ୍ଡପରେ ବାଦି ପାଲା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଜେନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଶରତ ପାଲଟାସିଂ, ସାମାଜିକକର୍ମୀ ଏସ୍. କେ. ଜୁମା, ସର୍ବେଶ୍ୱର ନାୟକ, ଦୈତାରୀ ସୁନ୍ଦରାୟ, ଅକ୍ରୁର ମହାରଣା, ରବୀନ୍ଦ୍ରନାଥ ମହାକୁଡ଼, ରତିକାନ୍ତ ବେହେରା, ଶ୍ୟାମ ଜେନା, ପ୍ରକାଶ ସାମନ୍ତରାୟ, କ୍ରିଷ୍ଣା ସାମନ୍ତରାୟ, ପ୍ରତାପ ପାହାନ୍ତାସିଂ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ପ୍ରତିବାଦ ସଭା


ପ୍ରତିବାଦ ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ ଓ କଂଗ୍ରେସ କର୍ମୀ।

**ଜଟଣୀ,୨୦।୬(ଡି.ଏନ୍.ଏ.)**

ଅଖିଳ ଭାରତୀୟ କଂଗ୍ରେସ କମିଟି କାର୍ଯ୍ୟାଳୟରେ ପଶି ଦିଲ୍ଲୀ ପୋଲିସର ଦୁର୍ବ୍ୟବହାର ଓ ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ଡାକି ଇଡିର ଜେରା ପ୍ରତିବାଦରେ ସୋମବାର ଜଟଣୀ ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ବ୍ଲକ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ପୋଲିସ କଂଗ୍ରେସ କାର୍ଯ୍ୟାଳୟରେ ପଶି ଯେଉଁଭଳି ଭଙ୍ଗାରୁଜା କଲା ତାହା ନିନ୍ଦନୀୟ ବୋଲି କହିଥିଲେ। ଏହି ପ୍ରତିବାଦ ସଭାରେ ଜଟଣୀ ନଗର କଂଗ୍ରେସ ଏବଂ ବ୍ଲକ କଂଗ୍ରେସର ବହୁ କର୍ମୀ ଯୋଗଦେଇଥିଲେ।

### ବ୍ଲକ, ତହସିଲ କାର୍ଯ୍ୟାଳୟ ଘେରିବେ ପେସାଦାର ମତ୍ସ୍ୟଜୀବୀ

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ବହୁ ଲୋକ ଚିଲିକା ଉପରେ ନିର୍ଭର କରିବା ସହ ପରିବାର ଚଳାଇଥାନ୍ତି। ତେବେ ସରକାରଙ୍କ ପକ୍ଷରୁ ଚିଲିକାରୁ ଘେରି ଉଚ୍ଛେଦ ଜାରି ରହିଛି। ଅଞ୍ଚଳବାସୀ ଘେରି ଉଚ୍ଛେଦ ନ କରିବା ପାଇଁ ପ୍ରଶାସନକୁ ନିବେଦନ କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଦ୍ୱୀପାଞ୍ଚଳ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଆନ୍ଦୋଳନର ଚେତାବନୀ ଦିଆଯାଇଥିଲା। ମଙ୍ଗଳବାର ଏହି ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟ ଘେରାଉ କରିବେ। ସରକାର ଚିଲିକାରୁ ଘେରି ଉଚ୍ଛେଦ ବନ୍ଦ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି।

# ତାଲା ଭାଙ୍ଗି ଦୋକାନରୁ ମଦ, ୫ ଲକ୍ଷ ଟଙ୍କା ଚୋରି

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

### ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ନିକଟରେ ଥିବା ଏକ ମଦ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଜଣେ ଲୁଟେରା କଳାକନା ବୁଲାଇ ଫେରାର ହୋଇଯାଇଛି। ତାଲା ଭାଙ୍ଗି ମଦ ଦୋକାନରୁ ଦାମୀ ମଦ ସହ ନଗଦ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଛି ଦୁର୍ବୃତ୍ତ। ଲୁହା ରଡ ସାହାଯ୍ୟରେ ଲୁଟ ହୋଇଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଲୁଟେରା ହାପ ପ୍ୟାଣ୍ଟ, ମୁଣ୍ଡରେ ହେଲମେଟ ପିନ୍ଧି ଚୋରି କରିଥିବା ଜଣାପଡିଛି। ଏ ନେଇ ଦୋକାନ ମାଲିକ ହେମନ୍ତ କୁମାର ଜେନା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ସିସିଟିଭି ଫୁଟେଜ ଆଧାରରେ ଲୁଟେରାଙ୍କୁ ଧରିବା ଲାଗି ତଦନ୍ତ ଆରମ୍ଭ କରିଛି। ତେବେ ଲୁଟେରା ଜଣଙ୍କ ବାଛି ବାଛି ୧୦ ହଜାର, ୨୦ ହଜାରରୁ ଅଧିକ ଦାମର ମଦ ନେଇ ଚମ୍ପଟ ମାରିଛି। ଏଥିସହ ଧରା ନ ପଡିବା ଲାଗି ହାର୍ଡଡିସ୍କ ମଧ୍ୟ ନେଇ ଫେରାର ହୋଇଯାଇଛି। ସୂଚନାନୁଯାୟୀ ସୋମବାର ସକାଳେ ଉକ୍ତ ଦୋକାନର ଜଣେ କର୍ମଚାରୀ ଝାଡୁ କରିବାକୁ ଆସିଥିବା ବେଳେ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ମାଲିକ ହେମନ୍ତଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ଘଟଣାସ୍ଥଳକୁ ଆସି ଦେଖିଥିଲେ।

# ସ୍ୱାଭାବିକ ହେଲା ଜହ୍ନିକୁଦାରୁ ସାତପଡ଼ା ଜଳଯାତ୍ରା

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)**

### ଆଜିଠୁ ଚାଲିବ ଡଙ୍ଗା, ଭେସେଲ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ାରେ ଦ୍ୱିତୀୟ ବାଲିଯାତ୍ରା ବେଳେ ଟିଟିପ ଏବଂ ଆଲୁପାଟଣା ଗାଁ ମଧ୍ୟରେ ହୋଇଥିବା ବିବାଦର ସମାଧାନ ରଥଯାତ୍ରା ପରେ କରାଯିବାକୁ ସୋମବାର ନିଷ୍ପତ୍ତି ହୋଇଛି। ଫଳରେ ଜହ୍ନିକୁଦା ଘାଟରେ ୩୫ ମୌଜା କମିଟି ପକ୍ଷରୁ ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ଠାରୁ ଜହ୍ନିକୁଦାରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଡଙ୍ଗା, ଭେସେଲ(ଭସାପୋଲ) ଚଳାଚଳ କରିବ। ସୂଚନା ମୁତାବକ, ଦେଉଳପଡ଼ାରେ ଦ୍ୱିତୀୟ ବାଲିଯାତ୍ରା ବେଳେ କୌଣସି କାରଣରୁ ଉପରୋକ୍ତ ଦୁଇ ଗାଁ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତ ଗୁରୁବାର ୩୫ ମୌଜା କମିଟି ସମ୍ପାଦକଙ୍କୁ ଆଲୁପାଟଣା ଗ୍ରାମର କେତେଜଣ ଯୁବକ ସାତପଡ଼ାରେ ମାଡ଼ ମାରିଥିଲେ। ନ୍ୟାୟ ଦାବିରେ ୩୫ ମୌଜା କମିଟି ପକ୍ଷରୁ ଗତ ୧୮ ତାରିଖରୁ ଚିଲିକାର ଜହ୍ନିକୁଦାରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଜଳଯାତ୍ରାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରଖାଯିବା ସହ ଜହ୍ନିକୁଦା ଘାଟରେ ଧାରଣା ଦିଆଯାଇଥିଲା। ସୋମବାର ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷର କେତେଜଣ ବ୍ୟକ୍ତି, ସ୍ଥାନୀୟ ବିଡିଓ, ତହସିଲଦାର, ଆଇଆଇସିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏହି ବିବାଦର ସମାଧାନ ରଥଯାତ୍ରା ପରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୩୫ ମୌଜା ପରିଚାଳନା କମିଟି ସହମତି ଜଣାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ମଙ୍ଗଳବାର ଠାରୁ ଡଙ୍ଗା, ଭେସେଲ ଚଳାଚଳ କରିବ।


ଜହ୍ନିକୁଦା ଘାଟ ନିକଟରେ ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଉପ ସ୍ୱାସ୍ଥ୍ୟକେନ୍ଦ୍ର ହେଲା ଜନ ଆରୋଗ୍ୟ କେନ୍ଦ୍ର

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନଙ୍କ ସମେତ ୩ ପଞ୍ଚାୟତର ଅଙ୍ଗନୱାଡି ଓ ଆଶାକର୍ମୀ, ମହଲା ସଭ୍ୟ ଅଂଶଗ୍ରହଣ କରିଥିଲେ। ଅଲଣ୍ଡା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇ ଜନ ଆରୋଗ୍ୟ କେନ୍ଦ୍ର ନାମକରଣ କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ବିଦ୍ୟୁଲତା ପରିଡ଼ାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି। ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳଙ୍କୁ କମିଟି ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଛି। ବୈଠକରେ ସୁମତି ପ୍ରଧାନ, ସଞ୍ଜୟ କୁମାର ସାହୁ, ମମତା ସାହୁ, ସୁକାନ୍ତ ପଲେଇ, ଦିଲୀପ କୁମାର ଦଳେଇ, ଧର୍ମେନ୍ଦ୍ର କୁମାର ବିଶ୍ୱାଳ, ନାଲୁ ପ୍ରଧାନ ପ୍ରମୁଖ ଯୋଗଦେଇ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି ପରିବର୍ତ୍ତନ ଦିଗରେ ଆଲୋଚନା କରିଥିଲେ। ଅଲଣ୍ଡା ଜନ ଆରୋଗ୍ୟ କେନ୍ଦ୍ର ଅଧୀନରେ ୧୫ଟି ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି।

# ଓଷ୍ଟା ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଶିକ୍ଷକମାନେ।

**ଜଟଣୀ,୨୦।୬(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ସୋମବାର ବାଛରାସ୍ଥିତ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀର ଅନ୍ୟତମ ସମ୍ପାଦକ ମଧୁସୂଦନ ଦେ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲା ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପଲେଇ, ସୁନୀଲ ପଣ୍ଡା, ଜିତେନ୍ଦ୍ର ନାୟକ, ସର୍ବେଶ୍ୱର, ରତିକାନ୍ତ କହରସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜଟଣୀ ବ୍ଲକ ସମ୍ପାଦକ କିଶୋର ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ପ୍ରସନ୍ନ କୁମାର ସୁବୁଦ୍ଧି, ଉପସଭାପତି ସାରଥି ସୁବୁଦ୍ଧି ପ୍ରଧାନ, ସାବିତ୍ରୀ ମିଶ୍ର, ସହସମ୍ପାଦକ ରଞ୍ଜୁଲତା ମହାରଣା, ସହସମ୍ପାଦକ ମନୋଜ କୁମାର ରଥ, ସହସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି, ଉପଦେଷ୍ଟା ଅଶୋକ କୁମାର ସାହୁ, ମାଧବ ଚନ୍ଦ୍ର ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଶେଷରେ ସାବିତ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭଲ ଫସଲ ନେଇ ଚାଷୀଙ୍କ ଆଶା

**ଖୋର୍ଦ୍ଧା ଅଫିସ,୨୦।୬**

### ମୌସୁମୀ ପ୍ରବେଶ

ମୌସୁମୀ ବିଳମ୍ବ ଯୋଗୁ ଚାଷୀମାନେ ହଇରାଣ ହୋଇଥାନ୍ତି। ଚଳିତ ବର୍ଷ ଠିକ୍ ସମୟରେ ମୌସୁମୀ ପ୍ରବେଶ ହୋଇଥିବାରୁ ବର୍ଷା ହେବା ସହ ଭଲ ଫସଲ ହେବ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି। ଗତ ତିନି ଦିନ ହେବ ଆକାଶ ମେଘାଚ୍ଛନ୍ନ ରହିବା ସହ ସନ୍ଧ୍ୟାରେ ବର୍ଷା ଲାଗି ରହୁଥିବା ଦେଖିବାକୁ ମିଳିଛି। ସାଧାରଣତଃ ଜୁନ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁଥାଏ। ମୌସୁମୀକୁ ଦୃଷ୍ଟିରେ ରଖି ଚାଷୀ ଚାଷକାର୍ଯ୍ୟ ଲାଗି ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଗତ ଦୁଇ ବର୍ଷ ଧରି ଲକ୍ଷାଧିକ ଟଙ୍କାର କ୍ଷତି ସହିଥିବା ଚାଷୀକୂଳ ଚଳିତ ବର୍ଷ ଖରିଫ ଚାଷରେ ଭଲ ଅମଳ କରିବା ନେଇ ଆଶା କରିଛନ୍ତି। ଅକ୍ଷୟ ତୃତୀୟାରେ ଚାଷୀକୂଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମି ପୂଜନ ସହ ବିଲରେ ହଳ କରିଥାଏ। ସେହିଦିନ ଠାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇଥାଏ। ବିଲରେ ଧାନ ବୁଣିବା ପରେ ଚାଷୀ ମୌସୁମୀକୁ ଚାହିଁ ବସିଥାଏ। ବର୍ଷା ଆରମ୍ଭ ହେଲେ ଜୁନ ଶେଷ ଏବଂ ଜୁଲାଇ ପହିଲାରୁ ତଳିବୁଣା ଆରମ୍ଭ କରନ୍ତି। ଖରିଫ ଚାଷ ପାଇଁ ୫୮ହଜାର ୮୯ହେକ୍ଟର ଚାଷଜମିରେ ଜଳସେଚନ ବ୍ୟବସ୍ଥା ରହିଛି। ମରୁଡ଼ି ଅଞ୍ଚଳ ଚାଷ ଜମିରେ ଜଳସେଚନ ସକାଶେ ଡଗୱେଲ, ଉଠା ଜଳସେଚନ ଓ ଚେକଡ୍ୟାମ ବ୍ୟବସ୍ଥା ରହିଛି। ଅନ୍ୟପଟେ ମୌସୁମୀ ପ୍ରବେଶ ପରେ କ୍ରମାଗତ ଭାବେ ବର୍ଷା ଲାଗି ରହିଲେ ଖୋର୍ଦ୍ଧାର ମଲାଗୁଣୀ, ରାଜୁଆ ଦୟା ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ବ୍ଲକର ଡିହଖଳା, ଓରବରସିଂ, ନରଣଗଡ ଆଦି ୧୦ଟି ଗ୍ରାମରେ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ ନିବେଦନ କରିଛନ୍ତି।

# ପାଇକ ସଂଗ୍ରହାଳୟର ପୁନରୁଦ୍ଧାର ଆରମ୍ଭ

**ଖୋର୍ଦ୍ଧା ଅଫିସ,୨୦।୬**

- ୧୧ ବର୍ଷ ପରେ ଖୋଲିଲା ତାଲା
- ଶହୀଦ ସ୍ତମ୍ଭରେ ଗଛ ଉଠିଲାଣି
- ଲାଗିପାରିଲାନି ଶହୀଦଙ୍କ ନାମଫଳକ

ପାଇକ ବୀରଙ୍କ ବୀରତ୍ୱ କାହାଣୀ ଏବଂ ସ୍ମୃତିକୁ ଉଜ୍ଜୀବୀତ ରଖିବା ପାଇଁ ରାଜ୍ୟ ସରକାର ଖୋର୍ଦ୍ଧାରେ ଏକ ପାଇକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ବ୍ରିଟିଶ ସହିତ ଲଢେଇ କରି ବଳିଦାନ ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା, ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ପାଇକ ବୀରଙ୍କ ତୈଳଚିତ୍ର, ପ୍ରାଚୀନ କୀର୍ତ୍ତିରାଜୀ ଆଦି ଏହି ସଂଗ୍ରାହଳୟରେ ସ୍ଥାନ ପାଇବ। ଆଗାମୀ ପିଢ଼ୀଙ୍କ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ସହ ଏହି ଜାତିର ଗୌରବକୁ ସମାଜରେ ପ୍ରତିଷ୍ଠିତ କରାଇବା ଏହି ସଂଗ୍ରାହଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିବା ସହ ଏହି ପାଇକ ସଂଗ୍ରାହଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ବ୍ୟୟ ଅଟକଳରେ କୋଠା ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣରୁ ଏହି କୋଠା ଉଦ୍‌ଘାଟନ ହୋଇପାରି ନ ଥିଲା। ସେବେ ଠାରୁ ଏହି କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିଲା। ସୋମବାର ଖୋର୍ଦ୍ଧା ବ୍ଲକ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟ ଫାଟକ ତାଲା ଖୋଲାଯାଇ ଏହାର ଚତୁଃପାର୍ଶ୍ୱରେ ଥିବା ଅନାବନା ଗଛଲତା ସଫା କରାଯାଉଛି। ଭିତର ପରିସରରେ ଭାଙ୍ଗି ପଡିଥିବା ସାମଗ୍ରୀ ବାହାର କରାଯାଇ ମଧ୍ୟ ସଫା କରାଯାଉଛି। ଏହି କୋଠାର ପୁନରୁଦ୍ଧାର ଚାଲିଥିବା ନେଇ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଅନ୍ୟପଟେ ଶହୀଦ ସ୍ତମ୍ଭ ଚାରିପଟେ ଗଛଲତା ମାଡିଗଲାଣି। ଏକଦା ଏହି ସ୍ତମ୍ଭ ନିର୍ମାଣ ବେଳେ ଦେଶ ମାତୃକା ଲାଗି ଜୀବନକୁ ବଳିଦାନ ଦେଇ ଶହୀଦ ହୋଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ପାଇଁ ସ୍ଥିର ହୋଇଥିଲା। ତାହା ଏପର୍ଯ୍ୟନ୍ତ ଲାଗି ପାରିଲା ନାହିଁ।


ସଂଗ୍ରହାଳୟରେ ଭାଙ୍ଗି ଯାଇଥିବା ସାମଗ୍ରୀକୁ ନିଆଯାଉଛି।

ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି, ଭାରତୀୟ ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ସ୍ୱାଧିନତାର ଭାରତର ପ୍ରଥମ ମୁକ୍ତି ସଂଗ୍ରାମର ମାନ୍ୟତା ମିଳିଛି। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବଚନ୍ଦ୍ର ରାଉତରାୟ, କୃତିବାସ ପାଟଶାଣୀ ପ୍ରମୁଖଙ୍କ ଅବଦାନ ସ୍ମରଣୀୟ। ଯେଉଁ ପାଇକଙ୍କ ବୀରତ୍ୱ ଆଗରେ ବ୍ରିଟିଶ ସରକାର ମଥା ନୁଆଁଇଥିଲେ, ସେହି ଲାଲମାଟିର ଗଡ଼ ଖୋର୍ଦ୍ଧା ଅବହେଳିତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ବିଲୁପ୍ତ ଅବସ୍ଥାରେ ରହିଛି। ସେହିପରି କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କୁହନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ଖଣ୍ଡେ ଇଟା ପଡିନି। ବରୁଣେଇ ପାଦଦେଶରେ ରହିଥିବା ଆଉ ଏକ ଶହୀଦ ସ୍ତମ୍ଭର ଚାରିପଟେ ଗଛଲତା ମାଡିଗଲାଣି। ଏହାକୁ ପୁନରୁଦ୍ଧାର କରାଯାଉନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କୁହନ୍ତି, ଜିଲାର କଳା, ସଂସ୍କୃତିର ବିକାଶ ଲାଗି ଗୁରୁତ୍ୱ ଦିଆଯାଉଛି। ୪କୋଟି ବ୍ୟୟ ଅଟକଳରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଏକ ଅଡିଟୋରିୟମ ନିର୍ମାଣ ଯୋଜନା ରହିଛି। ପାଇକ ସ୍ମାରକୀ ନିର୍ମାଣ ପାଇଁ ରହିଥିବା ଜମି ବିବାଦ ତୁଟିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

## ଟଙ୍କା ବ୍ୟାଗ୍ ଚୋରି କରି ଜଣେ ଗିରଫ

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା କଲେଜ ରୋଡସ୍ଥିତ ଏକ କଲ୍ୟାଣ ମଣ୍ଡପ ନିକଟ ପୋଖରୀ ପାଖରୁ କଟକର ଜଣେ ବ୍ୟକ୍ତିଙ୍କ ବ୍ୟାଗରୁ ୧୫ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ଜଣଙ୍କୁ ନିମାପଡ଼ା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇଦିଆଯାଇଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମର ରଞ୍ଜିତ୍ ଦାସ। ଏନେଇ ପୋଲିସ ଏକ ମାମଲା(କେସ୍ ନଂ. ୨୧୪/୨୨) ରୁଜୁ କରିଛି। ସୂଚନା ମୁତାବକ କଟକ ଚାଉଳିଆଗଞ୍ଜ ଅଞ୍ଚଳର କମଳାକାନ୍ତ ପଟ୍ଟନାୟକ ଗତ ୧୪ ତାରିଖରେ ତାଙ୍କ ମାମୁଘର (ନିମାପଡ଼ା)କୁ ଶୁଦ୍ଧକ୍ରିୟା ପାଇଁ ଆସିଥିଲେ। ପୋଖରୀ କୂଳରେ ଦଶାହ କାର୍ଯ୍ୟ କରୁଥିବାବେଳେ ଏକ ବ୍ୟାଗ୍‌ରେ ନଗଦ ୧୫ ହଜାର ଟଙ୍କା, ମୋବାଇଲ, କ୍ରେଡିଟ୍ କାର୍ଡ ରଖି ବ୍ୟାଗ୍‌ଟିକୁ ବାଇକ୍‌ରେ ଟାଙ୍ଗି ଥିଲେ। କେହି ଦୁର୍ବୃତ୍ତ ସେହି ବ୍ୟାଗଟିକୁ ନେଇ ଫେରାର ହୋଇଯାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୬।୨୦୨୨

| | |
|---|---|
| ୮୩,୧୪୨ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ୪୧ ଗ୍ରାମ |

## ସଂକ୍ଷେପରେ

### ଜାତୀୟ ଚିତ୍ରକଳା ଶିବିର ଉଦ୍‌ଯାପିତ

ପୁରୀ ଅଫିସ, ୨୦।୬: ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜାତୀୟ ଚିତ୍ରକଳା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ୧୬ଟି ଚିତ୍ର ସ୍ଥାନ ପାଇଥିଲା। ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଦିଲ୍ଲୀରୁ ଆଶୁତୋଷ ପାଣିଗ୍ରାହୀ, ମନୋଜ କୁମାର ସାହୁ, କଟକରୁ ଗୌରାଙ୍ଗ ବାରିକ, ବାଲେଶ୍ୱରରୁ ରାଜବଲ୍ଲଭ ସାହୁ, ନିତ୍ୟାନନ୍ଦ ସାହୁ, ଯାଜପୁରରୁ ଶଶଧର ପତି, ଗଞ୍ଜାମରୁ ଅଶୋକ ଚୌଧୁରୀ, ଭୁବନେଶ୍ୱରୁ ମୀନକେତନ ପଟ୍ଟନାୟକ, ପୁରୀରୁ ବିଶ୍ୱ ମୋହନ ରଥ, ଶୁଭେନ୍ଦୁ ମିଶ୍ର, ଦୁର୍ଗାମାଧବ କର, ବନାରସରୁ ରାଜୀବ ଲୋଚନ ସାହୁ, ଉତ୍ତରପ୍ରଦେଶରୁ ଯୁଗଳ କିଶୋର ତରାଇ ଏବଂ ହିମାଚଳ ପ୍ରଦେଶରୁ ଧର୍ମପଦ ବିଶ୍ୱାଳ, ପ୍ରମୁଖ ଭାଗନେଇଥିଲେ। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା ଅଧାପକଙ୍କ ସମେତ ସଭାପତି ଭକ୍ତ ଚରଣ ଦାସ ଏବଂ ଉପସଭାପତି ଚକ୍ରଧର ମହାପାତ୍ର ଉପସ୍ଥିତ ଥିଲେ। ଅଧକ୍ଷ ଦୁର୍ଗାମାଧବ କର ଧନ୍ୟବାଦ ଦେଇଥିଲେ।

### ମେଡିକାଲରେ ରାହୁଲଙ୍କୁ ଭେଟିଲା ଶ୍ରୀଜଗନ୍ନାଥ ସେନା

ପୁରୀ ଅଫିସ ୨୦।୬: ବୋରଓ୍ୱେଲରେ ପଡ଼ି ୫ ଦିନ ପର୍ଯ୍ୟନ୍ତ ଜୀବନ ମରଣ ସହ ସଂଗ୍ରାମ କରି ଉଦ୍ଧାର ହୋଇଥିବା ଛତିଶଗଡ଼ର ୧୧ ବର୍ଷୀୟ ରାହୁଲ ସାହୁ ଓ ତାଙ୍କ ପରିବାର ଲୋକଙ୍କୁ ସୋମବାର ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏବଂ କେତେଜଣ ସଦସ୍ୟ ଭେଟିଛନ୍ତି। ଆବାହକ ପଟ୍ଟନାୟକ ବିଳାସପୁରସ୍ଥିତ ଆପୋଲୋ ହସ୍ପିଟାଲକୁ ଯାଇ ରାହୁଲ ଏବଂ ତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ମହାପ୍ରଭୁଙ୍କ ଫଟୋଚିତ୍ର, ମହାପ୍ରସାଦ ମାଳ ମହାର୍ଦ୍ଦ ଏବଂ ପତିତପାବନ ବାନା ପ୍ରଦାନ କରିଥିଲେ। ସେ ରାହୁଲଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ନିମନ୍ତ୍ରଣ କରାଯାଇଛି।

### କଂଗ୍ରେସର ବିକ୍ଷୋଭ

ନିମାପଡ଼ା,୨୦।୬(ଡି.ଏନ୍.ଏ.): କେନ୍ଦ୍ର ସରକାରଙ୍କ ବିରୋଧରେ ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶତାଧିକ କଂଗ୍ରେସ କର୍ମୀ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ସରକାରଙ୍କ ପ୍ରତିଶୋଧ ରାଜନୀତି ଓ କେନ୍ଦ୍ର ପୋଲିସର ବର୍ବରତା ପ୍ରତିବାଦରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ବ୍ଲକ କମିଟି ସଭାପତି ବିଜୟ ପ୍ରଧାନ, ସେବାଦଳର ସଂଗଠନ ସମ୍ପାଦକ ସୁବାସ ମଲ୍ଲିକ, ଅଜୟ ମିଶ୍ର, ବିଜୟ ମଲ୍ଲିକ, ଲୁଲୁ ସ୍ୱାଇଁ, ରଘୁରାଜ ସ୍ୱାଇଁ, ସୁବାସ ସାମନ୍ତସିଂହାର ପ୍ରମୁଖଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ରୁ ୨ ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଇଥିଲା। ଆୟୋଜିତ ବିକ୍ଷୋଭକାଳୀନ ପ୍ରତିବାଦରେ କଂଗ୍ରେସ ଦଳର ନେତୃବୃନ୍ଦମାନେ କେନ୍ଦ୍ର ସରକାରଙ୍କ ଜନ ମାରଣନୀତି, ପ୍ରତିଶୋଧ ରାଜନୀତିକୁ ତୀବ୍ର ସମାଲୋଚନା କରିଥିଲେ।

### ଓଓ୍ୱାଇସିଙ୍କ କୁଶପୁତ୍ତଳିକା ଦାହ

କାକଟପୁର,୨୦।୬(ଡି.ଏନ୍.ଏ.)- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓଓ୍ୱାଇସି ଆପତ୍ତିଜନକ ମନ୍ତବ୍ୟକୁ କାକଟପୁରରେ ବିରୋଧ କରାଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନ ସୋମବାର ମା' ମଙ୍ଗଳାଙ୍କ ମନ୍ଦିର ପାଖରୁ ଏକ ଶୋଭାଯାତ୍ରାରେ ବାହାରି ମଙ୍ଗଳାଙ୍କ ଛକରେ ଓଓ୍ୱାଇସିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆମର ଇଷ୍ଟ ଦେବତା ତଥା ଜଗତରନାଥ ଶୋଭାଯାତ୍ରାରେ ଚିନ୍ମୟ ଭାଇ, ବିଶ୍ୱ ହିନ୍ଦୁ ପରିଷଦର ପୁରୀ ଜିଲା ଗୋ ସେବା ପ୍ରମୁଖ ମିହିର ରଞ୍ଜନ ଦୀକ୍ଷିତ, ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର, ଶ୍ରୀଧର ଭାଇ, ତୁଷାର, ପପୁ, ପିଣ୍ଟୁ, ଭିକାରୀ ମିଶ୍ର, ତାପସ ଦୀକ୍ଷିତ, ମହେନ୍ଦ୍ର ଦୀକ୍ଷିତଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟ ଯୋଗଦେଇଥିଲେ।

# ଯୋଗ ସହ ଯୋଡ଼ି ରହିଛି ଜାଗା ଆଖଡ଼ା



## ଆଜି ବିଶ୍ୱ ଯୋଗ ଦିବସ

- ନିଯୁକ୍ତି ସୁଯୋଗ, ପ୍ରୋତ୍ସାହନ ଅଭାବ
- ରାଜ୍ୟ ବାହାରକୁ ଚାଲିଯାଉଛନ୍ତି ପିଲା

ପୁରୀ ଅଫିସ,୨୦।୬:

ଜାଗା ଆଖଡ଼ା ପରମ୍ପରା ସହ ଯୋଗ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ଜାଗା ଆଖଡ଼ାକୁ ଶ୍ରୀକ୍ଷେତ୍ରରେ ଯୋଗର ଅନ୍ୟତମ ପ୍ରମୁଖ କେନ୍ଦ୍ର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପୁରୀର ପିଲାମାନେ ଛୋଟ ବେଳୁ ପ୍ରାଣାୟାମ, ଆସନ, କ୍ରିୟା ଓ ବନ୍ଧ ଇତ୍ୟାଦି ଅଭ୍ୟାସ କରିଥାଆନ୍ତି। ଭାରତ ସେବା ଶ୍ରମ ଭଳି ଅନେକ ଅନୁଷ୍ଠାନ ପୁରୀ ସହରରେ ପିଲାଙ୍କୁ ଯୋଗାଭ୍ୟାସ କରାଉଛନ୍ତି। ପୁରୀ ସହରର କେତେଜଣ ଯୁବତୀ ଯୁବକ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଭାଗନେଇ ଗୌରବ ଆଣିପାରିଛନ୍ତି। ତେବେ ଯୋଗାଭ୍ୟାସ ପାଇଁ ସରକାରୀ ସ୍ତରରେ ଆବଶ୍ୟକ ପ୍ରୋତ୍ସାହନ ମିଳୁନାହିଁ। ପିଲାମାନେ ପାରିବାରିକ ପ୍ରତିବଦ୍ଧତା କିମ୍ବା ପରମ୍ପରାଗତ ଭାବେ ଯୋଗକୁ ଆପଣାଉଛନ୍ତି। ଏହାର ଅର୍ଥନୈତିକ ଦିଗ ପ୍ରତି ସରକାରୀ ଦୃଷ୍ଟି ରହିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଖେଲୋ ଇଣ୍ଡିଆରେ ରୌପ୍ୟ ପଦକ ହାସଲକାରିଣୀ ତଥା ଯୋଗ ଶିକ୍ଷାରେ ସ୍ନାତକୋତ୍ତର ଡିଗ୍ରୀଧାରୀ ରେକିପ୍ରଭା ରାୟ କହିଛନ୍ତି, ପୁରୀ ସହରରେ ଅତିକମ୍‌ରେ ଏକ ହଜାରରୁ ଊର୍ଦ୍ଧ୍ୱ ପିଲା ଯୋଗାଭ୍ୟାସ କରୁଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଅନେକ ପିଲା ଓ ଯୁବକ ଭାଗ ନେଇ ସଫଳତା ସାଉଣ୍ଟୁଛନ୍ତି। ତେବେ ଯୋଗାଭ୍ୟାସ କରୁଥିବା ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ନାହିଁ। ଏଣୁ ଯୋଗରେ ଦକ୍ଷତା ହାସଲ କରିଥିବା ଯୁବତୀ ଯୁବକ ଓଡ଼ିଶା ବାହାରକୁ ଚାଲିଯାଉଛନ୍ତି। ରାଜ୍ୟ ବାହାରେ ବେସରକାରୀ ଅନୁଷ୍ଠାନଠାରୁ ଆରମ୍ଭ କରି ସରକାରୀ ଓ ଘରୋଇ ବିଦ୍ୟାଳୟରେ ଯୋଗ ଶିକ୍ଷକମାନଙ୍କୁ ନିଯୁକ୍ତି ମିଳୁଛି। ଯୋଗକୁ କ୍ୟାରିୟର୍ କରିଥିବା ବ୍ୟକ୍ତିମାନେ ରୋଜଗାର ସକାଶେ ରାଜ୍ୟ ବାହାରକୁ ଚାଲିଯାଉଥିବାରୁ ଯୋଗାଭ୍ୟାସର ଏକ ବଡ଼ କେନ୍ଦ୍ର ଭାବେ ପରିଚିତ ପୁରୀ ଆଗେଇ ପାରୁ ନାହିଁ। ପିଲାଙ୍କ ମଧ୍ୟରେ ଉତ୍ସାହ କମୁଛି। ଯେକୌଣସି କାର୍ଯ୍ୟପନ୍ଥା ହେଉନା କାହିଁକି, ତାହାର ଅର୍ଥନୀତୀକରଣ କରାଯାଇ ନ ପାରିଲେ ତାହାକୁ ବଞ୍ଚାଇ ରଖିବା କଷ୍ଟକର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ଯୋଗ ଶିକ୍ଷା ବାଧ୍ୟତାମୂଳକ ହୋଇନାହିଁ। ପୁରୀରେ ଥିବା ଘରୋଇ ସ୍କୁଲ ଓ କଲେଜର କର୍ତ୍ତୃପକ୍ଷ ଯୋଗ ଶିକ୍ଷକ ନିଯୁକ୍ତ ନେଇ ବିଶେଷ ଆଗ୍ରହ ଦେଖାଉନାହାନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟରେ ଯୋଗ ଶିକ୍ଷା ବାଧ୍ୟତାମୂଳକ ହୋଇଥିବାରୁ ସେଠାରେ ଯୋଗ ଶିକ୍ଷକ ନିଯୁକ୍ତ କରାଯାଉଛି। ଅନ୍ୟପକ୍ଷରେ କୋଭିଡ୍-୧୯ର ବ୍ୟାପକ ସଂକ୍ରମଣ ସାରା ବିଶ୍ୱକୁ ପ୍ରଭାବିତ କରିଥିବାରୁ ମାନସିକ ଓ ଶାରିରୀକ ସ୍ତରରେ ଅନଗ୍ରସରତା ଦେଖାଦେଇଛି। ମସ୍ତିଷ୍କର ଭାରସାମ୍ୟତା ମଧ୍ୟ ପ୍ରଭାବିତ ହେଉଛି। ଏଭଳି ସ୍ଥଳେ ଯୋଗ ଏକ ଉପଚାର। ଏହାକୁ ଥେରାପି ଭାବେ ବ୍ୟବହାର କରାଯାଇପାରିବ। ମଣିଷକୁ ଆଭ୍ୟନ୍ତରୀଣ ଶାନ୍ତି ଦେବାରେ ଏହା ସହାୟକ ହେବ। ଯୋଗକୁ କେବଳ ଏକ କ୍ରୀଡ଼ା ଓ କାର୍ଯ୍ୟପନ୍ଥାର ମାଧ୍ୟମ ଭାବେ ଦେଖା ନ ଯାଉ। ଲୋକେ ନିଜ ନିଜ ସ୍ତରରେ ଯୋଗ କରିବା ଦରକାର। ସ୍ନାୟୁଜନିତ ସମସ୍ୟାର ସମାଧାନ ଦିଗରେ ଯୋଗଠାରୁ ଅଧିକ ଉପାଦେୟ ଚିକିତ୍ସା ନାହିଁ। ସେହିଭଳି ଯୋଗକୁ କାର୍ଯ୍ୟପନ୍ଥା ଭାବେ ଗ୍ରହଣ କରୁଥିବା ପିଲାଙ୍କ ପାଇଁ ମଧ୍ୟ ଯଥେଷ୍ଟ ସୁଯୋଗ ରହିଛି। ଯୋଗରେ ଜାତୀୟ ସ୍ତରରେ ପ୍ରତିଯୋଗିତା କଲେ ସରକାରୀ ସ୍ତରରେ କ୍ରୀଡ଼ା କୋଟାର ଫାଇଦା ମିଳୁଛି, ଯାହା ଅନ୍ୟ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଲାଗି ସହାୟକ ହେଉଛି ବୋଲି ଯୋଗ ଶିକ୍ଷକ ତଥା ଆକ୍ୟୁପ୍ରେସର ଚିକିତ୍ସକ ମଧୁସୂଦନ ରାୟ କହିଛନ୍ତି। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସରକାରୀ ସ୍ତରରେ ଯୋଗାଭ୍ୟାସକୁ ପ୍ରାଥମିକତା ଦିଆଯାଉଛି। ଜିଲା ପ୍ରଶାସନର କାର୍ଯ୍ୟକ୍ରମରେ ଯୋଗାଭ୍ୟାସ କରୁଥିବା ପିଲାଙ୍କୁ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯାଉଛି। ଯୋଗ ପ୍ରତି ଆଗ୍ରହ ବଢ଼ାଇବାକୁ ସଚେତନତା ସୃଷ୍ଟି କରାଯାଉଛି।



ଜାତୀୟ କୃଷିମେଳା ଓ ଲୋକମେଳାର ଉଦ୍‌ଘାଟନୀ ଉତ୍ସବ ଅବସରରେ ସୋମବାର କଳାକାରମାନଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା ।

## ଦୀପଦାନ ସଦ୍‌ଭାବନା ସମ୍ମାନ ପ୍ରଦାନ ଉତ୍ସବ

ପୁରୀ ଅଫିସ ୨୦।୬:

ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ପକ୍ଷରୁ ଦୀପଦାନ ସଦ୍‌ଭାବନା ସମ୍ମାନ ପ୍ରଦାନ ଉତ୍ସବ ରବିବାର ସ୍ଥାନୀୟ ହଲିଡେ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡା. ପ୍ରଫେସର ଅଶୋକ ମହାପାତ୍ର ଯୋଗଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତି ପ୍ରଧାନ, ହଲିଡେ ରିସୋର୍ଟ ପରିଚାଳନା ନିର୍ଦ୍ଦେଶକ ରାଜକିଶୋର ପାତ୍ର, କବି ଶଙ୍କର ପରିଡ଼ା, ଯୁବ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ଏବଂ ପୂର୍ବତନ ପୌରାଧ୍ୟକ୍ଷ ଗୌରହରି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱବାସୀଙ୍କ ମଙ୍ଗଳକାମନା କରି ଗତବର୍ଷ ଡିସେମ୍ବର ୪ ଓ ୫ରେ ପୁରୀ ସିଂହଦ୍ୱାରଠାରୁ ଶରଧାବାଲି ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଧର୍ମ, ସଂସ୍କୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଦେବ ଦୀପାବଳି ପାଳନ ହୋଇଥିଲା। ଏଥିରେ ୧ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଥିଲା, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଦୃତ ହୋଇଥିଲା। ଏଥିସହ ଗିନିଜ୍ ବୁକ ଅଫ୍ ରେକର୍ଡ୍ସରେ ସମକକ୍ଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ପୁରୀର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର କର୍ମକର୍ତ୍ତା ଭାବଗ୍ରାହୀ ଶାନ୍ତି, କୁମୁଦିନୀ ପଣ୍ଡା, ଉଦୟ କୁମାର ଶାନ୍ତି, ଚନ୍ଦ୍ର ଶେଖର ସଙ୍ଗୋଟି, ଇନ୍ଦିରା ମିଶ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ ବିଦ୍ୟାଧର ଏବଂ ସତ୍ୟ ସୁନ୍ଦର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରଥଖଳାରୁ

# ତିନିରଥ ବେଦି ପଛ ପଟେ ପାରୁସ ପଟା ବାଡ଼ିଆ



## ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗକାର୍ଯ୍ୟ ଜାରି

ପୁରୀ ଅଫିସ ୨୦।୬:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ୧୦ ଦିନରୁ କମ୍ ସମୟ ଥିବାବେଳେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିନି ରଥର ପ୍ରାୟ ଅଧିକାଂଶ ଭାଗ ନିର୍ମାଣ ସରିଛି। ତିନିରଥର ବେଦୀ ଚାରିପାର୍ଶ୍ୱରେ ତାଗ ବାଡ଼ିଆ ସରିବା ପରେ ସୋମବାର ବେଦି ପଛ ଭାଗରେ ପାରୁସ ପଟା ବାଡ଼ିଆ ଶେଷ ହୋଇଛି। ଏଥିସହ ବାକି ଥିବା ଭୂଇଁ ପାଖୁଡ଼ାରେ ନାହାକା ସେଟିଂ ସହ ତିନିରଥର ପ୍ରଥମ ଭୂଇଁ ବା ମୂଳ ଭୂଇଁରେ କଇଁଛି ସହ ମଝି ଭୂଇଁ ଏବଂ ଅଗଭୂଇଁରେ ୮/୨ ସାଇଜର ୧୬ ଫୁଟ ଲମ୍ବ ଅନ୍ଧାରି- ତାଗ ଦୁଇଟି ଲେଖାଏ କାପ କରାଯାଇ ସେଟିଂ କରାଯାଇଛି। ଏହା କଇଁଛି ସହ ଭୂଇଁ ଶେଣୀ, ଭୂଇଁ ଖମ୍ବୀ ଏବଂ ପାଖୁଡ଼ାକୁ ବାନ୍ଧି ରଖିବାରେ ସହାୟକ ହୋଇଥାଏ। ତିନିରଥର ୪ଟି ଲେଖାଏ ଧ୍ୱଜ ବତା ନିର୍ମାଣ ପରେ ଗୋଟିଏ ଲେଖାଏ ଦୁଆର ବେଢ଼ା ତିଆରି ସରିଛି। ଏହି ଦୁଆର ବେଢ଼ା ସେଟିଂ ଦ୍ୱିତୀୟ ଭୂଇଁ ଶେଣୀରେ ଫିଟିଂ କରାଯିବ। ତିନିରଥରେ ଚାର ପରିଚ୍ଛା ସେଟିଂ ପରେ ଦୁଇଟି ଲେଖାଏ ଆଗଆଣି କତରା ବାଡ଼ିଆ ଶେଷ ହୋଇଛି। ତିନିରଥର ଖପୁରୀ ଓ ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ନିର୍ମାଣ ଶେଷ ପରେ ପାରାଭାଡ଼ିରେ ରଙ୍ଗ କାର୍ଯ୍ୟ ସରିଛି। ପରେ ତିନିରଥକୁ ପୋଟଳନଦା ଉଠିଛି। ମଙ୍ଗଳବାର ତିନିରଥରେ ସମସ୍ତ ପୋଟଳ ସହ ପାରାଭାଡ଼ି ସଂଯୋଗ ହେବ। ରୂପକାର ସେବକମାନେ ଅବଶିଷ୍ଟ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ସହ ତାଳଧ୍ୱଜ ରଥ ପଟାଗୁଜରେ ସିଂହ ବିରାଳ, ଗଜବିରାଳ ଓ ନର ବିରାଳ ରୂପ ଚିତ୍ର ଅଙ୍କନ ପରେ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱଦେବଦେବୀ ମୂର୍ତ୍ତି ସମେତ ନାଟ ଗୋଡ଼, ସିଂହାସନ, ଅଁଳା ଏବଂ ଓଲଟ ଶୁଆ ଇତ୍ୟାଦିରେ ରଙ୍ଗ ଦେଉଛନ୍ତି। ଦରଜି ସେବକମାନେ ଦୁଆର ବେଢ଼ା ପାଇଁ କନା କଟିଂ ପରେ ଲେସ୍ ଫିଟିଂ କରୁଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ବେଦି ପଟା ବାଡ଼ିଆ ପାଇଁ ତାଗ କଣ୍ଟା, ଘୋଡ଼ା ବାଗିଆ କଣ୍ଟା, ଚାନ୍ଦି କଣ୍ଟା ଏବଂ ଧୂଳି ଦଣ୍ଡା ପାଇଁ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ପିପିଲିରେ ହେବ ପତିତପାବନଙ୍କ ରଥଯାତ୍ରା



ବୈଠକରେ ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ପ୍ରଶାସନିକ ଅଧିକାରୀମାନେ ।

ପିପିଲି,୨୦।୬(ସ୍ୱ.ପ୍ର./ଡି.ଏନ୍.ଏ.)

ଗତ ଦୁଇ ବର୍ଷ ପରେ ଚାନ୍ଦୁଆ ନଗରୀ ପିପିଲି ଦାଣ୍ଡରେ ଗଡିବ ମହାପ୍ରଭୁ ପତିତପାବନ ଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ। ପିପିଲିର ଦର୍ଜିସାହିରେ ଥିବା ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ୩୮ତମ ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଯାଇଛି। ଏ ନେଇ ସାରା ପିପିଲି ଓ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଥିବା ବେଳେ ସୋମବାର ମହାପ୍ରଭୁ ପତିତପାବନ ଦେବ ମନ୍ଦିର ପରିସରରେ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। କମିଟିର ସଭାପତି ଇଂ. ରମେଶ ଶତପଥୀଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିବା ବେଳେ ଏଥିରେ ବିଡିଓ ରଶ୍ମିତା ନାଥ, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀଙ୍କ ପ୍ରତିନିଧି, ତହସିଲଦାରଙ୍କ ପ୍ରତିନିଧି, ପିପିଲି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀମାନଙ୍କ ସହ ଅଞ୍ଚଳର ବହୁ ସରକାରୀ, ବେସରକାରୀ ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ରଥଯାତ୍ରା ମହୋତ୍ସବର ୧୫ଦିନର କାର୍ଯ୍ୟସୂଚୀ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ମହାପ୍ରଭୁ ଶ୍ରୀଜୀଉଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ସହ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ରୀତିନୀତି ଅନୁଯାୟୀ ବହୁ ଆଡମ୍ବରରେ ରଥଯାତ୍ରା ପୂର୍ବ ପ୍ରସ୍ତୁତି ଅନୁସାରେ ପାଳନ କରାଯିବ ବୋଲି କମିଟି ସମ୍ପାଦକ ପ୍ରଭାତ କୁମାର ମହାପାତ୍ର କହିଛନ୍ତି। ବୈଠକରେ କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରଥଯାତ୍ରାରେ ପାର୍କିଂ, ଜୋତାଷ୍ଟାଣ୍ଡ ଫି' ଛାଡ଼ ଦାବି

ପୁରୀ ଅଫିସ, ୨୦।୬:

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ପାର୍କିଂ, ଶୌଚାଳୟ ଓ ଜୋତାଷ୍ଟାଣ୍ଡ ଫି' ଛାଡ଼ ସହ ଭକ୍ତଙ୍କୁ ବିଭିନ୍ନ ସୁବିଧା ଯୋଗାଇଦେବାକୁ ସୋମବାର ଆସୋସିଏଶନ୍ ଅଫ ଟୁଇଟର ଆକ୍ଟିଭିଟିଜ୍ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଆସନ୍ତା ଜୁଲାଇ ୧ରେ ରଥଯାତ୍ରା ହେବାକୁ ଯାଉଛି। ଗତ ଦୁଇବର୍ଷ ହେବ କରୋନା ମହାମାରୀ ଯୋଗୁ ରଥଯାତ୍ରାରେ ଭକ୍ତ ସାମିଲ ହୋଇ ପାରିନାହାନ୍ତି। ସାଧାରଣ ଜନତା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାହା ସୁଧୁରି ନାହିଁ। ଅଗଣିତ ଜଗନ୍ନାଥପ୍ରେମୀ ଆର୍ଥିକ ଦୁର୍ବିଷହରେ ଥିଲେ ବି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିବାର ସମ୍ଭାବନା ରହିଛି। ତେଣୁ ପୁରୀରେ ରଥଯାତ୍ରା ଜୋତାଷ୍ଟାଣ୍ଡ ସକାଶେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଥିବା ୪ଟି କଣ୍ଟେନର ବ୍ୟବହାର କରାଯିବା ସହିତ ଶ୍ରୀମନ୍ଦିର ଜୋତାଷ୍ଟାଣ୍ଡରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେଥିରେ ନିୟୋଜିତ କରାଯାଉ। ଏଥିସହ ଏହି ସେବାକୁ ଦେୟ ମୁକ୍ତ କରାଯିବାକୁ ଦାବି ହୋଇଛି। ସେହିପରି ଦୁଇ ଓ ଚାରିଚକିଆ ଯାନଗୁଡ଼ିକୁ ଦେୟ ମୁକ୍ତ ପାର୍କିଂ ଅନୁମତି ମିଳୁ, ନଚେତ୍ ସ୍ୱେଚ୍ଛାସେବୀଙ୍କୁ ନ୍ୟୂନତମ ପାରିଶ୍ରମିକରେ ନିୟୋଜିତ କରାଯାଉ। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଜଗନ୍ନାଥ ପ୍ରେମୀମାନେ ଉପକୃତ ହେବେ। ରଥଯାତ୍ରା ସମୟରେ ଗରିବ ବ୍ୟବସାୟୀମାନେ ଆସି ବଡ଼ଦାଣ୍ଡରେ ପସରା ମେଲିଥାନ୍ତି। ତେବେ ଦୁଃଖର ବିଷୟ, ସେମାନଙ୍କଠାରୁ ଧାର୍ଯ୍ୟ ଦେୟ ଅପେକ୍ଷା ଅତ୍ୟଧିକ ଇଜରା ଆଦାୟ କରାଯାଇଥାଏ। ଫଳରେ ପୁରୀବାସୀଙ୍କ ସହିତ ବାହାରୁ ଆସୁଥିବା ଜଗନ୍ନାଥ ପ୍ରେମୀମାନେ ଶୋଷଣର ଶିକାର ହୋଇଥାନ୍ତି। ଏହା ଉପରେ ଧ୍ୟାନ ଦେବା ସହ କିପରି ନିର୍ଦ୍ଧାରିତ ଦେୟର ଇଜିରା ଆଦାୟ ହେବ ଓ ସଂପୃକ୍ତ ଦୋକାନୀଙ୍କୁ ରସିଦ ଦିଆଯିବ ସେ ନେଇ ବ୍ୟବସ୍ଥା କରିବାକୁ 'ଆଟା' ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସମ୍ପାଦିକା ଶୁଭଶ୍ରୀ ବେହେରାଙ୍କ ନେତୃତ୍ୱରେ ସତ୍ୟନାରାୟଣ ସାହୁ, ଆଦିତ୍ୟ ନାରାୟଣ ବାରିକ୍, କୃଷ୍ଣ ମୋହନ ପ୍ରଧାନ, ସତ୍ୟାନନ୍ଦ ପରିଡ଼ା, ପପେୟା ବାନାର୍ଜୀ, ଗୀତାଞ୍ଜଳି ଜେନା, ମାଧବ ସ୍ୱାଇଁ, କାହ୍ନୁ ଚରଣ ବଡ଼ପଣ୍ଡା, ଦେବେନ୍ଦ୍ର ସୁବୁଦ୍ଧି ଏବଂ ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱୟ ରଖି ଶୃଙ୍ଖଳିତ ଭାବେ କାମ କରିବାକୁ ଗୁରୁତ୍ୱ

ପୁରୀ ଅଫିସ,୨୦।୬:

ରଥଯାତ୍ରା ପାଇଁ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ସୋମବାର ପରିଚାଳନା କମିଟି ସହିତ ଏବଂ ଏସପି କନୱର ବିଶାଲ ସିଂ ଛତିଶା ନିଯୋଗ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲାପାଳ କହିଛନ୍ତି, ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଛି। ସେବାୟତଙ୍କ ରହଣୀ, ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ସାଜସଜ୍ଜା, ଆଲୋକୀକରଣ, ସେବାୟତଙ୍କୁ ବୁଷ୍ଟର ଡୋଜ୍ ପ୍ରକ୍ରିୟା ଶୀଘ୍ର ଶେଷ କରିବା, ଭକ୍ତ ନିବାସରେ ଶ୍ରଦ୍ଧାଳୁଙ୍କ ରହଣୀର ସୁବନ୍ଦୋବସ୍ତ ଓ ମହାପ୍ରସାଦ ସେବନ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଓ ଅନ୍ୟ ପ୍ରଶାସନିକ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ରଥଯାତ୍ରାରେ ବିଭାଗ-ବିଭାଗ ମଧ୍ୟରେ ସମନ୍ୱୟ ରଖି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବିଭାଗୀୟ ଅଧିକାରୀମାନେ ମୁଖ୍ୟ ପ୍ରଶାସକଙ୍କୁ ନିଜ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କେଉଁ ସମୟସୀମା ମଧ୍ୟରେ କେଉଁ କାର୍ଯ୍ୟ ଶେଷ ହେବ ସେନେଇ ଆଲୋଚନା ହୋଇଥିଲା। ବିଶେଷ ଭାବେ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମୌଳିକ ସୁବିଧା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଛତିଶା ନିଯୋଗ ସହ ବୈଠକ ହୋଇଥିଲା। ସେବାୟତଙ୍କୁ ଗାଡ଼ି ପାସ୍ ଦେବା ନେଇ ଆଲୋଚନା ହୋଇଥିଲା। ସେବାୟତଙ୍କୁ ଚିହ୍ନଟ ପାଇଁ ସ୍ଥାନୀୟ ପୋଲିସଙ୍କୁ ନିୟୋଜିତ କରାଯିବ। ହାଇମାଷ୍ଟ ଲାଇଟ୍ ଥିବା ସ୍ଥାନରେ ସଂପୃକ୍ତ ସ୍ଥାନ ସମ୍ପର୍କରେ ଲେଖାଥିବା ସୂଚନା ଫଳକ ରହିବ। ପ୍ରଶାସନ ଓ ସେବାୟତମାନେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବେ ବୋଲି ଏସ୍‌ପି କନୱର ବିଶାଳ ସିଂ କହିଥିଲେ।

# ରଥଖଳା ନିକଟରେ ଧକ୍କାଦେଲା ଭ୍ୟାନ୍

- ଦୁର୍ଘଟଣାରେ ୩ ଗୁରୁତର
- ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ

ପୁରୀ ଅଫିସ, ୨୦।୬:

ବଡ଼ଦାଣ୍ଡସ୍ଥିତ ରଥଖଳା ନିକଟରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ଜଣ ଭକ୍ତ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅନୁଗୋଳ ଜିଲା ଲୁହାମୁଣ୍ଡା ଅଞ୍ଚଳର ବୈଜୟନ୍ତୀ ସାହୁ ଓ ତାଙ୍କ ଦିଅର ଗିରିଶ ସାହୁ। ଉଭୟଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭ୍ୟାନ୍ ଡ୍ରାଇଭର ଅସିତ୍ କୁମାର ଜେନାଙ୍କୁ ଫିଡ୍‌ସ (ବାତ) ମାରିବାରୁ ସେ ଭାରସାମ୍ୟ ହରାଇ ଏଭଳି ଦୁର୍ଘଟଣା ଘଟାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୨୦/୨୨) ରୁଜୁ କରିବା ସହ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଅନୁଗୋଳ ଜିଲା ଲୁହାମୁଣ୍ଡା ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭକ୍ତ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବାବେଳେ ରଥଖଳା ନିକଟରେ ରାଜନଅର ଆଡୁ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଆର୍ ୦୨ଏକ୍ସ-୨୪୦୬) ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ବୈଜୟନ୍ତୀ ଓ ଗିରିଶ ଗାଡ଼ି ଚକତଳେ ପଡ଼ିଯାଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦୁର୍ଘଟଣାରେ ବୈଜୟନ୍ତୀଙ୍କ ବାମଗୋଡ଼ ଓ ଗିରିଶଙ୍କ ଡାହାଣ ହାତ ଭାଙ୍ଗିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଦୁର୍ଘଟଣା ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଭ୍ୟାନ ଡ୍ରାଇଭର ଅସିତଙ୍କୁ ଫିଡ୍ସ ମାରିବାରୁ ସେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବାବେଳେ ନିଜେ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ନନ୍ଦିଘୋଷ ରଥରେ ଗାଡ଼ିଟି ଧକ୍କା ଖାଇବାରୁ ଅଳ୍ପକେ ବର୍ତ୍ତିଯାଇଛି। ତେଣୁ ରଥ ପାଖକୁ କୌଣସି ଭକ୍ତଙ୍କୁ ନ ଛାଡ଼ିବା ଏବଂ ତିନିରଥକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯିବାକୁ ବରିଷ୍ଠ ସେବାୟତମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଜିଲାପାଳ ସମର୍ଥ ବର୍ମା ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତ ହେଉଛି ବୋଲି କହିଛନ୍ତି। ତିନି ରଥ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ଏହି ଭ୍ୟାନ୍ କାହା ଅନୁମତିରେ ଶ୍ରୀମନ୍ଦିର ନିକଟକୁ ଆସିଥିଲା ଏବଂ ଯଦି ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କ ଜୀବନ ଚାଲିଯାଇଥାନ୍ତା ତେବେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ରଥଖଳା ନିକଟରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ।

ଧରିତ୍ରୀ
DHARITRI
Bhubaneswar, Tuesday, June 21, 2022

## ଇପିଏଫ୍‌ଓରେ ୧.୭ ମିଲିୟନ ନୂତନ ସବସ୍କ୍ରାଇବର

**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ) ଅଧୀନରେ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି ଚଳିତ ବର୍ଷ ଏପ୍ରିଲ୍‌ରେ ୨୫.୬% ବୃଦ୍ଧି ଘଟିଛି। ଏପରିକି ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ ଏପ୍ରିଲ୍‌ର ୧.୨୭ ମିଲିୟନ ତୁଳନାରେ ୧.୭ ମିଲିୟନ ରେକର୍ଡ ସ୍ତରରେ ପହଞ୍ଚିଛି। ଇପିଏଫ୍‌ଓ ଦ୍ୱାରା ସୋମବାର ଜାରି କରାଯାଇଥିବା ପେ ରୋଲ୍ ଡାଟା ଅନୁସାରେ ମାର୍ଚ୍ଚ ୨୦୨୨ରେ ଅବସରପ୍ରାପ୍ତ ପାଣ୍ଠି ସଂସ୍ଥା ଅଧୀନରେ ସୃଷ୍ଟି ହୋଇଥିବା ମୋଟ୍ ନିଯୁକ୍ତି ସଂଖ୍ୟା ୧.୫୩ ମିଲିୟନ ଥିବାବେଳେ ଏପ୍ରିଲ୍‌ରେ ଏଥିରେ ୧୩.୩% ଅଭିବୃଦ୍ଧି ହୋଇଛି।



### ସଂକ୍ଷେପରେ

## ସର୍ବବୃହତ୍ ଏୟାରକ୍ରାଫ୍ଟ ଡିଲ୍ କରିବ ଏୟାରଇଣ୍ଡିଆ

**ନୂଆଦିଲ୍ଲୀ, ୨୦।୬:** ଚଳିତ ବର୍ଷ ଟାଟା ଗ୍ରୁପ୍ ଦ୍ୱାରା ଟେକ୍‌ଓଭର କରାଯାଇଥିବା ଏୟାର ଇଣ୍ଡିଆ ୩୦୦ ସଂଖ୍ୟକ ନ୍ୟାରୋବଡ଼ି ଜେଟ୍ ଅର୍ଡର କରିବା ଦିଗରେ ବିଚାର କରୁଛି। ଏହି ଅର୍ଡର କମର୍ସିଆଲ୍ ଏଭିଏସନ୍ ଇତିହାସରେ ସର୍ବବୃହତ ଅର୍ଡରଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ ବୋଲି ଆଶା କରାଯାଉଛି। ସୂଚନା ଅନୁସାରେ, ଏହା ଏୟାରବସ୍ ଏସ୍‌ଇଠାରୁ ଏ୩୨୦ନିଓ ପରିବାରର ଜେଟ୍ କିମ୍ବା ବୋଇଙ୍ଗ୍ କମ୍ପାନୀର ୭୩୭ ମ୍ୟାକ୍ସ-୧୦ ଜେଟ୍ ଅଥବା ଦୁଇ ମଡେଲ୍‌ର ଜେଟ୍‌ର ମିଶାମିଶି କରି ଅର୍ଡର କରିପାରେ। ନିର୍ଦ୍ଧାରିତ ଦର ଅନୁସାରେ ୩୦୦ ସଂଖ୍ୟକ ୭୩୭ ମ୍ୟାକ୍ସ-୧୦ ଜେଟ୍ ପାଇଁ ୪୦.୫ ବିଲିୟନ ଡଲାରର କାରବାର କରାଯିବ। ସୂଚନାଯୋଗ୍ୟ, ଇଣ୍ଟରଗ୍ଲୋବ୍ ଏଭିଏସନ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଇଣ୍ଡିଗୋ ୟୁରୋପର ସର୍ବାଧିକ ବିକ୍ରି ହେଉଥିବା ନ୍ୟାରୋବଡ଼ି ଜେଟ୍‌ର ବୈଶ୍ୱିକ କ୍ଷେତ୍ରରେ ସର୍ବବୃହତ ଗ୍ରାହକ ।

## ବିଟ୍ କଏନ୍ ମୂଲ୍ୟରେ ହ୍ରାସ

**ନୂଆଦିଲ୍ଲୀ, ୨୦।୬:** ଆମେରିକା ଫେଡେରାଲ୍ ରିଜର୍ଭର ସୁଧ ଦର ବୃଦ୍ଧି ପରେ କ୍ରିପ୍ଟୋକରେନ୍ସି ବଜାରରେ ବିଟ୍ କଏନ୍ ମୂଲ୍ୟରେ ହ୍ରାସ ଦେଖାଦେଇଛି। ବିଟ୍ କଏନ୍ ୨୦,୦୦୦ରୁ ନିମ୍ନ ସ୍ତରରେ କାରବାର କରୁଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ତଥା ସର୍ବବୃହତ କ୍ରିପ୍ଟୋକରେନ୍ସିରେ ୫% ବୃଦ୍ଧି ହୋଇଥିଲା। ବିଟ୍ କଏନ୍‌ରେ ଚଳିତ ବର୍ଷ ୫୭% ହ୍ରାସ ଘଟି ସାରିଛି। ୨୦୨୧ ନଭେମ୍ବରରେ ବିଟ୍ କଏନ୍ ୬୯,୯୦୦ର ଉଚ୍ଚତମ ସ୍ତରରେ କାରବାର କରୁଥିଲା। ତେବେ ତା'ପରଠାରୁ ବିଟ୍ କଏନ୍‌ରେ ଲଗାତର ହ୍ରାସ ଜାରି ରହିଛି। ଏହାଛଡ଼ା ଇଥର, ଏଥେରିୟମ୍ ବ୍ଲକ୍‌ଚେନ୍ ସହିତ ଜଡ଼ିତ କ୍ରିପ୍ଟୋକରେନ୍ସିରେ ପ୍ରାୟ ୧୧% ବୃଦ୍ଧି ଘଟି ୧,୦୬୮ ଡଲାରରେ ପହଞ୍ଚିଛି। ଏହାଛଡ଼ା ସୋମବାର ଡଜ୍ କଏନ୍‌ରେ ୧୧% ହ୍ରାସ ଘଟିଥିବା ବେଳେ ଶିବାଇନୁରେ ୬% ବୃଦ୍ଧି ହୋଇଛି। ସୂଚନାଯୋଗ୍ୟ, ଗ୍ଲୋବାଲ୍ କ୍ରିପ୍ଟୋକରେନ୍ସିର ମାର୍କେଟ୍ କ୍ୟାପ୍ ୧ ଟ୍ରିଲିୟନ୍ ଡଲାରରୁ ନିମ୍ନ ସ୍ତରରେ ରହିଛି।

# ବଢ଼ିପାରେ ଖାଦ୍ୟ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୨୦।୬

### ଥାଇଲାଣ୍ଡରେ ସ୍ୱାଇନ୍ ଫ୍ଲୁ, ଚାଇନାରେ କୋଭିଡ୍ ପ୍ରଭାବ ଏବଂ ଭାରତରେ ଗରମ ଲହରି କାରଣରୁ ଖାଦ୍ୟପଦାର୍ଥ ଦର ବୃଦ୍ଧି ପାଇବା ଆଶଙ୍କା



ଫିଡ୍ ଷ୍ଟକ୍ ଦର ଅଧିକ ଥିବା କାରଣରୁ ଭାରତର ଖାଦ୍ୟ ମୁଦ୍ରାସ୍ଫୀତି ୯%ରୁ ଊର୍ଦ୍ଧ୍ୱ ରହିବାର ସମ୍ଭାବନା ରହିଛି। 'ନୋମୁରା' ତଥ୍ୟରୁ ଏହା ଜଣାଯାଇଛି। ତଥ୍ୟ ଅନୁସାରେ ଏସିଆ ମହାଦେଶରେ ଚଳିତ ବର୍ଷର ୨ୟ ୬ ମାସରେ ଖାଦ୍ୟ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବ। ଏଥିରେ ମହାଦେଶର ସିଙ୍ଗାପୁର ଭଳି ପ୍ରମୁଖ ଖାଦ୍ୟ ଆମଦାନୀକାରୀମାନେ ଉଚ୍ଚ ଦରର ସାମ୍ନା କରୁଛନ୍ତି। ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଥାଇଲାଣ୍ଡରେ ସ୍ୱାଇନ୍ ଫ୍ଲୁ, ଚାଇନାରେ କୋଭିଡ୍ ପ୍ରଭାବ ଏବଂ ଭାରତରେ ଗରମ ଲହରି କାରଣରୁ ଖାଦ୍ୟପଦାର୍ଥ ଦର ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ନୋମୁରା ରିପୋର୍ଟକୁ ନେଇ ବ୍ଲୁମ୍‌ବର୍ଗ ପକ୍ଷରୁ କୁହାଯାଇଛି, ଖାଦ୍ୟ ପଦାର୍ଥ ଭଳି ଅତ୍ୟାବଶ୍ୟକ ପଦାର୍ଥଗୁଡ଼ିକର କ୍ରୟ ଦ୍ୱାରା ମୁଦ୍ରାସ୍ଫୀତିକୁ ନେଇ ଉପଭୋକ୍ତାଙ୍କ ଧାରଣା ପରିବର୍ତ୍ତିତ ହୋଇଥାଏ। ଭାରତର ଖାଦ୍ୟ ମୁଦ୍ରାସ୍ଫୀତି ଏପ୍ରିଲ୍ ମାସର ୮.୩% ତୁଳନାରେ ମେ'ରେ ସ୍ୱଳ୍ପ ହ୍ରାସ ପାଇ ୮%ରେ ପହଞ୍ଚିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନା ଅନୁସାରେ ଦେଶରେ ଗରମର ପ୍ରଭାବ ଖାଦ୍ୟ ମୁଦ୍ରାସ୍ଫୀତିକୁ ବୃଦ୍ଧି କରୁଛି। ତେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଠିକ୍ ସମୟରେ ଆରମ୍ଭ ହେବାକୁ ଯାଉଥିବାରୁ ଖାଦ୍ୟ ଦର ହ୍ରାସ ପାଇବା ସହିତ ଖାଦ୍ୟ ମୁଦ୍ରାସ୍ଫୀତି କମିବାର ମଧ୍ୟ କିଛି ମାତ୍ରାରେ ଆଶା ରହିଛି। ନନ୍-ଫୁଡ୍ ଜିନିଷ ଅପେକ୍ଷା ଖୁଚୁରା ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି। ଗରମ ଲହରି କାରଣରୁ ଗତ ମେ'ରେ ରିଟେଲ୍ ପରିବା ମୁଦ୍ରାସ୍ଫୀତିରେ ୬% ବୃଦ୍ଧି ଘଟି ୧୮.୨୬% ହୋଇଯାଇଥିବା ଅର୍ଥ ମନ୍ତ୍ରଣାଳୟ ତଥ୍ୟରୁ ଜଣାଯାଇଛି। କେବଳ ପରିବା ନୁହେଁ ରନ୍ଧନ ତୈଳ ଦର ବୃଦ୍ଧି ହେଉଛି ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧିର ଅନ୍ୟତମ କାରଣ। ଭାରତ ନିଜ ରନ୍ଧନ ତୈଳ ଆବଶ୍ୟକତାର ପ୍ରାୟ ୬୦% ଅନ୍ୟ ଦେଶଗୁଡ଼ିକଠାରୁ ଆମଦାନୀ କରିଥାଏ। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଏହି ତୈଳ ଆମଦାନୀରେ ବାଧା ସୃଷ୍ଟି ହୋଇଥିଲା ଏବଂ ଦର ବୃଦ୍ଧି ଘଟିଥିଲା। ନୋମୁରା ତଥ୍ୟ ଅନୁସାରେ ଆଗକୁ ଚାଉଳ ଦରରେ ମଧ୍ୟ ବୃଦ୍ଧି ହୋଇପାରେ। ଭାରତ ପକ୍ଷରୁ ଗହମ ରପ୍ତାନି ବନ୍ଦ ହେବା ପରେ କିଛି ପ୍ରମୁଖ ଚାଉଳ ଉତ୍ପାଦନକାରୀ ଏସୀୟ ଦେଶ ରପ୍ତାନି ଉପରେ କଟକଣା ଲଗାଇଛନ୍ତି।

# ଆସସ୍‌ର ନୂଆ ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡି



ନୂଆଦିଲ୍ଲୀ,୨୦।୬

ଆସସ୍ ପକ୍ଷରୁ ନିକଟରେ ସବୁଠାରୁ ପତଳା ଓ ହାଲୁକା ଲାପ୍‌ଟପ୍ ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଲାପ୍‌ଟପ୍‌ର ଓଜନ ମାତ୍ର ୧.୧ କିଲୋଗ୍ରାମ ଓ ମୋଟେଇ ୧୪.୯ ଏମ୍‌ଏମ୍ ରହିଛି। ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡି ସହ ଆସସ୍ ଏଭଳି ଏକ ଲାପ୍‌ଟପ୍ ଆଣିଛି ଯାହା ପତଳା, ଶକ୍ତିଶାଳୀ ଓ ସେଥିରେ ଏକ ଷ୍ଟେଲାର ବ୍ୟାଟେରି ଲାଇଫ୍ ରହିଛି। ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡରି ମୂଲ୍ୟ ୯୯,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏଗୁଡିକର ସେଲ୍ (ଆସସ୍ ଇ-ଶପ୍-ଆମାଜନ୍) ଓ ଅଫ୍‌ଲାଇନ୍ (ଆସସ୍ ଏକ୍ସକ୍ଲୁସିଭ୍ ଷ୍ଟୋର୍-ଆର୍‌ଓଜି ଷ୍ଟୋର୍-କ୍ରୋମା-ବିଜୟ ସେଲ୍‌ସ-ରିଲାଏନ୍ସ ଡିଜିଟାଲ)ରେ ହେବ। ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡି ଫ୍ଲିପ୍‌କାର୍ଟରେ ମଧ୍ୟ ଉପଲବ୍ଧ ହେବ। ଏ ସମ୍ପର୍କରେ ଆସସ୍ ଇଣ୍ଡିଆ, ସିଷ୍ଟମ୍ ବିଜ୍‌ନେସ୍ ଗ୍ରୁପ୍, କଞ୍ଜ୍ୟୁମର ଓ ଗେମିଙ୍ଗ୍ ପିସି, ବିଜ୍‌ନେସ୍ ହେଡ୍ ଆର୍ଣ୍ଣୋଲ୍ଡ ସୁ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ପିସି ଶିଳ୍ପ ଭାରତରେ ଚମତ୍କାର ଅଭିବୃଦ୍ଧି ଦେଖିଛି। ଚାହିଦାରେ ବୃଦ୍ଧି ଓ ପରିବର୍ତ୍ତିତ କାର୍ଯ୍ୟ ପରିବେଶକୁ ଦୃଷ୍ଟିରେ ରଖି ଆମେ ଆମର ସବୁଠାରୁ ପତଳା ଲାପ୍‌ଟପ୍ ଜେନ୍‌ବୁକ୍ ଏସ୧୩ ଓଏଲ୍‌ଇଡରିର ଶୁଭାରମ୍ଭ କରିଛୁ।

# 'ସୋଲିସ ୟାନ୍‌ମାର'ର ସମ୍ପ୍ରସାରଣ ସଫଳତା

ନୂଆଦିଲ୍ଲୀ,୨୦।୬



ରମଣ ମିତ୍ତଲ

ଦେଶର ପ୍ରମୁଖ ଟ୍ରାକ୍ଟର କମ୍ପାନୀ 'ସୋଲିସ ୟାନ୍‌ମାର' ପକ୍ଷରୁ କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ମଧ୍ୟ ଏହାର ବଜାର ଉପସ୍ଥିତିକୁ ସମ୍ପ୍ରସାରଣ କରାଯାଇଛି। ୨୦୧୩ରେ ବିଶ୍ୱର ୪ର୍ଥ ବୃହତ୍ ଟ୍ରାକ୍ଟର ବଜାର ସହ ତୁର୍କୀରେ ପ୍ରବେଶ ପରେ ଏହି ପ୍ରିମିୟମ ଟ୍ରାକ୍ଟର ବ୍ରାଣ୍ଡ ବର୍ତ୍ତମାନ ଦେଶରେ ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ଭାବେ ସ୍ଥାନ ଅଧିଗ୍ରହଣ କରିପାରିଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମୃଦ୍ଧ ଟ୍ରାକ୍ଟର ଶୃଙ୍ଖଳ ସହ କମ୍ପାନୀ ମଧ୍ୟ ତୁର୍କୀରେ ତୀବ୍ର ଭାବେ ବୃଦ୍ଧି ପାଇଥିବା ଟ୍ରାକ୍ଟର ବ୍ରାଣ୍ଡରେ ପରିଗଣିତ ହୋଇଛି। ୧୦୦ବର୍ଷର ଜାପାନିଜ ପ୍ରଯୁକ୍ତିବିଦ୍ୟାର ଅନୁଭୂତି ସହ ପ୍ରସ୍ତୁତ ସୋଲିସ ୟାନ୍‌ମାର ୩୦ଏଚ୍‌ପି ପର୍ଯ୍ୟନ୍ତ କମ୍ପାକ୍ଟ ଟ୍ରାକ୍ଟର ଶୃଙ୍ଖଳରେ ୩ଟି ନୂତନ ମଡେଲର ସମ୍ପ୍ରସାରଣ ସହ ବର୍ତ୍ତମାନ ପ୍ରତିଯୋଗିତା ବଜାରରେ ପ୍ରବେଶ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଛି। ପ୍ରାମାଣିକ ଜାପାନିଜ ପ୍ରଯୁକ୍ତିବିଦ୍ୟା ସହ ପ୍ରସ୍ତୁତ ଏହି ଟ୍ରାକ୍ଟରଗୁଡିକ ସ୍ଥାନୀୟ ଟ୍ରାକ୍ଟର ବଜାରରେ ଏହାର ପ୍ରଦର୍ଶନୀକୁ ବୃଦ୍ଧି କରିବ। କମ୍ପାନୀ ମଧ୍ୟ ସମ୍ପ୍ରତି ସୋଲିସ ୭୫ଏଚ୍‌ପି ସିଆରଡିଆଇ ଶୃଙ୍ଖଳକୁ ଯଥାକ୍ରମେ ଫେବୃୟାରୀ ଏବଂ ମାର୍ଚ୍ଚ ୨୦୨୨ରେ ଆଜମେର ଏବଂ କୋନ୍ୟାରେ ଅନୁଷ୍ଠିତ ହୋଇଥିବା ଜାତୀୟ ମେଳାରେ ପ୍ରଦର୍ଶନ କରିଛି । କମ୍ପାନୀ ୧୨ଟି ୟୁରୋପିଆନ ଦେଶରେ କିଛି ବିଭାଗରେ ଅଗ୍ରଣୀ ସ୍ଥାନରେ ରହିଛି। ସୋଲିସ ୟାନ୍‌ମାର ତୁର୍କୀ ବଜାରରେ ୫୦ରୁ ଅଧିକ ଡିଲରଶିପର ଉପସ୍ଥିତି ସହିତ ଦେଶରେ ୧୦୦ ପାଖାପାଖି ବିକ୍ରୟ ସ୍ଥାନ ମଧ୍ୟ ରହିଛି । କମ୍ପାନୀ ପକ୍ଷରୁ ମଧ୍ୟ ୨୦୦ରୁ ଅଧିକ ସର୍ଭିସ ସେଣ୍ଟର ରହିଛି, ଯାହା ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ପାଇଁ ଡିଲରମାନଙ୍କ ସହିତ ଜଡିତ । ଏ ସମ୍ପର୍କରେ ସୋଲିସ ୟାନ୍‌ମାରର ମିଳିତ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ତୁର୍କୀସ ବଜାରରେ ସଫଳ ଭାବେ ୫,୦୦୦ରୁ ଅଧିକ ସୋଲିସ ଗ୍ରାହକଙ୍କ ପରିବାର ସହିତ ଆମ୍ଭେମାନେ ଏକ ଗର୍ବିତ ପରିବାର । ତୁର୍କୀରେ ଏକ ଅଗ୍ରଣୀ ଟ୍ରାକ୍ଟର ବ୍ରାଣ୍ଡ ଭାବେ ଅଗ୍ରଗତି କରିବା ସହ ଏକ୍ସପୋର୍ଟ ବ୍ରାଣ୍ଡ ସ୍ଥାନରେ ପ୍ରଥମ ସ୍ଥାନକୁ ଶକ୍ତିଶାଳୀ ଭାବେ ଗ୍ରହଣ କରିଥିବାରୁ ଆମ୍ଭେମାନେ ଖୁବ ଉତ୍ସାହିତ।

## ପୋର୍ଟଫୋଲିଓ ଆଉଟ୍‌ଫ୍ଲୋ ୧୦୦ ବିଲିୟନ ଡଲାର ହୋଇପାରେ

ନୂଆଦିଲ୍ଲୀ, ୨୦।୬

ଭାରତର ପୋର୍ଟଫୋଲିଓ ପ୍ରବାହ ସର୍ବଭାରତୀୟ ସ୍ତରରେ ସମ୍ଭାବ୍ୟ ପୋର୍ଟଫୋଲିଓ ଆଉଟ୍‌ଫ୍ଲୋ, ସମଗ୍ର ଘରୋଇ ଉତ୍ପାଦ(ଜିଡିପି)ର ୩.୨% କିମ୍ବା ୧୦୦ ବିଲିୟନ ଆମେରିକୀୟ ଡଲାର (୭.୮ ଲକ୍ଷ କୋଟି) ପର୍ଯ୍ୟନ୍ତ ହୋଇପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ବୁଲେଟିନ୍ 'କ୍ୟାପିଟାଲ୍ ଫ୍ଲୋଜ୍ ଆଟ୍ ରିସ୍କ: ଇଣ୍ଡିଆଜ୍ ଏକ୍ସପେରିଏନ୍ସ' ତଥ୍ୟ ଅନୁସାରେ 'ବ୍ଲାକ୍ ସ୍ୱାନ୍' ଇଭେଣ୍ଟର ପ୍ରତିକ୍ରିୟାକୁ ନେଇ ଗଠିତ ସମ୍ଭାବ୍ୟ ପୋର୍ଟଫୋଲିଓ ଆଉଟ୍‌ଫ୍ଲୋ ଜିଡିପିର ୭.୭%କୁ ବୃଦ୍ଧି ପାଇପାରେ। ୧୯୯୦ ଦଶକରୁ ଆରମ୍ଭ ହୋଇଥିବା ବଜାର ସଙ୍କଟ ଏବଂ ଏହାର ପରବର୍ତ୍ତୀ ଅନୁଭୂତି ସହିତ ଜଡିତ ଲାଭରୁ ଆର୍ଥିକ ଦୁର୍ବଳତା ବୃଦ୍ଧି, ବ୍ୟାପକ ଆର୍ଥିକ ଅସ୍ଥିରତା ବଢ଼ାଇବା ଭଳି ଦିଗରେ ଧ୍ୟାନ ଆକର୍ଷଣ କରାଯାଇଛି।

# ବିଓଆଇ ପକ୍ଷରୁ ଶାଖା ଅଦାଲତ ଅଭିଯାନ

ଭୁବନେଶ୍ୱର,୨୦।୬

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନିଷ୍ପତ୍ତି କ୍ରମେ ଆଉ ଥରେ ସାରା ଦେଶରେ ଶାଖା ଅଦାଲତ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ କରାଯାଉଛି। ପୂର୍ବରୁ ଏକ ୬ ଦିନିଆ (୨୧ରୁ ୨୬ ମେ ୨୨) ଶାଖା ଅଦାଲତ ଅନୁଷ୍ଠିତ ହୋଇଥିଲା। ବିଓଆଇର ଉକ୍ତ ଅଭିଯାନର ସଫଳତା ପରେ ବ୍ୟାଙ୍କ ଆଉ ଥରେ ୨୧ରୁ ୨୮ ଜୁନ୍ ୨୦୨୨ ପର୍ଯ୍ୟନ୍ତ ପ୍ୟାନ୍ ଇଣ୍ଡିଆ ସ୍ତରରେ ପୁନର୍ବାର 'ଶାଖା ଅଦାଲତ' ଅଭିଯାନର ଆରମ୍ଭ କରାଯାଇଛି। କୋଭିଡ୍ ମହାମାରୀ କିମ୍ବା ଅନ୍ୟ କୌଣସି କାରଣରୁ ପ୍ରଭାବିତ ହୋଇଥିବା ଋଣଗ୍ରହୀତାଙ୍କଠାରୁ ଆବଶ୍ୟକ ମତାମତ ଶୁଣିବା ସହ ସେମାନଙ୍କ ସମସ୍ୟାର ସମାଧାନ କରାଯିବ। ବିଶେଷକରି ଯେଉଁମାନେ କୃଷି, ଖୁଚୁରା କିମ୍ବା ବ୍ୟକ୍ତିଗତ ଋଣ ଅଧୀନରେ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଛନ୍ତି, ସେମାନଙ୍କୁ ସୁବିଧା ପ୍ରଦାନ କରିବା ଉକ୍ତ ଅଭିଯାନର ମୂଳ ଉଦ୍ଦେଶ୍ୟ ଅଟେ। ପୂର୍ବରୁ ଆୟୋଜିତ ହୋଇଥିବା ଅଭିଯାନରେ ଋଣଗ୍ରହୀତାମାନଙ୍କର ଉତ୍ତମ ପ୍ରତିକ୍ରିୟାକୁ ଆଖି ଆଗରେ ରଖି ବ୍ୟାଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଛି। ସେହିପରି ଶାଖା ଅଦାଲତ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ପୁନର୍ବାର ଆଉ ଏକ ସୁଯୋଗର ସଦୁପଯୋଗ କରିବା ପାଇଁ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଏ ନେଇ ମଧ୍ୟ ଋଣଗ୍ରହୀତାମାନେ ବ୍ୟାଙ୍କ ଅଫ୍ ଇଣ୍ଡିଆର ନିକଟସ୍ଥ ଶାଖାରେ ଯୋଗାଯୋଗ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଫୁର୍‌ସତ୍

# ପର୍ନଷ୍ଟାରଙ୍କ ସୁରକ୍ଷା ପାଇଁ ଆଇନ ଆଣିଲା ଜାପାନ

ଟୋକିଓ



ଜାପାନରେ ପର୍ନଷ୍ଟାରମାନଙ୍କୁ ନିର୍ଯାତନା ଦିଆଯାଉଥିବା ବେଳେ ଅନେକ ସମୟରେ ଅଭିନେତ୍ରୀମାନେ ଆତ୍ମହତ୍ୟା କରୁଥିବାର ଦେଖିବାକୁ ମିଳିଛି। ମିଥ୍ୟା ପ୍ରଲୋଭନ ଦେଖାଇ କମ୍ ବୟସର ଯୁବତୀମାନଙ୍କୁ ଆଡଲ୍ଟ ସିନେମା ତିଆରି କରାଯାଉଛି। ସେମାନେ କାମ କରିବାକୁ ମନା କଲେ ତାଙ୍କୁ ବ୍ଲାକ୍‌ମେଲ୍ ମଧ୍ୟ କରାଯାଉଥିବାର ଖବର ପ୍ରସାରିତ ହୋଇଛି। ତେବେ ଏ ପ୍ରକାର ଘଟଣା ରୋକିବା ପାଇଁ ଜାପାନ ସରକାର ନୂଆ ଆଇନ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ଆଡଲ୍ଟ ସିନେମାରେ ଯେଉଁ ଯୁବତୀମାନେ କାମ କରିବାକୁ ଚାହୁଁ ନାହାନ୍ତି, ସେମାନଙ୍କୁ ସୁରକ୍ଷା ମିଳିପାରିବ। ଜାପାନ ସରକାରଙ୍କ ପକ୍ଷରୁ ବୁଧବାର ଏହି ବିଲ୍ ପାସ୍ କରାଯାଇଛି। ନୂଆ ଆଇନ ଅନୁସାରେ ନିର୍ଯାତିତ ତଥା ଶୋଷଣର ଶିକାର ହେଉଥିବା ପର୍ନଷ୍ଟାରମାନଙ୍କୁ ମଡେଲିଂ କ୍ଷେତ୍ରରେ କାମ କରିବାର ସୁଯୋଗ ଦିଆଯିବ। ହଠାତ୍ କୌଣସି ଯୁବତୀଙ୍କୁ ପର୍ନ ସିନେମାରେ କାମ କରାଇବା ଦ୍ୱାରା ସେମାନଙ୍କୁ ଗଭୀର ଆଘାତ ଲାଗିଥାଏ ବୋଲି ଓକିଲ କୁଜୁକୋ ଇଟୋ କହିଛନ୍ତି। ଯେଉଁ ଯୁବତୀମାନେ ଏହି ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହୁଁ ନାହାନ୍ତି ସେମାନେ ଗୋଟିଏ ବର୍ଷ ଭିତରେ ନିଜର ସ୍ୱାକ୍ଷରିତ ଚୁକ୍ତି ଖାରଜ କରିପାରିବେ।

### ଶୋଷଣର ଶିକାର ହୋଇ ଆତ୍ମହତ୍ୟା କରୁଥିଲେ ପର୍ନଷ୍ଟାର୍

ଏଥିଲାଗି ସେମାନଙ୍କୁ କୌଣସି ପ୍ରକାର ଜରିମାନା ଦେବାକୁ ପଡ଼ିବ ନାହିଁ। ବ୍ଲାକମେଲିଂକୁ ରୋକିବା ପାଇଁ ଯୁବତୀଙ୍କ ଭିଡିଓ ସବୁ ଡିଲିଟ ମଧ୍ୟ କରାଯିବ। ତେବେ ଏହି ନୂଆ ଆଇନ ଅନୁସାରେ ଫିଲ୍ମ ରିଲିଜ୍‌ର ଦୁଇ ବର୍ଷ ଭିତରେ କଣ୍ଟ୍ରାକ୍ଟ କ୍ୟାନ୍‌ସେଲ କରାଯାଇପାରିବ। କଣ୍ଟ୍ରାକ୍ଟ ସାଇନ୍ କରିବା ପରେ ଫିଲ୍ମ ନିର୍ମାତାମାନେ ଅତିକମ୍‌ରେ ମାସେ ଏବଂ ଅତିବେଶୀରେ ୪ ମାସ ଅପେକ୍ଷା କରିବା ପାଇଁ ଉକ୍ତ ନିୟମରେ ଉଲ୍ଲେଖ କରାଯାଇଛି।

# ସାବାସ୍ ମିଠୁ

ମୁମ୍ବାଇ



ତାପସୀ ପନ୍ନୁ

ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ସାବାସ୍ ମିଠୁ'ର ଟ୍ରେଲର ସୋମବାର ରିଲିଜ୍ ହୋଇଯାଇଛି। ଫିଲ୍ମଟି ମହିଳା କ୍ରିକେଟର ମିଥାଲି ରାଜ୍‌ଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ମିଥାଲିଙ୍କ ଚରିତ୍ରରେ ତାପସୀ ଅଭିନୟ କରିଛନ୍ତି। ଫିଲ୍ମର ଟ୍ରେଲରକୁ ସିନେପ୍ରେମୀଙ୍କ ଭଲପାଇବା ମିଳିଥିବାବେଳେ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ଟ୍ରେଲର ଦେଖି ପ୍ରଶଂସା କରିଛନ୍ତି। ଖାଲି ସଚିନ ନୁହନ୍ତି ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ଟ୍ରିଜରକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅନେକ କ୍ରିକେଟପ୍ରେମୀ ମିଥାଲିଙ୍କୁ ଅନୁକରଣ କରନ୍ତି। ୧୯୯୯ରେ ମିଥାଲି ନିଜ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବାବେଳେ ଭାରତୀୟ ମହିଳା କ୍ରିକେଟ ଟିମ୍‌ର ଅଧିନାୟିକା ଭାବେ ମଧ୍ୟ ନିଜ ଦାୟିତ୍ୱ ଭଲଭାବେ ତୁଲାଇଛନ୍ତି। ଚଳିତମାସରେ ସେ କ୍ରିକେଟରୁ ଅବସର ନେଇଛନ୍ତି। ଶ୍ରୀଜିତ ମୁଖାର୍ଜୀ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଫିଲ୍ମଟି ଜୁନ୍ ୧୫ରେ ମୁକ୍ତିଲାଭ କରିବ।

# ସଙ୍ଗୀତ ଦିଏ ମାନସିକ ଶାନ୍ତି

### ବିଶ୍ୱ ସଙ୍ଗୀତ ଦିବସ



ମାନସିକ ଶାନ୍ତି ପାଇଁ ସଙ୍ଗୀତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଉପଯୋଗିତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୨୧ରେ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଲୋକେ ସର୍ବସାଧାରଣ ସ୍ଥାନ ଏବଂ ପାର୍କରେ ସଙ୍ଗୀତ ଉତ୍ସବ ଆୟୋଜନ କରିଥାନ୍ତି। ବହୁ ଅଞ୍ଚଳରେ ମାଗଣା କନ୍‌ସର୍ଟ ମଧ୍ୟ ଆୟୋଜନ ହୋଇଥାଏ। ଏହି ଉତ୍ସବ ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲାଙ୍ଗ୍‌ଙ୍କ ତଥା ମୋରିସ ଫ୍ଲେରେଟଙ୍କ ଦ୍ୱାରା ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୯୮୨ରେ ଏହା ପ୍ୟାରିସ୍‌ରେ ପ୍ରଥମେ ପାଳନ ହୋଇଥିଲା। ପରେ ପୃଥିବୀର ୧୨୦ ଦେଶରେ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥିଲା। ଅକ୍ଟୋବର ୧୯୮୧ରେ ମୋରିସ୍ ଫ୍ଲେରେଟ ଜ୍ୟାକ୍ ଲାଙ୍ଗ୍‌ଙ୍କ ଅନୁରୋଧକ୍ରମେ ଫ୍ରାନ୍ସର ସଂସ୍କୃତି ମନ୍ତ୍ରଣାଳୟରେ ସଙ୍ଗୀତ ଏବଂ ନୃତ୍ୟର ନିର୍ଦ୍ଦେଶକ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ବିଶ୍ୱବ୍ୟାପୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ସଙ୍ଗୀତର ସକାରାତ୍ମକ ପ୍ରଭାବ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପରେ ଆଲୋଚନା କରାଯାଇଥାଏ।

# ବେସ୍‌କ୍ୟାମ୍ପ ସ୍ଥାନାନ୍ତର କରିବ ନେପାଳ

କାଠମାଣ୍ଡୁ



ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟ ବରଫ ତରଳିବା ଆଶଙ୍କା କରି ନେପାଳ ଏଠାରେ ଥିବା ବେସ୍‌କ୍ୟାମ୍ପଗୁଡ଼ିକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ନେଇଛି। ସୋଲୁଖୁମ୍ବୁ ଜିଲାରେ ଥିବା ମାଉଣ୍ଟ ଏଭରେଷ୍ଟ ରିଜିୟନ୍‌ରେ ନେପାଳର ବେସକ୍ୟାମ୍ପ ରହିଛି। ବରଫ ତରଳିବା କାରଣରୁ ଭୟାବହ ବିପଦ ଆଶଙ୍କା କରି ନେପାଳ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏ ନିଷ୍ପତ୍ତି ନିଆଯାଇଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଗ୍ଲୋବାଲ୍ ୱାର୍ମିଂ ବଢ଼ିଚାଲିଛି, ଯାହାଫଳରେ ଏଭରେଷ୍ଟରୁ ବରଫ ତରଳିବା କଥା କୁହାଯାଉଛି। ନେପାଳର ବେସ୍‌କ୍ୟାମ୍ପଗୁଡ଼ିକ ସମୁଦ୍ରପତ୍ତନଠାରୁ ୫,୩୬୪ ମିଟର ଉଚ୍ଚତାରେ ଅବସ୍ଥିତ। ପ୍ରତିବର୍ଷ କ୍ଲାଇମିଂ ସିଜନ୍‌ରେ କୁମ୍ଭୁ ଗ୍ଲାସିୟରରେ ୧୫ଶହ ଲୋକ ଜମା ହୋଇଥାନ୍ତି। ଏ ଭଳିସ୍ଥିତିରେ ଯଦି ଠିକ୍ ପଦକ୍ଷେପ ନିଆ ନ ଯାଏ ବଡ଼ ଦୁର୍ଘଟଣାର ଆଶଙ୍କା ରହିଛି। ବେସ୍‌କ୍ୟାମ୍ପ ସ୍ଥାନାନ୍ତରଣ ନିଷ୍ପତ୍ତି ନିଆଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏ ନେଇ ନୂଆ ଠିକଣା ଧାର୍ଯ୍ୟ କରାଯାଇନାହିଁ। ଏଭରେଷ୍ଟ ବରଫ ତରଳିବା ନେଇ ବିଶେଷଜ୍ଞଙ୍କ ଅଧ୍ୟୟନ ଆଗାମୀ ଦିନରେ ଆରମ୍ଭ କରାଯିବ। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ବରଫ ତରଳିବା ଆଶଙ୍କା ଥିବା ନେପାଳ ପକ୍ଷରୁ ଗତ ଫେବୃୟାରୀରେ କୁହାଯାଇଥିଲା। ଚାଇନା ଓ ନେପାଳ ସୀମାରେ ମାଉଣ୍ଟ ଏଭରେଷ୍ଟ ଅବସ୍ଥିତ। ୨୦୦୨ରେ ଏହାର ଉଚ୍ଚତା ୮୬ ସେଣ୍ଟିମିଟର ବଢ଼ିଥିବାବେଳେ ଉଚ୍ଚତା ୮,୮୪୮.୮୬ ମିଟର ଥିବା ଚାଇନା ଓ ନେପାଳ ପକ୍ଷରୁ କୁହାଯାଇଥିଲା।

# ବୁଲ୍‌ଡୋଜରରେ ବରଯାତ୍ରୀ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶରେ ଏକ ନିଆରା ବାହାଘର ଦେଖିବାକୁ ମିଳିଛି। ସାଧାରଣତଃ ବର କାର୍, ହାତୀ କିମ୍ବା ଘୋଡ଼ାରେ ବସି କନିଆ ଘରକୁ ବରଯାତ୍ରୀ ନେଇ ଯାଇଥାନ୍ତି। କିନ୍ତୁ ୟୁପିର ଲକ୍ଷଣପୁର ଗ୍ରାମରେ ବର ବୁଲ୍‌ଡୋଜରରେ ବାହାହେବାକୁ ଯାଇଛନ୍ତି। ଶ୍ରଭାସ୍ତିର ଅଲ୍ଲା ଗ୍ରାମର ମୋହନଙ୍କ ପୁଅ ବରବେଶ ସାଜି ବୁଲ୍‌ଡୋଜରରେ ବରଯାତ୍ରୀ ନେଇ ଲକ୍ଷଣପୁର ଗ୍ରାମରେ ସଲିମଙ୍କ ଘରେ ପହଞ୍ଚିଥିଲେ। ଖାଲି ବରଯାତ୍ରୀ ନୁହନ୍ତି ଜେସିବିରେ ଡିଜେ ବଜେଇ ବର ବାହାହେବା ପାଇଁ ଯାଇଥିଲେ। ଜେସିବି ଚାମ୍ବର, ଲୋଡ଼ର ଓ ବକେଟରେ ଲୋକେ ବସିଥିବାର ଦେଖିବାକୁ ମିଳିଥିଲା। ଗୋଟିଏ କି ଦୁଇଟି ନୁହେଁ ବରଂ ୬ଟି ଜେସିବିରେ ବରଯାତ୍ରୀ ଯାଇଥିଲେ। ଉତ୍ତର ପ୍ରଦେଶରେ ବୁଲ୍‌ଡୋଜର କ୍ରେଜ୍ ଅଧିକ। ବିଶେଷଭାବେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବୁଲଡୋଜର ବାବାର ଆଖ୍ୟା ଦିଆଯାଇଛି।



**ଆଜି ମୋଦିଙ୍କୁ ଭେଟିବେ ୩ ବାହିନୀ ମୁଖ୍ୟ**

**ନୂଆଦିଲ୍ଲୀ:** ଅଗ୍ନିପଥ ଯୋଜନା ବିରୋଧରେ ଆନ୍ଦୋଳନ ଜାରି ରହିଥିବାବେଳେ ମଙ୍ଗଳବାର ତିନି ବାହିନୀର ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ପ୍ରଥମେ ନୌସେନା ମୁଖ୍ୟ ଆଡମିରାଲ ଆର୍. ହରି କୁମାର ଭେଟିବାକୁ ଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ନୂଆ ଯୋଜନାରେ ଅଗ୍ନିବୀର ନିଯୁକ୍ତି ପାଇଁ ସୋମବାର ସେନା ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜୁଲାଇରୁ ପ୍ରାର୍ଥୀମାନଙ୍କ ପଞ୍ଜୀକରଣ ହେବାକୁ ଥିବାବେଳେ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବରରେ ୮୩ଟି ନିଯୁକ୍ତି ରାଲି ଅନୁଷ୍ଠିତ ହେବ।

# ଶିକାରୀ ଫାଶରେ କଲରାପତରିଆ

## ଉଦ୍ଧାର ପରେ କୋର୍ ଜଙ୍ଗଲରେ ଛାଡ଼ିଲା ବନ ବିଭାଗ

**ଅନୁଗୋଳ ଅଫିସ/ ବନ୍ତଳା, ୨୦।୬**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଜୋର୍‌ଦାର ଚାଲିଛି ବନ୍ୟପ୍ରାଣୀ ଶିକାର। ୨୦୧୮ ନଭେମ୍ବର ୧୪ରେ ଶିକାରୀଙ୍କ ଫାଶରେ ପଡ଼ି ମହାବଳ ବାଘ 'ମହାବୀର'ର ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ସୋମବାର ଏକ କଲରାପତରିଆ ବାଘ ଶିକାରୀଙ୍କ ଫାଶରେ ପଡ଼ିବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଖବରପାଇବା ପରେ ବନ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବାଘଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଜନ୍ତାରେ ନେଇ କୋର୍ ଜଙ୍ଗଲ ମଧ୍ୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ବନାଞ୍ଚଳ ଗୋପାଳପୁର ଗ୍ରାମ ନିକଟରେ ଭୋର ସମୟରେ ଏକ କଲରାପତରିଆ ବାଘ ଶିକାରୀ ବସାଇଥିବା ଫାସରେ ପଡିଯାଇଥିବା ସ୍ଥାନୀୟ ଯୁବକମାନେ ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବରପାଇ ସାତକୋଶିଆ ଡିଏଫ୍‌ଓ ଡ. ସରୋଜ ପଣ୍ଡା, ଏସିଏଫ୍‌ଓ ଶୁଭେନ୍ଦୁ ବେହେରା ପ୍ରମୁଖ ପୂର୍ବାହ୍ନ ୯ଟାରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗାଁ ନିକଟରେ ଥିବା ନାଳର ଏକ ବୁଦା ପାଖରେ ବାଘଟି ଫାଶରେ ଛନ୍ଦି ହୋଇରହିଥିବାରୁ ଉଦ୍ଧାର ପାଇଁ ପ୍ରଥମେ ଜାଲ ବିଛାଇବାକୁ ପ୍ରୟାସ କରାଯାଇଥିଲା। ତେବେ ନିକଟରେ ଜନବସତି ଥିବାରୁ ଜାଲ ବିଛାଇ ଧରିବା କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ପରେ ସାତକୋଶିଆ ପ୍ରାଣୀଧନ ଚିକିତ୍ସକ କିଶୋର ସାହୁଙ୍କୁ ଡକାଯାଇ ଟ୍ରାଙ୍କୁଲାଇଜ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଡା. ସାହୁ ବାଘକୁ ଟ୍ରାଙ୍କୁଲାଇଜ କରିଥିଲେ। ଏହାପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବାଘକୁ ଜନ୍ତାରେ ଭର୍ତ୍ତି କରି ଅପରାହ୍ନ ୩ଟାରେ ଅଭୟାରଣ୍ୟର କୋର୍ ଏରିଆରେ ଛାଡ଼ି ଦିଆଯାଇଥିଲା। ଫାଶରେ ପଡ଼ିଥିବା ଯୋଗୁ ବାଘର ପଛ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଡାକ୍ତର ସାହୁ କହିଛନ୍ତି, ବାଘର ବେକ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଫାଶରେ ଲାଗିଥିଲେ ଜୀବନ ବଞ୍ଚାଇବା କଷ୍ଟକର ହୋଇଥାନ୍ତା। ତେବେ ଏହି ୩ ବର୍ଷର ଅଣ୍ଡିରା ବାଘର ସେଭଳି କିଛି ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ନାହିଁ। ଡିଏଫ୍‌ଓ ପଣ୍ଡା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି। ସମ୍ପୃକ୍ତ ଶିକାରୀଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।



ଉଦ୍ଧାର ପରେ ବାଘକୁ ଜନ୍ତାରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ସୁଇମିଂପୁଲ୍‌ରେ ବୁଡ଼ି ନାବାଳକ ମୃତ

**ଉଦଳା, ୨୦।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଏକ ହୋଟେଲରେ ରବିବାର ରାତିରେ ବିବାହ ଭୋଜି ଚାଲିଥିବା ବେଳେ ଅସାବଧାନତାରୁ ସୁଇମିଂପୁଲରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଶରତ ପାତ୍ରଙ୍କ ପୁଅ ରିତେଶ। ତାଙ୍କ ଘର କପ୍ତିପଦା ଥାନା ଜାମବଣି ଗ୍ରାମରେ। ଶରତ ପରିବାର ସହ ଉକ୍ତ ବିବାହ ଭୋଜିରେ ଯୋଗଦେଇଥିଲେ। ବାପାଙ୍କ ସହିତ ବୁଲୁଥିବା ରିତେଶ କେତେବେଳେ ସୁଇମିଂପୁଲ ଆଡ଼କୁ ଚାଲିଯାଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରିତେଶଙ୍କୁ ମୃତ ଘୋଷଣା କରିଥିଲେ। ମା'ବାପାଙ୍କ ମନ ନ ବୁଝିବାରୁ ସେ ପୁଅକୁ ନେଇ ପୁଣି ଡୁକୁରା ଡାକ୍ତରଖାନାରେ ଦେଖାଇଥିଲେ। ସେଠାରେ ମଧ ଡାକ୍ତର ମୃତ ଘୋଷଣା କରିବାରୁ ସେମାନେ ମୃତଦେହକୁ ନେଇ ନିଜ ଘର ଜାମବଣି ଗ୍ରାମକୁ ଯାଇ ସେଠାରେ ପୁଅର ଅନ୍ତିମ ସଂସ୍କାର କରିଥିଲେ। ଉଦଳା ପୋଲିସ ଜାମବଣି ଗ୍ରାମରେ ପହଞ୍ଚି କପ୍ତିପଦା ପୋଲିସ ସହାୟତାରେ ମାଟି ତଳେ ପୋତାଯାଇଥିବା ନାବାଳକଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲେ। ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୯/୨୨) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### କାଠଫାଳିଆ ମାଡ଼ରେ ଶ୍ୱଶୁରଙ୍କ ମୃତ୍ୟୁ ଘଟଣା: ବୋହୂ କୋର୍ଟ ଚାଲାଣ

**ଆସିକା, ୨୦।୬(ଡି.ଏନ୍.ଏ.):** ଆସିକା ଥାନା କିଶୋରଚନ୍ଦ୍ରପଲ୍ଲୀ ଗ୍ରାମରେ ଶନିବାର ରାତିରେ ବୋହୂଙ୍କ କାଠଫାଳିଆ ମାଡ଼ରେ ଶ୍ୱଶୁର ସୀମାଞ୍ଚଳ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ରବିବାର ଅଭିଯୁକ୍ତା ବୋହୂ ସୁଲୋଚନା ନାୟକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ସୋମବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୁଲୋଚନାଙ୍କ ସ୍ୱାମୀ ସୂର୍ଯ୍ୟ ନାୟକ ସୁରଟରେ ରହି କାମ କରୁଛନ୍ତି। ତାଙ୍କ ପରିବାରରେ ଆଉ କେହି ଦେଖାଶୁଣା ଲାଗି ନ ଥିବାରୁ ଅଭିଯୁକ୍ତାଙ୍କ ସହ ତାଙ୍କ ଶିଶୁ କନ୍ୟାଙ୍କୁ ମଧ ପଠାଯାଇଛି। ପାରିବାରିକ ଅଶାନ୍ତିରୁ ଶ୍ୱଶୁରଙ୍କୁ ପିଟିଥିବା ସୁଲୋଚନା ବୟାନ ଦେଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଅଭିଯୁକ୍ତ ଶିକାରୀଙ୍କୁ ୧୦ ବର୍ଷ ଜେଲ

## ବନ୍ଧୁକରୁ ଗୁଳିଫୁଟି ଯୁବକଙ୍କ ମୃତ୍ୟୁ ଘଟଣା

**ଗୁଣପୁର, ୨୦।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଫୁଲପୁଟି ଜଙ୍ଗଲରେ ୨୦୧୬ରେ ଶିକାରୀଙ୍କ ଗୁଳିରେ ସାଥୀରେ ଯାଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ସୋମବାର ଏଡିଜେ କୋର୍ଟରେ ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଗୋପବନ୍ଧୁ ପଣ୍ଡୁ ସାହୁଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥ ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି ଏଡିଜେ ମାନସ ରଞ୍ଜନ ରଥ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପାଇଁ ଗଣେଶ ସାହୁ ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁ ମାମଲା ପରିଚାଳନା କରୁଥିଲେ।

ମାମଲାରୁ ଜଣାଯାଏ, ୨୦୧୬ ନଭେମ୍ବର ୧୭ରେ ଗାଁର ଗୋପବନ୍ଧୁ ପଣ୍ଡୁ ସାହୁ ସେହି ଗ୍ରାମର ନୀଳକଣ୍ଠ ଶବରଙ୍କୁ ସାଙ୍ଗରେ ନେଇ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ନୀଳକଣ୍ଠ ଆଗରେ ରହି ଗଛ ଉପରକୁ ଟର୍ଚ୍ଚ ଦେଖାଇ ଯାଉଥିଲେ। ପଛରେ ଦେଶୀ ବନ୍ଧୁକ ଧରି ଯାଉଥିବା ଗୋପବନ୍ଧୁଙ୍କ ପାଦ ପଥରରେ ପଡ଼ିଯିବାରୁ ସେ ତଳେ ପଡ଼ି ଯାଇଥିଲେ। ଫଳରେ ସେ ଧରିଥିବା ବନ୍ଧୁକର ଟ୍ରିଗର୍‌ରେ ହାତ ବାଜି ଫୁଟି ଯାଇଥିଲା। ଆଗରେ ଚାଲୁଥିବା ନୀଳକଣ୍ଠଙ୍କ ଦେହରେ ଗୁଳି ବାଜିଥିଲା। ଗୋପବନ୍ଧୁ ତାଙ୍କୁ କାନ୍ଧରେ ବୋହି ଗାଁକୁ ନେବାପରେ ଗୁଣପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନୀଳକଣ୍ଠଙ୍କ ବଡ଼ଭାଇ ବୁଡ଼ଙ୍କ ଅଭିଯୋଗ କ୍ରମେ ପୁଟାସିଂ ଥାନାରେ ୨୦/୨୦୧୬ ରେ ଏକ ମାମଲା ରୁଜୁ କରାଯାଇଥିଲା। ନଭେମ୍ବର ୧୯ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁଣପୁର ଏସଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ୨୦୧୭ ଜାନୁୟାରୀ ୧୪ରେ ସେ ଜାମିନରେ ଆସିଥିଲେ। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତଙ୍କୁ ଗୁଣପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

# ସାତକୋଶିଆରେ ୪ମାସ ହେବ ଦେଖାଯାଉନି ବାଘ

## ଅଭୟାରଣ୍ୟ ବାଘଶୂନ୍ୟ ଚର୍ଚ୍ଚା

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ସାତକୋଶିଆ ଅଭୟାରଣ୍ୟରେ ୧୫ ବର୍ଷର ଗୋଟିଏ ବାଘୁଣୀ ଥିଲା। ଗତ ୪ ମାସ ହେବ କ୍ୟାମେରା ଟ୍ରାପରେ ବାଘୁଣୀ ଆସିନାହିଁ। ଶେଷଥର ପାଇଁ ଟିକରପଡ଼ାରେ ବାଘୁଣୀର ପାଦଚିହ୍ନ ଦେଖିବାକୁ ମିଳିଥିଲା। ସମ୍ବର ଶିକାର ଓ ପାଦଚିହ୍ନରୁ ବାଘୁଣୀ ବଞ୍ଚିଥିବା ଅନୁମାନ କରାଯାଉଛି। ଆଖପାଖ ଜଙ୍ଗଲରେ ଏବେ ବାଘୁଣୀକୁ ଖୋଜା ଚାଲିଛି ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ଶଶି ପଲ୍ କହିଛନ୍ତି।

ରାଜ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ଆରମ୍ଭ କରିଥିଲେ। ଯେଉଁଥିରେ ୬ଟି ବାଘ (୩ ମାଈ ଓ ୩ ଅଣ୍ଡିରା) ଆସିବାର ଯୋଜନା ହୋଇଥିଲା। ଏହି ପ୍ରକ୍ରିୟାରେ ମଧ୍ୟପ୍ରଦେଶରୁ ପର୍ଯ୍ୟାୟକ୍ରମେ ଦୁଇଟି ବାଘ ଆସିଥିଲା। ଗୋଟିଏ ବାଘ 'ମହାବୀର'କୁ ଶିକାରୀମାନେ ହତ୍ୟା କରିଥିବାବେଳେ ବାଘୁଣୀ 'ସୁନ୍ଦରୀ'କୁ ନେଇ ବହୁ ସମସ୍ୟା ଦେଖାଯାଇଥିଲା। ଅଭୟାରଣ୍ୟର କୋର୍ ଏରିଆ ଭିତରେ ଅନେକ ଗ୍ରାମ ରହିଥିଲା। ଉକ୍ତ ଗ୍ରାମଗୁଡ଼ିକୁ ସ୍ଥାନାନ୍ତର ନ କରି 'ସୁନ୍ଦରୀ'କୁ ଛଡ଼ାଯିବାରୁ ସେ ମଣିଷ ସମେତ ବିଭିନ୍ନ ଗୃହ ପାଳିତ ପଶୁଙ୍କୁ ମାରି ଖାଇଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାପରେ ତାକୁ ପୁଣି ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥିଲା। ଦୀର୍ଘଦିନ ଏନ୍‌କ୍ଲୋଜର ଭିତରେ ରହିବା ଫଳରେ ସୁନ୍ଦରୀ ମୋଟା ହୋଇଯିବା ସହିତ ତା'ର ବ୍ୟବହାରରେ ପରିବର୍ତ୍ତନ ହୋଇଗଲା। ସେପଟେ ବ୍ୟାଘ୍ର ସ୍ଥାନାନ୍ତର ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କୌଣସି ଉଚିତ ପଦକ୍ଷେପ ନେଇ ନ ଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅଭିଯୋଗ କରିଥିଲା। ଏନ୍‌ଟିସିଏ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ବନ ଅଧିକାରୀମାନେ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିଥିଲେ ବୋଲି ଏନ୍‌ଟିସିଏ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିଲା। ଏପରି ବାଦବିବାଦ ପରେ ଶେଷରେ ସୁନ୍ଦରୀକୁ ପୁଣି ମଧ୍ୟପ୍ରଦେଶ ଫେରାଇ ନିଆଯାଇଥିଲା। ଏହାପରେ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ଏହି ପ୍ରକଳ୍ପକୁ ଏନ୍‌ଟିସିଏ ବନ୍ଦ କରିଦେଇଥିଲା। ତେବେ ସାତକୋଶିଆରେ ପୂର୍ବରୁ ଥିବା ଏକ ବାଘୁଣୀ ଗତ କିଛିମାସ ହେଲାଣି ଦେଖାଯାଉ ନାହିଁ। ଫଳରେ ସାତକୋଶିଆ ଅଭୟାରଣ୍ୟ ବାଘ ଶୂନ୍ୟ ହୋଇଗଲା ବୋଲି ଚର୍ଚ୍ଚା ହେଉଛି।

# ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବ୍ରହ୍ମପୁର ଅଫିସ, ୨୦।୬**

ଖାଦ୍ୟ ଓ ଯୋଗାଣ ବିଭାଗ ଭୁବନେଶ୍ୱର ମୁଖ୍ୟାଳୟରେ କାର୍ଯ୍ୟରତ ଯୋଗାଣ ଅଧିକାରୀ (ସିଏସ୍‌ଓ) ଅନାଦି ଚରଣ ସେଠୀଙ୍କ ଘରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗର ୫ଟି ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ କରିଛି। ବ୍ରହ୍ମପୁର ଖାରବେଳନଗରସ୍ଥିତ ସେଠୀଙ୍କ ଦୁଇ ମହଲା କୋଠା ସମେତ ଛତ୍ରପୁର ରାମନଗରରେ ଥିବା ଦୁଇ ମହଲା କୋଠା, ଏକ ମାର୍କେଟ କମ୍ପ୍ଲେକ୍ସ, ପୁଅ ସୌମ୍ୟରଞ୍ଜନ ବେହେରାଙ୍କ ନାମରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଥିବା ମା' ରେସିଡେନ୍ସି ନାମକ ଏକ ଓୟୋ ହୋଟେଲ ଓ ବଡ଼ଝିଅ ଡା. ନିବେଦିତା ବେହେରା ରହୁଥିବା ବାଲେଶ୍ୱର ଜିଲା ଅଙ୍ଗାରଗାଡ଼ିଆସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି।

ଯୋଗାଣ ଅଧିକାରୀ ସେଠୀ ପୂର୍ବରୁ ଗଜପତି ଜିଲାରେ ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସେ ଡେପୁଟେଶନରେ ଯୋଗାଣ ବିଭାଗର ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟରେ କାର୍ଯ୍ୟରତ। ପ୍ରାଥମିକ ଯାଞ୍ଚ ପରେ ସିଏସ୍‌ଓ ସେଠୀଙ୍କର ୧କୋଟି ୭୧ଲକ୍ଷ ୩୫ହଜାର ୮୯୪ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ତାଲିକା ପ୍ରସ୍ତୁତ କରିଛି। ତଦନ୍ତ ଜାରି ରହିଥିବାରୁ ସମ୍ପତ୍ତିର ସବିଶେଷ ଆକଳନ ହୋଇପାରିନାହିଁ ବୋଲି ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ କହିଛନ୍ତି। ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଅଛନ୍ତି।

# ୩ ସ୍ଥାନରେ 'ଯୋଗ ଦିବସ' ଆଜି

## କୋଣାର୍କରେ ଅଶ୍ୱିନୀ, ପୁରୀରେ ମହେନ୍ଦ୍ରନାଥ, ଖିଚିଂରେ ବିଶେଶ୍ୱର

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବର ସ୍ୱର୍ଣ୍ଣିମ ଦିବସ ଅବସରରେ ବିଶ୍ୱ ଯୋଗ ଦିବସ ପାଳନ ହେବାକୁ ଯାଉଛି। ବିଶ୍ୱକୁ ଯୋଗ ଉପହାର ଦେବାରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ। ସୁସ୍ଥ ଦେଶ ଓ ବିଶ୍ୱ ଗଠନ କରିବା ଲାଗି ମୋଦି ସରକାର ସଦାସର୍ବଦା ନୂଆ ଢାଞ୍ଚା ଓ ନୂଆ ପ୍ରୟାସ କରିଥାନ୍ତି। ସମଗ୍ର ବିଶ୍ୱକୁ ଭାରତବର୍ଷର ସବୁଠୁ ବଡ଼ ଅବଦାନ ହେଉଛି 'ଯୋଗ ଶିକ୍ଷା'। ୨୦୧୪ ଡିସେମ୍ବର ୧୧ରେ ମିଳିତ ଜାତିସଂଘ ଯୋଗକୁ ପରିଚୟ ଏବଂ ମାନ୍ୟତା ଦେବା ସହ ଜୁନ୍ ୨୧କୁ ଯୋଗ ଦିବସର ମାନ୍ୟତା ଦିଆଯାଇଛି। ଏହା ଆମ ସମସ୍ତଙ୍କ ପାଇଁ ଐତିହାସିକ ମୁହୂର୍ତ୍ତ ଥିଲା ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ମଙ୍ଗଳବାର ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସରେ ଭାଜପା ପକ୍ଷରୁ ଦେଶର ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ଓ ଗାଁର ବିଭିନ୍ନ ସ୍ଥାନରେ ଯୋଗ ପାଳନ କରାଯିବ। କେନ୍ଦ୍ର ସରକାରଙ୍କ ତରଫରୁ ଦେଶର ପ୍ରମୁଖ ୭୫ଟି ଐତିହାସିକ ସ୍ଥାନରେ ଏହା ପାଳନ କରାଯିବ। ଓଡ଼ିଶାର ୩ଟି ସ୍ଥାନ ଏହି ତାଲିକାରେ ସାମିଲ ଅଛି। ପୁରୀରେ କେନ୍ଦ୍ର ଭାରୀ ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ, କୋଣାର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଖିଚିଂ (ମୟୂରଭଞ୍ଜ)ରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଲେଖାଶ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଯୋଗ ମହୋତ୍ସବ ସମିତି ଦ୍ୱାରା ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଲେଖାଶ୍ରୀ କହିଛନ୍ତି।

# ଆସାମ ବନ୍ୟା: ଭାସିଗଲେ ୨ ପୋଲିସ ଅଧିକାରୀ

**ଦିଶପୁର, ୨୦।୬:** ଆସାମର ବନ୍ୟା ପ୍ରଭାବିତ ନାଗାଁଓ ଜିଲାରେ ଉଦ୍ଧାରକାର୍ଯ୍ୟ ଜାରିଥିବାବେଳେ ରବିବାର ରାତିରେ ଦୁଇ ପୋଲିସ ଅଧିକାରୀ ପାଣିରେ ଭାସିଯାଇଛନ୍ତି। ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏସ୍‌ଡିଆର୍‌ଏଫ୍ ଟିମ୍ ପୋଲିସ ଅଧିକାରୀଙ୍କ ମୃତଦେହ ଜବତ କରିଛି। କାମପୁର ପୋଲିସ ଷ୍ଟେଶନ୍‌ରୁ ଜଣେ କନଷ୍ଟେବଲ ଏବଂ ଅଫିସର୍ ଇନ୍ ଚାର୍ଜ ସାମୁଜ୍ଜାଲ କାକଟ ରେସ୍କୁ ଅପରେଶନ୍ ପାଇଁ ନାଗାଁଓ ଯାଇଥିଲେ। ବନ୍ୟା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ଜଣଙ୍କ ଜୀବନ ଯାଇଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୭୨ରେ ପହଞ୍ଚିଛି। ବନ୍ୟାବିପର୍ଯ୍ୟୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

# ୨ଦିନ ହେଲା ଖାଇବା ଛାଡ଼ିଦେଇଛି ଦନ୍ତା

## ସାତକୋଶିଆରୁ ଆସିଲା ଡାକ୍ତରୀ ଟିମ୍

**ସମ୍ବଲପୁର, ୨୦।୬(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ୍ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ୫ ଦିନ ହେଲା ଏକ ଆହତ ଦନ୍ତା ମୃତ୍ୟୁ ସହ ସଂଗ୍ରାମ କରୁଛି। ୨ ଦିନ ହେଲା ହାତୀଟି ସମ୍ପୂର୍ଣ୍ଣ ଖାଇବା ଛାଡ଼ିଦେଇଛି। କେବଳ ସାଲାଇନ୍ ଓ ଔଷଧ ଦିଆଯାଉଛି। ଶରୀରର ଗୋଟିଏ ପାର୍ଶ୍ୱ ପାଣି ଓ ପଙ୍କରେ ବୁଡ଼ିରହିଛି। ହାତୀଟି ଏତେ ଦୁର୍ବଳ ହୋଇଯାଇଛି ଯେ ନିଜ ଶରୀରକୁ ମଧ ସେ ହଲାଇ ପାରୁନାହିଁ। ସାତକୋଶିଆରୁ ଡାକ୍ତର କିଶୋର ସାହୁଙ୍କ ସହିତ ଏକ ଡାକ୍ତରୀ ଟିମ୍ ଆସି ଚିକିତ୍ସା କରୁଛି। ସମ୍ବଲପୁର ଜିଲା ବନ୍ୟପ୍ରାଣୀ ବିଶେଷଜ୍ଞ ଆବଶ୍ୟକ ଚିକିତ୍ସା ସେବା ଯୋଗାଉଥିବାବେଳେ ବନ କର୍ମଚାରୀ ଏହାକୁ ଜଗି ରହିଛନ୍ତି। ବର୍ତ୍ତମାନ କେବଳ ଭଗବାନଙ୍କ ଭରସାରେ ହାତୀଟି ରହିଛି ବୋଲି ଆଲୋଚନା ହେଉଛି।

ଡିଏଫ୍‌ଓ ବି. ନୀଳାମ୍ବର କହିଛନ୍ତି, ଦନ୍ତାକୁ ଯଥାସମ୍ଭବ ଚିକିତ୍ସା କରାଯାଉଛି। ବିଶେଷଜ୍ଞମାନେ ଆସିଛନ୍ତି। ହାତୀ ଦେହରେ ଜ୍ୱର ରହିଛି ବୋଲି ଡାକ୍ତରମାନେ କହୁଛନ୍ତି। ପାଣିରେ ବୁଡ଼ିରହିବା ଯେତିକି ସମସ୍ୟା ନୁହେଁ, ନ ଖାଇବା ଏକ ବଡ଼ ସମସ୍ୟା। ନିଜ ହିସାବରେ ଖାଦ୍ୟ ଖାଇବା ଆରମ୍ଭ କଲେ ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ଟିମ୍ କହିଥିଲା। ସୂଚନାଯୋଗ୍ୟ, ମେ'୨୯ରେ ଆହତ ଦନ୍ତାକୁ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ବନ ବିଭାଗ ଠାବ କରିଥିଲା। ଜୁନ୍ ୨ରୁ ଏହାର ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ପ୍ରଫେସର ଇନ୍ଦ୍ରମଣି ନାଥ, ସମ୍ବଲପୁର ବୁର୍ଲାର ଭିଏସ୍ ସତ୍ୟଜାତ ପଣ୍ଡା, ଝୁମୁରା ଭିଏସ୍ ଅମ୍ରିତ ସାହୁଙ୍କୁ ନେଇ ଗଠିତ ଟିମ୍ ଚିକିତ୍ସା କରିଥିଲା। ଦନ୍ତାର ଗୋଡ଼ରେ ଗଭୀର କ୍ଷତ ରହିଥିଲା। ଟ୍ରାଙ୍କୁଲାଇଜ କରି କ୍ଷତ ସଫା କରିବା ପରେ ଆବଶ୍ୟକ ଇଞ୍ଜେକ୍ସନ ଓ ଔଷଧ ଦିଆଯାଇଥିଲା।



ପୋଖରୀ ଭିତରେ ଗୁରୁତର ଦନ୍ତା।

**ODISHA HYDRO POWER CORPORATION LTD.**
(A Gold Rated State PSU)
O/O. Sr.General Manager, Rengali Hydro Electric Project
P.O.:Rengali Dam Site, Pin-759105, Dist:Angul (Odisha)
Tel:06760-277214, Fax:06760-277324, e-mail:sgmel500@gmail.com
No.RHEP/C&P/PUR-III-1014/ 4298, Dated 18.06.2022

**NOTICE INVITING TENDER NO. RHEP-23/2022-23**

**No.CAD-854:** Sealed tenders are invited in two part i.e. (i) Techno Commercial bid and (ii) Price bid in separate sealed envelopes from manufacturer/channel partner.

| Sl. No. | Description of Services | Cost of tender paper (non-refundable) in Rs. | EMD in shape of DD Only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Re-tubing of UGB Oil Coolers (9 Nos.),LGB Oil Coolers (9 Nos.) and Thrust Bearing Oil Coolers (3 Nos.) | Rs.7080/- (Rs.6,000/- + GST @18%) | In lieu of EMD, Bid Security declaration form to be submitted | From dtd.21.06.22 to dtd. 30.06.22 upto 03.30 PM | Dtd.30.06.22 upto 04.00 PM | Dt.30.06.22 at 04.30 PM |

For details and further correspondence/ corrigendum, please visit our website www.ohpcltd.com.

Sd./- C & P Head, RHEP, Rengali
OIPR-04022/11/0030/2223

**GOVERNMENT OF ODISHA**
**OFFICE OF NOTIFIED AREA COUNCIL**
**SURADA, DIST-GANJAM**
**(H&UD Department)**
**E-Procurement Notice**
**Bid Identification No: Surada/NAC/2022-23/01**
E-mail- officerexecutive14@yahoo.com/Phone:06819-270129
Lt.No.895// Dt.18.06.2022

**No.C-593:** 1.The Executive Officer, Notified Area Council, Surada, Dist-Ganjam invites Percentage Rate bids in Two Cover System in Online Mode for " SUPPLY OF SANITATION WORKERS ON OUT-SOURCING BASIS THROUGH SERVICE PROVIDING AGENCY TO NOTIFIED AREA COUNCIL, SURADA, DIST-GANJAM covering all the 11 [ELEVEN) nos. of wards as specified in the Detailed Tender Call Notice (DTCN) from the eligible class of service providers which is available at the odisha Govt. e-procurement system : www.tendersodisha.gov.in. for a period of 01 (one) year.
2.Date and time of Availability in portal: 20.06.2022 (10.00 A.M)
3.Last date & time of submission of bids in the portal: 04.07.2022. (5.00 P.M.)
4.Date of Opening of Technical & financial bids online : 06.07.2022 at 11.00 A.M.
5.Non- refundable Cost of Bid document : INR. 11,200/- (Rupees Ten Thousand plus GST @ 12%)
6.Category of workers required: Skilled category
7.The Bidders have to participate in Online bidding only and further details can be seen from the Govt.portal.
8.Any Corrigendum / Addendum will be displayed in the website www.tendersodisha.gov.in only.
9.Name & address of the Officer inviting tender: Executive Officer, Office of the Notified Area Council, Surada, Ganjam, Dist-Ganjam, Pin-761108.

Sd./- Executive Officer, Surada NAC, Ganjam
OIPR-13101/11/0003/2223

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, CUTTACK-753003**
**e-Procurement Notice No.EE-DD-CTC-02/2022-23**
No.A-339: **e-mail Id: eeddcuttack@gmail.com**

| | | | |
|---|---|---|---|
| 1. | Total Number of Works | : | 07 (Seven) Nos. |
| 2. | Nature of Work | : | Drain & Structure Works |
| 3. | Estimated Cost of individual package ranging from | : | Rs.66.76 Lakhs to Rs.88.29 Lakhs |
| 4. | Date of Opening of Bid | : | 11.07.2022, 11.00 AM |

5. Other details as follows:

| Procurement Officer | Bid Identification No. | Availability of Tender Online From | Availability of Tender Online To | Last date & time for seeking tender clarification in e-Procurement portal | Date & Time of Opening of tender at Office Premises of Executive Engineer, Drainage Division, Cuttack | Date of Lottery (if required) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Drainage Division, Gandarpur, Cuttack- 753003 | EE-DD-CTC No.02/2022-23 | 24.06.2022 4.00 PM | 08.07.2022 5.00 PM | From 24.06.2022 04.00 PM to 07.07.2022 upto 5.00 PM during office hours | 11.07.2022 at 11.00 AM | 19.08.2022 at 11.00 AM |

The biddiers have to participate in online bidding only. Further details can be seen from the Govt. website www.tendersorissa.gov.in. Any addendum/Corrigendum/Cancellation of tender can also be seen in the same website. If the Office happens to be closed on the date of lottery the same process will be held on next working day in same time and venue.

Sd./- Executive Engineer, Drainage Division, Cuttack
OIPR-32201/11/0005/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWDEE_MKG_II_ONLINE_02/2022-23**

**No.O-501:** The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Road Works
2. No. of Works : 07 No.
3. Estimated Cost : Rs.5.19 Lakhs to Rs.46.02 Lakhs
4. Tender Paper Cost : Rs.2000/- and Rs.6000/-
5. Class of Contractor :

| Estimated Cost upto 20.00 Lakhs | Estimated Cost more than 20.00 Lakhs & within 40.00 Lakhs | Estimated Cost more than 40.00 Lakhs & within 300.00 Lakhs |
|---|---|---|
| 'D' & 'C' | 'C' | 'B' & 'A' |

6. Period of Completion : 01 (One) Calendar Month
7. Critical dates:

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To | Last Date of Seeking tender Clarification | Date of Opening of Technical Bid |
|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDEE_MKG_II_ONLINE_02 of 2022-23 | 24.06.2022 at 11.00 AM | 05.07.2022 upto 05.30 PM | 04.07.2022 | 06.07.2022 at 11.00 AM |

❖Further details can be seen in the bidding documents ,which is available in the-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.

Sd./- Executive Engineer, Rural Works Division-II, Malkangiri
OIPR-25079/11/0004/2223

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**
**No. RDM-LAB-GM-0001-2022 16845/R&DM, Dated: 24.05.2022**

No. XII-05: In exercise of the powers conferred by Section 93(1) of the RFCTLAR&R Act., 2013, the State Government do hereby withdraw total Ac.4.260 dec. of private land as per schedule below covered by Revenue & DM Department Notification No. 56378 dated 14.12.1995 and Declaration No. 3419 dated 21.01.1997 published in the Extraordinary issue of Odisha Gazette vide No. 1468 dated 26.12.1995 and No. 137 dated 05.02.1997 respectively and Order 7 No. 5350 dated 02.02.1998 for construction of Establishment of Steel Plant by M/s. Tata Steel Ltd. at Gopalpur in Village: Paikapada, Tahasil: Chhatrapur, Dist.- Ganjam of which possession has not been taken.

**ଭୂମି ଅନୁସୂଚୀ**
ଜିଲ୍ଲା: ଗଞ୍ଜାମ, ତହସିଲ: ଛତ୍ରପୁର, ଗ୍ରାମ: ପାଇକପଡ଼ା

| କ୍ରମିକ ନଂ. | ପ୍ଲଟ ନଂ. | ଅଧିସୂଚନା କ୍ଷେତ୍ର | ପ୍ରତ୍ୟାହାର କରିବା କ୍ଷେତ୍ର |
|---|---|---|---|
| 1 | 846 | 0.648 | 0.648 |
| 2 | 313 | 0.085 | 0.085 |
| 3 | 1202/ 1611 | 0.040 | 0.040 |
| 4 | 1348/ 2060 | 0.020 | 0.020 |
| 5 | 707 | 0.602 | 0.602 |
| 6 | 1198 | 0.275 | 0.275 |
| 7 | 186 | 1.205 | 1.205 |
| 8 | 1348/ 2062 | 0.020 | 0.020 |
| 9 | 1348/ 2061 | 0.017 | 0.017 |
| 10 | 1355 | 0.036 | 0.036 |
| 11 | 897/ 1531 | 0.190 | 0.190 |
| 12 | 1348/ 2064 | 0.019 | 0.019 |
| 13 | 1348/ 2063 | 0.015 | 0.015 |
| 14 | 1364 | 0.070 | 0.070 |
| 15 | 553 | 0.273 | 0.273 |
| 16 | 913 | 0.275 | 0.275 |
| 17 | 1272 | 0.230 | 0.230 |
| 18 | 678 | 0.240 | 0.240 |
| | ମୋଟ | **4.260** | **4.260** |

**By Order of Governor**
**Special Secretary to Government**
OIPR-24001/14/0072/2223

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅନ୍ତର୍ଜାତୀୟ ଯୋଗ ଦିବସ, କୋଣାର୍କ ମନ୍ଦିରର ହେରିଟେଜ୍ ସାଇଟ୍, ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ଉତ୍କଳ ୟୁନିଭର୍ସିଟିର ସମ୍ମିଳନୀ କକ୍ଷ, ସକାଳ ୭ଟା।
- ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ୍ ସ୍କୁଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍କୁଲ ପରିସର, ସକାଳ ୭ଟା ୨୦।
- ୟୁଥ୍ ଫର ସେବା ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ବନବାସୀ କଲ୍ୟାଣ ଆଶ୍ରମ, ରସୁଲଗଡ଼ (ସକାଳ ୭ଟା ୩୦), ଶହୀଦ ଲକ୍ଷ୍ମଣ ନାୟକ ଜନଜାତି ଛାତ୍ରାବାସ, ୟୁନିଟ୍-୧ (ସକାଳ ୭ଟା ୩୦), ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ-୨ (ପୂର୍ବାହ୍ନ ୯ଟା ୩୦), ଗଣ୍ଡମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଗଣ୍ଡମୁଣ୍ଡା (ଅପରାହ୍ନ ୩ଟା ୩୦)।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ, ପ୍ରଶାସକ ଏବଂ ଭାଷାବିତ୍ ଜନ୍ ବିମ୍ସଙ୍କ ୧୮୫ତମ ଜୟନ୍ତୀ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୧ଟା।
- ଅଗ୍ନିପଥ ଯୋଜନାକୁ ବିରୋଧ କରି ସିପିଆଇ (ଏମ୍ଏଲ୍) ଲିବରେଶନ୍ ପକ୍ଷରୁ ବିକ୍ଷୋଭ, ମାଷ୍ଟର କ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ସେଣ୍ଟ୍ରାଲ୍ ଗଭର୍ନମେଣ୍ଟ ହେଲ୍ଥ ସ୍କିମ୍ ପକ୍ଷରୁ ସିଜିଏଚ୍ଏସ୍ ପଞ୍ଚାୟତ, ରିଜିଓନାଲ ଟେଲିକମ୍ ଟ୍ରେନିଂ ସେଣ୍ଟର, ବାଣୀବିହାର, ଅପରାହ୍ନ ୪ଟା।
- ସମ୍ବାଦ-ଆମ ଓଡ଼ିଶା ପକ୍ଷରୁ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଓ ପୁସ୍ତକ ଉନ୍ମୋଚନ ଉତ୍ସବ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସନ୍ଧ୍ୟା ୬ଟା।
- ମା' ଖଣ୍ଡେଶ୍ୱରୀ ହାଟର ୩୦ତମ ବାର୍ଷିକ ଉତ୍ସବ, ପଳାଶୁଣି ହାଟଛକ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ସଙ୍ଗୀତ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ପୁରୀ**

- ୨୦ତମ ଫଙ୍କ୍ ଫେୟାର-୨୦୨୨ ଏବଂ ୧୩ଶ କୃଷି ଫେୟାର-୨୦୨୨, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସକାଳ ୭ଟା।
- ପୁରୀ ରେଲ୍ୱେ ଷ୍ଟେଶନକୁ ୱାର୍ଲ୍ଡ କ୍ଲାସ ଷ୍ଟେଶନ ପାଇଁ ଆଇଟି ମନ୍ତ୍ରୀଙ୍କ ପରିଦର୍ଶନ, ରେଲ୍ୱେ ଷ୍ଟେଶନ, ପୂର୍ବାହ୍ନ ୯ଟା ୨୦।

**କଟକ**

- ପତଞ୍ଜଳି ଯୋଗପୀଠ ପରିବାର ପକ୍ଷରୁ ବିଶ୍ୱ ଯୋଗ ଦିବସ, ବାରବାଟୀ ଷ୍ଟାଡିୟମ, ସକାଳ ୫ଟା ୪୫।
- ଅନ୍ତର୍ଜାତୀୟ ଯୋଗ ଦିବସ, ଇନ୍‌ଡୋର ଷ୍ଟାଡିୟମ, ସକାଳ ୭ଟା ।
- ପତିତପାବନଜୀଉ ମନ୍ଦିର ପରିଚାଳନା କମିଟି ଓ ହରିପୁର-ଦୋଲମୁଣ୍ଡାଇ ପୂଜା କମିଟି ଆନୁକୂଲ୍ୟରେ ରଥଯାତ୍ରା ପ୍ରସ୍ତୁତି ବୈଠକ, ଜଗନ୍ନାଥ ହୋଟେଲ, ଦୋଲମୁଣ୍ଡାଇ, ପୂର୍ବାହ୍ନ ୧୧ଟା।
- କଲେକ୍ଟୋରେଟ ଷ୍ଟାଫ୍ କମିଟି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ନୂତନ ସମ୍ମିଳନୀ କକ୍ଷ, କଲେକ୍ଟୋରେଟ, ଅପରାହ୍ନ ୪ଟା ୩୦।

## ଅଫିସ ଭିତରେ ନାବାଳିକାଙ୍କୁ ଅସଦାଚରଣ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ରଜରେ ଡ୍ରେସ ଉପହାର ଦେବାକୁ କହି ମାର୍କେଟ ଆଣିବା ନାଁରେ ନିଜର ଅଫିସକୁ ନେଇ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କଟକ ଜିଲାର ଅଜୟ ଦାସ (୪୨)। ଏ ନେଇ ପୋଲିସ ପୋକ୍ସୋ ଆକ୍ଟ ମାମଲା (ନଂ. ୧୮୭/୨୨) ରେ ରୁଜୁ କରି ଅଭିଯୁକ୍ତ ଅଜୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କ ଘରକୁ ଆସିଥିଲେ। ଏହାପରେ ନାବାଳିକାଙ୍କୁ ଡ୍ରେସ ଉପହାର ଦେବାକୁ କହି ମାର୍କେଟ ନେବା ବଦଳରେ ଅଭିଯୁକ୍ତ ଅଜୟ ସାଙ୍ଗରେ ଘରୁ ଧରି ଆସିଲେ। କିନ୍ତୁ ମାର୍କେଟ ନ ନେଇ କେଶରୀ ଟକିଜ ନିକଟରେ ଥିବା ନିଜର ଅଫିସ ଭିତରକୁ ନେଇଯାଇଥିଲେ। ଏହାପରେ ସେଠାରେ ନାବାଳିକାଙ୍କୁ ଅସଦାଚାରାଣ କରିଥିଲେ। ଅଭିଯୁକ୍ତଙ୍କ କବଳରୁ ସେ କୌଶଳକ୍ରମେ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକଙ୍କ ସହାୟତରେ ସେ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ।

# ସନ୍ଦେହ ଘେରରେ ରଶ୍ମିରେଖାଙ୍କ ପୁରୁଷ ବନ୍ଧୁ

**ଅଭିନେତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ**

- ■ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ■ପୋଲିସର ଖୋଳତାଡ଼ ଆରମ୍ଭ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଏବେ ନାନା ଚର୍ଚ୍ଚା ଲାଗି ରହିଛି। ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରୁ ତାଙ୍କର ଝୁଲନ୍ତା ମୃତଦେହକୁ ଶନିବାର ରାତିରେ ପୋଲିସ ଜବତ କରିଥିଲା। ତେବେ ପ୍ରାଥମିକ ତଦନ୍ତରୁ ରଶ୍ମିରେଖା ଆତ୍ମହତ୍ୟା କରିଥିବା ପୋଲିସ କହୁଥିବାବେଳେ ତାଙ୍କସହ ରହୁଥିବା ପୁରୁଷ ବନ୍ଧୁ ସନ୍ତୋଷ ପାତ୍ରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପଟେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ସହ ସନ୍ତୋଷଙ୍କୁ ଦାୟୀ କରୁଥିବାରୁ ପୋଲିସ ଏହାକୁ ତଦନ୍ତ ପରିସରଭୁକ୍ତ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି। ରଶ୍ମିରେଖା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛନ୍ତି, ଯଦି ଆତ୍ମହତ୍ୟା ତେବେ କାରଣ କ'ଣ, କିଏ ଚାପ କିମ୍ବା ପ୍ରବର୍ତ୍ତାଇଥିଲେ କି? ଏଭଳି ବିଭିନ୍ନ ଦିଗକୁ ନେଇ ଆଲୋଚନା ଚାଲିଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୪/୨୨) ରୁଜୁ କରି ତଦନ୍ତକୁ ଆଗକୁ ବଢ଼ାଇଛି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ମୃତଦେହ ନିକଟରୁ ଜବତ ଡାଇରିକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ଉକ୍ତ ଡାଇରିରେ ଲେଖା ଅଛି, 'ଆଇ ଲଭ୍ ୟୁ ସାନ୍ ବେବି। ତତେ ଛାଡ଼ିକି ଯିବାକୁ ଚାହୁଁନି, ହେଲେ ମୁଁ ଆଉ ପାରୁନି। ମୋତେ ଭୁଲି ଯିବୁ। ତୁ ଭଲରେ ତୋ ଲାଇଫ୍ ତିଆରି କରିବୁ। ୟାର୍, ମୁଁ ବହୁତ ଖରାପ ଝିଅ, ୟାର୍। ସରି ବାବା, ମମି, ଜଗନ, କାହ୍ନା। ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି'। ତେବେ ଏହି ସାନ୍ ବେବି କିଏ? ସନ୍ତୋଷ ନା ଆଉ କିଏ? ଘର ମାଲିକଙ୍କ କହିବା ଅନୁଯାୟୀ, ୨ ମାସ ହେବ ରଶ୍ମିରେଖା ତାଙ୍କ ପୁରୁଷବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ସେ ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ପିନ୍ଧିବା ସହ ସନ୍ତୋଷଙ୍କୁ ତାଙ୍କ ସ୍ୱାମୀ ବୋଲି ପରିଚୟ ଦେଉଥିଲେ। ହେଲେ ପରିବାର ଲୋକ ଭିନ୍ନ କଥା କହୁଛନ୍ତି। ଥାନାରେ କୌଣସି ବ୍ୟକ୍ତିଙ୍କ ନାମରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ଗଣମାଧ୍ୟମ ଜରିଆରେ ରଶ୍ମିରେଖାଙ୍କ ମୃତ୍ୟୁ ପାଇଁ ପୁରୁଷ ବନ୍ଧୁଙ୍କୁ ଦାୟୀ କରାଯାଇଛି। ବାପା ରଞ୍ଜନ ଓଝା କହିଛନ୍ତି, ଗତ ୧୩ ତାରିଖ ସୋମବାର ସେ ଘରକୁ ଆସି ଭୁବନେଶ୍ୱର ଫେରିଥିଲା। ସେ ଶଙ୍ଖା କି ସିନ୍ଦୂର ପିନ୍ଧି ନ ଥିଲା। ଝିଅକୁ ଜବରଦସ୍ତି ଶଙ୍ଖା, ସିନ୍ଦୂର ପିନ୍ଧାଯାଇ ହତ୍ୟା କରାଯାଇଛି। ଆମକୁ ଉଚିତ ନ୍ୟାୟ ଦିଆଯାଉ। ସନ୍ତୋଷ ପାତ୍ରଙ୍କୁ ଦଣ୍ଡ ମିଳୁ ବୋଲି ସେ କହିଛନ୍ତି। ଡିସିପି ପ୍ରତୀକ ସିଂ କହିଛନ୍ତି, ଏହା ଆତ୍ମହତ୍ୟା ବୋଲି ସ୍ପଷ୍ଟ ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାସ୍ଥଳରୁ ମୋବାଇଲ, ଲାପଟପ୍, ହାତଲେଖା ନୋଟ ଜବତ ହୋଇଛି। ଉକ୍ତ ଲେଖାରେ ସେ ମାନସିକ ଚାପରେ ଥିଲେ ବୋଲି ଜଣାପଡ଼ିଛି। ସେ କାହାକୁ ମଧ୍ୟ ଦାୟୀ କରିନାହାନ୍ତି। ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି। ତାଙ୍କର ସାଙ୍ଗ ଓ ସମ୍ପର୍କୀୟଙ୍କୁ ପଚରାଉଚରା କରାଯିବ। ପୁରୁଷ ବନ୍ଧୁଙ୍କୁ ମଧ୍ୟ ଡକାଯାଇଛି। ସେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପହଞ୍ଚିବେ। ଉକ୍ତ ତଥ୍ୟ ଆଧାରରେ ତଦନ୍ତ ଆଗେଇବ ବୋଲି ଡିସିପି କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନ ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ତାଙ୍କ ମୃତ୍ୟୁ ସମ୍ପର୍କରେ ପୁରୁଷ ବନ୍ଧୁ ସନ୍ତୋଷଙ୍କଠାରୁ ଖବର ପାଇ ପରିବାର ଲୋକେ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଫ୍ୟାନରେ ଝୁଲୁଥିବା ରଶ୍ମୀରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



### ମା'ଙ୍କୁ ଅନେକ କଥା କହିବାକୁ ଚାହିଁଥିଲେ

ଭାଇ ଜୀବନ କହିଛନ୍ତି, ଗତ ୧୭ ତାରିଖ ରାତି ପ୍ରାୟ ୧୧ଟା ୩୦ରେ ସୋନି ଦିଦି ମା'ଙ୍କ ପାଖକୁ ଫୋନ କରିଥିଲେ। ସେତେବେଳେ ସେ ମା'ଙ୍କୁ ବହୁତ କଥା କହିବାର ଅଛି ବୋଲି କହିଥିଲେ। ସମୟ ପାଇଲେ କହିବି ନ ହେଲେ କହି ପାରିବିନି। ଏହାପରେ ଦିଦି ପ୍ରସଙ୍ଗ ବଦଳାଇ ତରଙ୍ଗ ଚ୍ୟାନେଲରେ ଅଡିଶନ୍ ଫାଇନାଲ ହୋଇଯିବାର ଅଛି ବୋଲି ଶୁଣାଇଥିଲେ। କିନ୍ତୁ ୧୮ ତାରିଖ ସକାଳ ୯ଟାରେ ମା' ତାଙ୍କୁ ଫୋନ କରିବାରୁ ସେ ଆଉ ଉଠାଇ ନ ଥିଲେ। ସନ୍ଧ୍ୟାରେ ସନ୍ତୋଷ ପାତ୍ର ବାପାଙ୍କୁ କଲ୍ କରି ଦିଦି ଆତ୍ମହତ୍ୟା କରି ଦେଇଥିବା କହିଥିଲେ। ସେ ବଲାଙ୍ଗୀରରେ ଥିବା କହି ମୋବାଇଲ ସୁଇଚ୍ ଅଫ୍ କରି ଦେଇଥିଲେ। ତେଣୁ ସନ୍ତୋଷ ହତ୍ୟାକାରୀ ବୋଲି ସେ ସନ୍ଦେହ କରିଛନ୍ତି।

### ପୂର୍ବରୁ ହାତରେ କ୍ଷତ ଥିଲା, ଆଖିରୁ ରକ୍ତ ବାହାରିଥିଲା

ରଶ୍ମିରେଖାଙ୍କ ସାନଭାଇ ଜୀବନ କହିଛନ୍ତି, ଗତ ୧୧ ତାରିଖ ରାତି ୧୧ଟା ୩୦ରେ ସନ୍ତୋଷ ବାପାଙ୍କୁ ଫୋନ କରି କହିଥିଲେ ସୋନି ହାତ କାଟିଦେଇଛନ୍ତି। ଥାନାକୁ ଯାଇଛନ୍ତି। ମୋ ଚାକିରି ଚାଲିଯିବ, ମୁଁ ବରବାଦ ହୋଇଯିବି। ରାତି ପ୍ରାୟ ୧୨ଟା ୩୦ରେ ସେ ପୁଣି କହିଥିଲେ, ତୁମ ଭଉଣୀ ଆଖିରୁ ରକ୍ତ ବାହାରୁଛି। ତମେ କାଲି ସକାଳୁ ଆସ। ନ ଆସିଲେ ୨ଟା ଶବ ଯିବ। ତେବେ ରଶ୍ମିରେଖା ନିଜେ ହାତ କାଟି ଥିଲେ ଥାନାକୁ କାହିଁକି ଯାଇଥାନ୍ତେ ଓ ଆଖିରୁ କିପରି ରକ୍ତ ବାହାରୁଥିଲା? ସନ୍ତୋଷ ଭଉଣୀଙ୍କୁ ମାଡ଼ ମାରିଥିବା ଜୀବନ କହିଛନ୍ତି। ପୂର୍ବରୁ ବିରିଡ଼ି ଅଞ୍ଚଳର ରାଜାଙ୍କ ସହ ରଶ୍ମିରେଖାଙ୍କ ବାହାଘର ପ୍ରସ୍ତାବ ପଡିଥିଲା। ଯୋଡା ବୟସ ଯୋଗୁ ହୋଇପାରିଲା ନାହିଁ। ଏହି ବାହାଘର ପ୍ରସ୍ତାବକୁ ନେଇ ସନ୍ତୋଷ କିଛି କରିଥାଇ ପାରନ୍ତି ବୋଲି ପରିବାର ଲୋକେ ମଧ୍ୟ ସନ୍ଦେହ କରୁଛନ୍ତି।

### ସନ୍ତୋଷଙ୍କ ସହ ସମ୍ପର୍କ

ରଶିରେଖା ଜଗତ୍‌ସିଂହପୁର ନିକଟ କାଦୁଆପଡା ମହାବିଦ୍ୟାଳୟରେ ଯୁକ୍ତ ୩ ପଢିଥିଲେ ସୁଦ୍ଧା ଶେଷ ପରୀକ୍ଷା ଦେଇପାରି ନ ଥିଲେ। କିନ୍ତୁ ଯୁକ୍ତ ୨ ବିଜ୍ଞାନ ଶେଷ କଲା ପରେ ଅର୍ଥାତ୍ ୪ ବର୍ଷ ପୂର୍ବରୁ ଆଲବମ୍‌ରେ ଅଭିନୟ କରିଥିଲେ। ଏହାପରେ ୨ଟି ସିନେମାରେ ପାର୍ଶ୍ୱ ଅଭିନେତ୍ରୀ ହେବାର ସୁଯୋଗ ପାଇଥିଲେ। ଏଥିସହ ସାର୍ଥକରେ ପ୍ରସାରିତ ସିରିଏଲ 'କେମିତି କହିବି କହ'ରେ ଅଭିନୟ କରିଥିଲେ। କରୋନା ଯୋଗୁ ଅଭିନୟ ବାଧାପ୍ରାପ୍ତ ହୋଇଥିଲା। ଅଢେଇ ମାସ ପୂର୍ବରୁ ଭୁବନେଶ୍ୱରର ଏକ ଫାଇନାନ୍ସ କମ୍ପାନୀରେ ସେ ନିଯୁକ୍ତି ପାଇଥିଲେ। ଏହି କମ୍ପାନୀର ବରିଷ୍ଠ କର୍ମଚାରୀ ସମ୍ବଲପୁର ଅଞ୍ଚଳର ସନ୍ତୋଷଙ୍କ ସହ ତାଙ୍କର ପରିଚୟ ହୋଇଥିଲା।

### ସୁଇସାଇଡ୍ ନୋଟ୍‌ରେ ଅକ୍ଷର ଅଲଗା

ଜବତ ସୁଇସାଇଡ୍ ନୋଟ୍‌ର ଦସ୍ତଖତକୁ ନେଇ ସନ୍ଦେହ କରିଛନ୍ତି ମୃତ ରଶ୍ମୀରେଖାଙ୍କ ସାନ ଭାଇ ଜୀବନ। ସୋନିଙ୍କ ପ୍ରକୃତ ଅକ୍ଷର ତାହା ନୁହେଁ। ହତ୍ୟା ପୂର୍ବରୁ ଧମକ ଦିଆଯାଇ ଏଭଳି ଲେଖିବା ପାଇଁ ତାଙ୍କୁ ବାଧ୍ୟ କରାଯାଇ ଥାଇପାରେ ବୋଲି ସେ ସନ୍ଦେହ କରିଛନ୍ତି।



ସୋମବାର ଅପରାହ୍ନରେ ରାଜଧାନୀରେ ବର୍ଷା: ଛାତ୍ରୀଛାତ୍ରମାନେ ରସୁଲଗଡ ଛକଠାରେ ଧାଡ଼ି ହୋଇ ରାସ୍ତା ପାର ହେଉଛନ୍ତି। (ଫଟୋ: ବିକାଶ ନାୟକ)

# ଆରମ୍ଭ ହେଲା କ୍ରାଫ୍ଟ ବଜାର

ଭୁବନେଶ୍ୱର,୨୦।୬(ବ୍ୟୁରୋ)

**୧୦ଦିନ ଧରି ଚାଲିବ**

ଭାରତ ସରକାରଙ୍କ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଆର୍ଥିକ ସହାୟତା ଏବଂ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ସହଯୋଗ କ୍ରମେ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ଏକାମ୍ର ହାଟଠାରେ ସୋମବାର କ୍ରାଫ୍ଟ ବଜାରର ଉଦ୍‌ଘାଟନ ହୋଇଯାଇଛି। ଆଗାମୀ ୨୯ ତାରିଖ ଯାଏଁ ୧୦ଦିନ ଧରି ଏହି କ୍ରାଫ୍ଟ ବଜାରର ଆୟୋଜନ କରାଯାଇଛି। ଏଥିରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ବଜାରରେ ୧୦୦ଜଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦେଖିବାକୁ ମିଳିବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ଶିଙ୍ଗ, ବାଉଁଶ, ବେତ, ପିପିଲି ଚାନ୍ଦୁଆ, ପଥର ଖୋଦେଇ, କାଠ ଖୋଦେଇ, କଣ୍ଢେଇ, ଲୌହ ଶିଳ୍ପ, ଲାଖ, ଆଦିବାସୀ ଜୁଏଲାରି, ଇମିଟେସନ୍ ଜୁଏଲାରି, ସବାଇ ଘାସ, କାଇଁଚ ଶିଳ୍ପ, କତା ଶିଳ୍ପ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଟେରାକୋଟା, ଢୋକ୍ରା, ଏମ୍ବ୍ରୋଇଡୋରି, ଶୀତଳପଟୀ, ଖୋର୍ଟଶିଳ୍ପ, ପେପର ମାସୀ, କଂସା ଓ ପିତ୍ତଳ ସର୍ବୋପରି ହସ୍ତତନ୍ତ ସାମଗ୍ରୀ ଓ ରୁପା ତାରକସି ଇତ୍ୟାଦି ସାମଗ୍ରୀ କ୍ରାଫ୍ଟ ବଜାରରେ ଉପଲବ୍ଧ ହେବ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରିତା ସାହୁ ଏହି ବଜାରର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ । ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ୧ ଲକ୍ଷ ଦର୍ଶକ ସମାଗମ ହେବାର ଆଶା କରାଯିବା ସହ ୧ କୋଟି ଟଙ୍କା ବ୍ୟବସାୟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।



ଏକାମ୍ର ହାଟଠାରେ କ୍ରାଫ୍ଟ ବଜାରକୁ ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଅନ୍ୟ ଅତିଥିଙ୍କ ଗହଣରେ ଉଦ୍‌ଘାଟନ କରୁଛନ୍ତି।

# ଧରାପଡ଼ିଲେ ଆନ୍ତଃରାଜ୍ୟ ନିଶାବେପାରୀ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

**ରାଜଧାନୀରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ ଘଟଣା**

ରାଜଧାନୀରୁ ୨ ସପ୍ତାହ ତଳେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ଘଟଣାରେ ଫେରାର ଥିବା ଆନ୍ତଃରାଜ୍ୟ ନିଶାବେପାରି ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ରାଣାମୁନା ଡ଼ୋରା। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିବା ପରେ ମାମଲା ନଂ.୧୩/୨୦୨୨ରେ ସୋମବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ରାଣାମୁନାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଣାମୁନାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି। ତାଙ୍କୁ ରିମାଣ୍ଡରେ ଆଣି ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ରେ ଅଧିକ ତଥ୍ୟ ପାଇବାକୁ ଏସ୍‌ଟିଏଫ୍ ଆଶା ରଖିଛି। ସୂଚନା ଅନୁଯାୟୀ, ଓଡ଼ିଶାରୁ ଝାଡ଼ଖଣ୍ଡ ଓ ବିହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଗତ ୩ ତାରିଖରେ ଭୁବନେଶ୍ୱର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ତମାଣ୍ଡୋ ଛକରେ ଏସ୍‌ଟିଏଫ୍ ଚଢାଉ କରି ଧରିଥିଲା। ଯାଞ୍ଚବେଳେ ଜେଏଚ୍୦୬-ଡି-୪୦୪୧ ନମ୍ବର ବିଶିଷ୍ଟ ହାଇୱାର ସିକ୍ରେଟ ଚାମ୍ବରରୁ ୧୦ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଡ୍ରାଇଭର ରାକେଶ ସିଂଙ୍କୁ ଗିରଫ କରାଯାଇଥିଲା। ହେଲେ ସେଠାରୁ ମୁଖ୍ୟ ଅଭିଯୁକ୍ତ ତଥା ଆନ୍ତଃରାଜ୍ୟ ନିଶାବେପାରି ରାଣାମୁନା ଖସି ପଳାଇଥିଲେ। ସମ୍ପୃକ୍ତ ଡ୍ରାଇଭରଙ୍କ ବୟାନ ଆଧାରରେ ରାଣାମୁନାଙ୍କୁ ଧରିବାକୁ ଗଞ୍ଜାମରେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା। ହେଲେ ସେ ଫେରାର ଥିବାରୁ ଏସ୍‌ଟିଏଫ୍ ଖାଲି ହାତରେ ଫେରିଥିଲା। ରବିବାର ରାତିରେ ରାଣାମୁନା ତାଙ୍କ ଘରେ ଥିବା ଖବରପାଇ ଏସ୍‌ଟିଏଫ୍ ଚଢ଼ାଉ କରି ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।



ରାଣାମୁନା ଡ଼ୋରା।

# ଜାତୀୟ କୃଷିମେଳା, ଲୋକମେଳା ଉଦ୍‌ଘାଟିତ

ପୁରୀ ଅଫିସ,୨୦।୬

- ■ସାଂସ୍କୃତିକ ବିବିଧତାର ମହାପର୍ବ
- ■୯ ରାଜ୍ୟର ଲୋକନୃତ୍ୟ ପ୍ରଦର୍ଶିତ

ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର ବିଂଶତମ ଜାତୀୟ ଲୋକମେଳା ଓ ତ୍ରୟୋଦଶ କୃଷିମେଳା ଉଦ୍‌ଘାଟିତ ହୋଇଛି। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୨ଟି ରାଜ୍ୟର ୫୫୦ ଜଣ କଳାକାର ଯୋଗଦେଇ କଳା ପ୍ରଦର୍ଶନ କରିବେ। ସେହିଭଳି କୃଷିମେଳାରେ ଆଧୁନିକ କୃଷି ପ୍ରଣାଳୀଠାରୁ ଆରମ୍ଭ କରି ଚାଷ ସମ୍ପର୍କିତ ସୂଚନା ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଜିଲାପାଳ ସମର୍ଥ ବର୍ମା ଯୋଗଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଟୁଡୁ ଶ୍ରୀକ୍ଷେତ୍ରରେ ୨୦ ବର୍ଷ ଧରି ଚାଲିଥିବା ଏହି ଲୋକମେଳା ପରମ୍ପରାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଗୋଟିଏ ମଞ୍ଚରେ ସାଂସ୍କୃତିକ ବିବିଧତାକୁ ଅନୁଭବ କରିହେଉଛି। କୃଷିମେଳା ଚାଷୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେଉଛି। ସେହିପରି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାର କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଉଥିବା କହିଥିଲେ। ଏହି ଅବସରରେ ପୁରୀ ସହରର ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହରିୟାଣାର ବମ୍ଭ ଲୋହରୀ, ସମ୍ବଲପୁରର ଡାଲଖାଇ, ଆସାମର ବିହୁ, ମହାରାଷ୍ଟ୍ରର ଲବଣି, ମଧ୍ୟପ୍ରଦେଶର ସୈଲା, ସମ୍ବଲପୁରର ଟୁଟ୍‌କୁଟୁଟା, ଅରୁଣାଚଳପ୍ରଦେଶର ରିଖମ୍‌ପାଦା ଓ ଯୁଯୁଯାଯା, ଛତିଶଗଡ଼ର ପନ୍ଥୀ, ଆନ୍ଧ୍ରପ୍ରଦେଶର ତାପ୍ପିଟେ ଗୁଲୁ, ପଶ୍ଚିମବଙ୍ଗର ରାଏଁ ବେଁ ସେଁ ଏବଂ ହରିୟାଣାର ବନ୍ଦଡ଼ି ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଟୁଡୁ କୃଷିମେଳାକୁ ଉଦଘାଟନ କରିଥିଲେ। କୃଷିମେଳାକୁ ପୁରୀ ସହରବାସୀ ବୁଲି ଦେଖିବା ସହ କୃଷି ସମ୍ପର୍କରେ ନୂଆ କଥା ଜାଣିବାକୁ ପାଇଥିଲେ। ନାବାର୍ଡ ଓ ନ୍ୟାଶନାଲ୍ ହର୍ଟିକଲଚର ବୋର୍ଡ ଭଳି ସଂସ୍ଥା କୃଷିକ୍ଷେତ୍ରରେ ମିଳୁଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ପ୍ରଚାର ପ୍ରସାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଓଡ଼ିଶା ମତ୍ସ୍ୟ ପଶୁ ସମ୍ପଦ ବିଭାଗ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍‌ବିଆଇ, ନାଲକୋ, ୟୁନିୟନ୍ ବ୍ୟାଙ୍କ, ଇଫ୍‌କୋ, କୋକାନଟ୍ ଡେଭଲପମେଣ୍ଟ ବୋର୍ଡ ଭଳି ସରକାରୀ ସଂସ୍ଥାଗୁଡିକ କୃଷିମେଳାରେ ଅଂଶଗ୍ରହଣ କରିଛନ୍ତି।



କୃଷିମେଳା ଓ ଲୋକମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଲକ୍ଷ୍ମୀଚରଣ ସାହୁ

ହିଲ୍‌ପାଟଣା, ୩ୟ ଲାଇନ୍, ବ୍ରହ୍ମପୁର

ଆବିର୍ଭାବ-୦୧।୦୭।୧୯୪୬
ତିରୋଧାନ- ୨୫।୦୭।୨୦୧୯

ଆପଣଙ୍କ ଅସମାୟିକ ବିୟୋଗରେ ଆମ୍ଭେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-

ସ୍ତ୍ରୀ: ଉଷାରାଣୀ, ପୁଅ: ସଞ୍ଜୟ, ବୋହୂ: ସୋନାଲି, ସାନପୁଅ: ସନ୍ଦୀପ୍, ଝିଅ: ସସ୍ମିତା, ଜ୍ୱାଇଁ: ଚଗଲା, ନାତୁଣୀ: ଆନି ଏବଂ ପିହୁ ।

ଧ-୭୮୪

ଫ୍ୟାଶନ

# କାନ୍ଧ ଚଉଡ଼ା ଥିଲେ...

**ସାଧାରଣତଃ ସମସ୍ତଙ୍କ ବଡି ଟାଇପ୍ ଅଲଗା ଅଲଗା ହୋଇଥାଏ। ଏଥିପାଇଁ ବଡି ଟାଇପ୍ ଅନୁଯାୟୀ ଯଦି ଆପଣ ଡ୍ରେସ୍ ପିନ୍ଧୁଛନ୍ତି ତାହା ଆପଣଙ୍କୁ ଭଲ ମାନିଥାଏ। ଖାସ୍‌କରି ମହିଳାମାନେ ଫ୍ୟାଶନ ଏବଂ ଷ୍ଟାଇଲ୍ ପ୍ରତି ବେଶି ଧ୍ୟାନ ଦିଅନ୍ତି। ଏମିତିରେ ଯଦି ଆପଣ ଖରାପ କପଡ଼ା ଚୟନ କରିବେ ତେବେ ତାହା ଲୁକ୍‌କୁ ଖରାପ କରିବା ଆଶଙ୍କା ଅଛି; ଯେଉଁଥିପାଇଁ ପିୟର ସେପ୍ ଥିବା ମହିଳାଙ୍କୁ କପଡ଼ା ଚୟନ କରିବା ସମୟରେ ଧ୍ୟାନଦେବାକୁ ପଡ଼ିଥାଏ। ସେହିପରି ଯେଉଁ ମହିଳାଙ୍କର କାନ୍ଧ ଚଉଡ଼ା ସେମାନେ କିଛି କଥା ପ୍ରତି ଦୃଷ୍ଟିଦେବା ନିହାତି ଦରକାର। ସେମାନେ ଯେତେ ସୁନ୍ଦର ଡ୍ରେସ୍ ପିନ୍ଧିଲେ ବି ତାଙ୍କୁ ଭଲ ମାନି ନ ଥାଏ। ଯଦି ଆପଣଙ୍କ କାନ୍ଧ ଚଉଡ଼ା ତେବେ ନିମ୍ନରେ ଦିଆହୋଇଥିବା ଟିପ୍ସକୁ ଆପଣାଇପାରିବେ.....**

- ଯଦି ଆପଣଙ୍କ କାନ୍ଧ ଚଉଡ଼ା ତେବେ ୟୁ ସେପ୍ କିମ୍ବା ରାଉଣ୍ଡ ନେକ୍ ଥିବା ଡ୍ରେସ୍ ପିନ୍ଧିପାରିବେ, ଯାହା ଆପଣ ଭି ନେକ୍‌ଲାଇନକୁ ପ୍ରିଫରେନ୍ସ ଦେଇପାରିବ। ଏବେ 'ଭି' ନେକ୍‌ଲାଇନ ଟ୍ରେଣ୍ଡର ଚାହିଦା ରହିଛି।
- ଯଦି ଆପଣ ଟ୍ୟୁବ୍ ଟପ୍ ପିନ୍ଧିବାକୁ ପସନ୍ଦ କରୁଥାନ୍ତି ତେବେ ସେଥିରେ ଜ୍ୟାକେଟ୍ କିମ୍ବା ବ୍ଲେଜର ପିନ୍ଧିପାରିବେ।
- ଏବେ ଫ୍ୟାଶନରେ କ୍ରପ୍ ଟପ୍ ଟ୍ରେଣ୍ଡ ଚାଲିଛି। ସେମିତି ଆପଣଙ୍କ ବଡି ଟାଇପ୍ ଅନୁଯାୟୀ କ୍ରପ୍ ଟପ୍ ଚୟନ କରିବା ଜରୁରୀ। ଯଦି କାନ୍ଧ ଚଉଡ଼ା ଅଣ୍ଟା ପତଳା ତେବେ ସବୁବେଳେ ଫୁଲ୍ ସ୍ଲିଭ୍ ଥିବା କ୍ରପ୍ ଟପ୍ ଚୟନ କରନ୍ତୁ। ଏହାଦ୍ୱାରା ଆପଣଙ୍କ କାନ୍ଧ ପତଳା ଲାଗିବ।
- ପ୍ଲଞ୍ଜିଂ ନେକ୍‌ଲାଇନ ଡ୍ରେସ୍ ପିନ୍ଧିବା ଦ୍ୱାରା ଆପଣଙ୍କ କାନ୍ଧ କମ୍ ଦେଖାଯିବ। ଏଥିସହ ନେକ ପାଖ ସୁନ୍ଦର ଲାଗିବ।
- ଯଦି ଆପଣଙ୍କ କାନ୍ଧ ଚଉଡ଼ା ତେବେ ହଲ୍‌ଟର ନେକ୍‌ଲାଇନ ପିନ୍ଧନ୍ତୁ ନାହିଁ। ଏହା ପିନ୍ଧିବା ଦ୍ୱାରା କାନ୍ଧ ଆପଣଙ୍କର ଆହୁରି ଚଉଡ଼ା ଦିଶିବ।
- ଯଦି ହଲ୍‌ଟର ନେକ୍‌ଲାଇନ ଆପଣଙ୍କୁ ପସନ୍ଦ ତେବେ ଏହାକୁ ଜ୍ୟାକେଟ୍ କିମ୍ବା ଶ୍ରଗ୍ ସହ ପେୟାରକରି ପିନ୍ଧିପାରିବେ।
- ବୋଟ୍ ନେକ୍‌ଲାଇନ ଥିବା ଡ୍ରେସ୍ କେବେ ବି ପିନ୍ଧନ୍ତୁ ନାହିଁ। ଫଳରେ କାନ୍ଧ ଆପଣଙ୍କର ଆହୁରି ଚଉଡ଼ା ଲାଗିବ।
- ପେନ୍‌ସିଲ ଜିନ୍ସ କେବେ ପିନ୍ଧିବେନି, କାରଣ ଆପଣଙ୍କ ଉପର ପୋର୍ସନ ହେବି ଲାଗିବା ସହ ଲୋୟର ପୋର୍ସନ ବହୁ ପତଳା ଦେଖାଯିବ ; ଯାହା ଆପଣଙ୍କ ଲୁକ୍‌କୁ ଖରାପ କରିବା ଆଶଙ୍କା ରହିଛି।





# ପିଲାଙ୍କଠୁ ଶିଖନ୍ତୁ....

ସାଧାରଣତଃ ଛୋଟ ପିଲାଙ୍କୁ ମା'ବାପା ଅନେକ କଥା ଶିଖାଇଥାଆନ୍ତି। ଏହାକୁ ଆଧାରକରି ଏବଂ ନିଜର ଶିକ୍ଷାଗତ ଯୋଗ୍ୟତା ବଳରେ ସେମାନେ ନିଜର ଭବିଷ୍ୟତ ଗଢ଼ନ୍ତି। ହେଲେ ବେଳେବେଳେ ପିଲାମାନଙ୍କର କେତୋଟି କଥା ବେଶ୍ ଶିକ୍ଷଣୀୟ ହୋଇଥାଏ। ତେଣୁ ଯଦି ପିଲାମାନେ କିଛି କହୁଛନ୍ତି ସେମାନଙ୍କ କଥାକୁ ମା' ବାପା ଭଲ ଭାବରେ ତର୍ଜମା କରିବା ଦରକାର। କାରଣ ହୁଏତ ସେଥିରେ କିଛି ଭଲ କଥା ଲୁଚିଥାଇପାରେ। ପିଲା ଛୋଟ ହେଲେ ବି ତା'ର କଥାଟିର ମହତ୍ୱ ରହିଛି। ଯଦି ଆପଣ ସେମାନଙ୍କ କଥାକୁ ଗୁରୁତ୍ୱ ତେବେ ଜୀବନରେ ପ୍ରତିଟି କ୍ଷେତ୍ରରେ ଆଗେଇ ପାରିବେ। ପିଲାମାନେ ତାଙ୍କର ଭାବନାକୁ ଅନେକ ସମୟରେ ମା'-ବାପାଙ୍କ ସମ୍ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରିଥାଆନ୍ତି। ଏହି ସମୟରେ ସେମାନଙ୍କ ମନରେ ଭୟର ଭାବନା ଜାତ କରନ୍ତୁ ନାହିଁ। ସେମାନଙ୍କୁ ନିଜ କଥା କହିବାକୁ ସୁଯୋଗ ଦିଅନ୍ତୁ। ହୁଏତ ସେଥିରୁ ଆପଣ ବି କିଛି ଶିଖିପାରିବେ। ତେଣୁ ପ୍ରତ୍ୟେକ ମା'ବାପା ପିଲାଙ୍କର ଭଲ କଥାକୁ ଗୁରୁତ୍ୱ ଦେଲେ ତାହା ସେମାନଙ୍କୁ ନୂଆ ନୂଆ କଥା ଚିନ୍ତା କରିବାକୁ ପ୍ରେରଣା ଯୋଗାଇଥାଏ। ଏପରି କି ଅନେକ ସମୟରେ ସେହି କଥାରୁ ମାତାପିତା କିଛି ଶିକ୍ଷାଲାଭ କରିଥାଆନ୍ତି।

**ପିଲାମାନେ କେବେ ବି ତାଙ୍କ ଭାବନାକୁ ଚାପିରଖନ୍ତି ନାହିଁ**

ପିଲାମାନେ କେବେ ବି ତାଙ୍କ ଭାବନାକୁ ଚାପିରଖନ୍ତି ନାହିଁ। ସେମାନେ ତାଙ୍କର ମନର ଭାବନାକୁ ଖୋଲାଖୋଲି କହି ଦିଅନ୍ତି। ଯେତେବେଳେ ତାଙ୍କୁ କୌଣସି କଥା ଭଲ ଲାଗେନି କିମ୍ବା ଦୁଃଖ ଲାଗେ ସେ ସମୟରେ ସେ କାନ୍ଦନ୍ତି ଓ ତାଙ୍କ ମନକୁ ହାଲ୍‌କା କରିଦିଅନ୍ତି। ଏହି ପ୍ରକାରେ ଯଦି ତାଙ୍କୁ କୌଣସି କଥା ଭଲ ଲାଗେ ତାକୁ ଖୋଲିକରି ପ୍ରକାଶ କରନ୍ତି। ତାହା ସେମାନଙ୍କର ମାନସିକତାକୁ ସକାରାତ୍ମକ ରଖିଥାଏ। ମନୋବିଜ୍ଞାନୀଙ୍କ ମତରେ ସାଧାରଣତଃ ବୟସ୍କମାନେ ଯଦି ନିଜର ମନ କଥାକୁ କାହା ସହ ଶେୟାର ନ କରନ୍ତି ତେବେ ସେମାନେ ଚାପଗ୍ରସ୍ତ ହେବା ଆଶଙ୍କା ରହିଛି। ଠିକ୍ ସେହିପରି ଯଦି ପିଲା ତାହାର ମନ କଥା ମା'ବାପାଙ୍କ ସାମ୍ନାରେ ପ୍ରକାଶ କରେ ତେବେ ସେ ବେଶ୍ ଖୁସି ଅନୁଭବ କରିଥାଏ। ତା' ସହ ତାହାର ଭାରାକ୍ରାନ୍ତ ମନ ହାଲୁକା ହୋଇଥାଏ।

**ଖରାପ କଥାକୁ ଜଲ୍‌ଦି ଭୁଲିବା ଦରକାର**

ଆପଣ ଦେଖିଥିବେ ପିଲାଙ୍କର ଯଦି କୌଣସି ଖେଳନା, ମନପସନ୍ଦ ଖାଦ୍ୟ ତଳେ ପଡ଼ିଗଲେ ସେମାନେ କାନ୍ଦିବାକୁ ଲାଗନ୍ତି। ପିଲାକୁ ଯଦି ତା' ମନ ମୁତାବକ ଜିନିଷ ମିଳିଯାଏ ସେ ଖୁସି ହୋଇଯାଏ। ସେତେବେଳେ ସେମାନେ ପୂର୍ବ କଥାଟି ଭୁଲି ଅନ୍ୟଠାରେ ମନୋନିବେଶ କରିଦିଅନ୍ତି। କିନ୍ତୁ ଆମେ ଯଦି ଅତୀତରେ ଘଟିଥିବା ଘଟଣା କିମ୍ବା କାହା ଦ୍ୱାରା ହୋଇଥିବା ଦୁର୍ବ୍ୟବହାରକୁ ନେଇ ପିଲାକୁ ସବୁବେଳେ ତାଗିଦ କରିବା ତେବେ ତାହା ତାଙ୍କୁ ଚିନ୍ତାଗ୍ରସ୍ତ କରାଇଥାଏ। ତେଣୁ ପିଲାର ପ୍ରତିଟି କଥାକୁ ଗୁରୁତ୍ୱର ସହ ମା' ବାପା ବୁଝିବା ଦରକାର। ଯଦି ଆପଣ କିଛି ପୁରୁଣା ତଥା ଖରାପ କଥାକୁ ପୁନରାବୃତ୍ତି କରୁଛନ୍ତି ତେବେ ସେହି କଥାଗୁଡ଼ିକୁ କେମିତି ମନରୁ ପାସୋରି ପକାଇବେ ସେ ନେଇ ଚେଷ୍ଟା କରନ୍ତୁ।

**ଜିଜ୍ଞାସୁ ସ୍ୱଭାବ ଓ ଶିଖିବାର ଆଗ୍ରହ**

ବେଳେବେଳେ ଛୋଟ ପିଲା ସବୁ ଜିନିଷ ଜାଣିବା, ଶିଖିବା ପାଇଁ କେତେ ପ୍ରକାର ପ୍ରଶ୍ନ କରିଥାନ୍ତି। ଆଉ ଆପଣ ସେଭଳି ପ୍ରଶ୍ନର ଉତ୍ତର ଦେଇ ଥକିଯାନ୍ତି। ଏହି ସମୟରେ ପିଲାଟି ପ୍ରକୃତରେ କ'ଣ କହିବାକୁ ଚେଷ୍ଟା କରୁଛି ତାହାକୁ ହୃଦୟଙ୍ଗମ କରନ୍ତୁ। କେତେକ କଥାରେ ପିଲାଟିର ଜିଜ୍ଞାସୁ ଭାବନା ଏବଂ ଶିଖିବାର ଆଗ୍ରହ ଲୁଚି ରହିଥାଏ। ଯଦି ପିଲାଙ୍କର ଏହି ସ୍ୱଭାବ ଆପଣଙ୍କ ପର୍ସନାଲ ଏବଂ ପ୍ରଫେସନାଲ ଲାଇଫ୍‌ରେ ବ୍ୟବହାର କରିବେ ତେବେ ଆପଣ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। ନୂଆ ସ୍କିଲ୍ ଶିଖିବା ଓ ନୂଆ ଟେକ୍ନୋଲୋଜି ଦ୍ୱାରା ଅପ୍‌ଡେଟ୍ ରହିବା ଆଦି କଥାକୁ ଦୃଷ୍ଟି ଦେବେ ତେବେ ସଫଳତା ନିଶ୍ଚିତ ପାଇପାରିବେ।

**ଆକ୍ଟିଭ ରହିବା ଏବଂ ସୁନିଦ୍ରା ଯିବା**

ପିଲାମାନେ ଯେତେବେଳେ ଶୁଅନ୍ତି ନିଶ୍ଚିତ ହୋଇ ଶୁଅନ୍ତି। ଯେତେବେଳେ ସେ ଶୁଅନ୍ତି ନାହିଁ, କିଛି ସମୟ ବି ବସି ରୁହନ୍ତିନାହିଁ କିଛି ନା କିଛି କାମରେ ବ୍ୟସ୍ତ ରହିଥାନ୍ତି। ସେମାନେ ସବୁବେଳେ ଆକ୍ଟିଭ ରହିଥାନ୍ତି। ଏପରି କରିବା ଦ୍ୱାରା ସେମାନଙ୍କର ବଡି ମାଇଣ୍ଡ ଉଭୟ ଫିଟ୍ ରହିଥାଏ। ଆମ ବଡ଼ମାନଙ୍କୁ ବି ନିଜର ଫିଜିକାଲ ଓ ମେଣ୍ଟାଲ ଫିଟ୍‌ନେସ୍ ଓ ଜୀବନରେ ସଫଳତା ପାଇବାକୁ ହେଲେ ନିଜକୁ ସବୁବେଳେ ଆକ୍ଟିଭ୍ ରଖିବା ଜରୁରୀ। ଶୋଇବା ସମୟରେ ସୁନିଦ୍ରା ଯାଆନ୍ତୁ , ଯାହା କରୁଛନ୍ତି ତାକୁ ମନ ଧ୍ୟାନଦେଇ କରନ୍ତୁ।

**ସାହସୀ ହେବା ଜରୁରୀ**

ପିଲା ହୁଏତ ଜାଣି ନ ଥାଏ ସେ ଡେଇଁପଡ଼ିଲେ କ'ଣ ହେବ, ନିଜର ଗତିବିଧି ବିଷୟରେ ଅଜଣା ରହିଥାଏ। ହେଲେ ସେ ସାହସୀ ହୋଇ ସବୁ କାମ କରିବାର ଆଗ୍ରହ ତା' ମନ ଭିତରେ ଥାଏ। କିନ୍ତୁ ଉଚ୍ଚାରୁ ଡେଇଁବା କିମ୍ବା କୌଣସି ଜୀବଜନ୍ତୁକୁ ଧରିବା ପାଇଁ କୁଣ୍ଠାବୋଧ କରି ନ ଥାନ୍ତି ସେମାନେ। ହଁ , ଅପେକ୍ଷାକୃତ ଏଥିପାଇଁ ସାବଧାନତା ମଧ୍ୟ ଜରୁରୀ। ଠିକ୍ ଏହିପରି ଆମକୁ ଆବଶ୍ୟକତାଠାରୁ ଅଧିକ ଡର ଆଶଙ୍କା ମନରୁ କାଢ଼ି ଫୋପାଡ଼ିଦେବା ଆବଶ୍ୟକ। ତେବେ ଯାଇ ଆମେ ଜୀବନରେ ନୂଆ କାମ ଏବଂ ଆଇଡିଆ ପାଇବା ଦ୍ୱାରା ଆଗକୁ ବଢ଼ିପାରିବା।

**ଛୋଟ ଛୋଟ ଜିନିଷକୁ ଉପଭୋଗ କରିବା**

ଆପଣ କୌଣସି ପିଲାକୁ ତା'ର ମନ ପସନ୍ଦର ଡ୍ରେସ୍, ଖେଳନା ଦେଇ ଦିଅନ୍ତୁ। ଦେଖିବେ ସେ ବିଲ୍‌କୁଲ୍ ଖୁସି ହୋଇଯିବ। କୌଣସି ବଗିଚାରେ ଫୁଲ ମିଳିଯାଉ, ଦୋଳି କିମ୍ବା ଟିଭିରେ କାର୍ଟୁନ୍ ଦେଖିବାକୁ ମିଳିଯାଉ ତେବେ ସେ ତା' ଭିତରେ ବୁଡ଼ିକି ରହିଯାଏ। ସେମିତି ଆପଣ ବି ଛୋଟ ଛୋଟ ଜିନିଷକୁ ନେଇ ଉପଭୋଗ କରନ୍ତୁ। ପିଲାଟି ବେଳେବେଳେ ତା' କଥା ମାଧ୍ୟମରେ କିଛି ଚାହିଁଥାଏ। ତାହାକୁ ପୂରଣ କରିବା ପୂର୍ବରୁ ସେ ନେଇ ତର୍ଜମା କରନ୍ତୁ। ଅନେକ ସମୟରେ ପିଲାଟିର କେତେକ କଥା ମା'-ବାପାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ତେଣୁ ସେପରି କଥାକୁ ଅଣଦେଖା କରନ୍ତୁ ନାହିଁ।

## ଏମାନେ କ'ଣ କରନ୍ତି



**ପେସେନ୍ସ କଥା ଝିଅଠାରୁ ଶିଖିଛି** (ପ୍ରିୟଙ୍କା ରଥ, କର୍ମଜୀବୀ, ଫୁଲନଖରା, କଟକ)

ମୁଁ ଝିଅଠୁ ପେସେନ୍ସ ରଖିବା କଥା ଶିଖିଛି। ସେ ସବୁବେଳେ ମୋତେ କୁହେ, 'ମାମା ତୁମେ ହଠାତ୍ କୌଣସି କଥାକୁ ନେଇ ଅଧୈର୍ଯ୍ୟ ନ ହୋଇ ଧୀରେ ସୁସ୍ଥେ ଏହାର ସମାଧାନ ଖୋଜ। ସେପରି କଥାକୁ ନେଇ ବ୍ୟତିବ୍ୟସ୍ତ ହେଲେ ଟେନସନ ବଢ଼ିବ।' ମୋ ଝିଅର ଗୋଟିଏ ଭଲ ଗୁଣ ହେଲା ସେ କୌଣସି ଜିନିଷକୁ ନେଇ ଜିଦ୍ କରେନାହିଁ। ଏଇଟା ମୋର ଦରକାର, ନ ହେଲେ ହେବନି ସେ କେବେ କରିନି। ତା'ର ସେ ଗୁଣ ମୋତେ ବେଶି ଭଲଲାଗେ। ସବୁ ଜିନିଷରେ ତା'ର ଇଣ୍ଟରେଷ୍ଟ ରହିଛି। ପ୍ରାୟ ସବୁ ସିଚୁଏଶନରେ ସେ ମୋତେ କୋଅପରେଟ୍ କରିଛି। ତାହାର ପେସେନ୍ସ ଆଣ୍ଡ କୋଅପରେଶନକୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।

**ଝିଅର ପ୍ରତିଟି କଥାକୁ ଗୁରୁତ୍ୱ ଦିଏ** (ସମାପିକା ମହାନ୍ତି , ଗୃହିଣୀ, ଅଟଳା, ଭୁବନେଶ୍ୱର)



ଝିଅର ବୟସ କମ୍ ହେଲେ ବି ସେ କୁହେ ଯେ ମାମା ଏଇଟା କରନି, ଯଦି କରିବ ତେବେ ଖରାପ ହେବ। ସେ ଯଦି କୌଣସି ଭୁଲ୍ କରେ ମୁଁ ତାକୁ କୁହେ ଏଇଟା କରନି ସେ ମୋ' କଥାକୁ ମାନେ। ମୁଁ ବି ତା' କଥାକୁ ଗୁରୁତ୍ୱ ଦିଏ। ପ୍ରବାଦ ଅଛି- ଛୋଟବଡ଼ କଥା ମାନିବା ଦରକାର। ସେଥିଲାଗି ସେ ଯେତେବେଳେ ବି ଯାହା କହିଛି ମୁଁ ଶୁଣେ। ତା'ର ପ୍ରତିଟି କଥାକୁ ମୁଁ ମାନେ। ସେ ମୋ ପାଇଁ ଇନ୍‌ସ୍ପିରେଶନ କହିଲେ ଅତ୍ୟୁକ୍ତି ହେବନାହିଁ।





## ଖାଦ୍ୟରୁଚି
# ପଟାଟୋ ରୋଲ୍

**ଆବଶ୍ୟକ ସାମଗ୍ରୀ:** ଦୁଇଟି ସିଝା ଆଳୁ,ମଇଦା ଗୋଟେ କପ୍,ଆବଶ୍ୟକ ଅନୁସାରେ ତେଲ,ସ୍ୱାଦ ଅନୁଯାୟୀ ଲୁଣ,ଚାଟ୍ ମସଲା ଅଧା ଚାମଚ,ରେଡ୍ ଚିଲି ପାଉଡର ଏକ ଚତୁର୍ଥାଂଶ,ଗରମ ମସଲା ଏକଚତୁର୍ଥାଂଶ ,ହଳଦୀ ଏକଚତୁର୍ଥାଂଶ, କସ୍ତୁରୀ ମେଥି ଏକ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପଟାଟୋ ରୋଲ୍ କରିବାକୁ ହେଲେ ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ଆଳୁ ସିଝିଗଲା ପରେ ଚୋପା ଛଡ଼ାଇ ଦିଅନ୍ତୁ। ଏଥିରେ ରେଡ୍ ଚିଲି ପାଉଡର, ହଳଦୀ,ଚାଟ୍ ମସଲା,ଗରମ ମସଲା, କସ୍ତୁରୀ ମେଥି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଲଗା ଏକ ପାତ୍ର ନେଇ ସେଥିରେ ମଇଦା, ତେଲ ଓ ଲୁଣ ପକାଇ ମିକ୍ସ କରି ଦିଅନ୍ତୁ। ଏହାକୁ ଭଲଭାବେ ଚକଟି ଦିଅନ୍ତୁ। ଛୋଟ ଗୁଳାକରି ଏହାକୁ ପତଳା ଆକାରରେ ବେଲିବା ପରେ ସେଥିରେ ଆଗରୁ ପ୍ରସ୍ତୁତ ହୋଇଥିବା ଆଳୁ ମସଲା ପୂରାଇ ତାକୁ ରୋଲ୍ କରିଦିଅନ୍ତୁ। ଏବେ ଏକ କଡ଼େଇରେ ତେଲ ପକାନ୍ତୁ। ତେଲ ତାତିଗଲା ପରେ ସେଥିରେ ଏହି ରୋଲ୍‌କୁ ପକାଇ ଦିଅନ୍ତୁ। କିଛି ସମୟ ଅପେକ୍ଷା କରନ୍ତୁ। ଏହା ତେଲରେ ପଡ଼ିଲା ପରେ କଲର ଟିକେ ବ୍ରାଉନ୍ ହୋଇଗଲେ ତାକୁ କଡ଼େଇରୁ କାଢ଼ନ୍ତୁ। ଏବେ ଏହାକୁ ଟମାଟୋ ସସ୍ ଏବଂ ଚଟଣି ସହ ପରଷନ୍ତୁ।



ସୌନ୍ଦର୍ଯ୍ୟ

# କେଶ ଓଦା ଥିଲେ କରନ୍ତୁନି ଏପରି ଭୁଲ୍..



**ସବୁ ମହିଳାଙ୍କ ଇଚ୍ଛା ଥାଏ ତାଙ୍କ କେଶ ଭଲ, ଲମ୍ବା ଏବଂ ସୁନ୍ଦର ହେଉ। କେଶର ଦେଖାଶୁଣା କରିବା ଏତେ ସହଜ ନୁହେଁ। କାହିଁକି ନା ଛୋଟମୋଟ ଭୁଲ୍ କାରଣରୁ କେଶ ଖରାପ୍ ହେବା ଆଶଙ୍କା ରହିଛି। ହେୟାର ଏକ୍ସପର୍ଟଙ୍କ ମତରେ ଯଦି ଆପଣ କେଶକୁ ଭଲ ରଖିବାକୁ ଚାହୁଁଛନ୍ତି ତେବେ ଓଦା କେଶରେ ଏମିତି ଭୁଲ୍ କରନ୍ତୁ ନାହିଁ।**

**ଓଦା କେଶରେ ମୁଣ୍ଡ କୁଣ୍ଡାଇବା**

ଅଧିକାଂଶ ମହିଳା ଭାବିଥାନ୍ତି ଓଦା କେଶରେ ମୁଣ୍ଡ କୁଣ୍ଡାଇଲେ କେଶର ଜଟା ଛାଡ଼ିଥାଏ। କିନ୍ତୁ ପ୍ରକୃତରେ କେଶ ଓଦା ଥିବା ସମୟରେ ଦୁର୍ବଳ ଥାଏ ଆଉ ଏହାକୁ କୁଣ୍ଡାଇଲେ ତାହା ସହଜରେ ଝଡ଼ିଯାଏ।

**ଓଦାକେଶକୁ କେବେ ବାନ୍ଧିବେନି**

ଓଦା କେଶ ଥିବା ସମୟରେ କେବେବି ବାନ୍ଧନ୍ତୁ ନାହିଁ। ଏହାଦ୍ୱାରା କେଶ ଦୁର୍ବଳ ହୋଇଯାଏ। ଏହା ଧୀରେ ଧୀରେ ଝଡ଼େ। ଓଦା କେଶରେ କେବେ ବି ବେଣୀ ପକାନ୍ତୁ ନାହିଁ।

**ବ୍ଲୋ ଡ୍ରାଏ କରନ୍ତୁ ନାହିଁ**

ଏମିତି କେତେକେ ଅଛନ୍ତି ଯେଉଁମାନେ କେଶକୁ ଜଲ୍‌ଦି ଶୁଖାଇବା ଲାଗି ବ୍ଲୋ ଡ୍ରାୟର ବ୍ୟବହାର କରିଥାନ୍ତି। ସବୁବେଳେ ଧ୍ୟାନ ରଖିବେ ଯେ ତୁରନ୍ତ ବାଥ୍‌ରୁମ୍‌ରୁ ବାହାରି ବ୍ଲୋ ଡ୍ରାୟରରେ କେଶକୁ ଶୁଖାନ୍ତୁ ନାହିଁ। ଧ୍ୟାନରଖନ୍ତୁ ଡ୍ରାୟର ଯେପରି ମିଡିୟମରେ ରଖି ବ୍ୟବହାର କରିବେ ଏବଂ ଏହାକୁ ଧୀରେ ଧୀରେ ହାଇରେ ରଖନ୍ତୁ।

**ଭୁଲ୍‌ରେ ବି ଓଦା କେଶ ସମୟରେ ଶୁଅନ୍ତୁ ନାହିଁ**

ଓଦା କେଶରେ କେବେ ବି ଶୁଅନ୍ତୁ ନାହିଁ। କାହିଁକି ନା ଏହାଦ୍ୱାରା ସ୍କାଲ୍ପର ଫୋଲିସେଲର କ୍ଷତି ହୋଇଥାଏ। ଯଦି ବି ଆପଣ ରାତିରେ କେଶକୁ ଧୋଇଥାନ୍ତି ତାକୁ ଶୁଖାଇବା ପରେ ହିଁ ଶୁଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୧/୨୦୨୨ Bhubaneswar, Tuesday, June 21/ 2022

## ଲିସେଷ୍ଟରରେ ଭାରତୀୟ ଟେଷ୍ଟ ଦଳର ଅଭ୍ୟାସ

**ଲିସେଷ୍ଟର,୨୦।୬:** ଆସନ୍ତା ୧ ତାରିଖରୁ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ପୁନଃ ନିର୍ଦ୍ଧାରିତ ଟେଷ୍ଟ ମ୍ୟାଚ୍ ପାଇଁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଟେଷ୍ଟ ଦଳ ସୋମବାରଠାରୁ ଲିସେଷ୍ଟରଶାୟାର ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଛି। ଆହତ ସମସ୍ୟା କାରଣରୁ ଲୋକେଶ ରାହୁଲ ଦଳରେ ନ ଥିବାରୁ ଅଧିନାୟକ ରୋହିତଙ୍କ ସହ ଶୁବମନ ଗିଲ ଓପନିଂ କରିବା ଏକପ୍ରକାର ନିଶ୍ଚିତ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ବେଳେ ବିଶ୍ରାମ ନେଇଥିବା ରୋହିତ ନେଟ୍ସରେ କିଛି ବଲ୍ ଫ୍ରଣ୍ଟଫୁଟ୍ ଡିଫେନ୍ସ କରିବା ସହ ଶର୍ଟ ପିଚ୍ ବଲ୍‌ରେ ପୁଲ୍ ଶଟ୍ ଅଭ୍ୟାସ କରିଥିଲେ। ତାଙ୍କ ସହିତ ବିରାଟ କୋହଲି, ଚେତେଶ୍ୱର ପୂଜାରା, ରବୀନ୍ଦ୍ର ଜାଡେଜାଙ୍କ ଭଳି ସିନିୟର ଖେଳାଳିମାନେ ମଧ୍ୟ ପ୍ରାକ୍ଟିସ୍ ସେସନରେ ଯୋଗଦେଇଥିଲେ।

# ଭାରତୀୟ ଦଳରେ ଅମିତ୍

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ନୂଆଦିଲ୍ଲୀ, ୨୦।୬(ପି.ଟି.)

ବର୍ମିଂହାମ୍‌ଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସୋମବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଏଥିରେ ଓଡ଼ିଶାରୁ କେବଳ ଅମିତ୍ ରୋହିଦାସ ସାମିଲ ହୋଇଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଦଳରେ ଥିବା ଶୀଳାନନ୍ଦ ଲାକ୍ରା ଏଥର ବାଦ୍ ପଡ଼ିଛନ୍ତି। ମନପ୍ରୀତ ସିଂ ଅଧିନାୟକ ପଦକୁ ଫେରିଥିବାବେଳେ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ସିଂ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଏକ ଦ୍ୱିତୀୟ ଶ୍ରେଣୀୟ ଦଳ ପଠାଇବା ପାଇଁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଥିଲା। କାରଣ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର ହାଙ୍ଗଝୋଉ ଏସିଆନ ଗେମ୍ସ ଓ ବର୍ମିଂହାମ ଇଭେଣ୍ଟ ମଧ୍ୟରେ ଖୁବ୍ କମ୍ ସମୟ ରହୁଥିଲା। ମାତ୍ର ଚାଇନାରେ କରୋନା ସଂକ୍ରମଣ ବଢୁଥିବାରୁ ଏସିଆନ ଗେମ୍ସକୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାରୁ ଏକ ଶକ୍ତିସମ୍ପନ୍ନ ଦଳ ଚୟନ ପାଇଁ ହକି ଇଣ୍ଡିଆ ପରେ ନିଷ୍ପତ୍ତି ନେଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜୁଲାଇ ୨୮ରୁ ଆରମ୍ଭ ହେବ।

ଭାରତୀୟ ଦଳ ପୁଲ୍ 'ବି'ରେ ଇଂଲଣ୍ଡ, କାନାଡ଼ା, ୱେଲ୍ସ ଓ ଘାନା ସହିତ ସ୍ଥାନ ପାଇଛି। ଗ୍ରୁପ୍ 'ଏ'ରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ସ୍କଟ୍‌ଲାଣ୍ଡ ରହିଛନ୍ତି। ଦୁଇଥର ରୌପ୍ୟ ପଦକ ବିଜେତା ଭାରତ ଜୁଲାଇ ୩୧ରେ ଘାନା ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ଅଧିନାୟକ ଥିଲେ ମନପ୍ରୀତ। ସେ ଅମିତ୍ ରୋହିଦାସଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅମିତ୍‌ଙ୍କ ନେତୃତ୍ୱରେ ଭାରତ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ବିପକ୍ଷରେ ହକି ପ୍ରୋ ଲିଗ୍ ମ୍ୟାଚ୍ ଖେଳିଥିଲା। ପ୍ରୋ ଲିଗ୍‌ରେ ସର୍ବାଧିକ ଗୋଲ ସ୍କୋର କରିଥିବା ହରମନପ୍ରୀତ ଉପ-ଅଧିନାୟକ ପଦ ବଜାୟ ରଖିଛନ୍ତି। "ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଆମେ ଦଳରେ ଅନେକ ପରୀକ୍ଷା ନିରୀକ୍ଷା କରିଛୁ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶକ୍ତିଶାଳୀ ଦଳଗୁଡ଼ିକ ବିପକ୍ଷରେ ଚାପ ପରିସ୍ଥିତିରେ କିପରି ଖେଳିବାକୁ ହୁଏ ସେ ଅଭିଜ୍ଞତା ପିଲାମାନେ ହାସଲ କରିଛନ୍ତି। ନେଦରଲାଣ୍ଡ୍ସରୁ ଫେରିବାପରେ ଆମେ ବେଙ୍ଗାଲୁରୁସ୍ଥିତ ସାଇ କ୍ୟାମ୍ପରେ ଏକତ୍ରିତ ହେବୁ। ସେଠାରେ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ତର୍ଜମା କରିବୁ" ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲ୍‌କିପର: ପି.ଆର୍. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ।
ଡିଫେଣ୍ଡର: ବରୁଣ କୁମାର, ସୁରେନ୍ଦର କୁମାର, ହରମନପ୍ରୀତ ସିଂ (ଉପ-ଅଧିନାୟକ), ଅମିତ୍ ରୋହିଦାସ, ଯୁଗରାଜ ସିଂ, ଜରମନପ୍ରୀତ ସିଂ।
ମିଡ୍‌ଫିଲ୍ଡର: ମନପ୍ରୀତ ସିଂ (ଅଧିନାୟକ), ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସମଶେର ସିଂ, ଆକାଶଦୀପ ସିଂ, ନୀଳକାନ୍ତ ଶର୍ମା।
ଫରୱାର୍ଡ: ମନଦୀପ ସିଂ, ଗୁରଜାନ୍ତ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ।


ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

## ଓଡ଼ିଶା ଦଳ ଘୋଷିତ

**ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ୍**

ଭୁବନେଶ୍ୱର, ୨୦।୬ (କ୍ରୀଡ଼ା ପ୍ରତିନିଧି)

ତାମିଲନାଡୁର କେଛିଠାରେ ଜୁଲାଇ ୩ରୁ ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନଶିପ୍ ଆୟୋଜନ ହେବ। ଏଥିରେ ଭାଗନେବା ପାଇଁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘ ପକ୍ଷରୁ ୧୫ ଜଣିଆ ପୁରୁଷ ଦଳ ଘୋଷଣା କରାଯାଇଛି। ଦଳର କୋଚ୍ ଦାୟିତ୍ୱ ଅଭିଜ୍ଞ ଖେଳାଳି ରବିନ୍ ସାହୁ ତୁଲାଉଥିବାବେଳେ ସୋମନାଥ ପରିଡ଼ା ମ୍ୟାନେଜର ଭାବେ ମନୋନୀତ ହୋଇଥିବା ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘ ସମ୍ପାଦକ ଶିଥିଲ୍ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହି ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ୧ ତାରିଖରେ ତାମିଲନାଡୁ ଗସ୍ତ କରିବ। ପୁରୁଷ ଦଳ: ମାନସ ସାହୁ (ଅଧିନାୟକ), ପୁଷ୍ପମିତ୍ର ମହାନ୍ତି, ପ୍ରକାଶ ସାହୁ, ଅନୁଭବ ଖଟୁଆ, ସନ୍ତୋଷ ପ୍ରଧାନ, ଶେଖର ସ୍ୱାଇଁ, ମନୁ ଚରଣ ରାଉତ, ରଞ୍ଜିତ କୁଣ୍ଡୁ, ସମ୍ପୂର୍ଣ୍ଣ ରଥ (ଉପ ଅଧିନାୟକ), ସୁନୀଲ ମଲ୍ଲିକ, ଭିକି ଡିଗାଲ, ପୁଣ୍ୟପ୍ରସୂନ ମହାନ୍ତି, ରଞ୍ଜନ ମହାନ୍ତି, ଅରବିନ୍ଦ ସାହୁ, ସାଗର ରାଉତରାୟ।


ଟେନିସ ବଲ୍ କ୍ରିକେଟ ଅଧିନାୟକ ମାନସ ସାହୁ ଓ ଉପ ଅଧିନାୟକ ସମ୍ପୂର୍ଣ୍ଣ ରଥ।

## ରୁଷିଆ ଖେଳାଳି ନେଲେ ଜର୍ଜିଆ ନାଗରିକତ୍ୱ



**ଲଣ୍ଡନ, ୨୦।୬ (ଏପି):** ଚଳିତ ଟେନିସ୍ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଓପନ୍‌ରେ ରୁଷିଆ ଖେଳାଳିଙ୍କ ଅଂଶଗ୍ରହଣ ଉପରେ ପ୍ରତିବନ୍ଧକ ଲାଗିଛି। ଏହାସତ୍ତ୍ୱେ ମସ୍କୋରେ ଜନ୍ମିତ ଜଣେ ମହିଳା ଡବଲ୍ସ ଟେନିସ୍ ଖେଳାଳି ନାଟେଲା ଡିଜାଲାମିଡଜେ ଏହି ଗ୍ରାସ୍‌କୋର୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାରଣ ସେ ଏବେ ଜର୍ଜିଆକୁ ପ୍ରତିନିଧିତ୍ୱ କରୁଛନ୍ତି। ନାଟେଲା ଏବେ ଡବଲ୍ସ ର୍‍ୟାଙ୍କିଙ୍ଗ୍‌ର ୪୪ତମ ସ୍ଥାନରେ ଅଛନ୍ତି। ଡବ୍ଲ୍ୟୁଟିଏ ଟୁର ୱେବସାଇଟ୍ ଏବଂ ୱିମ୍ବଲଡନ ଓପନ୍‌ର ଏଣ୍ଟ୍ରି ତାଲିକାରେ ସେ ଜର୍ଜିଆର ବୋଲି ଉଲ୍ଲେଖ ରହିଛି। ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସେ ସର୍ବିଆର ଆଲେକସାଣ୍ଡ୍ରା କ୍ରୁନିକଙ୍କୁ ସାଥି କରି ଖେଳିବେ। ପେସାଦାର ଇଭେଣ୍ଟରେ ଖେଳାଳିଙ୍କ ନାଗରିକତ୍ୱ ସେମାନେ ଖେଳୁଥିବା ପତାକାକୁ ନେଇ ନିର୍ଣ୍ଣୟ କରାଯାଏ। ଏହି ପ୍ରକ୍ରିୟାକୁ ଟୁର୍ସ ଏବଂ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଅନୁମତି ଦେଇଥାଏ ବୋଲି ଅଲ୍ ଇଂଲଣ୍ଡ କ୍ଲବ ପ୍ରବକ୍ତା ଇ-ମେଲ ଜରିଆରେ ସୂଚନା ଦେଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ଗତ ଏପ୍ରିଲରେ ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ରୁଷିଆ ଓ ବେଲାରୁଷ୍‌ର ଖେଳାଳିଙ୍କୁ ଅନୁମତି ଦିଆଯିବନାହିଁ ବୋଲି କୁହାଯାଇଥିଲା। ବ୍ରିଟେନ୍‌ର ଖବରକାଗଜ 'ସନ୍‌ଡେ ଟାଇମ୍ସ'ରେ ନାଟେଲାଙ୍କ ନୂଆ ନାଗରିକତ୍ୱ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା।

# ଭର୍ଷ୍ଟାପେନ ଜିତିଲେ କାନାଡିଆନ ଗ୍ରାଁ ପ୍ରି

ମଣ୍ଟ୍ରିଲ, ୨୦।୬ (ଏପି)

ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ କାନାଡିଆନ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଶେଷ ୧୫ଟି ଲାପ୍‌ରେ ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟରଙ୍କଠାରୁ ତାଙ୍କୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିରେ ସେଞ୍ଜଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଚଳିତ ସିଜନରେ ଭର୍ଷ୍ଟାପେନଙ୍କ ଏହା ହେଉଛି ୬ଷ୍ଠ ଟାଇଟଲ। ରବିବାର ରେସ୍‌ରେ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ଗ୍ରୀଡର ଶେଷରୁ ରେସ୍ କରିଥିବା ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ୫ମ ହୋଇଥିଲେ। ଏଠାରେ ବିଜୟ ଦ୍ୱାରା ଭର୍ଷ୍ଟାପେନ୍ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲରେ ଲେକ୍‌ରେକ୍‌ଙ୍କଠାରୁ ତାଙ୍କ ଅଗ୍ରଣୀ ବ୍ୟବଧାନ ୪୯କୁ ବୃଦ୍ଧି କରିଛନ୍ତି। ଇଞ୍ଜିନ୍‌ରେ ସମସ୍ୟା ଯୋଗୁ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ରେସ୍‌ରୁ ଓହରି ଯାଇଥିଲେ ସୁଦ୍ଧା ଲେକ୍‌ରେକ୍‌ଙ୍କଠାରୁ ୩ ପଏଣ୍ଟ ଆଗରେ ରହିଛନ୍ତି। ୧୦ ବର୍ଷ ପରେ ଆଗଧାଡ଼ିରୁ ରେସ୍ ଆରମ୍ଭ କରିଥିବା ଫର୍ନାଣ୍ଡୋ ଆଲୋଁସୋ ଆଲ୍‌ପାଇନ୍ ଦଳର ତ୍ରୁଟିଯୁକ୍ତ ରଣନୀତି ଓ କେତେକ ବୈଷୟିକ କାରଣରୁ ଟିମ୍‌ମେଟ ଏଷ୍ଟିବାନ ଓକନ (୬ଷ୍ଠ)ଙ୍କ ପଛକୁ ୯ମ ସ୍ଥାନରେ ରହିଥିଲେ। ଆଲ୍‌ଫା ରୋମିଓର ଭାଲ୍‌ଟେରୀ ବୋଟାସ ଓ ଗୁଆନ୍ୟୁ ଝୋ ୭ମ ଓ ୮ମ ସ୍ଥାନ ଅଧିକାର କରିଥିବା ବେଳେ ଆଷ୍ଟନ ମାର୍ଟିନର ଲାନ୍ସ ଷ୍ଟ୍ରୋଲ ୧୦ମ ହୋଇଥିଲେ।


ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।

## ସୁନନ୍ଦୋ ଏଆଇଏଫ୍‌ଏଫ୍ କାମଚଳା ସାଧାରଣ ସମ୍ପାଦକ

**ନୂଆଦିଲ୍ଲୀ, ୨୦।୬ (ପି.ଟି.):** ସ୍ୱାସ୍ଥ୍ୟଗତ କାରଣରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ସାଧାରଣ ସମ୍ପାଦକ କୁଶାଲ ଦାସ ଛୁଟିରେ ଯିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ସୁନନ୍ଦୋ ଧର୍‌ଙ୍କୁ ଏହି ପଦବୀରେ କାମଚଳା ନିଯୁକ୍ତି ଦେଇଛନ୍ତି। ଏଆଇଏଫ୍‌ଏଫ୍‌ରେ ବହୁ ବର୍ଷ ହେଲା କର୍ମକର୍ତ୍ତା ନିର୍ବାଚନ ହୋଇନାହିଁ। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଓ ମଡେଲ ଗାଇଡ୍‌ଲାଇନ୍ ଭିତ୍ତିରେ ସମ୍ବିଧାନ ଗଠନ ସହ ନିର୍ବାଚନ କରାଇବା ଏବଂ ଏଆଇଏଫ୍‌ଏଫ୍‌ର ପରିଚାଳନା ପାଇଁ ସୁପ୍ରିମକୋର୍ଟ ମେ' ୧୮ରେ ୩ଜଣିଆ ସଦସ୍ୟ ବିଶିଷ୍ଟ ସିଓଏ ଗଠନ କରିଛି। ସିଓଏ ଦାୟିତ୍ୱ ଗ୍ରହଣ କରିବା ପରେ ଧର୍ ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ଭାବେ କାର୍ଯ୍ୟ କରିସାରିଛନ୍ତି।

## ମାନୁଷ, ସ୍ୱସ୍ତିକାଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୦।୬ (ପି.ଟି.):** ଭାରତୀୟ ଟେବୁଲ ଟେନିସ୍(ଟିଟି) ଖେଳାଳି ମାନୁଷ ଶାହା ଓ ସ୍ୱସ୍ତିକା ଘୋଷ୍‌ଙ୍କ ରିଟ୍ ପିଟିଶନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବର୍ତ୍ତମାନ ଟେବୁଲ ଟେନିସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ପରିଚାଳନା ଦାୟିତ୍ୱରେ ଥିବା କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ଚଳିତ ମାସ ପ୍ରଥମ ଭାଗରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଚୂଡ଼ାନ୍ତ ଦଳ ଘୋଷଣା କରିଥିଲା। ଶାହା ଓ ଘୋଷ୍‌ଙ୍କ ନାମ ଏଥିରେ ସ୍ଥାନ ନ ପାଇବାରୁ ଦୁହେଁ କୋର୍ଟଙ୍କ ହସ୍ତକ୍ଷେପ ଚାହିଁଥିଲେ। ସିଓଏ ଦ୍ୱାରା ପ୍ରସ୍ତୁତ ମାନଦଣ୍ଡ ଅନୁସାରେ ଶ୍ରେଷ୍ଠ ୪ ଖେଳାଳି ସ୍ଥାନ ପାଇଥିଲେ ମଧ୍ୟ ମାନୁଷଙ୍କୁ ପୁରୁଷ ଦଳରେ ସ୍ଥାନ ମିଳି ନ ଥିଲା। ପୁରୁଷ ଦଳରେ ଭେଟେରାନ ଶରଥ କମଲ, ଜି. ସାଥିୟାଁ, ହରମିତ୍ ଦେଶାଇ, ସାନିଲ ଶେଟ୍ଟି ସ୍ଥାନ ପାଇଥିଲେ।




# ରାଜ୍ୟ ବଧିର କ୍ରିକେଟରଙ୍କୁ ଉନ୍ନତ ତାଲିମ ପାଇଁ ପ୍ରୟାସ

**ଓଡ଼ିଶା ବଧିର କ୍ରିକେଟ୍ ସଂଘର ସାଧାରଣ ପରିଷଦ ବୈଠକ**

**ଭୁବନେଶ୍ୱର, ୨୦।୬ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ବଧିର କ୍ରିକେଟ୍ ସଂଘର ସାଧାରଣ ପରିଷଦ ବୈଠକ ସଂଘର ସଭାପତି ବିକ୍ରମ୍‌ଜିତ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବ୍ୟାଙ୍ଗଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ଏବଂ କ୍ରିକେଟରେ ଉତ୍କର୍ଷତା ପ୍ରତିପାଦନ କରୁଥିବା ବଧିର ପିଲାମାନଙ୍କ ପାଇଁ କିପରି ଅଧିକ ରୋଜଗାର ସୃଷ୍ଟି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏଥିପାଇଁ ଓଡ଼ିଶାର ଶ୍ରେଷ୍ଠ ବଧିର କ୍ରିକେଟ୍ ଖେଳାଳିଙ୍କୁ ଭାରତୀୟ ବଧିର କ୍ରିକେଟ ଦଳରେ ସ୍ଥାନ ମିଳିବା ନିମନ୍ତେ ଉନ୍ନତମାନର ତାଲିମ ପ୍ରଦାନ କରିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କମାଣ୍ଡର ଦ୍ୱିତୀକୃଷ୍ଣ ମିଶ୍ରଙ୍କୁ ସଂଘର ଭାଇସ୍ ଚେୟାରମ୍ୟାନ୍ ଭାବେ ମନୋନୀତ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ମାସରେ ଭାରତୀୟ ବଧିର କ୍ରିକେଟ୍ ସଂଘ ପକ୍ଷରୁ ଦ୍ୱିତୀୟ ଜାତୀୟ ଟେଷ୍ଟ କ୍ରିକେଟ୍ ଚାମ୍ପିୟନଶିପ୍ ଆୟୋଜନ ହେବ। ଏଥିରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ କଟକରେ ଅନୁଷ୍ଠିତ ହେବ। ଏହି ବୈଠକରେ ସଂଘର ଉପସଭାପତି ଦେବଦତ୍ତ ମିଶ୍ର, ଜ୍ୟୋତିରଞ୍ଜନ ବେହେରା, ସାଧାରଣ ସମ୍ପାଦକ ସାଗରକାନ୍ତ ସେନାପତି, କୋଷାଧ୍ୟକ୍ଷ ସୌମ୍ୟ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ବଧିର କ୍ରିକେଟ୍ ସଂଘର ସାଧାରଣ ପରିଷଦ ବୈଠକରେ ଅଂଶଗ୍ରହଣ କରିଥିବା କର୍ମକର୍ତ୍ତା।

## ରାଜ୍ୟ ଖେଳାଳିଙ୍କ ପାଇଁ ଚେସ୍ ଅଲିମ୍ପିଆଡ୍ ଦେଖିବା ସୁଯୋଗ

**ଭୁବନେଶ୍ୱର, ୨୦।୬ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୬ ଓ ୨୭ ତାରିଖ ଦୁଇଦିନଧରି କଟକ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ହର୍ଷଗେଟ୍ କକ୍ଷରେ ଓଡ଼ିଶା ରାଜ୍ୟ ସ୍କୁଲ ଫିଡେ ରେଟେଡ ର୍‍ୟାପିଡ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଚେନ୍ନାଇର ମହାବଳୀପୁରମଠାରେ ହେବାକୁଥିବା ୪୪ତମ ଚେସ୍ ଅଲିମ୍ପିଆଡ୍ ଉପଲକ୍ଷେ କଟକ ଜିଲା ଚେସ୍ ଆସୋସିଏଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଏବଂ ସର୍ବଭାରତୀୟ ଚେସ୍ ମହାସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଉଭୟ ବର୍ଗର ୨ ଶ୍ରେଷ୍ଠ ଖେଳାଳି ଏବଂ ସରକାରୀ ସ୍କୁଲରେ ପଢୁଥିବା ଉଭୟ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ଚେସ୍ ଅଲିମ୍ପିଆଡ୍ ଦେଖିବା ସହ ଖ୍ୟାତନାମା ଖେଳାଳିଙ୍କୁ ଭେଟିବାର ସୁଯୋଗ ମିଳିବ। ୨୦୦୭ ଜାନୁୟାରୀ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଆଗାମୀ ପ୍ରତିଯୋଗିତାରେ ଭାଗ ନେଇପାରିବେ। ୯ ରାଉଣ୍ଡ ବିଶିଷ୍ଟ (ବାଳିକା, ବାଳକ) ପ୍ରତିଯୋଗିତା ପାଇଁ ପ୍ରବେଶିକା ଦେୟ ନାହିଁ। ଉଭୟ ବର୍ଗର ପ୍ରଥମ ୨୫ ସ୍ଥାନ ଅଧିକାର କରିବା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ। ଅଲ୍‌ଇଣ୍ଡିଆ ଚେସ୍ ଫେଡେରେଶନରେ ୨୦୨୨-୨୩ ବର୍ଷ ପାଇଁ ନାମ ପଞ୍ଜୀକରଣ କରିଥିବା ଖେଳାଳିମାନେ କେବଳ ଭାଗ ନେବାର ସୁଯୋଗ ପାଇବେ।

# ଜାତୀୟ କରାଟେରେ ଓଡ଼ିଶାକୁ ଦ୍ୱିତୀୟ ସ୍ଥାନ

ଭୁବନେଶ୍ୱର, ୨୦।୬ (କ୍ରୀଡ଼ା ପ୍ରତିନିଧି)

ପୁଣେର ବାଲେୱାଡି ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶା ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ମୋଟ ୧୯ଟି ପଦକ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୫୫ ଖେଳାଳି ଓ ଅଫିସିଆଲଙ୍କୁ ମିଶାଇ ଓଡ଼ିଶା ଦଳ ସହ ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରି ମହାନ୍ତି, କୋଚ ଖାରବେଳ ମଲ୍ଲିକ, ରାଜୀବ କୁମାର ସିଂ, ଦୀପକ କୁମାର ସାମନ୍ତରା, ରାଜେନ୍ଦ୍ର କେଶରୀ ସାମଲ ଓ ମ୍ୟାନେଜର ଦୁର୍ଗା ପ୍ରସାଦ ରଥ ପୁଣେ ଯାଇଥିଲେ। ଭାରତର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ସେନା ବାହିନୀ ପ୍ରମୁଖରୁ ପ୍ରାୟ ୩୫ଟି ଦଳର ୧୫୦୦ ସହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ( କିଓ) ଆୟୋଜନ କରିଥିଲା। ଓଡ଼ିଶା ଦଳ ଓ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୨ ତାରିଖରେ ଓଡ଼ିଶା ପ୍ରତିଯୋଗୀମାନେ ଭୁବନେଶ୍ୱର ଫେରିବେ।



ପୁଣେରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶା ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ